R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୦୨
ତିଥି : ଅଷ୍ଟମୀ
୦୬ ଅଗଷ୍ଟ ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 302
06 August 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଛାତ୍ର-ଯୁବ ଆନ୍ଦୋଳନକୁ ନେଇ ସୁପ୍ରିମ୍‌କୋର୍ଟଙ୍କ ମତ

# ବଳ ପ୍ରୟୋଗ ସ୍ଥିତିକୁ ଅଧିକ ଗମ୍ଭୀର କରିବ

ନୂଆଦିଲ୍ଲୀ, ୫ ।୮ : ବିରୋଧ ପ୍ରଦର୍ଶନ ସମୟରେ ଆଇନ୍ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥା ପ୍ରତିବାଦକାରୀଙ୍କ ସହ ଶକ୍ତି ପ୍ରଦର୍ଶନ ନ କରି ସେମାନଙ୍କୁ ବୁଝାସୁଝା କରି ଶାନ୍ତ କରିବା ଉଚିତ୍ । ସବୁ ଯୁବବର୍ଗଙ୍କୁ ବୁଝାସୁଝା କରିବାର ଆବଶ୍ୟକତା ରହିଛି । ଯଦି ଆଲୋଚନା ମାଧ୍ୟମରେ ଏହି ପଦକ୍ଷେପ ନିଆଯିବା ଦରକାର ନ ହେଲେ ଏହା ପୁଣି ହିଂସା ସୃଷ୍ଟି କରିପାରେ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି ।

ସୁପ୍ରିମ୍‌କୋର୍ଟରେ ଆଜି ନିକଟରେ ହୋଇଥିବା କକ୍ରୋଚ୍ ଜନତା ପାର୍ଟିର ଛାତ୍ର ଆନ୍ଦୋଳନ ସମୟରେ ପୋଲିସର



**ପ୍ରତିବାଦକାରୀଙ୍କ ସହ ଆଲୋଚନା ଜରୁରୀ**

**ସୁରକ୍ଷାବଳ ସଂଯମତା ଅବଲମ୍ବନ କରନ୍ତୁ**

କାର୍ଯ୍ୟାନୁଷ୍ଠାନ ନେଇ ହୋଇଥିବା ମାମଲାର ଶୁଣାଣି ହୋଇଥିଲା । ସୁପ୍ରିମ୍‌କୋର୍ଟ କହିଥିଲେ ଯେ ନିଜର ଶକ୍ତି ଦେଖାଇବା ପାଇଁ ବଳ ପ୍ରୟୋଗ ପରିସ୍ଥିତିକୁ ଆହୁରି ଉତ୍ତେଜନାମୂଳକ କରିପାରେ ଓ ଏହା ପୁଣି ଏକ ହିଂସା ଆଡ଼କୁ ଅଗ୍ରସର ହୋଇପାରେ । ଜୁଲାଇ ୨୦ରେ ସିଜେପିର ପ୍ରତିବାଦ ଉପରେ ଏହି ରାୟ ଆସିଛି । ଏକ ଯାଚିକା ସହ ପଡ଼ିଥିବା ଅନ୍ୟ ଯାଚିକାକୁ ନେଇ ଏହାର ଶୁଣାଣି କରାଯାଇଥିଲା । ଗଣତନ୍ତ୍ରରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ହୋଇପାରିବ । ସୁରକ୍ଷାବଳ ଧୈର୍ଯ୍ୟର ସହ ଏହାର ମୁକାବିଲା କରିବେ । ସୁରକ୍ଷା ଦାୟିତ୍ୱରେ ଥିବା ଲୋକମାନେ ଅତ୍ୟନ୍ତ ସତର୍କତାର ସହ ଯେତେବେଳେ ଯୁବବର୍ଗଙ୍କ ବିକ୍ଷୋଭ ସହ ଲଢ଼ିବାକୁ ଯାଉଛନ୍ତି ସେତେବେଳେ ସତର୍କ ରହିବା ଉଚିତ୍ । ଯାଚିକାରେ କୁହାଯାଇଥିଲା ଯେ ପ୍ରତିବାଦର ଆୟୋଜକମାନଙ୍କ ମଧ୍ୟରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ଯୁବବର୍ଗଙ୍କୁ କେତେକ ନିର୍ଦ୍ଦିଷ୍ଟ ବର୍ଗର ଲୋକ ଆପତ୍ତିଜନକ ଭାଷାରେ ଗାଳିଗୁଲଜ କରୁଛନ୍ତି । ପ୍ରଧାନ ବିଚାରପତି କହିଥିଲେ ଯେ ଯଦି ଜଣେ କିଏ ବିପଥଗାମୀ (୯ ପୃଷ୍ଠାରେ)

# ଦିଲ୍ଲୀ ଫେରିଗଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୫ ।୮ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ ଦିନିଆ ଓଡ଼ିଶା ଗସ୍ତ ସାରି ଆଜି ଦିଲ୍ଲୀ ଫେରିଯାଇଛନ୍ତି । ବ୍ରହ୍ମପୁରରୁ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ଭୁବନେଶ୍ୱର ଆସିବା ପରେ ସେ ଦିଲ୍ଲୀ ଯାଇଛନ୍ତି । ବିମାନ ବନ୍ଦରରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଛନ୍ତି ।



୩ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଆଜି ଆର୍ମି ଏୟାର ଡିଫେନ୍ସରୁ ବାହାରି ଧବଳେଶ୍ୱର ମନ୍ଦିର ଯାଇଥିଲେ । ସେଠାରେ ପୂଜାର୍ଚ୍ଚନା କରିଥିଲେ । ପୁଣିଥରେ ଏହି ମନ୍ଦିରକୁ ଆସିବ ପାଇଁ ପୂଜକଙ୍କୁ ରାଷ୍ଟ୍ରପତି ପ୍ରତିଶ୍ରୁତି ଦେଇଥିବା କୁହାଯାଇଛି । ଦ୍ୱିତୀୟ ଦିନରେ ତପ୍ତପାଣି ଯାଇ ମା' କନ୍ଧୁଣୀ ଦେବୀଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ଆଜି ତାଙ୍କ ଗସ୍ତ ସାରି ସେ ବାହୁଡ଼ି ଯାଇଛନ୍ତି ।

# ଭାରତ ସରକାରଙ୍କୁ କ୍ଷମା ମାଗିଲେ ମେଟା ମୁଖ୍ୟ

ନୂଆଦିଲ୍ଲୀ, ୫ ।୮ : ଶେଷରେ ଭାରତ ସରକାରଙ୍କୁ ସୋସିଆଲ ମିଡ଼ିଆ ପ୍ଲାଟ୍‌ଫର୍ମ ମେଟା ମୁଖ୍ୟ ମାର୍ଗ ଜୁକର ବର୍ଗ କ୍ଷମା ପ୍ରାର୍ଥନା କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଫେସ୍‌ବୁକ୍ ପୋଷ୍ଟକୁ ଅସ୍ଥାୟୀ ଭାବେ ହଟାଇବା ଓ ସୋସିଆଲ ମିଡ଼ିଆ ପ୍ଲାଟ୍‌ଫର୍ମରେ ଶିଶୁ ଯୌନ ଶୋଷଣ ସମ୍ବନ୍ଧୀୟ ସାମଗ୍ରୀ ଓ ଡିପ୍ ଫେକ୍ କଣ୍ଟେଣ୍ଟ ଘଟଣାରେ ମେଟା ମୁଖ୍ୟଙ୍କୁ କ୍ଷମା ମାଗିବାକୁ ପଡ଼ିଛି । ତେବେ ଏ ନେଇ ମେଟା ପକ୍ଷରୁ କିଛି କୁହାଯାଉନଥିବାବେଳେ ସରକାରୀ ସୂତ୍ରରୁ ଜଣାପଡ଼ିଛି ଯେ ଏ ଭଳି କଣ୍ଟେଣ୍ଟ





ପାଇଁ ଅଧିକ ଅର୍ଥ ମିଳିଥାଏ ।

ସୂତ୍ରରୁ ଜଣାପଡ଼ିଛି ଯେ କମ୍ପାନୀର ଜୋଲ୍ କାପ୍‌ଲାନ୍ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଥିଲେ । ସେ ସୂଚନା ଦେଇଥିଲେ ଯେ ମେଟାର ମାଲିକାନାରେ ଥିବା ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଓ ହ୍ୱାଟ୍ସଆପ୍ ପକ୍ଷରୁ ପ୍ଲାଟ୍‌ଫର୍ମ ପରିଚାଳନାରେ କିଛି ତ୍ରୁଟି ଥିବା ସ୍ୱୀକାର କରାଯାଇଛି । କେତେକ ବିଶେଷ ପ୍ରକାର କଣ୍ଟେଣ୍ଟ ବୁଷ୍ଟ କିମ୍ବା ପ୍ରୋତ୍ସାହିତ କରିବା ପାଇଁ ମେଟା ନିକଟରେ ବିପୁଳ ଅର୍ଥ ପହଞ୍ଚିବା କଥା ସଂସ୍ଥା ସ୍ୱୀକାର କରିବା ସହ ଏହି ଭୁଲ୍ ଲାଗି ଅନୁତାପ କରିଛନ୍ତି । ମେଟା ପକ୍ଷରୁ କ୍ଷମାପ୍ରାର୍ଥନା କରାଯିବା (୯ ପୃଷ୍ଠାରେ)

### ସୌମ୍ୟ ହତ୍ୟା ମାମଲା

# ୧୧ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍

ଭୁବନେଶ୍ୱର, ୫ ।୮ (ସବ୍ୟୁ) : ଜିଆରପି କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟାକାଣ୍ଡର ଚାର୍ଜସିଟ୍ ଦାଖଲ କରିଛି କ୍ରାଇମ୍‌ବ୍ରାଞ୍ଚ । ୨୦ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୧ଜଣଙ୍କ ବିରୋଧରେ ୭୬୭ପୃଷ୍ଠାର ଚାର୍ଜସିଟ୍ ଦାଖଲ ହୋଇଛି ଭୁବନେଶ୍ୱର ଏସ୍‌ଡିଜେଏମ୍‌ରେ ।

ଏକ ଦୁର୍ଘଟଣାକୁ କେନ୍ଦ୍ରକରି ଚଳିତ ବର୍ଷ ମେ' ୯ ତାରିଖ ଦିନ ସୌମ୍ୟଙ୍କୁ ବାଲିଅନ୍ତା ଥାନା ଅଞ୍ଚଳରେ ପିଟି ପିଟି ହତ୍ୟା କରିଥିଲେ ଦୁର୍ବୃତ୍ତ । ସେ ହତ୍ୟାକାଣ୍ଡକୁ ନେଇ ବହୁ ତୁମ୍ବିତୋଫାନ ହେବା ସହ ରାଜ୍ୟ ବ୍ୟାପୀ ଜୋର୍ ଚର୍ଚ୍ଚା ଧରିଥିଲା । କେତେକ ପୋଲିସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । କାରଣ ତାଙ୍କ ଅବହେଳା ପାଇଁ ସୌମ୍ୟଙ୍କ ମୃତ୍ୟୁ ହେଲା ବୋଲି ଅଭିଯୋଗ ହୋଇଥିଲା । ସୌମ୍ୟ ମା'ଙ୍କ ଏତଲା ଆଧାରରେ ବାଲିଅନ୍ତା ଥାନା ପୋଲିସ ମାମଲା ରୁଜୁ କରି ୯ଜଣଙ୍କୁ ଗିରଫ କରିଥିଲା । ତଦନ୍ତଭାର କ୍ରାଇମ୍‌ବ୍ରାଞ୍ଚ ନେବା ପରେ ୧୧ଜଣଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲା । ତଦନ୍ତ ସମୟରେ ଡିଜିଟାଲ ପରୀକ୍ଷା ନିରୀକ୍ଷା ଠାରୁ ଆରମ୍ଭ କରି ପଲିଗ୍ରାଫ୍ ଟେଷ୍ଟ ପର୍ଯ୍ୟନ୍ତ ସବୁ ପଦକ୍ଷେପ କ୍ରାଇମ୍‌ବ୍ରାଞ୍ଚ ହାତକୁ ନେଇଥିଲା । ସେହିସବୁ ପରୀକ୍ଷାନିରୀକ୍ଷା ରିପୋର୍ଟ ମିଳିବା ସାଙ୍ଗକୁ ସାକ୍ଷୀ ପ୍ରମାଣକୁ ଆଧାର କରି ୧୧ଜଣଙ୍କ ବିରୋଧରେ ଚାର୍ଜସିଟ୍ ହୋଇଛି । ଆଉ ୯ଜଣଙ୍କ ବିରୋଧରେ ପ୍ରମାଣ ମିଳିନଥିବାରୁ ତାଙ୍କ ବିରୋଧରେ ଚାର୍ଜସିଟ୍ ହୋଇପାରିନାହିଁ ବୋଲି କ୍ରାଇମ୍‌ବ୍ରାଞ୍ଚ କହିଛି ।

ଯେଉଁ ୧୧ ଅଭିଯୁକ୍ତଙ୍କ (୯ ପୃଷ୍ଠାରେ)

# ବନ୍ୟା ଉଜାଡ଼ିଛି ଶହ ଶହ ଏକର ପରିବା ଚାଷ

ଭଦ୍ରକ, ୫ ।୮ (ସବ୍ୟୁ): ଚଳିତ ସାଳନ୍ଦୀ ନଦୀର ବନ୍ୟାରେ ବୁଡ଼ି ଯାଇଛି ଶହଶହ ଏକର ପରିବା ଚାଷ । ଫଳରେ ମୁଣ୍ଡରେ ହାତଦେଇ ବସିଛି ଚାଷୀ । ଭଦ୍ରକ ଜିଲ୍ଲା ପରିବାହବ କୁହାଯାଉଥିବା ତିହିଡି ବ୍ଲକର ଦୋଳସାହି, ପାଳିଆ, ଗୁଆମାଳ, ତଳଗୋପବିନ୍ଧା, ହାଜିପୁର, ରାଢ଼କ, ନୟାନନ୍ଦ, କୁବେରା, ବାରୁଅ ଆଦି ଅଞ୍ଚଳରେ ବ୍ୟାପକ ଭାବରେ ପରିବା ଚାଷ କରାଯାଏ । ଏହି ସବୁ ଗ୍ରାମରେ ବିଶେଷ କରି ପୋଟଳ, ବାଇଗଣ, କବି, ବୋଇତ କଖାରୁ, କଲରା, ଜହ୍ନି, ଭେଣ୍ଡି, କାକୁଡି, ଗାଜର, ଝୁଡଙ୍ଗ, ବିମ୍ବ, ଶାଗ, ସଜନା ଛୁଇଁ, କଦଳୀ ଆଦି ଦେଶୀ ପନି ପରିବା ଚାଷ ପାଇଁ ପ୍ରସିଦ୍ଧ । ଭଦ୍ରକ ମାର୍କେଟକୁ ରାତି ପାହିଲେ ଏହି (୯ ପୃଷ୍ଠାରେ)



ଚିନ୍ତାରେ ଚାଷୀ, ପରିବା ସଙ୍କଟ ଆଶଙ୍କା

### ମାଡ଼ ଭିଡିଓ ଭାଇରାଲ ଘଟଣା


# ୭ ଛାତ୍ର ବହିଷ୍କୃତ, ମାମଲା ରୁଜୁ

ରାୟଗଡା, ୫ ।୮ (ସବ୍ୟୁ): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକର ରିଭଲକଣାସ୍ଥିତ ଏସଏସଡ଼ି ଉଚ୍ଚ ବିଦ୍ୟାଳୟ ଛାତ୍ରାବାସରେ କନିଷ୍ଠ ଛାତ୍ରମାନଙ୍କୁ ନିର୍ମମ ଭାବେ ମାଡ଼ମାରି କରାଯାଇଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଜିଲ୍ଲା ପ୍ରଶାସନ ଓ ମଙ୍ଗଳ ବିଭାଗ କଠୋର ପଦକ୍ଷେପ ଗ୍ରହଣ କରିଛି । ଘଟଣାରେ ସମ୍ପୃକ୍ତ ଦଶମ ଶ୍ରେଣୀର ୭ ଜଣ ଛାତ୍ରଙ୍କୁ ସ୍କୁଲରୁ ସାର୍ଟିଫିକେଟ ଦେଇ ବହିଷ୍କାର କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ସମେତ ସମସ୍ତଙ୍କ ବିରୋଧରେ ଚାନ୍ଦିଲି ଥାନାରେ ମାମଲା ରୁଜୁ ହୋଇଛି । ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ କହିଛନ୍ତି ଭିଡିଓ ସାମ୍ନାକୁ (୯ ପୃଷ୍ଠାରେ)

# ଘରୁ ଡାକିନେଇ ବାଡ଼େଇ ମାରିଦେଲେ ସାଙ୍ଗ

ଡେରାବିଶ, ୫ ।୮ (ସବ୍ୟୁ): କେନ୍ଦ୍ରପଡ଼ ଜିଲ୍ଲା ଡେରବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ତରଜଙ୍ଗା ଗ୍ରାମର ଜଣେ ଯୁକ୍ତ ଯୁବକଙ୍କୁ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଦୁଇଜଣ ଯୁବକ ଆକ୍ରମଣ କରିଥିବା ବେଳେ ଗୁରୁତର ଯୁବକ ଜଣକର ବୁଧବାର ଦିନ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି ।

ମୃତକ ଯୁବକ ଜଣକ ହେଲେ ତରଜଙ୍ଗା ଗ୍ରାମର ଅମରଜ୍ୟୋତି କର। ତରଜଙ୍ଗା ଗ୍ରାମର ଉଷାରାଣୀ କର ଡେରାବିଶ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ପୁଅ ଅମରଜ୍ୟୋତିଙ୍କୁ ଡେରାବିଶ ଥାନା ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତର ବେଲାରପୁର ଗ୍ରାମର ଦୁଇଜଣ ଯୁବକ ଗତ ୨୯ ତାରିଖ ବୁଧବାର ଦିନ (୯ ପୃଷ୍ଠାରେ)





### ସମ୍ବିଧାନ ସଂଶୋଧନ, ମହିଳା ସଂରକ୍ଷଣ ବିଲ୍


# ସରକାର ଡାକିପାରନ୍ତି ସ୍ୱତନ୍ତ୍ର ଅଧିବେଶନ

ନୂଆଦିଲ୍ଲୀ, ୫ ।୮ : ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ସଂଶୋଧନ ବିଲ୍ ପାରିତ ଲାଗି ସରକାର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିଲା ଲାଗି ବିଚାର କରୁଛନ୍ତି । ଏହି ସ୍ୱତନ୍ତ୍ର ଅଧିବେଶନ ୧୭ ତାରିଖରୁ ଆରମ୍ଭ ହୋଇ ୧୯ ତାରିଖ ଯାଏ ଚାଲିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି । ସରକାର ମଧ୍ୟ ଏ ବାବଦରେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସକୁ ସୂଚନା ଦେବେ ବୋଲି କୁହାଯାଉଛି । କଂଗ୍ରେସ ପକ୍ଷରୁ ସୂଚନା ମିଳିଛି ଯେ ଏଭଳି ନିଷ୍ପତ୍ତି ଜଣାପଡ଼ିଲେ ସେମାନେ ଦଳ ମଧ୍ୟରେ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ସହ ଆଲୋଚନା କରି ନିଷ୍ପତ୍ତି ନେବେ । ତେବେ ସ୍ୱତନ୍ତ୍ର ଅଧିବେଶନ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ସଂସଦୀୟ ବ୍ୟାପାର ମନ୍ତ୍ରୀ ମଧ୍ୟ ଏ ନେଇ ନିଜ ମତ-ମନ୍ତବ୍ୟ ରଖିନାହାନ୍ତି ।

- **ମୌସୁମୀ ଅଧିବେଶନର ଅଚଳାବସ୍ଥା ଜାରି**
- **ଗୃହ ସ୍ୱାଭାବିକ କରିବାକୁ ବିରୋଧୀଙ୍କ ସହ ହେଉଛି ଆଲୋଚନା**

ପ୍ରସ୍ତାବିତ ବିଲ୍‌ଟି ପୂର୍ବରୁ ଲୋକସଭା ବଜେଟ୍ ଅଧିବେଶନ ପରେ ଏପ୍ରିଲ ମାସରେ ସ୍ୱତନ୍ତ୍ର ଅଧିବେଶନ ଡାକି ସରକାର ଆଗତ କରିଥିଲେ । ଏଥିରେ ସମ୍ବିଧାନ ସଂଶୋଧନ ବ୍ୟବସ୍ଥା ଥିବାରୁ ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଦରକାର ଥିଲା । ଏପ୍ରିଲ ଅଧିବେଶନରେ ୫୨୮ ସାଂସଦ ଉପସ୍ଥିତ ଥିଲେ । ଦୁଇ ତୃତୀୟାଂଶ ସମର୍ଥନ ଲାଗି ୩୫୨ ସାଂସଦଙ୍କ ସମର୍ଥନ ଆବଶ୍ୟକ ପଡ଼ିଥିଲା । ସରକାରଙ୍କ ସପକ୍ଷରେ (୯ ପୃଷ୍ଠାରେ)

# ମହାକାଶରେ ଚାଷ





ଚୀନ୍‌ର ବୈଜ୍ଞାନିକମାନେ ମହାକାଶରେ ଧାନ ଚାଷ କରିବାରେ ସଫଳତା ହାସଲ କରିବା ସହ ତିଆନଗଙ୍ଗ ସ୍ପେସ୍ ଷ୍ଟେସନରେ ପ୍ରସ୍ତୁତ ଚାଉଳର ପ୍ରଥମ ଫସଲ ଅମଳ କରିଛନ୍ତି । ଏହି ପରୀକ୍ଷଣ ଏକ ମାଇକ୍ରୋୱେଭ୍ ଆକାରର ସ୍ୱତନ୍ତ୍ର ମଡ୍ୟୁଲ୍ ମଧ୍ୟରେ କରାଯାଇଥିଲା, ଯେଉଁଥିରୁ ମହାକାଶଚାରୀ ଜୁ ୟାଙ୍ଗଝୋଉ, ଝାଙ୍ଗ ଝିଆନ୍‌ଝୁଆନ୍ ଏବଂ ଲାଇ ଜିଆଓଗୁଆଙ୍ଗ ଧାନର କ୍ଷୀସା, ମଞ୍ଜି ଓ ଚାରାର ନମୁନା ସଂଗ୍ରହ କରି ସୁରକ୍ଷିତ ରଖିଛନ୍ତି । ଯାହାକୁ ପରୀକ୍ଷା ପାଇଁ ପୃଥିବୀକୁ ପଠାଯିବ । ଏହି ପରୀକ୍ଷଣରେ ଦୁଇ ପ୍ରକାରର ମଞ୍ଜି ବ୍ୟବହୃତ ହୋଇଥିଲା, ଗୋଟିଏ ସାଧାରଣ ମଞ୍ଜି, ଯାହା ପ୍ରଥମ ଥର ମହାକାଶକୁ ପଠାଯାଇଥିଲା ଏବଂ ଅନ୍ୟଟି ୨୦୨୨ରେ ମହାକାଶରେ ଉତ୍ପାଦିତ ଚାଉଳ ମଞ୍ଜିରୁ ପ୍ରସ୍ତୁତ କରାଯାଇଥିଲା । ବୈଜ୍ଞାନିକମାନେ ଏବେ ଅନୁଧ୍ୟାନ କରିବେ ଯେ ମହାକାଶର ପରିବେଶ ପରବର୍ତ୍ତୀ ଫସଲ ଏବଂ ମଞ୍ଜି ଉପରେ କି ପ୍ରଭାବ ପକାଉଛି । ଯଦି ଏହି ପରୀକ୍ଷଣ ସଫଳ ହୁଏ, ତେବେ ଭବିଷ୍ୟତର ଦୀର୍ଘ ମହାକାଶ ଅଭିଯାନ ସମୟରେ ମହାକାଶଚାରୀମାନେ ସେହିଠାରେ ହିଁ ନିଜ ପାଇଁ ଖାଦ୍ୟଶସ୍ୟ ଉତ୍ପାଦନ କରିବାର ମାର୍ଗ ପ୍ରଶସ୍ତ ହୋଇପାରିବ ।

## ଇତିହାସ

୧୯୦୬ - ବନ୍ଦେମାତରମ୍ ସମାଚାର ପତ୍ରର ପ୍ରକାଶନ ଆରମ୍ଭ ।
୧୯୧୪ - ରୁଷ ବିରୋଧରେ ଅଷ୍ଟ୍ରିଆର ଯୁଦ୍ଧ ଘୋଷଣା ।
୧୯୨୫ - ସୁରେନ୍ଦ୍ରନାଥ ବାନାର୍ଜୀଙ୍କର ମୃତ୍ୟୁ ।
୧୯୬୨ - ଜମୈକାକୁ ସ୍ୱାଧୀନତା ପ୍ରାପ୍ତ ।
୧୯୮୬ - ଭାରତରେ ପ୍ରଥମ ଟେଷ୍ଟଟ୍ୟୁବ୍ ବେବିର ଜନ୍ମ ।
୨୦୧୦ - ଜମ୍ମୁରେ ବନ୍ୟା କାରଣରୁ ୨୦୦ ଲୋକଙ୍କର ମୃତ୍ୟୁ ।
୨୦୧୧ - ଥାଇଲାଣ୍ଡର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀଙ୍କ ଶପଥ ଗ୍ରହଣ ।
୨୦୧୨ - ମଙ୍ଗଳ ଗ୍ରହରେ ନାସାର କ୍ୟୁରିଓସିଟି ରୋବର ପହଞ୍ଚିଥିଲା ।

## ପ୍ରକ୍ରିୟାକରଣଯୁକ୍ତ ଖାଦ୍ୟ ହାନିକାରକ

ପ୍ୟାକେଜ୍ଡ ଓ ଅଲ୍ଟ୍ରାପ୍ରୋସେସ୍ଡ ଖାଦ୍ୟର ବହୁଳ ବ୍ୟବହାର ଦ୍ୱାରା ଶରୀରରେ ପ୍ରବେଶ କରୁଥିବା ଆର୍ଟିଫିସିଆଲ୍ ଫୁଡ୍ ପ୍ରିଜରଭେଟିଭ୍ସ ଆମ ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ବିପଦ ସୃଷ୍ଟି କରୁଛି । ନିକଟରେ 'ୟୁରୋପିଆନ୍ ସୋସାଇଟି ଅଫ୍ କାର୍ଡିଓଲୋଜି'ରେ ପ୍ରକାଶିତ ଏକ ଗବେଷଣା ଅନୁଯାୟୀ, ଅଲ୍ଟ୍ରାପ୍ରୋସେସଡ୍ ଖାଦ୍ୟରେ ବ୍ୟବହୃତ କେତେକ ପ୍ରିଜରଭେଟିଭ୍ସ ଉଚ୍ଚ ରକ୍ତଚାପ ଏବଂ ହୃଦ୍‌ରୋଗର ଆଶଙ୍କା ଯଥେଷ୍ଟ ବୃଦ୍ଧି କରିଥାଏ । ଫ୍ରାନ୍ସର ଏକ ସ୍ୱାସ୍ଥ୍ୟ ଅଧ୍ୟୟନରୁ ମିଳିଥିବା ୧,୧୨,୩୯୫ ଜଣ ବୟସ୍କଙ୍କ ୮ ବର୍ଷର ଡାଟାକୁ ଆଧାର କରି କରାଯାଇଥିବା ଏହି ସମୀକ୍ଷାରୁ ଅନେକ ତଥ୍ୟ ଜଣାପଡ଼ିଛି । ସୂଚନା ଅନୁସାରେ ନନ୍-ଆଣ୍ଟିଅକ୍ସିଡାଣ୍ଟ ପ୍ରିଜରଭେଟିଭ୍ସ (ଯେପରିକି ନାଇଟ୍ରାଇଟ୍, ସୋର୍ବେଟ୍, ସଲଫାଇଟ୍) ଅଧିକ ସେବନ କରୁଥିବା ଲୋକଙ୍କଠାରେ ଉଚ୍ଚ ରକ୍ତଚାପର ବିପଦ ୨୯% ଏବଂ ହୃଦ୍‌ରୋଗର ଆଶଙ୍କା ୧୬% ଅଧିକ ରହୁଛି । ଅନ୍ୟପଟେ ଆଣ୍ଟିଅକ୍ସିଡାଣ୍ଟ ପ୍ରିଜରଭେଟିଭ୍ସ (ଯେପରିକି ସାଇଟ୍ରିକ୍ ଏସିଡ୍ ଓ ଆସ୍କୋର୍ବିକ୍ ଏସିଡ୍) ଗ୍ରହଣ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଉଚ୍ଚ ରକ୍ତଚାପର ଆଶଙ୍କା ୨୨% ଅଧିକ ଦେଖାଯାଉଛି । ବିଶେଷଜ୍ଞଙ୍କ ଅନୁଯାୟୀ, ଖାଦ୍ୟକୁ ଜୀବାଣୁମୁକ୍ତ ରଖି ଏହାର ସେଲ୍ଫ ଲାଇଫ୍, ସ୍ୱାଦ ଓ ରଙ୍ଗ ବଜାୟ ରଖିବାକୁ ଏହି କେମିକାଲ୍ସ ମିଶାଯାଉଥିଲେ ବି ଏଗୁଡ଼ିକ କ୍ଷତିକାରକ ହୋଇଥାଏ । ଏହା ଶରୀରରେ ଇନ୍‌ଫ୍ଲାମେସନ୍ ଏବଂ ଅକ୍ସିଡେଟିଭ୍ ଷ୍ଟ୍ରେସ୍ ବଢ଼ାଇ ରକ୍ତବାହୀ ନଳୀର ଭିତର ସ୍ତରକୁ କ୍ଷତିପହଞ୍ଚାନ୍ତି । ଯାହାକି କାଳକ୍ରମେ ହୃଦଘାତ, ଷ୍ଟ୍ରୋକ୍, ମୋଟାପଣ, ଟାଇପ୍-୨ ଡାଇବେଟିସ୍, ଫ୍ୟାଟି ଲିଭର୍, ପାଚନ ସମସ୍ୟା ଏବଂ କିଡ୍‌ନୀ ରୋଗର କାରଣ ସାଜିଥାଏ । ତେଣୁ ଖାଦ୍ୟ ତାଲିକାରୁ ଏହିଭଳି ଖାଦ୍ୟକୁ ବାଦ ଦେବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ।



## ମସଲାଯୁକ୍ତ ସୋୟାମଞ୍ଜି



**ସାମଗ୍ରୀ-** ସୋୟାବିନ୍ ମଞ୍ଜି, ପିଆଜ, ରସୁଣ, ଅଦା, ଟମାଟୋ, ଭୃସଙ୍ଗ ପତ୍ର, ହଳଦୀ, ଲଙ୍କା ଗୁଣ୍ଡ, ଜୀରା ଗୁଣ୍ଡ, ଧନିଆ ଗୁଣ୍ଡ, ତେଜପତ୍ର, ସିଝା ଅଣ୍ଡା, ଲୁଣ, ଧନିଆ ପତ୍ର ।

**ପ୍ରସ୍ତୁତି-** ପ୍ରଥମେ ସୋୟା ମଞ୍ଜିକୁ ୪ ରୁ ୫ଘଣ୍ଟା ବତୁରାଇ ସିଝାଇ ନିଅନ୍ତୁ । ଏହାପରେ ସିଝା ଅଣ୍ଡାକୁ ତେଲରେ ଭାଜି ରଖନ୍ତୁ। ଏହାପରେ କରେଇରେ ତେଜପତ୍ର ଓ ଭୃସଙ୍ଗ ପତ୍ର ଦେଇ ଛୋଟଛୋଟ କଟା ହୋଇଥିବା ପିଆଜକୁ ପକାଇ ଭାଜନ୍ତୁ । ପିଆଜ ଭାଜିହେବା ପରେ ଏଥିରେ ଅଦା ରସୁଣ ବଟା ପକାନ୍ତୁ। ଏହା ଅଳ୍ପ ସମୟ କସି ହେବା ପରେ ଏଥିରେ ଟମାଟୋ ବଟା ଦିଅନ୍ତୁ । ବର୍ତ୍ତମାନ ଏଥିରେ ସ୍ୱାଦ ଅନୁସାରେ ସମସ୍ତ ଗୁଣ୍ଡ ମସଲାକୁ ପକାଇ ଦିଅନ୍ତୁ । ମସଲା ଭଲ ଭାବେ କସି ହେବା ପରେ ଏଥିରେ ସିଝା ସୋୟାବିନ ମଞ୍ଜିକୁ ପକାଇ କସନ୍ତୁ । ମାରି ମରିବା ପରେ ଏଥିରେ ଭଜା ସିଝା ଅଣ୍ଡାକୁ ଛୋଟ ଛୋଟ ଖଣ୍ଡ କାଟି ପକାଇ ଦିଅନ୍ତୁ । ଶେଷରେ ଧନିଆ ପତ୍ର ପକାଇ ପ୍ରସ୍ତୁତ କରନ୍ତୁ ମସାଲା ସୋୟା ମଞ୍ଜି ତରକାରୀ । ଆପଣ ଚାହିଁଲେ ଏହାକୁ ଅଣ୍ଡା ନଦେଇ ମଧ୍ୟ କରିପାରିବେ ।

## ସୋସିଆଲ କୋଟ୍ସ



ଗୋଟିଏ ଫିଲ୍ମ ହିଟ୍ ହେବା ପରେ ସମସ୍ତେ ନିଜର ଫିସ୍ ବଢାଇ ଦେଉଛନ୍ତି, ଯାହାର ସିଧା ପ୍ରଭାବ ଫିଲ୍ମର ବଜେଟ ଉପରେ ପଡୁଛି । ଏଭଳି ଅନେକ ଫିଲ୍ମ ରହିଛି, ଯାହା ହିରୋ ନୁହେଁ ତାର ମେକିଂ ପାଇଁ ହିଟ୍ ହେଉଛି, ଯେପରି କେଜିଏଫ୍ ।

ଅଲ୍ଲୁ ଅରବିନ୍ଦ, ପ୍ରଯୋଜକ



ମୁଁ ମୋର ଦେହର ରଙ୍ଗକୁ ନେଇ ଇନ୍‌ସିକ୍ୟୋର ରହୁଥିଲି । ଗୋରା ହେବା ପାଇଁ ମୁଁ ଅନେକ କିଛି କରିଛି, ଫେୟାରନେସ୍ କ୍ରିମ୍ ବି ଲଗାଇଛି ।

ନୱାଜୁଦ୍ଦିନ୍ ସିଦ୍ଦିକି, ଅଭିନେତା



ମୁଁ ସବୁବେଳେ ନାରୀ ମାନଙ୍କର ଭଏସ୍ ହେବାକୁ ପସନ୍ଦ କରିଥାଏ । ହେଲେ ଏଥିପାଇଁ ମୋର କ୍ରେଡିଟ୍ ଦରକାର ନାହିଁ, କାରଣ ମୁଁ ଏହି ସମୟରେ ମୋ ପାଇଁ ବି କଥା ହୋଇଥାଏ ।

ପୂଜା ଭଟ୍ଟ, ଅଭିନେତ୍ରୀ

## ହାଃହାଃ



ଗୁରୁଜୀ : କହିଲୁ ବୁଲୁ, ପୃଥିବୀ ଗୋଲ୍ ବୋଲି ସବୁଠାରୁ ପ୍ରଥମେ କିଏ କହିଥିଲେ ?
ବୁଲୁ : ସାର୍, ଆମ ଭୂଗୋଳ ସାର୍ !
ଗୁରୁଜୀ : ଆରେ ବୋକା, ସେ କଥା ନୁହେଁ... ଇତିହାସରେ ସବୁଠାରୁ ପ୍ରଥମେ କିଏ କହିଥିଲେ?
ବୁଲୁ: ଆଜ୍ଞା, ଆମ ଭୂଗୋଳ ସାର୍‌ଙ୍କ ବାପା !

## ପୂଜା ପାଇଁ ଟ୍ରୋଲିଂ



ଅଭିନେତ୍ରୀ ମଲାଇକା ଅରୋରା ନିକଟରେ ପ୍ରାୟ ୨୮ ଲକ୍ଷ ଟଙ୍କା ମୂଲ୍ୟର ଏକ ନୂଆ ମହିନ୍ଦ୍ରା ଥାର୍ ରକ୍ସ ଗାଡ଼ି କିଣିଛନ୍ତି । ତେବେ ଗାଡିର ପୂଜା ଅର୍ଚ୍ଚନା କରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ପୂଜା ସମୟରେ ମଲାଇକା ଷ୍ଟ୍ରାଇପ୍ଡ କୋ-ଅର୍ଡ ସେଟ୍, ଡିପ୍-ନେକ୍ ଟପ୍, ଗଗଲ୍ସ ଏବଂ ହାଇ ହିଲ୍ସ ପିନ୍ଧି ହାତରେ ଆରତି ଥାଳି ଧରି ଗାଡ଼ିକୁ ପୂଜା କରୁଥିବା ଦେଖିବାକୁ ମିଳିଛି । ତେବେ ଏହି ଭିଡିଓକୁ ସୋସିଆଲ ମିଡିଆରେ ୟୁଜର୍ସ ଟ୍ରୋଲ କରୁଥିବା ଦେଖିବାକୁ ମିଳୁଛି । ଚପଲ ପିନ୍ଧିବା ସହ ଅଶାଳୀନ ପୋଷାକରେ ଆରତି କରିବାକୁ ନେଇ କେତେକ ୟୁଜର୍ସ ଟ୍ରୋଲ କରୁଥିବା ଦେଖିବାକୁ ମିଳୁଛି । କିଛି ଫ୍ୟାନମାନେ ତାଙ୍କର ନୂଆ ଗାଡି ପାଇଁ ତାଙ୍କୁ ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି । ତେବେ ଏହି ଟ୍ରୋଲିଂକୁ ନେଇ ମଲାଇକା କୌଣସି ମତ ଦେଇନାହାନ୍ତି । ପୂର୍ବରୁ ସେ ଏଭଳି କମେଣ୍ଟକୁ ଖାତିର କରନ୍ତି ନାହିଁ ବୋଲି ଅନେକ ସାକ୍ଷାତକାରରେ କହିସାରିଛନ୍ତି ।

## ଶିଶୁଙ୍କ ପାଇଁ ନୂଆ ଭାଇରସ୍

ବର୍ତ୍ତମାନ ଦେଶରେ ଚାନ୍ଦିପୁରା ଭାଇରସ ନାମକ ଏକ ସଂକ୍ରମଣ ଖୁବ ବଢିବାରେ ଲାଗିଛି । ତେବେ ଏହି ଚାନ୍ଦିପୁରା ଭାଇରସ୍ ହେଉଛି ଏକ ଭେକ୍ଟର-ବର୍ଣ୍ଣ ଭାଇରାଲ୍ ସଂକ୍ରମଣ, ଯାହା ମୁଖ୍ୟତଃ ସଂକ୍ରମିତ 'ସ୍ୟାଣ୍ଡଫ୍ଲାଇ' ( ଏକପ୍ରକାରର ମାଛି) କାମୁଡ଼ିବା ଦ୍ୱାରା ମଣିଷ ଶରୀରକୁ ବ୍ୟାପିଥାଏ । ଏହା ମଣିଷର ମସ୍ତିଷ୍କକୁ ଆକ୍ରାନ୍ତ କରି ତୀବ୍ର ନ୍‌ସେଫାଲାଇଟିସ୍ କିମ୍ବା ମସ୍ତିଷ୍କ ପ୍ରଦାହ ସୃଷ୍ଟି କରିଥାଏ । ୧୫ ବର୍ଷରୁ କମ୍ ବୟସର ପିଲାମାନେ ଏହା ଦ୍ୱାରା ଅଧିକ ପ୍ରଭାବିତ ହୋଇଥାନ୍ତି । ଲକ୍ଷଣ ଦେଖାଯିବାର ୨୪ ରୁ ୪୮ ଘଣ୍ଟା ମଧ୍ୟରେ ଏହି ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଇ ଶିଶୁକୁ କୋମା ଓ ମୃତ୍ୟୁ ମୁଖକୁ ଠେଲି ଦେଇଥାଏ । ଭାରତର ଗୁଜରାଟରେ ଏହି ଭାଇରସର ପ୍ରକୋପ ବୃଦ୍ଧି ପାଇଛି । ରାଜ୍ୟରେ ପ୍ରାୟ ୧୮୪ ଜଣ ସନ୍ଦିଗ୍ଧ ମାମଲା ସାମ୍ନାକୁ ଆସିଥିବା ବେଳେ ୨୨ ଜଣଙ୍କ ମୃତ୍ୟୁ ଘଟିଛି । ଏହିରୋଗ ମାଇ 'ଫ୍ଲେବୋଟୋମାଇନ୍ ସ୍ୟାଣ୍ଡଫ୍ଲାଇ' କାମୁଡ଼ିବା ଦ୍ୱାରା ବ୍ୟାପିଥାଏ । ଏହା ଜଣକ ଶରୀରରୁ ଅନ୍ୟ ଜଣକୁ ସିଧାସଳଖ ବ୍ୟାପେ ନାହିଁ । ରୋଗର ମୁଖ୍ୟ ଲକ୍ଷଣ ଭାବେ ହଠାତ୍ ପ୍ରବଳ ଜ୍ୱର ହେବା, ପ୍ରଚଣ୍ଡ ମୁଣ୍ଡବିନ୍ଧା ବାନ୍ତି ଓ ଝାଡ଼ା ହେବା ବାତ ମାରିବା, ଚେତା ହରାଇବା କିମ୍ବା ଅଚେତ ହୋଇପଡ଼ିବା ଆଦି ଦେଖିବାକୁ ମିଳିଥାଏ । ତେବେ ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଏହି ଭାଇରସ୍ ଅତି ଦ୍ରୁତ ଗତିରେ (୨୪-୪୮ ଘଣ୍ଟା ମଧ୍ୟରେ) ମସ୍ତିଷ୍କକୁ ପ୍ରଭାବିତ କରୁଥିବାରୁ ପ୍ରାରମ୍ଭିକ ସ୍ତରରେ ଡାକ୍ତରୀ ସହାୟତା ଜରୁରୀ । ଏଥିରୁ ରକ୍ଷା ପାଇବାକୁ ହେଲେ ସଚେତନତା ଓ କୀଟପତଙ୍ଗଙ୍କଠାରୁ ଦୂରରେ ରହିବା ହିଁ ମୁଖ୍ୟ ବ୍ୟବସ୍ଥା । ବାହାରକୁ ଯିବା ସମୟରେ ପୂର୍ଣ୍ଣ ପୋଷାକ ଓ ରିପେଲେଣ୍ଟ ଲଗାନ୍ତୁ । ଶିଶୁମାନଙ୍କୁ ସମ୍ପୂର୍ଣ୍ଣ ଶରୀର ଢାଙ୍କି ହେଉଥିବା ପୋଷାକ ପିନ୍ଧାନ୍ତୁ ଏବଂ ମଶା/କୀଟପତଙ୍ଗ ନିବାରକ କ୍ରିମ୍ ବ୍ୟବହାର କରନ୍ତୁ । ଶୋଇବା ସମୟରେ ନିୟମିତ ମଶାରି ବ୍ୟବହାର କରନ୍ତୁ । ଘର ଏବଂ ଘର ଚାରିପାଖକୁ ସଫାସୁତୁରା ରଖନ୍ତୁ । କାନ୍ଥର ଫାଟ କିମ୍ବା କଚ୍ଚା ଘର ପରି ସ୍ଥାନରେ ସ୍ୟାଣ୍ଡଫ୍ଲାଇ ବଂଶବୃଦ୍ଧି କରୁଥିବାରୁ ସେଗୁଡ଼ିକୁ ପରିଷ୍କାର ରଖିବା ସହ କୀଟନାଶକ ସ୍ପ୍ରେ କରନ୍ତୁ ।





**ମେଷ:** ଯାତ୍ରାରେ ଶୁଭ, ଅନୁଷ୍ଠାନରୁ ଲାଭ, ବ୍ୟବସାୟରେ ଶତ୍ରୁତା, ଶାରୀରିକ କଷ୍ଟ, ବନ୍ଧୁଲାଭ, କର୍ମକ୍ଷେତ୍ରେ ସଫଳ, ଦ୍ରବ୍ୟଲାଭ, ମାମଲା ସମାଧାନ, ଯାନ୍ତ୍ରିକ ସମସ୍ୟା, ପାରିବାରିକ ସୁଖ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ବୃଷ:** ଶତ୍ରୁରେ ବିଜୟ, ନୂତନ ନିଯୁକ୍ତି, ବ୍ୟବସାୟ ବୃଦ୍ଧି, ଶୁଭଖବର, ଉତ୍ସବରେ ଯୋଗଦାନ, ଗୃହେ ଶତ୍ରୁତା, ଶରୀର ସୁସ୍ଥ, ସମ୍ପତ୍ତିଲାଭ, ଅର୍ଥପ୍ରାପ୍ତି, ଶୁଭକାର୍ଯ୍ୟ ସଫଳ, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ଶତ୍ରୁବୃଦ୍ଧି, କର୍ମେ ଅଶାନ୍ତି, ଦେବକାର୍ଯ୍ୟରେ ଆଗ୍ରହ, ଦୂରଯାତ୍ରା ସଫଳ, ଶୁଭସମାଚାର, ଅର୍ଥସମସ୍ୟା, କାର୍ଯ୍ୟରେ ଅସଫଳ, ଶରୀର ଅସୁସ୍ଥ, ହଠାତ୍ ଦୂରଯାତ୍ରା, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୯, ଆରାଧନା-ମା' ଗ୍ରାମଦେବତୀ ।

**କର୍କଟ:** ଯନ୍ତ୍ରଣାବୃଦ୍ଧି, କାର୍ଯ୍ୟରେ ସମସ୍ୟା, ଯାତ୍ରାରେ ସତର୍କ, ଶତ୍ରୁସମସ୍ୟା, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ନୂତନ କର୍ମେ ଲାଭ, ଅର୍ଥଲାଭ, ସନ୍ତାନସମସ୍ୟା, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା-ଭଗବାନ ବିଷ୍ଣୁ ।

**ସିଂହ:** କାର୍ଯ୍ୟରେ ସଫଳ, ଦୂରଯାତ୍ରା, ନୂତନ ନିଯୁକ୍ତି, କର୍ମକ୍ଷେତ୍ରେ ଶାନ୍ତି, ସନ୍ତାନଚିନ୍ତା, ବିଦ୍ୟାରେ ସଫଳ, ଅର୍ଥଲାଭ, ଗାଡ଼ିଚାଳନାରେ ସାବଧାନ, ଶତ୍ରୁସମସ୍ୟା, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୭, ଆରାଧନା-ଲକ୍ଷ୍ମୀନାରାୟଣ ।

**କନ୍ୟା:** ବନ୍ଧୁମିଳନ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବିବାଦ ସମାଧାନ, ମାନସିକ ଶାନ୍ତି, ଯାତ୍ରାରେ ସତର୍କ, ଶରୀର ସୁସ୍ଥ, ଦେବଦର୍ଶନ, ପୁରାତନ କାର୍ଯ୍ୟରେ ସମସ୍ୟା, ସ୍ୱାଦିଷ୍ଟ ଭୋଜନ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା-ମା' ବିମଳା ।

**ତୁଳା:** ଶୁଭକାର୍ଯ୍ୟରେ ଧନବ୍ୟୟ,ସମ୍ପର୍କରେ ଉନ୍ନତି, ଶରୀର ସୁସ୍ଥ, ବନ୍ଧୁସମସ୍ୟା, ଦେବକାର୍ଯ୍ୟରେ ଆନନ୍ଦ, ସନ୍ତାନଲାଭ, ଦ୍ରବ୍ୟଲାଭ, ମାନସିକଶାନ୍ତି, ବିଦ୍ୟାରେ ସଫଳ, ଶୁଭଖବର, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା , ସଂଖ୍ୟା-୫, ଆରାଧନା-ପ୍ରଭୁ ଆଶୁତୋଷ ।

**ବିଛା:** ମାନସିକ କ୍ଲେଶ, ବନ୍ଧୁଲାଭ, ସମ୍ପର୍କହାନି, ବାଣିଜ୍ୟରେ ଉନ୍ନତି, ଶରୀର ଅସୁସ୍ଥ, ସମ୍ମାନଲାଭ, ବରିଷ୍ଠ ବ୍ୟକ୍ତି ସହଯୋଗ, ଯାତ୍ରାରେ ସମସ୍ୟା, ଖୁସିମିଳିବ, ଭ୍ରାତୃସ୍ନେହ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ପ୍ରଭୁ ଜଗନ୍ନାଥ ।

**ଧନୁ:** ସମ୍ମାନବୃଦ୍ଧି, ଅର୍ଥଲାଭ, ବାଣିଜ୍ୟରେ ଉନ୍ନତି, କାର୍ଯ୍ୟବ୍ୟସ୍ତତା, ଶରୀର ଅସୁସ୍ଥ, ସମ୍ମାନଲାଭ, ବରିଷ୍ଠ ବ୍ୟକ୍ତି ସହଯୋଗ, ଯାତ୍ରାରେ ସମସ୍ୟା, ଭ୍ରାତୃସ୍ନେହ, ଖୁସିମିଳିବ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ମକର:** ମାନସିକ ଖୁସି, ବନ୍ଧୁସମସ୍ୟା, ଦ୍ରବ୍ୟଲାଭ, କର୍ମକ୍ଷେତ୍ରେ ଲାଭ, ଜମିଜମା ଗଣ୍ଡଗୋଳ, ବିଶିଷ୍ଟ କାର୍ଯ୍ୟରେ ଲାଭ, ଶୁଭଖବର, ଦାମ୍ପତ୍ୟଖୁସି, ସନ୍ତାନଲାଭ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା-ମା' ବଗଳାମୁଖୀ ।

**କୁମ୍ଭ:** ମାନସିକଶାନ୍ତି, କର୍ମକ୍ଷେତ୍ରେ ଶାନ୍ତି, କାର୍ଯ୍ୟରେ ଶତ୍ରୁତା, ବିବାଦିତ କ୍ଷେତ୍ରେ ଶାନ୍ତି, ସମ୍ମାନଲାଭ, ଶୁଭଖବର, ଦୂରଯାତ୍ରା, ସନ୍ତାନଖୁସି, ଶତ୍ରୁପରାଜିତ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୪, ଆରାଧନା-ମା' ଦକ୍ଷିଣକାଳୀ ।

**ମୀନ:** କାର୍ଯ୍ୟରେ ସଫଳ, ଦୂରଯାତ୍ରା, ଶାରୀରିକ କ୍ଲେଶ, ସମ୍ପତ୍ତିବିବାଦ, କର୍ମକ୍ଷେତ୍ରେ ସ୍ଥାନାନ୍ତର, ବନ୍ଧୁବିଦ୍ରୋହ, ଅର୍ଥଲାଭ, ଗୃହେ ସମସ୍ୟା, ମାନସିକ ଶାନ୍ତି, ସନ୍ତାନସମସ୍ୟା, ବିଦ୍ୟାରେ ଅସଫଳ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା' ମାଣିକେଶ୍ୱରୀ ।

**ଶ୍ରାବଣ କୃଷ୍ଣପକ୍ଷ ଅଷ୍ଟମୀ**
**୬.୮.୨୦୨୬, ଗୁରୁବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



ଗୋପାଳପୁର ସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜ ଠାରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସ୍ମାରକୀ ପ୍ରଦାନ କରୁଛନ୍ତି।



ଆର୍ମି ଏୟାର ଡିଫେନ୍ସ କଲେଜ ଠାରେ ସେନା ଅଧିକାରୀ ମାନଙ୍କ ସହ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

### ସ୍କୁଲ ବହି ମୁଦ୍ରଣ ତ୍ରୁଟି ମାମଲା

## ଏସ୍‌ସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢୀଙ୍କୁ ସର୍ତ୍ତମୂଳକ ଜାମିନ

କଟକ,(ସବ୍ୟୁ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ସ୍କୁଲ ପାଠ୍ୟ ପୁସ୍ତକରେ ତ୍ରୁଟି ଘଟଣାରେ ଗିରଫ ହୋଇଥିବା ଏସସିଇଆରଟି(ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ)ର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢୀଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି କଟକ ସ୍ୱତନ୍ତ୍ର ଏସି-ଏସଟି ଅଦାଲତ । ଶ୍ରୀ ପାଢୀ ଏହି ମାମଲାରେ ତଦନ୍ତକାରୀ ସଂସ୍ଥାକୁ ତଦନ୍ତରେ ସହଯୋଗ କରିବେ । ଆବଶ୍ୟକ ବେଳେ ନିର୍ଦ୍ଧାରିତ ତାରିଖରେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବେ। ପାସପୋର୍ଟ ଥିଲେ ତାହାକୁ ଦାଖଲ କରିବା ସହ ଅନୁମତି ବିନା ଓଡିଶା ବାହାରକୁ ଯାଇପାରିବେନି ବୋଲି ଅଦାଲତ ସର୍ତ୍ତାରୋପ କରିଛନ୍ତି। ପ୍ରକାଶଥାଉକି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟ ପୁସ୍ତକ ତ୍ରୁଟି ମାମଲାରେ ଗତ ଜୁଲାଇ ୧୪ ତାରିଖରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶ୍ରୀ ପାଢୀଙ୍କୁ ନିଲମ୍ବନ କରିଥିଲେ ଓ କ୍ରାଇମବ୍ରାଞ୍ଚ ତାଙ୍କୁ ଗିରଫ କରି କରି ଜେଲକୁ ପଠାଇଥିଲା । କଟକ ଜେଏମଏଫସି କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା । ତଦନ୍ତରୁ ଜଣାପଡିଥିଲା ଯେ, ଶ୍ରୀ ପାଢୀ ଏସସିଇଆରଟି ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ସମୟରେ ତାଙ୍କ ଦାୟିତ୍ୱ ପାଳନ କରିବାରେ ଅବହେଳା କରିଥିଲେ । ଏପରିକି ମୁଦ୍ରଣ ପାଇଁ ପ୍ରସ୍ତୁତ ପାଣ୍ଡୁଲିପି ଗୁଡ଼ିକୁ ଯାଞ୍ଚ ନ କରି ପ୍ରକାଶନ ପାଇଁ ପଠାଇଥିଲେ ।

### ଏବିପିଏମ୍‌ଜେଏୱାଇ, ଜିଜେଏୱାଇ ରେ

## ମୁଖ୍ୟମନ୍ତ୍ରୀ କ୍ୟାନସର କେୟାର ଅଭିଯାନର ଆଉ ୯୧ଟି ସ୍ୱତନ୍ତ୍ର ପ୍ୟାକେଜ ସାମିଲ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ କର୍କଟ ରୋଗୀମାନଙ୍କୁ ଅଧିକ ବ୍ୟାପକ, ସମୟୋପଯୋଗୀ ଓ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦେବା ଦିଗରେ ଓଡ଼ିଶା ସରକାର ଆଉ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀ କ୍ୟାନସର କେୟାର ଅଭିଯାନ ଅଧୀନରେ ଥିବା ଅତିରିକ୍ତ ୯୧ଟି କ୍ୟାନସର ଚିକିତ୍ସା ପ୍ୟାକେଜକୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏ.ବି.ପି.ଏମ୍. ଜେ.ଏ.ୱାଇ.) ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା (ଜି. ଜେ.ଏ.ୱାଇ.)ର ସମନ୍ୱିତ ପ୍ୟାକେଜ ମାଷ୍ଟରରେ ସ୍ୱତନ୍ତ୍ର ରାଜ୍ୟ ପ୍ୟାକେଜ ଭାବେ ସାମିଲ କରାଯାଇଛି । ଏହା ଫଳରେ ରାଜ୍ୟର କ୍ୟାନସର ରୋଗୀମାନେ ଅଧିକ ସଂଖ୍ୟକ ଜଟିଳ ଚିକିତ୍ସା ସେବାକୁ ସମ୍ପୂର୍ଣ୍ଣ ଦେୟମୁକ୍ତ ଭାବେ ପାଇପାରିବେ ବୋଲି କହିଛନ୍ତି ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଲୋକାଭିମୁଖୀ ସ୍ୱାସ୍ଥ୍ୟସେବା ପାଇଁ ପ୍ରତିବଦ୍ଧତା ନିମନ୍ତେ ଧନ୍ୟବାଦ ଜଣାଇ ମନ୍ତ୍ରୀ କହିଛନ୍ତି ଯେ ,ଦ୍ଦ କ୍ୟାନସର ପାଇଁ ରାଜ୍ୟ ସରକାର ନିଜ ଉଦ୍ୟମରେ ଦେୟମୁକ୍ତ ଚିକିତ୍ସା ଯୋଗାଇଦେବେ । ୨୦୨୬-୨୭ ବଜେଟରେ ଏଥି ନିମନ୍ତେ ୩୧୧ କୋଟି ପ୍ରବଧାନ କରାଯାଇଛି । ଗୋଷ୍ଠୀ ସଚେତନତା, ମୋବାଇଲ କ୍ୟାମ୍ପ, ଡିଜିଟାଲ-ହବ ଏବଂ ସ୍ପୋକ ମଡେଲ ଏବଂ ମାଗଣା ଯାତାୟତ ସୁବିଧା ନିମନ୍ତେ ଖର୍ଚ୍ଚ ହେବ । ଓଡ଼ିଶାରେ ଏ.ବି.ପି.ଏମ୍. ଜେ.ଏ.ୱାଇ. ଓ ଜି.ଜେ.ଏ.ୱାଇ.ର ସମନ୍ୱିତ କାର୍ଯ୍ୟକାରିତା ଆରମ୍ଭ ବେଳେ ଏହି ଯୋଜନାରେ ୨୧୬୩ଟି ଚିକିତ୍ସା ପ୍ୟାକେଜ ଉପଲବ୍ଧ ଥିଲା । ବର୍ତ୍ତମାନ ୯୧ଟି ନୂତନ ପ୍ୟାକେଜ ସାମିଲ ହେବା ପରେ ମୋଟ ଚିକିତ୍ସା ପ୍ୟାକେଜର ସଂଖ୍ୟା ୨୨୫୪ରେ ପହଞ୍ଚିଛି ।

କ୍ୟାନସର ଭଳି ଜଟିଳ ଓ ପ୍ରାଣଘାତୀ ରୋଗରେ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ, ଉପଯୁକ୍ତ ପରୀକ୍ଷା ଏବଂ ବୈଜ୍ଞାନିକ ଚିକିତ୍ସା ଅତ୍ୟନ୍ତ ଜରୁରୀ । ଏହି ରୋଗର ଚିକିତ୍ସା ସର୍ଜରୀ, କେମୋଥେରାପି, ରେଡିଏସନ, ଅଙ୍କୋଲୋଜି ଏବଂ ଅନ୍ୟାନ୍ୟ ବହୁ ବିଭାଗର ସମନ୍ୱିତ ଚିକିତ୍ସା ପଦ୍ଧତି ଉପରେ ନିର୍ଭରଶୀଳ । ସାଧାରଣ ଲୋକ ଏହି ରୋଗରେ ପୀଡ଼ିତ ହୋଇ ଖର୍ଚ୍ଚାନ୍ତ ହେଉଥିବାରୁ ଓଡ଼ିଶା ସରକାର ଏହାକୁ ଦୃଷ୍ଟିରେ ରଖି କ୍ୟାନସର ଚିକିତ୍ସା ପ୍ୟାକେଜକୁ ବୃହତ ସ୍ୱାର୍ଥ ଦୃଷ୍ଟିରୁ ସାମିଲ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିରନ୍ତର ପ୍ରୟାସ ଏବଂ ରାଜ୍ୟ ସରକାରଙ୍କ ସକ୍ରିୟ ପଦକ୍ଷେପ ଫଳରେ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ଏହି ୯୧ଟି ପ୍ୟାକେଜକୁ ଅନୁମୋଦନ କରି ଏ. ବି. ପି. ଏମ୍. ଜେ. ଏ. ୱାଇ. ଜି.ଜେ.ଏ.ୱାଇ. ପ୍ୟାକେଜ ମାଷ୍ଟରରେ ସ୍ୱତନ୍ତ୍ର ରାଜ୍ୟ ପ୍ୟାକେଜ ଭାବେ ସାମିଲ କରିଛନ୍ତି । ଏହି ସମସ୍ତ ପ୍ୟାକେଜ ଅନୁଯାୟୀ ଦେୟମୁକ୍ତ ଚିକିତ୍ସା ସେବା ପ୍ରଦାନ ପାଇଁ ରାଜ୍ୟର ସମସ୍ତ ତାଲିକାଭୁକ୍ତ ହସ୍ପିଟାଲକୁ ନିର୍ଦ୍ଦେଶ ଜାରି କରାଯାଇଛି । ଏହି ନୂତନ ବ୍ୟବସ୍ଥାର ସୁଫଳ ରାଜ୍ୟର ଅନେକ କ୍ୟାନସର ରୋଗୀ ଇତିମଧ୍ୟରେ ପାଇବା ଆରମ୍ଭ କରିଛନ୍ତି । ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପ କେବଳ କ୍ୟାନସର ରୋଗୀଙ୍କୁ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦେବାରେ ସହାୟକ ହୋଇନାହିଁ, ବରଂ ସ୍ୱାସ୍ଥ୍ୟସେବାକୁ ଅଧିକ ସୁଲଭ ଓ ଲୋକମୁଖୀ କରିବା ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି । ରାଜ୍ୟର ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ଯେପରି ଆର୍ଥିକ ଚିନ୍ତାରୁ ମୁକ୍ତ ହୋଇ ଗୁଣାତ୍ମକ ଚିକିତ୍ସା ପାଇପାରିବେ, ସେଥିପାଇଁ ସରକାର ନିରନ୍ତର ଭାବେ ସ୍ୱାସ୍ଥ୍ୟ ସେବାର ପରିସର ବୃଦ୍ଧି କରିଚାଲିଛନ୍ତି ।

## କ୍ଷତିପୂରଣ ନେଲେ, ଜମି ବି ସରକାରଙ୍କର ହେଲା; ତଥାପି ପୁଣି ବିକ୍ରି

### ଏନ୍‌ଏଚ୍ –୧୬ ଅଧିଗ୍ରହଣ ଜମିରେ ବଡ଼ ପ୍ରଶାସନିକ ତ୍ରୁଟିର ସଙ୍କେତ

ଖୋର୍ଦ୍ଧା, (ସବ୍ୟୁ) : ଜାତୀୟ ରାଜପଥ-୧୬ ସମ୍ପ୍ରସାରଣ ପାଇଁ ସରକାର ଦୁଇ ଦଶନ୍ଧି ପୂର୍ବରୁ ଅଧିଗ୍ରହଣ କରି କ୍ଷତିପୂରଣ ପ୍ରଦାନ କରିଥିବା ଜମି କିପରି ଦୀର୍ଘ ବର୍ଷ ଧରି ବେସରକାରୀ ରେକର୍ଡରେ ରହିଲା? ଯଦି ଜମି ସରକାରଙ୍କ ଅଧିନକୁ ଚାଲିଯାଇଥିଲା, ତେବେ ସେହି ଜମି ପୁଣି କିପରି ବିକ୍ରି ହେଲା? ଏବଂ ତାହାର ମ୍ୟୁଟେସନ୍ କୁ କିଏ ଅନୁମୋଦନ କଲା? ଏଭଳି ଏକାଧିକ ପ୍ରଶ୍ନ ଏବେ ଖୋର୍ଦ୍ଧା ଜିଲ୍ଲାର ରାଜସ୍ୱ ପ୍ରଶାସନକୁ ଘେରିଛି । ସରକାରୀ ଦସ୍ତାବିଜ ଅନୁଯାୟୀ, ଏନ୍‌ଏଚ୍-୧୬ର ଭୂମି ଅଧିଗ୍ରହଣ ଅଧିକାରୀ ତଥା ସକ୍ଷମ କର୍ତ୍ତୃପକ୍ଷ ୧୦ ଜୁଲାଇ ୨୦୨୪ରେ ଖୋର୍ଦ୍ଧା ତହସିଲଦାରଙ୍କୁ ପତ୍ର ଲେଖି ପଲ୍ଲାତୋଟାପଡା ମୌଜାର ଖାତା ନଂ–୧୫୯, ପ୍ଲଟ୍ ନଂ–୭୦୨ ସମ୍ପର୍କିତ ରେକର୍ଡ ଅଫ ରାଇଟ୍ସ (ଆର.ଓ.ଆର) ତୁରନ୍ତ ସଂଶୋଧନ କରିବାକୁ କହିଛନ୍ତି । ଚିଠିରେ ସ୍ପଷ୍ଟ ଭାବେ ଦର୍ଶାଯାଇଛି ଯେ, ଜମି ଅଧିଗ୍ରହଣ ଓ କ୍ଷତିପୂରଣ ସମାପ୍ତ ହୋଇଥିଲେ ମଧ୍ୟ ସମ୍ପୃକ୍ତ ଜମିକୁ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ନାମରେ ରେକର୍ଡ କରାଯାଇନଥିଲା । ଏହି ତ୍ରୁଟି କେବଳ ଏକ ପ୍ରଶାସନିକ ଅବହେଳା ନା କି ଏହା ପଛରେ ଅନ୍ୟ କୌଣସି କାରଣ ରହିଛି, ତାହା ଏବେ ବଡ଼ ପ୍ରଶ୍ନ ।

ଦସ୍ତାବିଜରୁ ଜଣାପଡ଼ିଛି, ସାବିକ ପ୍ଲଟ୍ ନଂ–୩୯୦ର ମୋଟ ଏକର ୧.୮୦୦ ଜମି ପ୍ରଥମେ ଚମ୍ପା ଦେଇଙ୍କ ନାମରେ ଥିଲା । ପରେ କୋର୍ଟଙ୍କ ରାୟ ଓ ମ୍ୟୁଟେସନ୍ ଆଧାରରେ ଗିନି ବାଇଙ୍କ ନାମରେ ଏକର ୧.୬୬୦ ରେକର୍ଡ ହୋଇଥିଲା । ୨୦୦୨ ମସିହାରେ ଏହି ଜମିରୁ ଏକର ୦.୧୦୭ ଅଧିଗ୍ରହଣ କରି କ୍ଷତିପୂରଣ ଦିଆଯାଇଥିଲା । ଏହା ପୂର୍ବରୁ ଆଉ ଏକର ୦.୧୪୦ ଅଧିଗ୍ରହଣ ହୋଇଥିବାରୁ ମୋଟ ଏକର ୦.୨୪୭ ଜମି ସରକାରଙ୍କ ଅଧୀନକୁ ଚାଲିଯାଇଥିଲା । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଅଧିଗ୍ରହୀତ ଜମି ରାଜସ୍ୱ ରେକର୍ଡରେ ସରକାରୀ ନାମରେ ନ ଚଢ଼ିବାରୁ ପରେ ସେହି ଖାତାରୁ ଦୁଇଟି ବଡ଼ ବିକ୍ରି କାରବାର ହୋଇଥିବା ଦସ୍ତାବିଜରେ ଉଲ୍ଲେଖ ରହିଛି । ଏପରିକି ଅବଶିଷ୍ଟ ଜମି, ଯାହା ଅଧିଗ୍ରହଣ କ୍ଷେତ୍ରଫଳ ସହ ପ୍ରାୟ ସମାନ, ତାହା ମଧ୍ୟ ଅନ୍ୟ ଜଣଙ୍କ ନାମରେ ମ୍ୟୁଟେସନ ହୋଇଥିବା ଦର୍ଶାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଭୂମି ଅଧିଗ୍ରହଣ ଅଧିକାରୀ ନିଜ ଚିଠିରେ ଲେଖିଛନ୍ତି -"ଆରଓଆର ସଂଶୋଧନ ପାଇଁ ଏବେଟମେଣ୍ଟ ମାମଲା ବିଚାରାଧୀନ ଥିବାବେଳେ ମ୍ୟୁଟେସନ୍ କିପରି ଅନୁମୋଦନ କରାଗଲା, ତାହା ବୁଝାପଡୁନାହିଁ' ଏହି ମନ୍ତବ୍ୟ ନିଜେ ରାଜସ୍ୱ ବ୍ୟବସ୍ଥାରେ ଗୁରୁତର ତ୍ରୁଟିର ସଙ୍କେତ ଦେଉଛି । ଏବେ ପ୍ରଶ୍ନ ଉଠୁଛି କ୍ଷତିପୂରଣ ପ୍ରଦାନ ପରେ ସରକାରୀ ନାମରେ ରେକର୍ଡ ସଂଶୋଧନ କାହିଁକି ହେଲା ନାହିଁ ? ମ୍ୟୁଟେସନ୍ ପୂର୍ବରୁ ଅଧିଗ୍ରହଣ ରେକର୍ଡ ଯାଂଚ କରାଯାଇଥିଲା କି? ବିଚାରାଧୀନ ଏବେଟମେଣ୍ଟ ମାମଲାକୁ ଅଣଦେଖା କରି କିଏ ମ୍ୟୁଟେସନ୍ ଅନୁମୋଦନ କଲେ? ସରକାରୀ ଜମି ଉପରେ ପରବର୍ତ୍ତୀ କ୍ରୟ-ବିକ୍ରୟ ହୋଇଥିଲେ ତାହାର ଦାୟିତ୍ୱ କିଏ ନେବ? ଏଭଳି ଘଟଣା କେବଳ ଏହି ଗୋଟିଏ ମାମଲାରେ ସୀମିତ, ନା ଜିଲ୍ଲାରେ ଅନ୍ୟ ଅଧିଗ୍ରହଣ ପ୍ରକଳ୍ପରେ ମଧ୍ୟ ଏପରି ତ୍ରୁଟି ରହିଛି? ତେବେ ଜୁଲାଇ ୨୦୨୪ରେ ଭୂମି ଅଧିଗ୍ରହଣ ଅଧିକାରୀ ଲେଖିଥିବା ଚିଠି ପରେ ରାଜସ୍ୱ ବିଭାଗ କ'ଣ ପଦକ୍ଷେପ ନେଇଛି, ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ । ଏହି ଘଟଣା କେବଳ ଏକ ଜମି ବିବାଦ ନୁହେଁ; ବରଂ ସରକାରୀ ଅଧିଗ୍ରହଣ ପରେ ରେକର୍ଡ ପରିଚାଳନାରେ ଥିବା ସମ୍ଭାବ୍ୟ ତ୍ରୁଟି ଓ ରାଜସ୍ୱ ପ୍ରଶାସନର କାର୍ଯ୍ୟପ୍ରଣାଳୀ ଉପରେ ଗୁରୁତର ପ୍ରଶ୍ନ ଉଠାଇଛି । ଏହାର ନିରପେକ୍ଷ ତଦନ୍ତ ହେଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିପାରିବ ।

### ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଘଟଣା

## ଆସାମୀ ଲିଙ୍ଗରାଜକୁ ୨୦ବର୍ଷ ଜେଲ୍

କଟକ, (ସବ୍ୟୁ): ବଡ଼ମ୍ବା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିବା ଘଟଣାରେ ଆସାମୀ ଲିଙ୍ଗରାଜ ମଲ୍ଲିକକୁ କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ଆସାମୀ ଉପରେ ୩୫ ହଜାର ଟଙ୍କାର ଜରିମାନା କରାଯାଇଛି । ଜରିମାନା ଅନାଦାୟ ଆସାମୀ ଅଧିକ ୨ବର୍ଷ ୯ମାସ ଜେଲ୍‌ଦଣ୍ଡ ଭୋଗିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି । ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଅଦାଲତ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୫ ମସିହା ମାର୍ଚ୍ଚ ୨୩ ତାରିଖ ଦିନ ସକାଳୁ ୧୪ବର୍ଷୀୟ ପୀଡ଼ିତାଙ୍କୁ ତାଙ୍କୁ ଘର ନିକଟରୁ ଅଭିଯୁକ୍ତ ଲିଙ୍ଗରାଜ ଅପହରଣ କରି ନେଇଥିବା ସଂକ୍ରାନ୍ତରେ ବଡ଼ମ୍ବା ଥାନାରେ ଏତଲା ଦିଆଯାଇଥିଲା । ଏହି ଏତଲା ପରେ ବଡ଼ମ୍ବା ପୁଲିସ୍ ବହୁ ଖୋଜାଖୋଜି କରିବା ପରେ ପୀଡ଼ିତାଙ୍କୁ ଚେନ୍ନାଇରୁ ଉଦ୍ଧାର କରିଥିଲା । ଅଭିଯୁକ୍ତ ପୀଡ଼ିତାଙ୍କୁ ଅପହରଣ ପରେ ବାରମ୍ବାର ବଳାତ୍କାର କରିଥିବା ଜଣାପଡ଼ିଥିଲା । ପୀଡ଼ିତା ଜଣକ ୧୪ବର୍ଷର ହୋଇଥିବାରୁ ଅଭିଯୁକ୍ତ ନାଁରେ ପୋକ୍‌ସୋ ଦଫାରେ ମାମଲା ରୁଜୁ ହୋଇଥିଲା । ପୁଲିସ୍ ସେହିବର୍ଷ ଜୁଲାଇ ୧୧ରେ ଚାର୍ଜସିଟ୍ ଦାଖଲ କରିଥିଲା । କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତରେ ଶୁଣାଣି ହୋଇଥିଲା । ଅଦାଲତ ବିଭିନ୍ନ ପ୍ରମାଣ ଏବଂ ତଥ୍ୟକୁ ଆଧାର କରି ଅଭିଯୁକ୍ତକୁ ଏହି ଘଟଣାରେ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି କୃଷ୍ଣ ଚନ୍ଦ୍ର ମହାପାତ୍ର ମାମଲା ପରିଚାଳନା କରୁଥିଲେ ।

## ପୂର୍ବତନ ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ୱର୍ଗତ ସଂଗ୍ରାମ ଜେନାଙ୍କ ଶ୍ରାଦ୍ଧବାର୍ଷିକୀ

ଭୁବନେଶ୍ୱର, (ସବ୍ୟୁ): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ପ୍ରଦେଶ ଯୁବ କଂଗ୍ରେସର ପୂର୍ବତନ ସଭାପତି ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କର ଶ୍ରାଦ୍ଧବାର୍ଷିକ ପାଳିତ ହୋଇଥିଲା । ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରକୁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଉ଼ଦ୍‌ଘାଟନ କରିଥିଲେ । ରକ୍ତଦାନ ଶିବିରପରେ କଂଗ୍ରେସ ଭବନ ପ୍ରାଙ୍ଗଣରେ ପଂକ୍ତି ଭୋଜନର ଆୟୋଜନ କରାଯାଇଥିଲା । ଯେଉଁ ପଂକ୍ତି ଭୋଜନରେ ଗରିବ ଲୋକମାନଙ୍କୁ ଖାଦ୍ୟ ପରିବେଷଣ କରାଯାଇଥିଲା । ଓ ବିଭିନ୍ନ ଜିଲ୍ଲାରେ ମଧ୍ୟ ଯୁବ କଂଗ୍ରେସ ପକ୍ଷରୁ ଏହି କାର୍ଯ୍ୟକ୍ରମ ପାଳିତ ହୋଇଥିଲା । ଏହି ଅବସରରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଦାସ କହିଥିଲେ ଯେ କଂଗ୍ରେସ ଦଳ ପାଇଁ ସଓ୍ୱର୍ଗତ ସଂଗ୍ରାମ କେଶରୀ ଜେନା ଜଣେ ପ୍ରଭାବଶାଳୀ ଯୁବ ନେତା ଥିଲେ । ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଏବଂ ଏଆଇସିସି ସଦସ୍ୟ ଭାବରେ ମଧ ସେ ଦାୟିତ୍ୱ ନିର୍ବାହ କରିଥିଲେ । ଭଦ୍ରକ ଲୋକସଭା କ୍ଷେତ୍ରରେ କଂଗ୍ରେସ ସାଂସଦ ଭାବେ



ପ୍ରତିଦ୍ୱନ୍ଦିତା କରି ଏକ ଉତ୍ସାହଜନକ ଲଢ଼େଇ କରିପାରିଥିଲେ । ବିଜେବି କଲେଜ, ଉତ୍କଳୟୁନିଭରସିଟିରେ ଅଧ୍ୟୟନ ସମୟରେ ସେ ଜଣେ ଆଦୃତ ଛାତ୍ରନେତା ଭାବରେ ରାଜ୍ୟରେ ସୁପରିଚିତ ଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟରେ ଛାତ୍ର କଂଗ୍ରେସର ସଂଗଠନକୁ ସୁଦୃଢକରିବାପାଇଁ ସେ ସବୁବେଳେ ଉଦ୍ୟମ କରୁଥିଲେ । ତାଙ୍କର ବହୁ ଅନୁଗାମୀ ଆଜି ଛାତ୍ର ଓ ଯୁବ କଂଗ୍ରେସରେ ରାଜ୍ୟରେ ନେତୃତ୍ୱ ନେଉଛନ୍ତି । ବ୍ୟକ୍ତିଗତ ଭାବରେ ସେ ମୋର ଅତି ପ୍ରିୟତମ ଥିଲେ । ଦଳୀୟ ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ମାଧ୍ୟମରେ ସେ ଥିଲେ ଓ ପ୍ରଥମ ଯୁବ କଂଗ୍ରେସ ସଭାପତି । ସେ ଆମ ନିକଟରେ ଚିର ସ୍ମରଣୀୟ ହୋଇରହିବେ ।

କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ତାରା ପ୍ରସାଦ ବାହିନୀପତି, ଅନନ୍ତ ପ୍ରସାଦ ସେଠୀ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଅଶୋକ ଦାସ, ଦେବାଶିଷ ପଟ୍ଟନାୟକ, ସମିର ରାଉତରାୟ,ୟାସିର ନଓ୍ୱାଜ, ମିନାକ୍ଷୀ ବାହିନୀପତି, ପ୍ରକାଶ ଜେନା, ମହମ୍ମଦ ଇମଦାଦ, ମାନସ ଆଚାର୍ଯ୍ୟ, ପ୍ରଭାସକର ମହାପାତ୍ର, ମନୋଜ ରାଉତ, ମନୋଜ ଜେନା, ଅଜୟ ସାହୁ, ଅଭିଲାଷ ମାଣିଆ, ସ୍ୱାଗତ କର, ମିହିର ଆଚାର୍ଯ୍ୟ, ତୁଷାରକାନ୍ତି ତପସଓ୍ୱୀ, ଲକ୍ଷ୍ମୀପ୍ରିୟ ନାୟକ, ଲିପିକା ପାତ୍ର, କାର୍ତ୍ତିକେଶ୍ୱର କାଣ୍ଡି, ବଳରାମ ନନ୍ଦ, ଶଂକୁନା କହଁର, ମହମ୍ମଦ ଗୁଲଫାମ, ନିଆଜୁଲ ଇସଲାମ, ବଟକୃଷ୍ଣ ରାଉତରାୟ, ସଂଦୀପ ରାଉତରାୟ, ଅମରେଶ ପରି ଗୋପନ ମାର୍ଥା, ବିରଞ୍ଚି ବାରିକ, ଜ୍ୟୋତି ଆଚାର୍ଯ୍ୟ, ସୁଭାଷ ପ୍ରଧାନ, ପ୍ରତାପ ପ୍ରଧାନ, ପବିତ୍ର ସେଠୀ, ଜଗଦିଶ ଗଜେନ୍ଦ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଅବସରପ୍ରାପ୍ତ ଯବାନଙ୍କ ପରଲୋକ

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧାର ସୟଦ ସରଓ୍ୱର୍ ଅଲ୍ଲୀଙ୍କ ୪ତାରିଖ ସନ୍ଧ୍ୟାରେ ଏକ ଘରାଇ ଡାକ୍ତରଖାନା ଭୁବନେଶ୍ୱରରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି । ସେ ଅବସରପ୍ରାପ୍ତ (ସି ଆର ପି



ଏଫ୍) ଯବାନ୍ ଥିଲେ । ମୃତ୍ୟୁ ବେଳକୁ ବୟସ ୬୫ ବର୍ଷ । ସେ ଖୋର୍ଦ୍ଧାରେ ହାତିଭାଇ ନାମରେ ପରିଚିତ । ସେ ପରିବାର ସହ କଟକରେ ରହୁଥିଲେ । ତାଙ୍କର ଦୁଇଟି ଅବିବାହିତ କନ୍ୟା ସହ ଧର୍ମପତ୍ନୀ ଅଛନ୍ତି । ତାଙ୍କ ମୃତ୍ୟୁ ଖବର ପାଇ ଭୁବନେଶ୍ୱର (ସିଆରପିଏଫ୍) ଅଧିକାରୀ ତାଙ୍କ ପରିବାର ସହ ଆଲୋଚନା କରି ତାଙ୍କ କବର ପୂର୍ବରୁ ତାଙ୍କୁ ଗାର୍ଡ ଅଫ ଅନରରେ ସମ୍ମାନିତ କରିଥିଲେ । ୫ ତାରିଖ ବୁଧବାର ଦିନ ୧୧ଟା ସମୟରେ କଟକ କଦମ ରସୁଲ ପରିସରରେ (ସିଆରପିଏଫ୍) ଅଧିକାରୀ ପହଁଚି ମୃତ ଶରୀର ଉପରେ ପୁଷ୍ପଗୁଚ୍ଛ ରଖି ଗାର୍ଡ ଅଫ ଅନର ସନ୍ମାନିତର ମର୍ଯ୍ୟାଦା ଦେଇଥିଲେ । ପରେ ମୁସଲିମ ସମ୍ପ୍ରଦାୟ ଓ ପରିବାର ଲୋକେ ରୀତିନୀତି ଅନୁସାରେ ତାଙ୍କୁ କବର ଦିଆଯାଇଥିଲା ।

### ୧୦୦ କୋଟି ଟଙ୍କାର ନୂତନ ସ୍ୱରେଜ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ

## ମର୍କତନଗର ବାସୀଙ୍କ ପକ୍ଷରୁ ବିଧାୟିକା ସୋଫିଆଙ୍କୁ ସମ୍ବର୍ଦ୍ଧନା

କଟକ, (ସ୍ୱପ୍ର): ସିଡିଏ ସ୍ଥିତ ସନ୍ତୁକା ପ୍ୟାଲେସଠାରେ ମର୍କତନଗରବାସୀଙ୍କ ପକ୍ଷରୁ ଗିରିବାଳା ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସିଡିଏ ଅଞ୍ଚଳରେ ନୂତନ ସ୍ୱରେଜ ବ୍ୟବସ୍ଥା ନିର୍ମାଣ ନିମନ୍ତେ ଉଲ୍ଲେଖନୀୟ ଅବଦାନ ପାଇଁ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସଙ୍କୁ ଏହି ଅବସରରେ ନାଗରିକମାନଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ସୂଚନାଯୋଗ୍ୟ ଯେ, ସିଡିଏ ଅଞ୍ଚଳର ଦୀର୍ଘ ୪୦ ବର୍ଷର ପୁରୁଣା ସ୍ୱରେଜ ବ୍ୟବସ୍ଥା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ଥିବାରୁ ସ୍ଥାନୀୟ ବାସିନ୍ଦା ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିଲେ । ଏହି ଗୁରୁତର ସମସ୍ୟାକୁ ବିଧାୟିକା ସୋଫିଆ ଫିରଦୋସ ପ୍ରଥମେ ବିଧାନସଭାରେ ଉଥାପନ କରିବା



ସହ ସରକାରୀ ଓ ପ୍ରଶାସନିକ ସ୍ତରରେ ବାରମ୍ବାର ଆଲୋଚନା ଏବଂ ପ୍ରତ୍ୟକ୍ଷ ତଦାରଖ କରିଥିଲେ । ତାଙ୍କର ଏହି ପ୍ରଚେଷ୍ଟା ଫଳରେ ସରକାରଙ୍କ ପକ୍ଷରୁ ୧୦୦ କୋଟି ଟଙ୍କାର ବ୍ୟୟବରାଦ ମଞ୍ଜୁର ହୋଇଛି ଏବଂ ପ୍ରଥମ ପର୍ଯ୍ୟାୟରେ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ମର୍କତନଗରବାସୀଙ୍କ ସେବା କରିବା ଏବଂ ସେମାନଙ୍କ ଦୀର୍ଘଦିନର ମୌଳିକ ସମସ୍ୟାର ସମାଧାନ କରିବା ମୋର ପ୍ରାଥମିକ କର୍ତ୍ତବ୍ୟ । ୪୦ ବର୍ଷର ପୁରୁଣା ସ୍ୱରେଜ ସମସ୍ୟା ଯୋଗୁଁ ଅଞ୍ଚଳବାସୀ ଭୋଗୁଥିବା କଷ୍ଟକୁ ଦୂର କରିବା ପାଇଁ ମୁଁ ଦୃଢ଼ ସଂକଳ୍ପବଦ୍ଧ ଥିଲି । ଏହି ୧୦୦ କୋଟି ଟଙ୍କାର ନୂତନ ସ୍ୱରେଜ ପ୍ରକଳ୍ପ ନିର୍ମାଣ ହେବା ଦ୍ୱାରା ସିଡିଏ ଅଞ୍ଚଳର ଜଳନିଷ୍କାସନ ଓ ସ୍ୱଚ୍ଛତା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆସିବ । ଏହି କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଓ ଉଚ୍ଚ ଗୁଣବତ୍ତା ସହ ଶେଷ କରିବା ପାଇଁ ପ୍ରଶାସନିକ ସ୍ତରରେ ନିୟମିତ ତଦାରଖ ଜାରି ରହିବ । ମର୍କତନଗରର ସର୍ବାଙ୍ଗୀନ ବିକାଶ ପାଇଁ ମୁଁ ସଦାସର୍ବଦା ବଦ୍ଧପରିକର ବୋଲି ବିଧାୟିକା କହିଥିଲେ । ଏହି କାର୍ଯ୍ୟକ୍ରମରେ ସିଡିଏର ସମସ୍ତ ସେକଟରର ସଭାପତି ଓ ସମ୍ପାଦକ ଯୋଗଦେଇ ବିଧାୟିକାଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ସେକ୍ଟର-୬ ରୁ ସୌର ଚନ୍ଦ୍ର ମହାପାତ୍ର, ସୁବାଶିଷ ମିଶ୍ର, ଶୈଳବାଳା ଜେନା ସେକଟର-୭ ରୁ ସନ୍ତୋଷ ପଲାଇ, ଭାସ୍କର ନାୟକ, ରମେଶ ଚନ୍ଦ୍ର ବେହେରା, ଲକ୍ଷ୍ମୀଧର ମହାନ୍ତି, ଗୋପାଳ ତ୍ରିପାଠୀ ସେକ୍ଟର-୯ ରୁ ଅଶୋକ ଚୌଧୁରୀ, ନିତ୍ୟାନନ୍ଦ ରାଉତରାୟ, ଦେବେନ୍ଦ୍ର ପ୍ରଧାନ, ବିଚିତ୍ରାନନ୍ଦ ପ୍ରଧାନ, ଉତ୍କଳ ନାୟକ, ନିତ୍ୟାନନ୍ଦ ମିଶ୍ର, ରବି ନାରାୟଣ ମିଶ୍ର ସେକଟର-୧୦ ରୁ ଗୌତମ ପଣ୍ଡା, ରଜନୀକାନ୍ତ ମିଶ୍ର, ଜଗନ୍ନାଥ ବେହେରା ଏବଂ ସେକ୍ଟର-୧୧ ରୁ ସୋମ ରଞ୍ଜନ ପଟ୍ଟନାୟକ, ଦୀନବନ୍ଧୁ ମହାପାତ୍ରଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

### କ୍ୟୁ୧ ଆର୍ଥିକବର୍ଷ ୨୭ରେ ରେକର୍ଡ ପ୍ରଦର୍ଶନ ପରେ

## ବେଦାନ୍ତ ଆଲୁମିନିୟମ ପ୍ରତି ବ୍ରୋକରେଜ୍ ସଂସ୍ଥାମାନଙ୍କର ଆସ୍ଥା ବଢ଼ିଛି

ଭୁବନେଶ୍ୱର, (ସବ୍ୟୁ) : କ୍ୟୁ୧ ଆର୍ଥିକ ବର୍ଷ ୨୭ରେ ରେକର୍ଡ ପ୍ରଦର୍ଶନ ପରେ ବେଦାନ୍ତ ଆଲୁମିନିୟମ ମେଟାଲ୍ ଲିମିଟେଡ୍ (ଏନ୍‌ଏସଇ:ଭିଏଏମଏଲ) ପ୍ରତି ପ୍ରମୁଖ ଦେଶୀ ଏବଂ ବିଶ୍ୱସ୍ତରୀୟ ବ୍ରୋକରେଜ୍ ସଂସ୍ଥାମାନେ ଦୃଢ଼ ଆସ୍ଥା ପ୍ରକାଶ କରିଛନ୍ତି । ବିଭିନ୍ନ ବ୍ରୋକରେଜ୍ ସଂସ୍ଥା କମ୍ପାନୀର ଶେୟାର ପାଇଁ ଟ.୫୨୦ରୁ ଟ.୬୦୦ ପର୍ଯ୍ୟନ୍ତ ଟାର୍ଗେଟ୍ ମୂଲ୍ୟ ନିର୍ଦ୍ଧାରଣ କରି 'ବାଏ' ରେଟିଂ ପୁନଃବ୍ୟକ୍ତ କରିଛନ୍ତି । ବର୍ତମାନର ବଜାର ମୂଲ୍ୟ ପ୍ରାୟ ଟ.୪୪୫- ଟ.୪୫୭ ତୁଳନାରେ ଏହା ୧୭%ରୁ ୩୫% ପର୍ଯ୍ୟନ୍ତ ସମ୍ଭାବ୍ୟ ବୃଦ୍ଧିକୁ ସୂଚିତ କରୁଛି । ବିଶ୍ଳେଷକମାନଙ୍କ ମତରେ, ବେଦାନ୍ତ ଆଲୁମିନିୟମର ପରବର୍ତ୍ତୀ ମୂଲ୍ୟ ସୃଷ୍ଟିର ପର୍ଯ୍ୟାୟ କେବଳ କମୋଡିଟି ମୂଲ୍ୟ ଉପରେ ନିର୍ଭରଶୀଳ ରହିବ ନାହିଁ । ବରଂ ଉତ୍ପାଦନ କ୍ଷମତା ବୃଦ୍ଧି, ବ୍ୟାକୱାର୍ଡ ଇଂଟିଗ୍ରେସନ୍, ଉତ୍ପାଦନ ଖର୍ଚ୍ଚ ହ୍ରାସ, ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦର ଅଂଶ ବୃଦ୍ଧି, ଋଣ ହ୍ରାସ ଏବଂ ଶକ୍ତିଶାଳୀ ଫ୍ରି କ୍ୟାଶ୍ ଫ୍ଲୋ ଏହାର ପ୍ରମୁଖ ଚାଳିକା ଶକ୍ତି ହେବ । କମ୍ପାନୀର ରେକର୍ଡ ଅପରେଟିଂ ପ୍ରଦର୍ଶନ, ଖର୍ଚ୍ଚ ନିୟନ୍ତ୍ରଣରେ ନେତୃତ୍ୱ, ବାଲକୋ ସମ୍ପ୍ରସାରଣ, କ୍ୟାପ୍ଟିଭ୍ ବକ୍ସାଇଟ୍ ଓ କୋଇଲା ଖଣି ସମନ୍ୱୟ ଏବଂ ସୁଦୃଢ଼ ବାଲାନ୍ସ ସିଟ୍ କମ୍ପାନୀକୁ ଦୀର୍ଘମିଆଦୀ ଆୟ ଓ ମାର୍ଜିନ୍ ବୃଦ୍ଧିର ପଥରେ ଆଗେଇ ନେବ । ସବୁଠାରୁ ଆଶାବାଦୀ ସଂସ୍ଥାମାନଙ୍କ ମଧ୍ୟରୁ ଆଇସିଆଇସିଆଇ ଡାଇରେକ୍ଟ ଟ.୬୦୦ ଟାର୍ଗେଟ୍ ମୂଲ୍ୟ ନିର୍ଦ୍ଧାରଣ କରିଛି, ଯାହା ପ୍ରାୟ ୩୫% ସମ୍ଭାବ୍ୟ ବୃଦ୍ଧିକୁ ସୂଚାଉଛି । ସଂସ୍ଥାର ମତରେ, ଭାରତରେ ଆଲୁମିନିୟମର ଦୀର୍ଘମିଆଦୀ ଚାହିଦା ବୃଦ୍ଧିରୁ ବେଦାନ୍ତ ଆଲୁମିନିୟମ ବ୍ୟାପକ ଲାଭ ପାଇବ । ଉତ୍ପାଦନ କ୍ଷମତା ବୃଦ୍ଧି, ଭାଲ୍ୟୁ-ଆଡେଡ୍ ଉତ୍ପାଦ ଏବଂ ଲାଭଦାୟକତାର ସୁଧାର କମ୍ପାନୀର ଭବିଷ୍ୟତ ଆୟ ବୃଦ୍ଧିକୁ ଶକ୍ତିଶାଳୀ କରିବ । ସଂସ୍ଥା ବେଦାନ୍ତ ଆଲୁମିନିୟମକୁ ହିଡେନ୍ ଜେମ୍ ବୋଲି ବର୍ଣ୍ଣନା କରିଛି । କୋଟାକ ଇନଷ୍ଟିଚୁନାଲ ଇକ୍ୟୁଟିଜ ମଧ୍ୟ ଟ.୫୮୫ ଟାର୍ଗେଟ୍ ମୂଲ୍ୟ ସହିତ 'ବାଏ' ରେଟିଂ ଦେଇଛି । କୋଟାକର ମତରେ, ଅନୁକୂଳ ଆଲୁମିନିୟମ ବଜାର ପରିସ୍ଥିତି, ବ୍ୟାକୱାର୍ଡ ଇଂଟିଗ୍ରେସନ୍ କୌଶଳ ଏବଂ ସମ୍ପ୍ରସାରଣ ଯୋଜନା କମ୍ପାନୀକୁ ଶକ୍ତିଶାଳୀ ମାର୍ଜିନ୍ ଓ ଫ୍ରି କ୍ୟାଶ୍ ଫ୍ଲୋ ହାସଲ କରିବାରେ ସହାୟକ ହେବ । ନୁଭାମା ଇନଷ୍ଟିଚ୍ୟୁଟନାଲ ଇକ୍ୟୁଇଟିଜ ଟ.୫୪୦ ଟାର୍ଗେଟ୍ ମୂଲ୍ୟ ସହିତ 'ବାଏ' ରେଟିଂ ବଜାୟ ରଖିଛି । ସଂସ୍ଥା କହିଛି ବେଦାନ୍ତ ଆଲୁମିନିୟମ ଉତ୍ପାଦନ ପରିମାଣ ବୃଦ୍ଧି, ବ୍ୟାକୱାର୍ଡ ଇଂଟିଗ୍ରେସନ୍ ମାଧ୍ୟମରେ ଖର୍ଚ୍ଚ ହ୍ରାସ ଏବଂ ଭାଲ୍ୟୁ-ଆଡେଡ୍ ଉତ୍ପାଦର ଅଂଶ ବଢ଼ାଇବା ଉପରେ ଗୁରୁତ୍ୱ ଦେଉଛି । ଏହି ପଦକ୍ଷେପଗୁଡ଼ିକ ଇବିଆଇଟିଡିଏ କ୍ୟାଶ୍ ଫ୍ଲୋ ଓ ଆୟର ସ୍ଥିରତାକୁ ଆହୁରି ସୁଦୃଢ଼ କରିବ ।

## ସ୍ୱାଧୀନତା ଦିବସ-୨୦୨୬ ପାଳନ ସଂପର୍କରେ

# ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, (ସବ୍ୟୁ) : ଚଳିତ ବର୍ଷ ୮୦ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ । ଏହି ପରିପ୍ରେକ୍ଷୀରେ ବୁଧବାର ଅପରାହ୍ନରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ-୨୦୨୬ ପାଳନର ରୂପରେଖ ସଂପର୍କରେ ଏକ ପ୍ରସ୍ତୁତି ବୈଠକ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତା ଦିବସ ଆମ ସମସ୍ତଙ୍କ ଭାବାବେଗ ଏବଂ ଗର୍ବର ପ୍ରତୀକ ହୋଇଥିବାରୁ ଉତ୍ସବ ଆୟୋଜନ ସମୟରେ ସମସ୍ତ ବିଷୟକୁ ଟିକିନିଖି ଭାବେ ଗୁରୁତ୍ୱ ଦେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବୈଠକରେ ନିର୍ଦ୍ଦେଶ ଦେଇଥିଲେ । ଚଳିତ ବର୍ଷ ମହାତ୍ମା ଗାନ୍ଧୀ ମାର୍ଗଠାରେ ସକାଳ ୯ ଘଟିକା ସମୟରେ ମୁଖ୍ୟମନ୍ତ୍ରୀ ପତାକା ଉତ୍ତୋଳନ କରିବେ । ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ପ୍ୟାରେଡ୍ ଓ ପତାକା ଉତ୍ତୋଳନ ସ୍ଥାନଠାରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ, ପ୍ରଭାତରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ ପରିବେଷଣ, ସ୍ୱାଧୀନତା ଦିବସ ଉତ୍ସବର ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧା ପ୍ରସାରଣ, ଗଣମାଧ୍ୟମକୁ ସୂଚନା ପ୍ରଦାନ, ଉତ୍ସବସ୍ଥଳର ସାଜସଜ୍ଜା, ବରପୁତ୍ରମାନଙ୍କ ଫଟୋଚିତ୍ର ପ୍ରଦର୍ଶନ, ନିମନ୍ତ୍ରିତ ଅତିଥିଙ୍କ ଉପବେଶନ ବ୍ୟବସ୍ଥା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ରାଜଭବନରୁ ଉତ୍ସବସ୍ଥଳ ପର୍ଯ୍ୟନ୍ତ ରାସ୍ତାକୁ ସୁସଜ୍ଜିତ କରାଯିବ । ସାଧାରଣତନ୍ତ୍ର ଦିବସ-୨୦୨୬ରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ୟାରେଡ୍‌ରେ ଶ୍ରେଷ୍ଠ ବିବେଚିତ ବିଭିନ୍ନ କଣ୍ଟିଜେଣ୍ଟ ଓ ପ୍ରଜ୍ଞାପନ ମେଢ଼କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରିବେ । ଏଥି ସହ ଉତ୍ସବସ୍ଥଳକୁ ଆକର୍ଷଣୀୟ ସାଜସଜ୍ଜା କରିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ପରାମର୍ଶ ଦେଇଥିଲେ । ଚଳିତ ସ୍ୱାଧୀନତା ଦିବସ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୋଠା, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାର ଆଲୋକୀକରଣ କରାଯିବ । ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଉତ୍ସବ ସ୍ଥଳର ସାନିଟାଇଜେସନ୍ ଓ ପିଇବା ପାଣି ବ୍ୟବସ୍ଥା କରାଯିବ । ସେହିପରି ସୁରକ୍ଷା ବ୍ୟବସ୍ଥା ତଥା ଟ୍ରାଫିକ୍ ନିୟନ୍ତ୍ରଣକୁ କମିଶନରେଟ୍ ପୋଲିସ ପକ୍ଷରୁ ପରିଚାଳନା କରାଯିବ । ଏହି ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ(ବୈଷୟିକ) ଗୁର୍‌ବୀର୍ ସିଂ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେଉରିଆ, ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ସ୍ମିତା କର, ଯୁଗ୍ମ ନିର୍ଦ୍ଦେଶକ(କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



# ଆମ ରାହୁଲ ଗାନ୍ଧୀ ଓଡିଆ ସଙ୍ଗୀତ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ) : ବୁଧବାର ଭୁବନେଶ୍ୱର ରାଜ୍ୟ କଂଗ୍ରେସ ଭବନ ଠାରେ ରାହୁଲ ଗାନ୍ଧୀଙ୍କ ଜୀବନୀ ଆଧାରିତ ଏକ ଓଡିଆ ସଙ୍ଗୀତ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସଂଗୀତ ଉନ୍ମୋଚନ କରିବା ସହିତ ଏହି କାର୍ଯ୍ୟ ପାଇଁ ଆୟୋଜକ ଗ୍ରୁପକୁ ଶୁଭେଚ୍ଛା ଜଣାଇଛନ୍ତି । ଏହା ସାଇଶକ୍ତି ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ କରାଯାଇଛି ଏବଂ ରାହୁଲ ଗାନ୍ଧୀଜୀଙ୍କ ଆଦର୍ଶ, ସଂଘର୍ଷ ଓ ଜନସେବା ପ୍ରତି ସମର୍ପିତ ଏକ ସଙ୍ଗୀତମୟ ଉପହାର। ଏହି ସଂଗୀତଟି ଆଗାମୀ ଦିନରେ ଓଡିଶାର ପ୍ରତି କଂଗ୍ରେସ ପ୍ରେମୀ ଓ ରାହୁଲପ୍ରେମୀଙ୍କ ନିକଟରେ ଆଦୃତ ହେବ ବୋଲି ଶ୍ରୀ ଦାସ କହିଛନ୍ତି । କାର୍ଯ୍ୟକ୍ରମରେ ଓପିସିସି ସଭାପତିଙ୍କ ସହ ପୂର୍ବତନ ଓପିସିସି ସଭାପତି ଜୟଦେବ ଜେନା, ବିଧାୟକ ଅଶୋକ ଦାସ, ପୂର୍ବତନ ସାଂସଦ ଅନନ୍ତ ସେଠୀ ପ୍ରଯୋଜକ ପ୍ରତାପ କୁମାର ପ୍ରଧାନ, କଣ୍ଠଶିଳ୍ପୀ ବିଶିଷ୍ଟ ଲୋକପ୍ରିୟ ଗାୟକ ଅନୁରାଗ ଦାସ, ଗୀତିକାର ,ଇଂ. ଅଜୟ କୁମାର ସେଠୀ ଏବଂ ଅନେକ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ପିସିସି ବନ୍ୟା ଓ ରିଲିଫ କମିଟିର ରିପୋର୍ଟ ପ୍ରଦାନ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ବନ୍ୟା କମିଟିର ଅଧ୍ୟକ୍ଷ ବିଧାୟକ ଅଶୋକ କୁମାର ଦାସଙ୍କ ନେତୃତ୍ୱରେ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଅଜୟ କୁମାର ସାହୁ, କୃଷ୍ଣଚନ୍ଦ୍ର ଶତପଥୀ, ଅଧର ଜେନା, ଜୟଶ୍ରୀ ମହାନ୍ତି, ଜେନାମଣୀ ଶର୍ମା, ସଂଯୁକ୍ତ ଜିଲ୍ଲାର ଜିଲ୍ଲା ସଭାପତି ବୃନ୍ଦ ଓ ବିଧାୟକ ପ୍ରାର୍ଥୀ, କଂଗ୍ରେସର ବରିଷ୍ଠ ନେତୃମଣ୍ଡଳୀ ନିମ୍ନ ବନ୍ୟାଞ୍ଚଳ ଗସ୍ତ କରିଥିଲେ । ବୁଧବାର କଂଗ୍ରେସ ଭବନଠାରେ ଓପିସିସି ସଭାପତି ଶ୍ରୀ ଦାସଙ୍କୁ ଅନୁଧ୍ୟାନ ରିପୋର୍ଟ ପ୍ରଦାନ କରିବା ସହ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ । ରିଲିଫ କମିଟି ସଦସ୍ୟ ପୀଡ଼ିତଙ୍କ ସମସ୍ୟା ବୁଝିବା ସହ ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ । ପ୍ରଦେଶ କଂଗ୍ରେସ ବନ୍ୟା ରିଲିଫ କମିଟି ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ଆଜି ଓପିସିସି ସଭାପତି ଶ୍ରୀ ଦାସଙ୍କୁ ପ୍ରଦାନ କରିବା ସହ ଭବିଷ୍ୟତ ରିଲିଫ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ ।

# ମଦ ଜବତ, ୨ ଗିରଫ

ବାଲୁଗାଁ ,(ସବ୍ୟୁ): ବାଲୁଗାଁ ଅବକାରୀ ଅଧିକାରୀ ସୌମ୍ୟ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏକ ଟିମ ବୁଧବାର ସକାଳେ ଚଢ଼ାଉ କରି ପୃଥକ ଭାବେ ଦୁଇଟି ସ୍ଥାନରୁ ଦେଶୀ ବିଦେଶୀ ଜବତ କରିବା ସହ ସମ୍ପୃକ୍ତ ୨ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି ।ସେମାନେ ହେଲେ ବାଣପୁର ଥାନା କୁରୁଞ୍ଜିପୁର ଗ୍ରାମର ଗଣେଶ ପ୍ରଧାନ ଏବଂ ନୀଳାଦ୍ରିପ୍ରସାଦ ଗ୍ରାମର ସୁରେନ୍ଦ୍ର ନାୟକ । ଗଣେଶ ନିକଟରୁ ୧୫ ଲିଟର ଦେଶୀ ମଦ ଜବତ ହୋଇଥିବା ବେଳେ ସୁରେନ୍ଦ୍ର ଠାରୁ ୧୪ ଗୋଟି ବିୟର ଜବତ କରାଯାଇଛ । ଉଭୟ ନିଜ ଗ୍ରାମ ରାସ୍ତାରେ ମଦ ବିକୁଥିବା ଅଭିଯୋଗ ପାଇ ଅବକାରୀ ଟିମ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା । ଏ ସଂକ୍ରାନ୍ତରେ ୨ ଟି ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ବିଦା ହେବେ ଆଉ ୬ ବାଂଲାଦେଶୀ

ଭୁବନେଶ୍ୱର, (ସବ୍ୟୁ) : ଦୈତନଗରୀ କଟକ-ଭୁବନେଶ୍ୱରରୁ ୪୨ ବାଂଲାଦେଶୀଙ୍କୁ ତାଙ୍କ ଦେଶକୁ ବିଦା କରିଥିବା ବେଳେ ଆଉ ୬ଜଣଙ୍କୁ ବିଦା କରିବା ପାଇଁ ଯୋଜନା ପ୍ରସ୍ତୁତ ହେଉଥିବା ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି । ସେହି ୬ ବାଂଲାଦେଶୀଙ୍କୁ ଆଠଗଡସ୍ଥିତ ଟ୍ରାଞ୍ଜିଟ୍ ହାଉସ୍‌ରେ ରଖାଯାଇଥିବା କମିଶନର କହିଛନ୍ତି । ବାଂଲାଦେଶରୁ ଜଳପଥ ଓ ସ୍ଥଳପଥ ଦେଇ ଅନୁପ୍ରବେଶକାରୀମାନେ ପ୍ରଥମେ ପଶ୍ଚିମବଙ୍ଗକୁ ଆସୁଛନ୍ତି । ଦଲାଲଙ୍କ ମାଧ୍ୟମରେ ଆଧାର କାର୍ଡ ପ୍ରଭୃତି କରିବାରେ ସମର୍ଥ ହେଉଛନ୍ତି । ଯାହା ନକଲି ଆଧାର କାର୍ଡ ବୋଲି କୁହାଯାଉଛି । ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆସି କଟକ-ଭୁବନେଶ୍ୱରରେ ଆସର ଜମାଉଛନ୍ତି । ଏପରିକି ଦେହ ବେପାରଠାରୁ ଆରମ୍ଭ କରି ଚୋରି, ଡକାୟତି, ଲୁଟ୍‌ତରାଜ ପ୍ରଭୃତି ଅପରାଧମାନ ଘଟାଇବାରେ ସମର୍ଥ ହୋଇଛନ୍ତି । କେତେକ ବାଂଲାଦେଶୀ ଅପରାଧ ଘଟାଇ ଚତୁରତାର ସହ କୋଲ୍‌କାତା ଦେଇ କିଛିଦିନ ପାଇଁ ବାଂଲାଦେଶକୁ ପଳାଇ ଯାଉଛନ୍ତି । ସେଠାରୁ ପୁଣି ସେହି ବାଟ ଦେଇ ଓଡ଼ିଶା ଆସି କଟକ- ଭୁବନେଶ୍ୱରରେ ଅପରାଧ ଘଟାଉଛନ୍ତି । ସେମାନଙ୍କୁ ସାବାଡ୍ କରିବା ପାଇଁ କମିଶନରେଟ୍ ପୋଲିସ ଅଣ୍ଟା ଭିଡିଛି । କଟକ ପୋଲିସ ୧୬ଜଣଙ୍କୁ ଠାବ କରି ହେପାଜତକୁ ନେବା ପରେ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା । ସେହିପରି ଭୁବନେଶ୍ୱର ପୋଲିସ ୩୨ଜଣଙ୍କୁ ଠାବ କରିବାରେ ସମର୍ଥ ହୋଇଛି । ସେମାନଙ୍କ ମଧ୍ୟରୁ ୬ଜଣଙ୍କୁ ବାଂଲାଦେଶ ପଠାଇବା ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି । ଭୁବନେଶ୍ୱର ପୋଲିସ ଠାବ କରିଥିବା ୩୨ଜଣଙ୍କ ମଧ୍ୟରେ ୧୦ଜଣ ପୁରୁଷ, ୧୭ଜଣ ମହିଳା, ୫ଜଣ ପିଲା ଅଛନ୍ତି । ୫ଜଣ ପିଲାଙ୍କ ମଧ୍ୟରୁ ଦୁଇଜଣ ବାଳକ, ୩ଜଣ ବାଳିକା ବୋଲି ସୂଚନା ମିଳିଛି ।

## ରାଜସ୍ୱ ମନ୍ତ୍ରୀଙ୍କ ପୁରୀ ଜିଲ୍ଲାର ବନ୍ୟା ପରିସ୍ଥିତି ସମୀକ୍ଷା

# କ୍ଷତିଗ୍ରସ୍ତଙ୍କୁ ଯଥାଶୀଘ୍ର କ୍ଷତି ପୂରଣ ପ୍ରଦାନ କରାଯିବ: ରାଜସ୍ୱ ମନ୍ତ୍ରୀ

ପୁରୀ, (ସବ୍ୟୁ) : ଚଳିତ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତଙ୍କୁ ଯଥାଶୀଘ୍ର କ୍ଷତି ପୂରଣ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଶ୍ରୀ ପୂଜାରୀ ବୁଧବାର ପୁରୀ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସର୍କିଟ ହାଉସ ଠାରେ ବନ୍ୟା ସମ୍ପର୍କରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ କ୍ଷତିଗ୍ରସ୍ତଙ୍କ ସହ ସରକାର ଦୃଢ଼ତାର ସହ ଛିଡା ହୋଇଛନ୍ତି ବୋଲି କହିଥିଲେ ।ସରକାର କ୍ଷୟକ୍ଷତିର ତଥ୍ୟ ଆସିବା ପୂର୍ବରୁ ପ୍ରାଥମିକ ଭାବେ କ୍ଷତିଗ୍ରସ୍ତ ଜିଲ୍ଲାକୁ ୧୧୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ପୂର୍ଣ୍ଣାଙ୍ଗ ରିପୋର୍ଟ ପରେ ଆବଶ୍ୟକ ପଡିଲେ ଆହୁରି ଅଧିକ ଅର୍ଥ ଦିଆଯିବ। ବିପର୍ଯ୍ୟୟର ମୁକାବିଲା ଓ ପ୍ରଭାବିତଙ୍କୁ ସହାୟତା ପ୍ରଦାନରେ ଅର୍ଥ ବାଧକ ନୁହେଁ ବୋଲି ଶ୍ରୀ ପୂଜାରୀ କହିଥିଲେ। ମୁଣ୍ଡୁଳି ପାଖରେ ୧୨ ଲକ୍ଷ କ୍ୟୁସେକ ପାଣି ହେଲେ ମଧ୍ୟ ଯେପରି ନଦୀ ଗୁଡିକ କ୍ଷତିଗ୍ରସ୍ତ ହେବ ନାହିଁ ତାହାର ଯୋଜନା ସରକାର ପ୍ରସ୍ତୁତ କରୁଛନ୍ତି। ଅତିରିକ୍ତ ବର୍ଷା ଯୋଗୁ ହୋଇଥିବା



ଚଳିତ ବନ୍ୟା ଦ୍ୱାରା ରାଜ୍ୟର ସମସ୍ତ ନଦୀରେ ବନ୍ୟା ଆସିଛି। ଏହା ଏକ ବିରଳ ଘଟଣା। କ୍ଷୟକ୍ଷତିର ଆକଳନ ପାଇଁ ସମସ୍ତ ବିଭାଗ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଓ ଯୁଗ୍ମ ତଦନ୍ତ ମାଧ୍ୟମରେ ଖୁବ ଶିଘ୍ର ସେହି ରିପୋର୍ଟ ଆଧାରରେ କ୍ଷତିଗ୍ରସ୍ତ ଙ୍କୁ ସହାୟତା ଯୋଗାଇ ଦିଆଯିବ ।ଆମ ରାଜ୍ୟ ଯେ ହେତୁ କୃଷି ଉପରେ ନିର୍ଭରଶୀଳ, କୃଷକ ମାନଙ୍କ କ୍ଷତିକୁ ଭରଣା ପାଇଁ କୃଷି ବିଭାଗର ରିପୋର୍ଟ ଯଥାଶୀଘ୍ର ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ। ସେହିପରି ବନ୍ୟା ପରବର୍ତ୍ତୀ ଚାଷ ପାଇଁ କୃଷି ଓ ଉଦ୍ୟାନ ବିଭାଗ ପ୍ରସ୍ତୁତ ରହିଛନ୍ତି ବୋଲି ମନ୍ତ୍ରୀ କହିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇ ସେମାନଙ୍କ ଅଞ୍ଚଳର ବନ୍ୟା ଓ ବନ୍ୟା ପରବର୍ତ୍ତୀ ସମସ୍ୟା, ତାହାର ପ୍ରତିକାର ପାଇଁ ବିବିଧ ପ୍ରସ୍ତାବ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ ସହ ପୁରୀ ଜିଲ୍ଲାରେ ବନ୍ୟା ବନ୍ୟା ଦ୍ୱାରା ପ୍ରଭାବିତ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଚଳିତ ବନ୍ୟାରେ ପୁରୀ ଜିଲ୍ଲାର ପୁରୀ ସଦର,ନିମାପଡା, ପିପିଲି,ଡେଲାଙ୍ଗ ଓ କଣାସ ବ୍ଲକର ୧୪ ଟି ପଞ୍ଚାୟତ ର ୧୯ ଟି ଗ୍ରାମ ପ୍ରଭାବିତ ହୋଇଛି ।ଏଥିରେ ମୋଟ ୧୭୨୨୧ ଜଣ ବ୍ୟକ୍ତି ପ୍ରଭାବିତ ହୋଇଛନ୍ତି ।ନିମାପଡା ବ୍ଲକର ଶଗଡା ପଞ୍ଚାୟତ,ପିପିଲି ବ୍ଲକର ପୁବା ଶାସନ, କଣ୍ଟି,ପୋପରଙ୍ଗା, ଓ ଭାରତୀପୁର ପଞ୍ଚାୟତ,କଣାସ ବ୍ଲକର ବଡାଶ, ଦୋକନ୍ଦା,ପାଣ୍ଡିଆକେରା ଓ ଗଡ ବଳଭଦ୍ରପୁର ପଞ୍ଚାୟତ ଏବଂ ଡେଲାଙ୍ଗ ବ୍ଲକର ସିଂହ ବରହମପୁର ପଞ୍ଚାୟତ ର ୧୯ ଟି ଗ୍ରାମରେ ୧୭୨୨୧ ବ୍ୟକ୍ତି ପ୍ରଭାବିତ ହୋଇଛନ୍ତି। ପ୍ରଭାବିତ ମାନଙ୍କ ମଧ୍ୟରେ ୪୬.୦୭ କ୍ୟୁଣ୍ଟାଲ ଚୁଡା ଓ ୫.୩୨୫ କ୍ୟୁଣ୍ଟାଲ ଗୁଡ ବଣ୍ଟନ କରାଯାଇଛି ।କୃଷି ବିଭାଗର ପ୍ରାଥମିକ ରିପୋର୍ଟ ଅନୁସାରେ ପ୍ରାୟ ୩୭୭୮.୨୬ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଛି ।ଚିକିତ୍ସା ସୁବିଧା ପାଇଁ ୬ ଗୋଟି ମେଡ଼ିକାଲ ଟିମ ମୁତୟନ କରାଯାଇଥିଲା ବେଳେ ୧୨ ଗୋଟି ଅଗ୍ନିଶମ ସେବା ୟୁନିଟ,୧୧ ଗୋଟି ପ୍ରାଣୀ ଚିକିତ୍ସା ୟୁନିଟ କାର୍ଯ୍ୟ କରୁଥିଲା ।୨୦ ଜଣ ପ୍ରସୂତି ମହିଳାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିବା ବେଳେ ୯ ଜଣ ନବଜାତକ ଜନ୍ମ ଲାଭ କରିଛନ୍ତି ବୋଲି ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ପୂର୍ବରୁ ମନ୍ତ୍ରୀ ଶ୍ରୀ ପୂଜାରୀ ପିପିଲି ଓ କଣାସର ବନ୍ୟା ପ୍ରଭାବିତ ଅଞ୍ଚଳ ସ୍ଥାନୀୟ ବିଧାୟକ ଓ ପ୍ରଶାସନିକ ଅଧିକାରୀଙ୍କ ସହ ପରିଦର୍ଶନ କରିଥିଲେ।

# ନନ୍ଦନକାନନ ଆସିଲା ଉଦ୍ଧାର ବଜ୍ରକାପ୍ତା

ବାରଙ୍ଗ (ସବ୍ୟୁ): କଟକ ସିଟି ଫରେଷ୍ଟ ଡିଭିଜନ ଅଧୀନ ଏକ ଅଞ୍ଚଳରୁ ଏକ ବର୍ଷୀୟା ମାଇ ବଜ୍ରକାପ୍ତା ଉଦ୍ଧାର ହୋଇ ବୁଧବାର ଦିନ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଆସିଛି । ନନ୍ଦନକାନନରେ ପହଞ୍ଚିବା ପରେ ପ୍ରାଣୀ ଚିକିତ୍ସକ ଡା. ଶରତ ସାହୁଙ୍କ ତତ୍ତ୍ୱାବଧାନରେ ଏହାର ସବିଶେଷ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ବଜ୍ରକାପ୍ତାଟି ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡିଛି । ଏହାକୁ ପ୍ରାଣୀ ଉଦ୍ୟାନର ନିବିଡ଼ ପର୍ଯ୍ୟବେକ୍ଷଣ କେନ୍ଦ୍ରରେ କ୍ୱାରେଣ୍ଟାଇନରେ ରଖାଯାଇ ସ୍ୱତନ୍ତ୍ର ଖାଦ୍ୟ ଦିଆଯାଉଛି ।କଟକ ସିଟି ଡିଭିଜନ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବଜ୍ରକାପ୍ତା ଘୁରି ବୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ବହୁ ସମୟର ପ୍ରଚେଷ୍ଟା ପରେ ଅତି ସାବଧାନତାର ସହ ବଜ୍ରକାପ୍ତାଟିକୁ କାବୁ କରି ଉଦ୍ଧାର କରାଯାଇଥିଲା ।

# ଜନପ୍ରତିଧିଙ୍କୁ ମନମୁଖୀ ଭାବେ ପ୍ରଶାସନ ଦେଇପାରିବନି ନୋଟିସ୍ :ହାଇକୋର୍ଟ

## ଆଠଗଡ କଣ୍ଡରେଇ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ନୋଟିସ ରଦ୍ଦ

କଟକ, (ସବ୍ୟୁ) : ଜଣେ ଜନପ୍ରତିଧିଙ୍କୁ ମନମୁଖୀ ଭାବେ ପ୍ରଶାସନ ପକ୍ଷରୁ ନୋଟିସ୍ ଦିଆଯାଇ ପାରିବ ନାହିଁ । ବିଧିସମ୍ମତ ଆଇନ ଅନୁସାରେ ଯାହା ଧାର୍ଯ୍ୟ କରାଯାଇଛି ସେହି ଆଧାରରେ ନୋଟିସ୍ କରିବାକୁ ପଡ଼ିବ ।ଅର୍ଥାତ ଅନାସ୍ଥା ନୋଟିସ୍ ସହ ରିକ୍ୟୁଜେସନ୍ ଏବଂ ରିଜୋଲ୍ୟୁସନ୍ କରିବାକୁ ପ୍ରଶାସନ ବାଧ୍ୟ । ନଚେତ୍ ଉକ୍ତ ନୋଟିସ୍ ଗ୍ରହଣୀୟ ହୋଇପାରିବ ନାହିଁ ବୋଲି ହାଇକୋର୍ଟ ଜଣେ ସରପଞ୍ଚଙ୍କୁ ଅନାସ୍ଥା ପାଇଁ ଦିଆଯାଇଥିବା ନୋଟିସ୍ ପରିପ୍ରେକ୍ଷୀରେ ଏଭଳି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହି ଆଧାରରେ ହାଇକୋର୍ଟ ଜଣିକିଆ ବିଚାରପତିଙ୍କ ଆଦେଶକୁ ରଦ୍ଦ କରିବା ସହ ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ନୋଟିସ୍‌କୁ ମଧ୍ୟ ଖାରଜ କରି ଦେଇଛନ୍ତି । ଆଠଗଡ଼ ବ୍ଲକ୍ କଣ୍ଡରେଇ ସରପଞ୍ଚ ଜ୍ଞାନ ରଞ୍ଜନ ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି ।

ମାମଲାରୁ ଜଣାଯାଇଛି ଯେ, ଗତ ଜାନୁଆରୀ ୮ ତାରିଖରେ ଆଠଗଡ଼ ଉପ ଜିଲ୍ଲାପାଳଙ୍କ ପକ୍ଷରୁ କଣ୍ଡରେଇ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଆଗତ ପାଇଁ ନୋଟିସ୍ କରାଯାଇଥିଲା । ଏହି ନୋଟିସ୍‌କୁ ଚ୍ୟାଲେଞ୍ଜ କରି ସରପଞ୍ଚ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟର ଜଣିକିଆ ବିଚାରପତି ସରପଞ୍ଚଙ୍କ ପକ୍ଷରୁ ଆଗତ ମାମଲାକୁ ଖାରଜ କରି ଦେଇଥିଲେ । ଏହି ଆଦେଶକୁ ଚ୍ୟାଲେଞ୍ଜ କରି ରିଟ୍ ଅପିଲ୍‌ରେ ସରପଞ୍ଚ ହାଇକୋର୍ଟକୁ ଆସିଥିଲେ । ସରପଞ୍ଚଙ୍କ ପକ୍ଷରୁ ଆଇନଜୀବୀ ସୁକାନ୍ତ କୁମାର ଦଳାଇ ଯୁକ୍ତିରେ ଦର୍ଶାଇଥିଲେ ଯେ, ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ଅନୁଯାୟୀ କୌଣସି ଜନପ୍ରତିନିଧି ବା ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କୁ ଯେତେବେଳେ ଅନାସ୍ଥା ପାଇଁ ନୋଟିସ୍ କରଯିବ ଏହି ନୋଟିସ୍ ସହ ରିକ୍ୟୁଜେସନ୍ ଏବଂ ରିଜୋଲ୍ୟୁସନ୍ ମଧ୍ୟ ଦେବାକୁ ପଡ଼ିବ । କିନ୍ତୁ ଏଠି ଆଠଗଡ଼ ଉପ ଜିଲ୍ଲାପାଳ ଏହି ନିୟମକୁ ଅନୁପାଳନ କରିନଥିଲେ। ସେ ନୋଟିସ୍ ସହ ରିକ୍ୟୁଜେସନ୍ ଏବଂ ରଜୋଲ୍ୟୁସନ୍ ଦେଇନଥିଲେ। ପରେ ହ୍ୱାଟସ୍‌ଅପ୍ ଜରିଆରେ ଏହି ନୋଟିସ୍ ସରପଞ୍ଚଙ୍କୁ ପଠାଯାଇଥିଲା ବୋଲି ପ୍ରଶାସନ ପକ୍ଷରୁ ସଫେଇ ଦିଆଯାଇଥିଲା ।

ହାଇକୋର୍ଟ ଏହି ମାମଲାର ରାୟ ପ୍ରକାଶ କରି କହିଛନ୍ତି ଯେ, ଏହି ମାମଲାରେ ଆବେଦନକାରୀଙ୍କୁ ନିୟମ ଆଧାରରେ ରିକ୍ୟୁଜେସନ୍ ଏବଂ ରିଜୋଲ୍ୟୁସନ୍ ଫର୍ମ ଦିଆଯାଇ ନାହିଁ । କିନ୍ତୁ ଏଥିରେ ପ୍ରଶାସନ ପକ୍ଷରୁ ତାଙ୍କୁ ଏହି ନୋଟିସ୍ ହ୍ୱାଟସ୍‌ଅପ୍ ଜରିଆରେ ପଠାଯାଇଛି ବୋଲି ଦର୍ଶାଇଛନ୍ତି । ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନର ନିୟମ ହେଲା ବିଧିବଦ୍ଧ ଭାବେ କୌଣସି ଜନପ୍ରତିନିଧିଙ୍କୁ ଅନାସ୍ଥା ନୋଟିସ୍ ଦିଆଯିବା ବେଳେ ରିକ୍ୟୁଜେସନ୍ ଏବଂ ରିଜୋଲ୍ୟୁସନ୍ ଦିଆଯିବାକୁ ବାଧ୍ୟ । କିନ୍ତୁ ଏଠି ଆଠଗଡ଼ ଉପ ଜିଲ୍ଲାପାଳ ଏହି ନିୟମକୁ ଠିକ୍‌ଭାବେ ଅନୁପାଳନ କରିନାହାନ୍ତି । ହାଇକୋର୍ଟ ଏହି ପରିପ୍ରେକ୍ଷୀରେ ଗତ ଜାନୁଆରୀ ୮ ତାରିଖରେ ଦିଆଯାଇଥିବା ଅନାସ୍ଥା ନୋଟିସ୍‌କୁ ରଦ୍ଦ କରି ଦେଇଛନ୍ତି । ତେବେ ପ୍ରଶାସନ ଚାହିଁଲେ ସାନି ଅନାସ୍ଥା ନିୟମ ଆଧାରରେ ଆଣିବାରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି ।

## ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଲକ୍ଷ୍ୟ ହାସଲରେ

# ଜନଜାତି ଯୁବବର୍ଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତୁ : ମୁଖ୍ୟ ସଚିବ

ଭୁବନେଶ୍ୱର, (ସବ୍ୟୁ) : ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଲକ୍ଷ୍ୟ ହାସଲରେ ଜନଜାତି ଯୁବବର୍ଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତୁ ବୋଲି ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆହ୍ୱାନ ଦେଇଛନ୍ତି । ଭିଜନ ଓଡ଼ିଶା ଲକ୍ଷ୍ୟ ସାଧନ ପାଇଁ ଜନଜାତି ସମ୍ପ୍ରଦାୟକୁ ଉନ୍ନୟନର ମୁଖ୍ୟ ସ୍ରୋତ ସହ ଅଧିକ ସଂଯୋଜିତ କରି ସେମାନଙ୍କ ପାଇଁ ଶିକ୍ଷା, ଦକ୍ଷତା, ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ଜୀବିକା ଏବଂ ରୋଜଗାର ସୃଷ୍ଟି ଉପରେ ତୃଣମୂଳ ସ୍ତରରେ ଫଳପ୍ରଦ କାର୍ଯ୍ୟ କରିବାକୁ ସେ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଲୋକସେବା ଭବନସ୍ଥିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ସେ ଏହା ପ୍ରକାଶ କରିଛନ୍ତି । ବୈଠକରେ ବିଭାଗର କମିଶନର-ତଥା-ଶାସନ ସଚିବ ବି. ପରମେଶ୍ୱରନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାରୁ ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ପ୍ରକଳ୍ପ ପ୍ରଶାସକ, ଜିଲ୍ଲା କଲ୍ୟାଣ ଅଧିକାରୀ ଏବଂ ମାଇକ୍ରୋ



ଏସ୍‌ଟି, ଏସ୍‌ସି ଓ ଏମ୍‌ବିସି କଲ୍ୟାଣ ବିଭାଗର ସମୀକ୍ଷା ବୈଠକ

ପ୍ରକଳ୍ପଗୁଡ଼ିକର ସ୍ୱତନ୍ତ୍ର ଅଧିକାରୀମାନେ ଯୋଗଦେଇଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ଓଡ଼ିଶା ସରକାର ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ର ଲକ୍ଷ୍ୟ ପୂରଣ ପାଇଁ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି । ୨୦୩୬ ସୁଦ୍ଧା ଓଡ଼ିଶା ଅର୍ଥନୀତିର ଆକାର ୫୦ ହଜାର କୋଟି ଆମେରିକୀୟ ଡଲାରର ଅର୍ଥନୀତିରେ ପରିଣତ କରିବାର ଲକ୍ଷ୍ୟ ରହିଥିବା ସ୍ଥଳେ ୨୦୪୭ ସୁଦ୍ଧା ୧.୫ ଲକ୍ଷ କୋଟି ଆମେରିକୀୟ ଡଲାର ହେବା ପାଇଁ ଲକ୍ଷ୍ୟ ରହିଛି । ଏହା ବର୍ତ୍ତମାନର ଅର୍ଥନୀତିର ଆକାରଠାରୁ ପ୍ରାୟ ୧୫ ଗୁଣ ଅଧିକ । ଏହି ଲକ୍ଷ୍ୟ ହାସଲ ହେଲେ ରାଜ୍ୟରେ ଏକ କୋଟିରୁ ଅଧିକ ନୂତନ ରୋଜଗାର ସୁଯୋଗ ସୃଷ୍ଟି ହେବ । ରାଜ୍ୟ ମୋଟ ଘରୋଇ ଉତ୍ପାଦ ବୃଦ୍ଧି ପାଇଁ ସବୁ ବର୍ଗର ଜନସାଧାରଣଙ୍କ ଯୋଗଦାନ ରହିବା ଆବଶ୍ୟକ । ଏଥିପାଇଁ କୃଷି, ଶିଳ୍ପ, ଔଦ୍ୟୋଗିକ ବିକାଶ,ନୂତନ ପୁଞ୍ଜି ନିବେଶ, ଭିତ୍ତିଭୂମି ବିକାଶ, ମୂଲ୍ୟଯୁକ୍ତ ଉତ୍ପାଦ, ରୋଜଗାର ବୃଦ୍ଧି ଏବଂ ସେବା କ୍ଷେତ୍ରରେ ଜନଶକ୍ତିଙ୍କ ଦକ୍ଷତା ବୃଦ୍ଧି ଅତ୍ୟନ୍ତ ଜରୁରୀ । ଏସଟିଏସସି କଲ୍ୟାଣ ବିଭାଗର ଅଧିକାରୀମାନଙ୍କୁ ଓଡ଼ିଶା ଭିଜନ୍ ଅଭିମୁଖ୍ୟ ସଂପର୍କରେ ବୁଝାଇବା ସହ ଆଲୋଚନା କରି ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ରାଜ୍ୟର ପ୍ରାୟ ୩୭ ପ୍ରତିଶତ ଭୂଭାଗ ଜଙ୍ଗଲ ଆଚ୍ଛାଦିତ ଏବଂ ବହୁ ସଂଖ୍ୟକ ଜନଜାତି ଲୋକ ଜଙ୍ଗଲ ଅଞ୍ଚଳରେ ବାସ କରୁଛନ୍ତି । ଜନଜାତି ସମ୍ପ୍ରଦାୟର ସର୍ବାଙ୍ଗୀନ ବିକାଶ ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ମଧ୍ୟରୁ ଅନ୍ୟତମ । ଏହି ଲକ୍ଷ୍ୟରେ ସରକାର ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ନିଃଶୁଳ୍କ ଶିକ୍ଷା, ଛାତ୍ରାବାସ, ଛାତ୍ରବୃତ୍ତି, ଆଶ୍ରମ ବିଦ୍ୟାଳୟ ଓ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ, ମାଗଣା ପାଠ୍ୟପୁସ୍ତକ, ୟୁନିଫର୍ମ, ଶିକ୍ଷା ସାମଗ୍ରୀ, ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ କୋଚିଂ, ଉଚ୍ଚଶିକ୍ଷା ସୁବିଧା, ସଂରକ୍ଷଣ, ଛାତ୍ରବୃତ୍ତିକୁ ଡିବିଟି ଜରିଆରେ ପ୍ରଦାନ ଏବଂ ପିଏମ୍-ଜନମନ ଭଳି ବିଭିନ୍ନ ଯୋଜନା ସଫଳତାର ସହ କାର୍ଯ୍ୟକାରୀ କରାଯାଉଛି । ଜନଜାତି ଯୁବବର୍ଗ ଯେପରି ଦକ୍ଷତା ବିକାଶ ରାଜ୍ୟ ତଥା ଦେଶର ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବେ, ସେଥିପାଇଁ ସେମାନଙ୍କୁ ତୃଣମୂଳସ୍ତରରୁ ଛାତ୍ରାବସ୍ଥାରୁ ଉପଯୁକ୍ତ ପରିବେଶ, ଗୁଣାତ୍ମକ ଶିକ୍ଷା ଏବଂ ବୃତ୍ତିଗତ ତାଲିମ ଉପରେ ମୁଖ୍ୟ ସଚିବ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ ଯେ, ଯେଉଁ ଜନଜାତି ଯୁବକ ଓ ଯୁବତୀମାନେ ଦେଶ ବା ବିଦେଶରେ ଉଚ୍ଚଶିକ୍ଷା ଓ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି, ସେମାନଙ୍କୁ ରୋଲ୍ ମଡେଲ ତଥା ଆଦର୍ଶ ଭାବେ ବିଭିନ୍ନ ଆଶ୍ରମ ବିଦ୍ୟାଳୟ ଓ ବିଭାଗ ଅଧିନସ୍ଥ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ସଂଯୋଗ କରି ବିଦ୍ୟାଳୟ ପରିଦର୍ଶନ କିମ୍ବା ଅନଲାଇନ୍ ମାଧ୍ୟମରେ ସେମାନେ ନିଜ ନିଜର ଅନୁଭୂତି ବାଣ୍ଟି ନୂତନ ପିଢ଼ିକୁ ଉଚ୍ଚଶିକ୍ଷା ଓ ଉଚ୍ଚ ମାନର ବୃତ୍ତି ଚୟନ ପାଇଁ ପ୍ରେରଣା ଦିଅନ୍ତୁ ବୋଲି ମୁଖ୍ୟ ଶାସନ ସଚିବ ଆହ୍ୱାନ ଦେଇଛନ୍ତି ।

# ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ବଡଚଣା ବନ୍ୟାଞ୍ଚଳ ପରିଦର୍ଶନ

## ଗୋପାଳପୁରରେ ଘେରିଲେ ବନ୍ୟା ବିପନ୍ନ

ଚଣ୍ଡିଖୋଲ, (ସବ୍ୟୁ): ଯାଜପୁର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳକୁ ଗସ୍ତ କରିଥିବା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମଙ୍ଗଳବାର ଅପରାହ୍ନରେ ବଡଚଣା ବନ୍ୟାଞ୍ଚଳ ଗସ୍ତକରି ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ଚଳିତ ଲଗାଣ ବର୍ଷା ଓ ପରବର୍ତ୍ତୀ ବନ୍ୟାରେ ବଡଚଣା ବ୍ଲକରେ ବ୍ୟାପକ ଫସଲ ନଷ୍ଟ ହୋଇଥିବା ଜାଣି ସେ ବ୍ୟଥିତ ହେବା ସହ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ସରକାରୀ ସହାୟତା ମିଳିବ ବୋଲି ସେ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ। ରାଜସ୍ୱ ବିଭାଗ ଓ କୃଷି ବିଭାଗ ପକ୍ଷରୁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ଯେଉଁ ମାନଙ୍କର କ୍ଷତି ହୋଇଛି ତାହା ଆକଳନ କରାଯିବା ପରେ ସମସ୍ତଙ୍କୁ ସାହାଯ୍ୟ ମିଳିବ



ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ପ୍ରଥମେ ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତ ନାନପୁର ଦଳେଇ ସାହି ଠାରେ ପହଞ୍ଚି ବନ୍ୟା ବିପନ୍ନଙ୍କ ସହ ଆଲୋଚନା କରିଥିଲେ। ବିପନ୍ନ ମାନେ ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ର ନଥିବା ସହ ପାନୀୟ ଜଳର ଅସୁବିଧା ସମ୍ପର୍କରେ ଅଭିଯୋଗ ରଖିଥିଲେ। ଏହାପରେ ସେ ପତରାଜ ପୁର, ଅମ୍ବସୌରୀ, ଚାରିନଙ୍ଗଳ କଳାଶ୍ରୀ ଦେଇ ବନମାଳି ପୁର ଯିବା ସମୟରେ ସ୍ଥାନୀୟ ଲୋକମାନେ ଉପ ମୁଖ୍ୟମନ୍ତ୍ରୀ ଓ ବଡଚଣା ବିଧାୟକ ଅମରକୁମାର ନାୟକଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଉପ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଯାଜପୁର ଜିଲାପାଳ ଅମ୍ବର କୁମାର କର,ଦର୍ପଣ ତହସିଲଦାର ମାନସରଞ୍ଜନ ତ୍ରିପାଠୀ, ବିଡିଓ ରବୀନ୍ଦ୍ରକୁମାର ପ୍ରଧାନ, ଜିଲା ପରିଷଦ ଉପ ସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯୁବ ନେତା ଅମୀୟ କୁମାର ସାହାଣୀ, ହରି ଶଙ୍କର ପଣ୍ଡା, ମାନଗୋବିନ୍ଦ ରାଉତ,ଅଶୋକ କୁମାର ସିଂହ, ଅମୀୟକୁମାର ବିଶ୍ୱାଳ ପ୍ରମୁଖ ବହୁ ନେତୃବୃନ୍ଦ ସାମିଲ ହୋଇଥିଲେ। ତେବେ ଉପ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ବଡଚଣା ବ୍ଲକର ଗୋପାଳପୁର ପଞ୍ଚାୟତର କଳାଶ୍ରୀରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେଠାରେ ଶହଶହ ବିପନ୍ନ ଶ୍ରୀମତୀ ପରିଡାଙ୍କୁ ଘେରିଯାଇ "ଆମକୁ ପାଲ ଦିଅ" କହି ଭିଷଣ ପ୍ରତିବାଦ କରିଥିଲେ। ବିପନ୍ନଙ୍କ ସମସ୍ୟା ବୁଝ ଓ ବନ୍ୟା ପରିଚାଳନାରେ ହୋଇଥିବା ଅବ୍ୟବସ୍ଥାର ତଦନ୍ତ କର ବୋଲି ସମବେତ ଲୋକେ ସ୍ଲୋଗାନ ଦେଇ ପ୍ରତିବାଦ କରିଥିଲେ। ବିପନ୍ନ ମାନଙ୍କ ପ୍ରତିକ୍ରିୟା ଦେଖି ଉପମୁଖ୍ୟମନ୍ତ୍ରୀ ସେମାନଙ୍କୁ ସହାୟତା ମିଳିବ ବୋଲି ପ୍ରତିଶ୍ରୁତି ଦେଇ ଚାଲି ଆସିଥିଲେ ।

# ବିଧାନସଭା ପରିସରରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, (ସବ୍ୟୁ) : ପ୍ରଚଣ୍ଡ ପ୍ରତିଭାଦୀପ୍ତ ଜ୍ଞାନପିପାସୁ ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କ ଛାତ୍ରଜୀବନରୁ ଜାତୀୟତାବାଦରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ । ସେ ତତ୍‌କାଳୀନ ସମାଜରେ ପ୍ରଚଳିତ ଏକାଧିକ କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ ଜାରି ରଖିଥିଲେ । ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନରେ ନୀଳକଣ୍ଠ ସକ୍ରିୟ ଯୋଗଦାନ କରିଥିଲେ । ଓଡ଼ିଶା ବିଧାନସଭାର ବାଚସ୍ପତି ପଦ ମଣ୍ଡନ କରିବା ସହିତ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ପଦ ମଧ୍ୟ ଅଳଙ୍କୃତ କରିଥିଲେ । ସେ ଥିଲେ ଏକାଧାରରେ ସଂଗ୍ରାମୀ, ସଂସ୍କାରକ, ଅଧ୍ୟାପକ, ଶିକ୍ଷାବିତ୍, ରାଜନେତା, ବାଗ୍ମୀ ଓ ସୁଲେଖକ । ଓଡ଼ିଶା ଇତିହାସରେ ତାଙ୍କର କୃତି ଓ କୀର୍ତ୍ତି ଚିର ଉଜ୍ଜ୍ୱଳ ରହିବ । ପଣ୍ଡିତ ନୀଳକଣ୍ଠ ଦାସଙ୍କର ୧୪୨ତମ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ଆୟୋଜିତ ସଂକ୍ଷିପ୍ତ ଉତ୍ସବରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ ସ୍ମୃତି ସମିତି ଓ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା । ଲୋକସମ୍ପର୍କ ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



# ବ୍ରହ୍ମପୁର ରେଳ ଷ୍ଟେସନରେ ରାଷ୍ଟ୍ରପତିଙ୍କୁ ଭବ୍ୟ ବିଦାୟ ସମ୍ବର୍ଦ୍ଧନା

ବ୍ରହ୍ମପୁର, (ସବ୍ୟୁ) : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତର ଅଂଶବିଶେଷ ଭାବେ ଗଞ୍ଜାମ ଜିଲ୍ଲାର ଦୁଇଦିନିଆ ଐତିହାସିକ ଗସ୍ତ ସଫଳତାର ସହ ସମାପ୍ତ ହୋଇଛି । ଗଞ୍ଜାମ ଜିଲ୍ଲାରେ ରାଷ୍ଟ୍ରପତିଙ୍କ ଉପସ୍ଥିତିକୁ ନେଇ ସମଗ୍ର ଜିଲ୍ଲାରେ ଉତ୍ସାହ ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଥିଲା । ଭାରତର ପ୍ରଥମ ନାଗରିକଙ୍କୁ ନିକଟରୁ ପାଇ ଜିଲ୍ଲାବାସୀ ଅତ୍ୟନ୍ତ ଖୁସି ଉଲ୍ଲସିତ ହୋଇଥିଲେ । ରାଷ୍ଟ୍ରପତି ୪ ଅଗଷ୍ଟ ଅପରାହ୍ନରେ ମା' କନ୍ଧୁଣୀ ଦେବୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରି ଗୋଳାବନ୍ଧ ସ୍ଥିତ ଆର୍ମି ଡିଫେନ୍ସ ଏଡି କଲେଜ ଠାରେ ରାତ୍ରୀ ଯାପନ କରିଥିଲେ ।



ଏହାପରେ ଆଜି ପ୍ରତ୍ୟୁଷ ପ୍ରାୟ ପାଞ୍ଚଟାରେ ଗୋଳାବନ୍ଧ ସ୍ଥିତ ବାବା ଶ୍ରୀଶ୍ରୀ ଧବଳେଶ୍ୱର ମନ୍ଦିରକୁ ଯାଇ ପ୍ରଦକ୍ଷଣ କରି ମନ୍ଦିର ପରିସରକୁ ଯାଇ ପ୍ରଦୀପ ପ୍ରଜ୍ୱଳନ କରି ମହାଦେବ ଠାକୁରଙ୍କୁ ସ୍ନାନ କରି ଗାୟତ୍ରୀ, ମହା ମୃତ୍ୟୁଞ୍ଜୟ ଓ ଆଳତି ଭଳି ବିଭିନ୍ନ ପ୍ରକାର ମନ୍ତ୍ର ଉଚ୍ଚାରଣ କରି ଠାକୁରଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରି ଏକ ଧ୍ୟାନରେ ବସିଥିଲେ। ମନ୍ଦିର ଦର୍ଶନ ସମାପ୍ତ କରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ ନିମନ୍ତେ ସକାଳ ପ୍ରାୟ ୧୦.୦୫ ମିନିଟରେ ବ୍ରହ୍ମପୁର ରେଳଷ୍ଟେସନ ଠାରେ ପହଞ୍ଚିଥିଲେ । ରାଷ୍ଟ୍ରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ନିମନ୍ତେ ପ୍ରୋଟୋକଲ ଅନୁଯାୟୀ ବ୍ରହ୍ମପୁର ରେଳଷ୍ଟେସନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣିମନ୍ତ୍ରୀ ବିଭୁତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ବିଧାୟକ କେ ଅନିଲ କୁମାରଙ୍କ ସମେତ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ ଶ୍ରବଣ ବିବେକ ଏମ, ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ହରିଶ ବିଶି, ବରିଷ୍ଠ ପ୍ରଶାସନିକ, ପୁଲିସ ଓ ରେଲୱେର ଅଧିକାରୀମାନେ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ ।

ରାଷ୍ଟ୍ରପତିଙ୍କ ରେଳ ଯାତ୍ରା ପୂର୍ବରୁ ଆବଶ୍ୟକ ପ୍ରୋଟୋକଲ, ପରିଚାଳନା ଓ ସୁରକ୍ଷା ବ୍ୟବସ୍ଥା ସୁଚାରୁ ଭାବେ ସମ୍ପନ୍ନ କରାଯାଇଥିଲା। ପରେ ରାଷ୍ଟ୍ରପତି ରେଳ ଯୋଗେ ଭୁବନେଶ୍ୱର ଅଭିମୁଖେ ସୁରକ୍ଷିତ ଭାବେ ପ୍ରତ୍ୟାବର୍ତ୍ତନ କରିଥିଲେ। ରାଷ୍ଟ୍ରପତିଙ୍କ ଏହି ଗସ୍ତ ଗଞ୍ଜାମ ଜିଲ୍ଲାର କଳା, ସଂସ୍କୃତି, ଲୋକପରମ୍ପରା, ପର୍ଯ୍ୟଟନ ଓ ଧାର୍ମିକ ପୀଠଗୁଡ଼ିକୁ ଜାତୀୟ ସ୍ତରରେ ନୂଆ ପରିଚୟ ପ୍ରଦାନ କରିଛି ।

ବିଶେଷକରି ଗଞ୍ଜାମର ଆଦିବାସୀ ସଂସ୍କୃତି ଓ ଲୋକକଳା ପ୍ରତି ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷିତ ହୋଇଛି । ଏହି ଗସ୍ତ ଜିଲ୍ଲାର ପର୍ଯ୍ୟଟନ ଓ ଅର୍ଥନୈତିକ ବିକାଶକୁ ମଧ୍ୟ ନୂତନ ଗତି ପ୍ରଦାନ କରିବ ବୋଲି ଜିଲ୍ଲାପାଳ ଶ୍ରୀ ଭାସନ ଆଶା ବ୍ୟକ୍ତ କରିଛନ୍ତି । ଏହା ସହିତ ସମସ୍ତ ସହଯୋଗ ପାଇଁ ଜିଲ୍ଲାବାସୀଙ୍କୁ ଜିଲ୍ଲାପାଳ ସାଧୁବାଦ ଜଣାଇଛନ୍ତି ।

## ମେଡିକାଲ ପିଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା

# ଏମକେସିଜିରେ ତିନି ଜଣିଆ ଟିମର ତଦନ୍ତ

ବ୍ରହ୍ମପୁର, (ସବ୍ୟୁ): ଆଜି ସ୍ୱାସ୍ଥ୍ୟ ବିଭାଗର ତିନିଜଣିଆ ଟିମ ସକାଳେ ଆସି ଏମକେସିଜିରେ ପହଞ୍ଚିଛନ୍ତି । କମିଟିର ଅଧ୍ୟକ୍ଷ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ଦାଶ ଥିବା ବେଳେ ବିଭାଗର ସ୍ୱତନ୍ତ୍ର ସଚିବ ଡ଼ା. ବିଜୟ କୁମାର ମିଶ୍ର ଓ ଯୁଗ୍ମ ଡ଼ିଏମଇଟି ଡ଼ା. ଅନିଲ କୁମାର ସାହୁ ସଦସ୍ୟ ରହିଛନ୍ତି । ସ୍ୱତନ୍ତ୍ର ସଚିବଙ୍କ ଅଧ୍ୟକ୍ଷତାରେ ଦୁଇ ଜଣିଆ ସଦସ୍ୟ ପ୍ରଶ୍ନପତ୍ର ଲିକ (ଅନିୟମିତତା)କୁ ନେଇ ଆସିଥିବା ଅଭିଯୋଗର ବିଭିନ୍ନ ଦିଗରୁ ତନାଘନା ଆରମ୍ଭ କରିଛନ୍ତି । ଘଟଣା ଦିନର ସିସିଟିଭି, ପରୀକ୍ଷା କେନ୍ଦ୍ରରେ ମୋବାଇଲ୍ ବ୍ୟବହାର, ଇନଭିଜିଲେଟର ଭୂମିକା ନେଇ ସବିଶେଷ ତଥ୍ୟ ସ୍ୱତନ୍ତ୍ର ଟିମକୁ ଏମକେସିଜି ପକ୍ଷରୁ ପ୍ରଦାନ କରାଯାଇଛି ।



ଏହିକ୍ରମରେ ଟିମ ସେମାନଙ୍କ ତଦନ୍ତ ପ୍ରକ୍ରିୟାକୁ ଆରମ୍ଭ କରିଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଆଜି ସିସିଟିଭି ଫୁଟେଜ ଯାଞ୍ଚ ହୋଇଛି । ସେହିପରି ଟିମର ସଦସ୍ୟଙ୍କ କହିବାନୁସାରେ ବର୍ତ୍ତମାନ ତଦନ୍ତ ପ୍ରକ୍ରିୟା ଚାଲିଛି । ପ୍ରିଲିମିନାରି ଆଲୋଚନା ସହ ପରୀକ୍ଷା ପରିଚାଳନାକୁ ନେଇ ସମସ୍ତ ଦିଗକୁ ତର୍ଜମା କରିଛୁ । ଆଗାମୀ ଦିନରେ ଏହି ଘଟଣାରେ ସଂପୃକ୍ତ ଥିବା ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି କର୍ମଚାରୀ ଓ ଅଧ୍ୟାପକ ସମସ୍ତଙ୍କୁ ଡକାଯାଇ ତନାଘନା କରାଯିବ ବୋଲି ସଦସ୍ୟ ମତବ୍ୟକ୍ତ କରିଛନ୍ତି ।

## ଦୁର୍ଘଣାଗ୍ରସ୍ତ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପଠାଇଲେ ମନ୍ତ୍ରୀ



ବ୍ରହ୍ମପୁର, (ସବ୍ୟୁ) : ରାଜ୍ୟ ବାଣିଜ୍ୟ, ପରିବହନ,ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବ୍ରହ୍ମପୁର ରେଳ ଷ୍ଟେସନ ଠାରେ ବିଦାୟ ସମ୍ବର୍ଦ୍ଧନା ଜଣାଇ ଗୋଳନ୍ଥରା ସ୍ଥିତ 'ବନ୍ଦେ ମାତରମ' କାର୍ଯ୍ୟାଳୟକୁ ଫେରୁଥିବା ବେଳେ, କନିସି ପେଟ୍ରୋଲ ପମ୍ପ ନିକଟରେ ଏକ ଅଟୋ ଦୁର୍ଘଟଣା ଘଟିଥିଲା । ଏଥିରେ ଦୁଇ ଜଣ ମହିଳା ଆହତ ହୋଇଥିଲେ । ମନ୍ତ୍ରୀ ଶ୍ରୀ ଜେନା କାଳବିଳମ୍ବ ନକରି ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ମାନଙ୍କୁ ଉଦ୍ଧାର କରି ନିଜର ପୋଲିସ ଏସ୍କର୍ଟ ଗାଡ଼ିରେ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ପଠାଇଥିଲେ । ଜରୁରୀକାଳୀନ ଚିକିତ୍ସାରେ, ଆହତମାନେ ଯେପରି ଉତ୍ତମ ଚିକିତ୍ସା ସେବା ପାଇପାରିବେ ସିଧାସଳଖ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ସହ କଥାହୋଇ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇଛନ୍ତି । ଆହତ ମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଏହି ତ୍ୱରିତ ପଦକ୍ଷେପ ଓ ମାନବୀୟ ମନୋଭାବକୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି ।

## ଉଦଳା ମେଡିକାଲର ପ୍ରସୂତି ୱାର୍ଡରେ ଅଘଟଣ

# ନବଜାତକକୁ କୋଳରେ ଧରିଥିବା ପ୍ରସୂତିଙ୍କ ଉପରେ ଖସିଲା ଫଲ୍ସ ସିଲିଂ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ଉଦଳା ଉପଖଣ୍ଡ ଚିକିତ୍ସାଳୟର ପ୍ରସୂତି ବିଭାଗରେ ବୁଧବାର ଏକ ଅଘଟଣ ଘଟିଛି । ୱାର୍ଡର ଫଲ୍ସ ସିଲିଂର ଏକ ଅଂଶ ହଠାତ୍ ଖସିପଡ଼ିବାରୁ ଜଣେ ପ୍ରସୂତି ଆହତ ହୋଇଥିବା ବେଳେ ତାଙ୍କ କୋଳରେ ଥିବା ନବଜାତ ଶିଶୁ ଅଳ୍ପକେ ରକ୍ଷା ପାଇଯାଇଛି । ଏହି ଘଟଣା ପରେ ଡାକ୍ତରଖାନାର ଭିତ୍ତିଭୂମି ଓ ରୋଗୀ ସୁରକ୍ଷାକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି ।

ସୂଚନା ଅନୁଯାୟୀ, ପ୍ରସୂତି ସଞ୍ଜୁଲତା ପାତ୍ର ନିଜ ନବଜାତ ଶିଶୁକୁ କୋଳରେ ଧରି ୱାର୍ଡରେ ବେଡ୍ ଉପରେ ବସିଥିବା ସମୟରେ ହଠାତ୍ ଛାତର ଫଲ୍ସ ସିଲିଂର ଏକ ଅଂଶ ଖସି ତାଙ୍କ ପିଠି ଉପରେ ପଡ଼ିଥିଲା । ଏଥିରେ ସେ ଆହତ ହୋଇଥିବା ବେଳେ ନବଜାତ ଶିଶୁଟି ସୌଭାଗ୍ୟବଶତଃ କୌଣସି ଆଘାତ ପାଇନଥିଲା । ଏହି ଅଘଟଣ ସମୟରେ ୱାର୍ଡ ଭିତରକୁ ପ୍ରବେଶ କରୁଥିବା ଅନ୍ୟଜଣେ ମହିଳାଙ୍କ ସ୍ୱାମୀ ମଧ୍ୟ ସିଲିଂର ଖଣ୍ଡ ମାଡ଼ରେ ଆହତ ହୋଇଥିବା ଜଣାପଡ଼ିଛି । ଉଭୟ ଆହତଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି ।

ପ୍ରାଥମିକ ସୂଚନା ଅନୁସାରେ, ଦୀର୍ଘଦିନ ଧରି ଛାତରୁ ପାଣି ଗଳୁଥିବାରୁ ଫଲ୍ସ ସିଲିଂ ଦୁର୍ବଳ ହୋଇପଡ଼ିଥିଲା । ଲଗାତାର ବର୍ଷା ଯୋଗୁଁ ଏହା ଭୁଶୁଡ଼ି ପଡ଼ିଥିବା ସନ୍ଦେହ କରାଯାଉଛି । ସିଲିଂ ଖସିବା ସହ ୱାର୍ଡ ଭିତରକୁ ବର୍ଷା ପାଣି ମଧ୍ୟ ପଶିଆସିଥିଲା। ଘଟଣା ପରେ ହସ୍ପିଟାଲର ରକ୍ଷଣାବେକ୍ଷଣକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଡାକ୍ତରଖାନାର କୋଠାଗୁଡ଼ିକର ସ୍ଥିତି ଏବଂ ବିଶେଷକରି ପ୍ରସୂତି ବିଭାଗରେ ଭର୍ତ୍ତି ଥିବା ମା' ଓ ନବଜାତ ଶିଶୁଙ୍କ ସୁରକ୍ଷାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠିଛି । ସମ୍ପୃକ୍ତ କର୍ତ୍ତୃପକ୍ଷ ତୁରନ୍ତ ଘଟଣାର ତଦନ୍ତ କରି ଦୁର୍ବଳ ଭିତ୍ତିଭୂମିର ମରାମତି ଏବଂ ରୋଗୀ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି ।

## ବୁଗୁଡ଼ା କେନାଲ ସାହି ରାସ୍ତା ଶୋଚନୀୟ : ପ୍ରତିକାର ଦାବି

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ଓ୍ୱାର୍ଡ ନଂ-୨ ଅନ୍ତର୍ଗତ କେନାଲ ସାହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ଦୀର୍ଘବର୍ଷ ହେଲା ସେହି ରାସ୍ତାଟି ମରାମତି ଅଭାବରୁ ଖାଲଢିପ ହୋଇ ରହିଛି । ସେହି ରାସ୍ତା ଦେଇ ବାଇକ୍, ଅଟୋ ଆଦି ଯାନବାହାନ ଚଳାଚଳରେ ଅସୁବିଧା ସୃଷ୍ଟି ହେଉଛି । ବର୍ଷା ହେଲେ ଖାଲଖମାରେ ଅନେକ ଦିନ ପର୍ଯ୍ୟନ୍ତ ପାଣି ଜମିରହୁଥିବାରୁ ଦୁର୍ଗନ୍ଧ ସହ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏନେଇ ସାହିବାସିନ୍ଦା ବାରମ୍ବାର ଅଭିଯୋଗ କଲେ ମଧ ନା ଜନପ୍ରତିନିଧି ନା ପ୍ରଶାସନିକ ଅଧିକାରୀ କେହି ହେଲେ କର୍ଣ୍ଣପାତ କରୁନାହାନ୍ତି । ଅନ୍ୟପକ୍ଷରେ ବୁଗୁଡ଼ା ଏନଏସିର ଅନେକ ସ୍ଥାନରେ ଭଲଥିବା କଂକ୍ରିଟ ରାସ୍ତା ଉପରେ ଅନାବଶ୍ୟକ ଭାବରେ ପେଭର ବିଛାଯାଉଥିବା ଦେଖିବାକୁ ମିଳୁଛି । ତେବେ କେଉଁ କାରଣରୁ ଏନ୍ଏସି ପ୍ରଶାସନ କେନାଲ ସାହି ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଣୁ, ଏନ୍ଏସି କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର କରିବା ପାଇଁ ସାଧାରଣରେ ଦୃଢ଼ ଦାବି ହେଉଛି ।

## ବିଜୁ ଛାତ୍ର ଜନତା ଦଳ ମୟୂରଭଞ୍ଜ ଜିଲ୍ଲା ଉପସଭାପତି ସୁଶୀଲଙ୍କ ପରଲୋକ

ବାରିପଦା, (ସବ୍ୟୁ) : ବିଜୁ ଛାତ୍ର ଜନତା ଦଳ, ମୟୂରଭଞ୍ଜ ଜିଲ୍ଲା ଉପସଭାପତି ତଥା ସକ୍ରିୟ ଛାତ୍ର ନେତା ସୁଶୀଲ ସେଠୀ (ସିପୁ)ଙ୍କ ୩୫ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି । ଆଜି ସକାଳେ ହଠାତ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବା ସମୟରେ ତାଙ୍କର ପ୍ରାଣବାୟୁ ଚାଲିଯାଇଥିଲା। ସୁଶୀଲ ସେଠୀ ମୟୂରଭଞ୍ଜ ଜିଲ୍ଲାର ଛାତ୍ର ରାଜନୀତିରେ ଜଣେ ସକ୍ରିୟ ଚେହେରା ଭାବେ ପରିଚିତ ଥିଲେ । ସେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଆନ୍ଦୋଳନ ସହ ଜଡ଼ିତ ରହିବା ସହ କଲେଜ ଛାତ୍ର ସଂସଦ ନିର୍ବାଚନରେ ମଧ୍ୟ ସକ୍ରିୟ ଭୂମିକା ନେଇଥିଲେ । ତାଙ୍କ ଆକସ୍ମିକ ମୃତ୍ୟୁ ଖବର ପ୍ରଚାର ହେବା ପରେ ରାଜନୈତିକ



ମହଲରେ ଶୋକର ଛାୟା ଖେଳିଯାଇଛି । ରାଜ୍ୟ ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ସାନନ୍ଦ ମାର୍ଣ୍ଡୀ, ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ରାଜ୍ୟ ଛାତ୍ର ବିଜେଡି ସଭାପତି ଇଂତା ସାହୁ ଓ ମୁଖପାତ୍ର ଲେଲିନ୍ ମହାନ୍ତି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ସାମାଜିକ ଗଣମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି ଦଳୀୟ ପତାକା ତାଙ୍କ ମରଶରୀର ଉପରେ ଢାଙ୍କି ଶେଷ ସମ୍ମାନ ଜଣାଇଥିଲେ । ଆଜି ତାଙ୍କ ବାସଭବନରେ ବହୁ ଦଳୀୟ ନେତା ଓ କର୍ମୀ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଭାରତୀ ହାଁସଦା, ସୁବ୍ରମଣ୍ୟମ ମହାନ୍ତି, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୀମା ଦାସ, ପ୍ରତିନନ୍ଦା କାନୁନଗୋ, ଶ୍ରାବଣୀ ଦାସ, ସବିତା ବେହେରା, କୁମାର ମୁଖୀ, ଶିବଶଙ୍କର ପାତ୍ର, ଦେବାଶିଷ ପାତ୍ର, ଅରୁଣ ବରାଡ, ସୁନିଲ କୁମାର ନାୟକ, ଅବଦୁଲ ହବିବ, ଅମିତ କୁମାର ବୈଠା, ସେକ ହାକିମ, ଆଶୀର୍ବାଦ ଦାଶ, ଅମନ ପପୁ, ଦେବବ୍ରତ ବେହେରା, ଅଭିନାଶ ବେହେରା, ମନିଷ ବେହେରା ଓ ଦେବବ୍ରତ ସେନାପତି ପ୍ରମୁଖ ଉପସ୍ଥିତ ରହି ସୁଶୀଲଙ୍କ ମୃତ୍ୟୁକୁ ଦଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତବ୍ୟକ୍ତ କରିଥିଲେ ।

ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପିତା ଅବସରପ୍ରାପ୍ତ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଧିକାରୀ ଶରତ ଚନ୍ଦ୍ର ସେଠୀ, ମା' ତଥା ବରିଷ୍ଠ ନାରୀ ନେତ୍ରୀ ଅନିତା ସେଠୀ, ଝିଅ, ଦୁଇ ପୁଅ ଓ ପରିବାରବର୍ଗ ଉପସ୍ଥିତ ଥିଲେ । ତାଙ୍କ ସାନ ଭାଇ ମୁଖାଗ୍ନି ଦେଇଥିଲେ ।

## ଅଗଷ୍ଟ ୧୫ରେ ଏଆଇଟିୟୁସିର ଜିଲ୍ଲା ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ବାରିପଦା, (ସବ୍ୟୁ) : ଅଖିଳ ଭାରତୀୟ ଟ୍ରେଡ୍‌ୟୁନିୟନ୍ କଂଗ୍ରେସ (ଏଆଇଟିୟୁସି) ମୟୂରଭଞ୍ଜ ଜିଲ୍ଲାର ତୃତୀୟ ସମ୍ମିଳନୀ ଆସନ୍ତା ଅଗଷ୍ଟ ୧୫ ତାରିଖରେ ବାରିପଦାଠାରେ ଅନୁଷ୍ଠିତ ହେବ । ଏହି ସମ୍ମିଳନୀକୁ ସଫଳ କରିବା ଉଦ୍ଦେଶ୍ୟରେ ବୁଧବାର ପାଲବଣିଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର କେରଳ ଗସ୍ତରେ ଥିବାରୁ ସାଥୀ କାହ୍ନୁଚରଣ ବେହେରାଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟରତ ନିର୍ମାଣ ଶ୍ରମିକ ସଂଘ, ପାଚିକା ସହାୟିକା ସଂଘ, ମଡର୍ନ ଟେକ୍ନୋ କର୍ମଚାରୀ ସଂଘ, ଇପିଏଫ୍ ପେନସନଧାରୀ ସଂଘ, ବିଜୁଳି କର୍ମଚାରୀ ସଂଘ, ଏଲ୍ଆଇସି କର୍ମଚାରୀ ସଂଘ ଓ ବିକେଏମୟୁ ସଂଘର ପ୍ରତିନିଧିମାନେ ଯୋଗଦେଇଥିଲେ । ବୈଠକରେ ଆସନ୍ତା ଜିଲ୍ଲା ସମ୍ମିଳନୀରେ ଏଆଇଟିୟୁସି ସହବନ୍ଧିତ ବିଭିନ୍ନ ସଂଗଠନର ପ୍ରାୟ ୧୫୦ଜଣ ପ୍ରତିନିଧି ଅଂଶଗ୍ରହଣ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା । ସମ୍ମିଳନୀରେ ସିପିଆଇର ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ ମିଶ୍ର ଓ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ମୁଖ୍ୟଅତିଥି ଭାବେ ଯୋଗଦେବେ ବୋଲି ସୂଚନା ଦିଆଯାଇଛି । ଆଜିର ପ୍ରସ୍ତୁତି ବୈଠକରେ ହୃଷୀକେଶ ସାହୁ, ବସନ୍ତ କୁମାର ନାଏକ, ପ୍ରଦୀପ କୁମାର ମହାନ୍ତ, ସନ୍ତୋଷ ସାହୁ, ଦେବେନ୍ଦ୍ର ବେହେରା, ମୁକେଶ କୁମାର ମହାନ୍ତ, ବରୁଣ କୁମାର ବେହେରା, ବିଜୟ କୁମାର ମହାନ୍ତ ଓ ମଦନମୋହନ ଜେନାଙ୍କ ସମେତ ବହୁ ଶ୍ରମିକ ନେତା ଉପସ୍ଥିତ ଥିଲେ ।

## ଯଶୋଦା ଫାଉଣ୍ଡେସନ୍ ପକ୍ଷରୁ 'ଶ୍ରୀପଦ୍ଧତି' ପ୍ରଣାଳୀରେ ଧାନ ବିହନ ବଣ୍ଟନ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ବ୍ଲକ ଅନ୍ତର୍ଗତ ଭିକାରିପଲ୍ଲୀ ଗ୍ରାମପଞ୍ଚାୟତର କମାପଲ୍ଲୀ ଗ୍ରାମଠାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଯଶୋଦା ଫାଉଣ୍ଡେସନ୍' ପକ୍ଷରୁ ଆଠ ଏକର ଜମିରେ 'ଶ୍ରୀପଦ୍ଧତି' ପ୍ରଣାଳୀରେ ଧାନ ଚାଷ କରିବା ନିମନ୍ତେ ୨୦ ଜଣ ମହିଳା କ୍ଷୁଦ୍ର ଚାଷୀ ପରିବାରକୁ ପ୍ରତ୍ୟେକ ୨ କେଜି ହିସାବରେ ଧାନ ବିହନ ଆବଣ୍ଟନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ବିଶେଷତ୍ୱ ହେଉଛି ଏହି ଧାନ ଚାଷ କେବଳ ଜୈବିକ ସାର ଓ ଜୈବିକ କୀଟନାଶକ ଔଷଧ ଦ୍ୱାରା ପରିଚାଳିତ ହେବ । ୨୦୧୦ ମସିହାରୁ ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱର୍ ସମୟ ଧରି ଯଶୋଦା ଫାଉଣ୍ଡେସନ୍ ମହିଳା ସଶକ୍ତୀକରଣ, କୃଷି ଓ ପରିବେଶର ବିକାଶ ପାଇଁ ଏହିପରି ଅନେକ କାର୍ଯ୍ୟକ୍ରମ କରିଆସୁଥିବା ବେଳେ, ଏହି ସହାୟତା ପାଇ ଗ୍ରାମର ମହିଳାମାନେ ବେଶ୍ ଖୁସି ବ୍ୟକ୍ତ କରିବା ସହ ଟ୍ରଷ୍ଟର ମୁଖ୍ୟ ସାଗରୀକା ପଣ୍ଡାଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି । ଶ୍ରୀମତୀ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ଅଶୋକ କୁମାର ଚୌଧୁରୀ, ସାହିତ୍ୟିକ ଓ ଆଇନଜୀବୀ ଡଃ. ପ୍ରଶାନ୍ତ କୁମାର ଶତପଥୀ, ସନ୍ତୋଷ ଶତପଥୀ ଏବଂ ପୁଷ୍ପା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ମହିଳାମାନଙ୍କୁ ବିହନ ଆବଣ୍ଟନ କରିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ ।

## ଶ୍ରୀ ସତ୍ୟସାଇ ବିଶ୍ୱ ବାଳବିକାଶ ଗୁରୁ ସମ୍ମିଳନୀ ଉଦ୍‌ଯାପିତ



କଟକ, (ସ୍ୱପ୍ର : ସତ୍ୟକୁ ଧାରଣ, ହୃଦୟର ଲାଳନ ଏବଂ ଉତ୍କର୍ଷର ପ୍ରସ୍ଫୁଟନର ବିଷୟ ନିର୍ଯ୍ୟାସ ଆଧାରିତ ଶ୍ରୀ ସତ୍ୟସାଇ ବିଶ୍ୱ ବାଳବିକାଶ ଗୁରୁ ସମ୍ମିଳନୀ ପ୍ରଶାନ୍ତିନିଳୟମ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ସାଇ କୁଲୱନ୍ତ ହଲଠାରେ ଶ୍ରୀ ସତ୍ୟସାଇ ସେବା ସଂଗଠନର ସର୍ବଭାରତୀୟ ସଭାପତି ନିମିଷ ପାଣ୍ଡ୍ୟା ଏହାକୁ ଉଦଘାଟନ କରିଥିଲେ । ଭାରତ ସମେତ ୧୭ଟି ରାଷ୍ଟ୍ରରୁ ୩୦୦୦ରୁ ଅଧିକ ବାଳବିକାଶ ଗୁରୁ ଏଥିରେ ଯୋଗ ଦେଇଥିଲା ବେଳେ ଓଡ଼ିଶାରୁ ୨୨୦ଜଣ ବାଳବିକାଶ ଗୁରୁ ଏହି ତିନିଦିନିଆ ବିଶ୍ୱ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ । ସାଇ ହୀରା ଗ୍ଲୋବାଲ କନଭେନସନ ସେଣ୍ଟରଠାରେ ଆୟୋଜିତ ସମ୍ମିଳନୀର ଅନ୍ୟାନ୍ୟ ଅଧିବେଶନରେ ଓଡ଼ିଶାର ଶ୍ରୀ ସତ୍ୟସାଇ ବାଳବିକାଶର ସଂପାଦକ ଡ. ଅଶୋକ କୁମାର ହୋତା, ରାଷ୍ଟ୍ରୀୟ ଶିକ୍ଷା ସଂଯୋଜିକା କମଳା ପଣ୍ଡ୍ୟା, ରାଷ୍ଟ୍ରୀୟ ଆଧ୍ୟାତ୍ମିକ ସଂଯୋଜିକା ନୀତା ଖାନ୍ନା ଓ ରାଷ୍ଟ୍ରୀୟ ସେବା ସଂଯୋଜିକା ଶଶିବାଳା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଶ୍ରୀ ସତ୍ୟସାଇ ବାଳବିକାଶ : ଏକ ପ୍ରେମଶୀଳା ଶୀର୍ଷକ ଉପରେ ଡ. ହୋତା ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ବାଳବିକାଶ ପତ୍ରିକାର ଗୁରୁପୂର୍ଣ୍ଣିମା ସଂଖ୍ୟା, ବାଳବିକାଶ ଗୁରୁମାନଙ୍କ ପାଇଁ ମାର୍ଗଦର୍ଶିକା ଇତ୍ୟାଦି ସ୍ମରଣିକା ଉନ୍ମୋଚିତ ହୋଇଥିଲା । ଉଦଘାଟନୀ ସମାରୋହରେ ବିଭିନ୍ନ ଦେଶର ବାଳବିକାଶ ଗୁରୁ ପ୍ରତିନିଧି, ବିଭିନ୍ନ ରାଜ୍ୟର ବାଳବିକାଶ ସଂଯୋଜକ, ଅତିଥି ବକ୍ତାମାନେ ମାର୍ଚ୍ଚପାଷ୍ଟରେ ପ୍ରଶାନ୍ତି ପତାକା, ବିଭିନ୍ନ ଦେଶର ପ୍ଲାକାର୍ଡ଼ ଧରି ସାଇକୁଲୱନ୍ତ ହଲକୁ ପ୍ରବେଶ କରିଥିଲେ । ପ୍ରତି ସନ୍ଧ୍ୟାରେ ଶ୍ରୀସତ୍ୟସାଇ ବାଳବିକାଶ ଆଲୁମୁନିମାନେ ଗୀତ ଓ ବାଦ୍ୟରେ ଉଚ୍ଚ ସଂଗୀତର ମୂର୍ଚ୍ଛନା ପରିବେଷଣ କରିଥିଲେ । ପୂର୍ଣ୍ଣଚନ୍ଦ୍ର ଅଡ଼ିଟୋରିୟମ୍‌ଠାରେ ଶ୍ରୀ ସତ୍ୟସାଇ କେନ୍ଦ୍ରୀୟ ନ୍ୟାସର ଟ୍ରଷ୍ଟି ଆର୍.ଜେ. ରତ୍ନାକର ଉଦ୍‌ଯାପନୀ ଭାଷଣ ଦେଇଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କର୍ମଶାଳା

ବ୍ରହ୍ମପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲାସ୍ତରୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କି ବାତ୍ ପ୍ରସାରଣ ପାଇଁ ବିଜେପି ପକ୍ଷରୁ ଏକ କର୍ମଶାଳା ସ୍ଥାନୀୟ ଗିରି ରୋଡ ସ୍ଥିତ ପାଢୀ ସେଲିବ୍ରେସନ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଭାପତି ସରୋଜ ସାବତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ତୃଣମୂଳ ସ୍ତରରୁ କିପରି ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା । କର୍ମଶାଳାର ମୁଖ୍ୟ ଆଲୋଚନା ଓ ବିବରଣୀ ଜିଲ୍ଲାର ଏବଂ ବିଧାନସଭା ନିର୍ବାଚନ ମଣ୍ଡଳୀର ସଂଯୋଜକମାନେ ଏହି କର୍ମଶାଳାରେ ଯୋଗଦେଇଥିଲେ । ଏହି କର୍ମଶାଳା ମନ କି ବାତ୍ ର ଓଡ଼ିଶା ପ୍ରଦେଶର ସଦସ୍ୟ ତଥା ଗଞ୍ଜାମ ଜିଲ୍ଲା ମନ କି ବାତ୍ ପ୍ରଭାରୀ ଠାକୁର ରଞ୍ଜିତ ଦାଶ ଯୋଗଦେଇ ବୁଥ୍ ସ୍ତରରୁ ସଂଗଠନକୁ ସୁଦୃଢ଼ କରିବା ଏବଂ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା




ଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ଭାରତୀୟ ଜନତା ପାର୍ଟିର ଦେବଦୁର୍ଲଭ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେବା ସହ ପ୍ରତ୍ୟେକ ମାସର ଶେଷ ରବିବାର ହେଉଥିବା ମନ କି ବାତ୍‌ର ଉପଯୋଗୀତା ଉପରେ ମଧ୍ୟ ଆଲୋଚନା କରିଥିଲେ । ଏହି କର୍ମଶାଳାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ବିଜେପି ନେତା ସୁରେଶ କୁମାର ପାଢ଼ୀ, ଜିଲ୍ଲା ଉପସଭାପତି ପ୍ରଭାତ କିରଣ ଷଡଙ୍ଗୀ, ଜିଲ୍ଲା ସାଧାରଣ ସମ୍ପାଦକ ସିଦ୍ଧାନ୍ତ ଗଙ୍ଗ ଦେବ ପ୍ରମୁଖ ମଞ୍ଚାସୀନ ରହି ମନ କି ବାତ୍ କାର୍ଯ୍ୟକ୍ରମକୁ ଏକ ଜନଆନ୍ଦୋଳନରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ । ସାଧାରଣ ଲୋକଙ୍କ ଲୁକ୍କାୟିତ ପ୍ରତିଭା ଏବଂ ଭୂତଳ ସ୍ତରର ସଫଳତାକୁ ମନ୍ କି ବାତ ଜରିଆରେ ଲୋକଲୋଚନକୁ ଆଣିବା ନେଇ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ସାଙ୍ଗଠନିକ ଜିଲ୍ଲାର ବ୍ରହ୍ମପୁର, ଛତ୍ରପୁର, ଚିକିଟି, ଦିଗପହଣ୍ଡି , ଗୋପାଳପୁର୍ ନିର୍ବାଚନ ମଣ୍ଡଳୀର ମଣ୍ଡଳ ସଭାପତି, ମଣ୍ଡଳ ପ୍ରଭାରୀ, ମଣ୍ଡଳ ସେକ୍ରେଟାରୀ, ମଣ୍ଡଳର ମନ କି ବାତ୍ ପ୍ରମୁଖ, ଜିଲ୍ଲା କମିଟିର ରନିଗର୍ଭା ସରସ୍ୱତୀ ଦେବୀ, ପ୍ରବୀର ପାତ୍ର, ସବିତା ସାହୁ, ବନିତା ସାହୁ, ମୀନା ଦ୍ୟାନ ସାମନ୍ତରାୟ, ପ୍ରଦୀପ ନାୟକ, ଶିବ ଶଙ୍କର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଙ୍ଗନବାଡିରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥାରେ ଅବ୍ୟବସ୍ଥା

# ୧୩ରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଭଞ୍ଜସେନାର ବିକ୍ଷୋଭ

ବାରିପଦା, (ସବ୍ୟୁ) : ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଅଙ୍ଗନବାଡି ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ ଶିକ୍ଷା ବ୍ୟବସ୍ଥାରେ ଦେଖାଦେଇଥିବା ଚରମ ଅବ୍ୟବସ୍ଥା ପ୍ରତିବାଦରେ ଆସନ୍ତା ଅଗଷ୍ଟ ୧୩ ତଥା ଗୁରୁବାର ଦିନ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭଞ୍ଜସେନା ପକ୍ଷରୁ ବିଶାଳ ବିକ୍ଷୋଭ କାର୍ଯ୍ୟକ୍ରମ ଆୟୋଜନ କରାଯିବ ।

ମୟୂରଭଞ୍ଜ ଜିଲ୍ଲାରେ ପ୍ରାୟ ୮୦ ପ୍ରତିଶତରୁ ଅଧିକ ଗରିବ, ଖଟିଖିଆ, ଦିନମଜୁରିଆ ଓ ମଧ୍ୟବିତ୍ତ ପରିବାରର ଛାତ୍ରଛାତ୍ରୀମାନେ ଅଙ୍ଗନବାଡି କେନ୍ଦ୍ର, ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ହାଇସ୍କୁଲ, କେଜିବିଭି ବାଳିକା ବିଦ୍ୟାଳୟ, ଆଦର୍ଶ ଓ ଏକଲବ୍ୟ ବିଦ୍ୟାଳୟ ସହିତ ଏସ୍‌ଟି-ଏସ୍‌ସି ଓ ସଂଖ୍ୟାଲଘୁ ବିଭାଗ ଅଧୀନ ଆଶ୍ରମ ବିଦ୍ୟାଳୟ ଏବଂ ଏସ୍ଏସ୍‌ଡି ବାଳିକା ବିଦ୍ୟାଳୟ ଉପରେ ନିର୍ଭରଶୀଳ । କିନ୍ତୁ ଉପଯୁକ୍ତ ଭିତ୍ତିଭୂମିର ଅଭାବ, ଶିକ୍ଷକ ଓ କର୍ମଚାରୀଙ୍କ ବ୍ୟାପକ ପଦବୀ ଖାଲି ରହିବା ସହ ମୌଳିକ ସୁବିଧାର ଅଭାବ ଯୋଗୁଁ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଏହାର ପ୍ରଭାବରେ ଜିଲ୍ଲାର ପ୍ରାୟ ୮ଲକ୍ଷରୁ ଅଧିକ ଗରିବ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଥିବା ବେଳେ ଅନେକ ମେଧାବୀ ଛାତ୍ରଛାତ୍ରୀ ମଧ୍ୟ ଉଚ୍ଚଶିକ୍ଷାର ସୁଯୋଗ ହରାଉଛନ୍ତି ।

ଏହି ସମସ୍ୟାର ତୁରନ୍ତ ସମାଧାନ ଦାବିରେ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ପୁନର୍ବାର ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ସାମାଜିକ ଗଣମାଧ୍ୟମ ଏକ୍ସ (ପୂର୍ବତନ ଟ୍ୱିଟର) ମାଧ୍ୟମରେ ନିବେଦନ କରିଛନ୍ତି । ଭଞ୍ଜସେନା, ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜୀବୀ ଏବଂ ଅଭିଭାବକମାନେ ଦୀର୍ଘଦିନ ଧରି ଏହି ସମସ୍ୟାର ସମାଧାନ ପାଇଁ ସରକାରଙ୍କ ନିକଟରେ ଦାବି ଜଣାଇ ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଇ ନାହିଁ । ଏହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି । ଏହି ପରିପ୍ରେକ୍ଷୀରେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ଆସନ୍ତା ଅଗଷ୍ଟ ୧୩ ତଥା ଗୁରୁବାର ଦିନ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ବିକ୍ଷୋଭ କାର୍ଯ୍ୟକ୍ରମ ଆୟୋଜନ କରାଯିବ ।

ଏଥିରେ ଜିଲ୍ଲାର ଯୁବକ, ଛାତ୍ରଛାତ୍ରୀ, ଅଭିଭାବକ ଓ ବିଭିନ୍ନ ବର୍ଗର ସଚେତନ ନାଗରିକ ବହୁ ସଂଖ୍ୟାରେ ସାମିଲ ହେବେ ବୋଲି ଭଞ୍ଜସେନାର ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି ।

# ଉପମୁଖ୍ୟମନ୍ତ୍ରୀଙ୍କ ବନ୍ୟା ପରିସ୍ଥିତିର ସମୀକ୍ଷା




ଭଦ୍ରକ,(ସବ୍ୟୁ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ବୁଧବାର ଦିନ ଭଦ୍ରକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାର ବର୍ତ୍ତମାନ ବନ୍ୟା ପରିସ୍ଥିତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ସୀତାଂଶୁ ଶେଖର ମହାପାତ୍ର,ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ,ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥାନିର୍ବାହୀ ଅଧିକାରୀ,ଜିଲ୍ଲା ପରିଷଦ ଶୁଭେନ୍ଦ୍ର ସାମଲ,ପୋଲିସ ଅଧୀକ୍ଷକ,ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଉପମୁଖ୍ୟମନ୍ତ୍ରୀ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ବନ୍ୟା ମୁକାବିଲା,ପ୍ରଭାବିତ ଅଂଚଳର ତୁରନ୍ତ ସମାଧାନ ଏବଂ କ୍ଷୟକ୍ଷତିର ଆକଳନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ରାସ୍ତାରେ ତୁରନ୍ତ ଯାତାୟାତ ବ୍ୟବସ୍ଥା ସୁନିଶ୍ଚିତ କରିବା,ଗାଇଗୋରୁଙ୍କ ପାଇଁ ଗୋଖାଦ୍ୟର ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା,ବିଚ୍ଛିନ୍ନ ଅଂଚଳରେ ଶୁଷ୍କ ଖାଦ୍ୟ ଓ ପାନୀୟ ଜଳର ଶତପ୍ରତିଶତ ବିତରଣ କରିବା,ଅତିରିକ୍ତ ଡାକ୍ତରୀ ଟିମ୍ ମୁତୟନ କରି ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିବା ଏବଂ ଜଳବାହିତ ରୋଗର ପ୍ରାଦୁର୍ଭାବକୁ ରୋକିବା,ଜଳସମ୍ପଦ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଦୁର୍ବଳ ସ୍ଥାନଗୁଡିକ ଉପରେ ତୀକ୍ଷ୍ଣ ନଜର ରଖି ତୁରନ୍ତ ମରାମତି କରିବା। ସମସ୍ତ ବିଭାଗ ଓ ଜନପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ବନ୍ୟା ପରିସ୍ଥିତିର ମୁକାବିଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକ ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ତିହିଡି ବ୍ଲକର ବାର୍ସର ଓ ଗୋବିନ୍ଦପୁର ଗ୍ରାମ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସମସ୍ୟା। ବିଷୟରେ ଆଲୋଚନା କରିଥିଲେ

## ଅନିମା କମ୍ପ୍ଲେକ୍ସରେ ଅର୍ଥ ହେରଫେର ଘଟଣା

# ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ତଦନ୍ତ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କୁଞ୍ଜକାନ୍ତ ଠାରେ ଥିବା ଅନିମା କମ୍ପ୍ଲେକ୍ସ ନିର୍ମାଣ ସମୟରେ ଅର୍ଥ ହେରଫେରକୁ ନେଇ ଅର୍ଥନୈତିକ ଅପରାଧ ଶାଖା ତରଫରୁ ତଦନ୍ତ କରାଯାଇଛି। ରାଜ୍ୟ ଅର୍ଥନୈତିକ ଅପରାଧ ବିଭାଗର ତଦନ୍ତ କାରୀ ଅଧିକାରୀ ଆଜି ଢେଙ୍କାନାଳରର କୁଞ୍ଜକାନ୍ତ ଠାରେ ଥିବା ଅନିମା କମ୍ପ୍ଲେକ୍ସ ପହଞ୍ଚିଗତ ମାସ ୨୨ ତାରିଖରେ ଅର୍ଥ କାରବାରରେ ହେର୍ ଫେର୍‌କୁ ନେଇ ହୋଇଥିବା ମାମଲାର ଦସ୍ତାବେଜ୍ ଯାଞ୍ଚକରିବା ପାଇଁ ଆସିଥିଲେ। ଅର୍ଥନୈତିକ ଅପରାଧ ଶାଖାର ଇନିସ୍ପେକ୍ଟର ସୁବ୍ରତ କୁମାର ପଣ୍ଡା ଅନିମା କଂପ୍ଲେକ୍ସର କର୍ମଚାରୀ ମାନଙ୍କୁ ଉକ୍ତ ଘଟଣା ବିଷୟରେ ସଂପୂର୍ଣ୍ଣ ତଥ୍ୟ ପଚାରି ବୁଝିବା ସହ କାଗଜ ପତ୍ର ଯାଞ୍ଚ କରିଥିଲେ। ଏଥିସହ ଅନିମା କମ୍ପ୍ଲେକ୍ସ ନିର୍ମାଣ ହୋଇଥିବା ଜମିର ପୂର୍ବରୁ ଥିବା ମାଲିକାଣି ଅନିମା ନନ୍ଦଙ୍କୁ ନିଜର ବକେୟା ପ୍ରାପ୍ୟ ପାଇଛନ୍ତି କି ନାହିଁ ପଚାରି ବୁଝିଥିଲେ। ପୂର୍ବରୁ ଢେଙ୍କାନାଳ ବଜାରରେ ଥିବା ମାମଲା ଦାୟର କରିଥିବା ନିରଦାନନ୍ଦ ନନ୍ଦଙ୍କ ଘରେ ତଦନ୍ତ ପାଇଁ ଅନ୍ୟ ଦସ୍ତାବେଜ ଆଣି ଥିଲେ। ପ୍ରକାଶ ଥାଉକି କୁଞ୍ଜକାନ୍ତରେ ଥିବା ଅନିମା କମ୍ପ୍ଲେକ୍ସକୁ ୨୦୧୮ ମସିହାରେ ଭୁବନେଶ୍ୱର କଳିଙ୍ଗନଗରରେ ଥିବା ମେମର୍ସ ବୈକୁଣ୍ଠ ବଳିଆ କନସଲଟାନ୍ସି ଏବଂ ଡେଭଲପର୍ସ ପ୍ରାଇଭେଟ ଲିମିଟେଡ ନିର୍ମାଣ କରୁଥିଲା। ଏହାର ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ ମହାପାତ୍ର ଏବଂ ନିର୍ଦ୍ଦେଶକ ଦେବକାନ୍ତ ମହାପାତ୍ର ଭୁବନେଶ୍ୱର ପ୍ରାଚୀ ଏନକ୍ଲାଭରେ ରହୁଥିବା ନିରଦାନନ୍ଦ ନନ୍ଦଙ୍କୁ ଯୋଗାଯୋଗ କରିବା ସହିତ ଏହି ନିର୍ମାଣରେ ଟଙ୍କା ନିବେଶ କରିବାକୁ ପ୍ରବର୍ତ୍ତାଇବା ସହିତ ବିଶ୍ୱାସ ଜନ୍ମାଇ ୪୦ପ୍ରତିଶତ ମାଲିକାନା ସତ୍ୱ ସହିତ ବିଭିନ୍ନ ପ୍ରକାରର ସୁବିଧା ଦେବାକୁ କହିଥିଲେ। ଫଳରେ ସେ ପ୍ରଥମେ ବ୍ୟାଙ୍କ



ଜରିଆରେ ୧୦ଲକ୍ଷ ୫୦ ହଜାର ଗତ ୨୦୧୮ ମସିହା ମଇମାସରେ ପ୍ରଦାନ କରିଥିଲେ। ପରେ ବିଭିନ୍ନ ସମୟରେ ଟଙ୍କା ଦେବା ସହିତ ମୋଟ ୪କୋଟି ୩୫ଲକ୍ଷ ୬୯ ହଜାର ୨ଶହଟଙ୍କା ପ୍ରଦାନ କରିଛନ୍ତି। କିନ୍ତୁ ଟଙ୍କା ଫେରାଇବାକୁ କହିବାରୁ ସଂସ୍ଥା ଟଙ୍କା ଫେରାଉନଥିବାର ଅଭିଯୋଗ ହୋଇଛି। ସେହିପରି ତାଙ୍କ ପତ୍ନୀ ତୃପ୍ତିମୟୀ ନନ୍ଦଙ୍କ ଅଧିନରେ ଥିବା ମେମର୍ସ ଟିଏନ ଟ୍ରେଡର୍ସରୁ ନିର୍ମାଣ ସାମଗ୍ରୀ ନେବା ସହିତ ମୋଟ ୭କୋଟି୬୮ ଲକ୍ଷ ୭୮ ହଜାର ୭୪୮ଟଙ୍କ ସାମଗ୍ରୀ ନେଇଥିବାର ଜଣାପଡିଛି। ଜିଏସଟି ବାବଦକୁ ୫କୋଟି ୨ଲକ୍ଷ ପ୍ରଦାନ କରିଥିବା ବେଳେ ଏବେ ୨କୋଟି ୬୬ଲକ୍ଷ ଟଙ୍କା ବକେୟା ରହିଛି। ବାରମ୍ବାର ଟଙ୍କା ନେବା ପରେ ସଂସ୍ଥାର ଦୁଇ ନିର୍ଦ୍ଦେଶକ ଟଙ୍କା ଫେରାଇବାକୁ ରାଜି ହେଉନାହାଁନ୍ତି। ଉଭୟ ପତି ପତ୍ନୀ ସନ୍ତୋଷ ମହାପାତ୍ର ଓ ଦେବାକାନ୍ତ ମହାପାତ୍ରଙ୍କ ଟଙ୍କା ବାରମ୍ବାର ମାଗିବା ପରେ ମଧ ନିରାଶ ହୋଇପଡିଛନ୍ତି। ଏହାକୁ ନେଇ ଭୂମୀ ଏଣ୍ଟରପ୍ରାଇଜର୍ସ ଏବଂ କନସଲଟାଣ୍ଟର ପ୍ରୋପାଇଟର ନିରଦାନନ୍ଦ ନନ୍ଦ ଲିଖିତ ଭାବରେ ଭୁବନେଶ୍ୱର ସ୍ଥିତ ଅର୍ଥନୈତିକ ଅପରାଧ ପ୍ରବଣ ଶାଖାରେ ଅଭିଯୋଗ କରିବା ପରେ ଗତ ୨୨ ତାରିଖ ଦିନ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି । ସଂସ୍ଥା ତରଫରୁ ଚିଟିଂ, ମିସଆପ୍ରୋପ୍ରିଏସନ ସହିତ ପ୍ରାୟ ୬ କୋଟି ୮୦ଲକ୍ଷ ୯୭ ହଜାର ୯୪୮ଟଙ୍କାର ହେରଫେର କରାଯାଇଥିବାର ଅଭିଯୋଗ ହୋଇଛି।

# ରାସ୍ତା ଅବରୋଧକୁ କେନ୍ଦ୍ର କରି ମାରପିଟ, ବାପା-ପୁଅ ଗିରଫ

ଆନନ୍ଦପୁର ,(ସବ୍ୟୁ): ଆନନ୍ଦପୁର ଥାନା ଅନ୍ତର୍ଗତ ଶିବରାୟଣପୁର ଗ୍ରାମରେ ରାସ୍ତା ଅବରୋଧକୁ କେନ୍ଦ୍ର କରି ଘଟିଥିବା ମାରପିଟ ଘଟଣାରେ ପୋଲିସ ବାପା ଓ ପୁଅଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ସାଗର ଘଡ଼େଇ ଏବଂ ତାଙ୍କ ପୁଅ ଦୁଷ୍ମନ୍ତ ଘଡ଼େଇ। ଉଭୟଙ୍କର ଘର ଶିବରାୟଣପୁର ଗ୍ରାମରେ ବୋଲି ଜଣାପଡ଼ିଛି।ପୋଲିସ ସୂଚନା ମୁତାବକ, ଗ୍ରାମର ଦିଲ୍ଲୀପ ମହାନ୍ତି ଗତ ଅଗଷ୍ଟ ୧ ତାରିଖ ରାତି ପ୍ରାୟ ୯ଟା ୩୦ ମିନିଟ ସମୟରେ ଆନନ୍ଦପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଆଧାର କରି ଆନନ୍ଦପୁର ଥାନାରେ କେସ ନଂ-୨୨୩ / ୦୨.୦୮.୨୦୨୬) ଅନୁସାରେ ଏକ ମାମଲା ରୁଜୁ କରାଯାଇଥିଲା।ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ନିୟମିତ ଭାବେ ରାସ୍ତା ଉପରେ ଟେଣ୍ଟ ହାଉସ ସାମଗ୍ରୀ ଏବଂ ଏକ ବାଇକ ରଖି ରାସ୍ତାକୁ ଅବରୋଧ କରୁଥିଲେ। ଫଳରେ ଦିଲ୍ଲୀପ ମହାନ୍ତି ଓ ତାଙ୍କ ଭାଇ ସେହି ବାଟଦେଇ ଚାରିଚକିଆ ଗାଡ଼ିରେ ଯିବାରେ ଅସୁବିଧା ହୋଇଥିଲା। ସେମାନେ ରାସ୍ତା ଖାଲି କରିବାକୁ ଅନୁରୋଧ କରିବା ସହ ବାରମ୍ବାର କାହିଁକି ରାସ୍ତା ଅବରୋଧ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ଏହାକୁ କେନ୍ଦ୍ର କରି ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହୋଇଥିବାବେଳେ ଅଭିଯୁକ୍ତମାନେ ଦିଲ୍ଲୀପ ମହାନ୍ତି ଓ ତାଙ୍କ ଭାଇଙ୍କୁ ମାରପିଟ କରିଥିବା ପୋଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି।ଏହି ଘଟଣାରେ ପୋଲିସ ତଦନ୍ତ ଜାରି ରଖି ମଙ୍ଗଳବାର ଦିନ ସାଗର ଘଡ଼େଇ ଓ ଦୁଷ୍ମନ୍ତ ଘଡ଼େଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କୋଇଲା ପରିବହନ ଯୋଗୁଁ ସୃଷ୍ଟି ହେଉଛି ସମସ୍ୟା

# ଜିଲ୍ଲା କଂଗ୍ରେସ ପକ୍ଷରୁ ୧୨ରେ ଅନୁଗୋଳ ବନ୍ଦ ଡାକରା

ଅନୁଗୋଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ କୋଇଲା ପରିବହନକୁ ନେଇ କୋଶଳା ପଞ୍ଚାୟତର ୫ ଜଣ ବ୍ୟକ୍ତି ଦୀର୍ଘ ୧୧୫ ଦିନ ଧରି ମିଛ ମାମଲାରେ ଜେଲରେ ଅଛନ୍ତି। ସେମାନଙ୍କ ମାମଲା ଆଇନଗତ ପ୍ରକ୍ରିୟାରେ ବିଚାରାଧୀନ ରହିଛି। ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା କିଛି ଯୁବକଙ୍କୁ ଜିଲ୍ଲା ପ୍ରଶାସନ କମ୍ପାନୀ କଥାରେ ସେମାନଙ୍କ ନାମରେ ମିଛ କେସ ଦେଇ ସେମାନଙ୍କୁ ଦୀର୍ଘ ୧୧୫ଦିନ ହେଲା ଜେଲ ହାଜତରେ ରଖାଯାଇଛି। ସେମାନଙ୍କ ମାମଲାକୁ ସରକାର ତୁରନ୍ତ ପ୍ରତ୍ୟାହାର କରି ନିଅନ୍ତୁ ଓ ପ୍ରତିଦିନ ସନ୍ଧ୍ୟା ୯ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ପ୍ରାୟ ୨୦୦୦ରୁ ଉର୍ଦ୍ଧ କୋଇଲା ବୋଝେଇ ଟ୍ରକ ଛେଣ୍ଡିପଦା, କୋଶଳା, ଜରାଶିଙ୍ଗା, ଅନୁଗୋଳ ମ୍ୟୁନିସିପାଲିଟି, ତୁରଙ୍ଗ, ବଅଁରପାଳ ଅଞ୍ଚଳ ଦେଇ ନାଲକୋ ତଥା ଅନ୍ୟାନ୍ୟ କମ୍ପାନୀକୁ ଯାତାୟାତ କରୁଛି। ଫଳରେ ଅଞ୍ଚଳବାସୀ ଧୂଳି ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ସଡ଼କ ଦୁର୍ଘଟଣା, ଯାତାୟାତ ସମସ୍ୟା ଏବଂ ସ୍ୱାସ୍ଥ୍ୟଗତ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଆଜି ଜିଲ୍ଲା କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଉଦୟନାଥ ମହାପାତ୍ରଙ୍କୁ ପ୍ରଦାନ କରଛି । କୋଇଲା ପରିବହନ ଯୋଗୁଁ ସୃଷ୍ଟି ହେଉଥିବା ଜନସମସ୍ୟାର ତୁରନ୍ତ ସମୀକ୍ଷା କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉ ଏବଂ ସମ୍ପୃକ୍ତ ବିଭାଗ ମାନଙ୍କ ସହ ଆଲୋଚନା କରି ଧୂଳି ନିୟନ୍ତ୍ରଣ, ସଡ଼କ ସୁରକ୍ଷା ଓ ସାଧାରଣ ଲୋକଙ୍କ ସୁବିଧା ପାଇଁ ଆବଶ୍ୟକ ବ୍ୟବସ୍ଥା ତୁରନ୍ତ ଲାଗୁ କରାଯାଉ। ଆଇନ ଅନୁଯାୟୀ ମାମଲାର ଶୀଘ୍ର ଓ ନ୍ୟାୟସଙ୍ଗତ ସମାଧାନ ଦିଗରେ ଆବଶ୍ୟକ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯାଉ। ଯଦି ଉପରୋକ୍ତ ସମସ୍ୟାର ଯଥାଶୀଘ୍ର ସମାଧାନ ନହୁଏ, ତେବେ ଆସନ୍ତା ୧୨.୦୮.୨୦୨୬ ତାରିଖରେ ୧୨ ଘଣ୍ଟିଆ ଅନୁଗୋଳ ଜିଲ୍ଲା ବନ୍ଦ ଡାକରା ଦେବା ପାଇଁ ଜିଲ୍ଲା କଂଗ୍ରେସ ବାଧ୍ୟ ହେବ ବୋଲି ଚେତାବନୀ ଦେଇଛି। ଏହି ପ୍ରତିନିଧି ଦଳରେ ପ୍ରଦେଶ କଂଗ୍ରେସ କମିଟିର ଉପସଭାନେତ୍ରୀ ସସ୍ମିତା ବେହେରା, ପ୍ରଦେଶ କୃଷକ କଂଗ୍ରେସର ଉପାଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ, ରାଜ୍ୟ ଆଦିବାସୀ କଂଗ୍ରେସ ସାଧାରଣ ସମ୍ପାଦକ ତପନ ପ୍ରଧାନ, ଜିଲ୍ଲା କଂଗ୍ରେସ ମୁଖପାତ୍ର ଗୋପାଳ ଚନ୍ଦ୍ର ନାଥ, ଉପସଭାପତି ବିରଞ୍ଚି ନାରାୟଣ ଧର, ବଅଁରପାଳ ବ୍ଲକ କଂଗ୍ରେସ ସଭାପତି ବିନୋଦ ମାଝୀ, ଗୋବିନ୍ଦ ନାଏକ,ଅନୁଗୋଳ ବ୍ଲକ କଂଗ୍ରେସ ସଭାପତି ରାକେଶ ମିଶ୍ର, ସାଧାରଣ ସମ୍ପାଦକ ସୁବାସ ସାହୁ, ଅରୁପ ସାମଲ ପ୍ରମୁଖ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ ।

# ଗୁଳି ମାଡ଼ରେ ଆହତ ଯତୀନ୍ଦ୍ରଙ୍କ ମୃତ୍ୟୁ, ୬ ଅଟକ

ଢେଙ୍କିକୋଟ, (ସବ୍ୟୁ): ଦୁର୍ବୃତ୍ତଙ୍କ ଗୁଳିମାନରେ ୩ ଦିନ ତଳେ ଆହତ ହୋଇଥିବା କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଢେଙ୍କିକୋଟ ଫାଣ୍ଡି ତୋରାଣିପୋଖରି ପଞ୍ଚାୟତ ଖୁଦପୁଟୁଳି ଗ୍ରାମର ରବିନ୍ଦ୍ର ମହାନ୍ତ ପୁଅ ଯତୀନ୍ଦ୍ର ( ୫୨)ଙ୍କବୁଧବାର ଦିନ କଟକ ବଡ ଡାକ୍ତରଖାନାରେ ମୃତ୍ୟୁ ହୋଇଯାଇଛି । ଏହି ଘଟଣାକୁ ଗୁରୁତ୍ୱ ଦେଇ ଘଟଗାଁ ଥାନା ଅଧିକାରୀ ଶୁଭ୍ରାଂଶୁ କୁମାର ଜେନା, ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ, ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ସମେତ ଜିଲ୍ଲାର ଅନ୍ୟାନ୍ୟ ପୋଲିସ ପଦାଧିକାରୀ ମାନେ ଚାନଭିନ ଅପରେସନ ଆରମ୍ଭ କରିଥିଲେ । ଶେଷରେ ପୋଲିସ ୬ ଜଣଙ୍କୁ ସନ୍ଦେହ ଭିତରକୁ ଆଣିଛି । ଝାଡ଼ଖଣ୍ଡ ରାଜ୍ୟ ଜାମତରାର ୬ ଜଣ ପୋଲିସ ପଞ୍ଝାରେ ପଡ଼ିଛନ୍ତି । ତାଙ୍କୁ ପୋଲିସ ଜେରା କରିବା ଆରମ୍ଭ କରିଦେଇଛି । ତେବେ ପ୍ରାଥମିକ ତଦନ୍ତରୁ ଏମାନଙ୍କ ପାଖରୁ ଅନେକ କିଛି ତଥ୍ୟ ମିଳିଛି । ଖୁବଶୀଘ୍ର ସବୁକିଛି ରହସ୍ୟ ଉନ୍ମୋଚନ ହେବ ବୋଲି ଘଟଗାଁ ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।

# ଶିବୁ ସୋରେନଙ୍କ ଶ୍ରଦ୍ଧାଞ୍ଜଳି ସଭା

ବେତନଟୀ, (ସବ୍ୟୁ): ରାଜନୈତିକ ଦଳ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମଏମ)ର ପ୍ରତିଷ୍ଠାତା ତଥା ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଶିବୁ ସୋରେନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ବେତନଟୀବ୍ଲକ ଜେଏମଏମ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ଆୟୋଜିତ ହୋଇଯାଇଛି । ବେତନଟୀ ନୂତନ ଡେଲିମାର୍କେଟ ଠାରେ ବେତନଟୀବ୍ଲକ ଜେଏମଏମ ସଭାପତି ଡମାନ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଶମଗୁରୁ ଶିବୁ ସୋରେନଙ୍କ ଫଟୋଚିତ୍ରରେ ଧୂପଦୀପ ଦେଇ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ।ଏହି ଅବସରରେ ଶ୍ୟାମସୁନ୍ଦର ସୋରେନ, ଦୁଲି ମାଝୀ, ଟିପୁ ଟୁଡୁ, ମାଇନ ମାଝୀ, କାନ୍ଦ୍ରା ମାଝୀ, ରିସା ଟୁଡୁ, ଜୁଝାର ମାଝୀ, ସାଲାୟ ମାଝୀ, କାପୁରା ମାଝୀ, ମାୟା ଟୁଡୁ, ଜୀବନ ମୁର୍ମୁ, ଧୂନୁ ମାଝୀ, ମଙ୍ଗଲ ମାଝୀ,ମୁନି ମାଝୀ, ଲାଖିୟା ହାଁସଦା ପ୍ରମୁଖ ବହୁସଂଖ୍ୟାରେ ପୁରୁଷ ଏବଂ ମହିଳାମାନେ ଯୋଗ ଦେଇଥିଲେ । ଶେଷରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ବେତନଟୀ ବ୍ଲକ ସଭାପତି ଡମାନ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜରାସ୍ତାକୁ ଓହ୍ଲାଇଲେ କଲେଜ ଛାତ୍ରଛାତ୍ରୀ

କେନ୍ଦୁଝର,(ଜିପ୍ର/ସବ୍ୟୁ): : କେନ୍ଦୁଝର ଐତିହ୍ୟ ସମ୍ପନ୍ନ ଧରଣୀ ଧର ସ୍ୱୟଂ ଶାସିତ ମହାବିଦ୍ୟାଳୟର ସୁରକ୍ଷା ଦାବି ଜୋର୍ ଧରିଛି। ଜିଲାର ଏକ ମାତ୍ର ସାଧାରଣ ସରକାରୀ ମହାବିଦ୍ୟାଳୟକୁ ଉନ୍ନତିକରଣ କରାଯାଇ ଧରଣୀଧର ବିଶ୍ୱବିଦ୍ୟାଳୟ କରାଯିବା ନେଇ ବିବାଦ ମୁଣ୍ଡ ଟେକୁଥିବା ବେଳେ ବୁଧବାର ଦିନ କଲେଜ ଛାତ୍ରୀଛାତ୍ରମାନେ ଐତିହ୍ୟ ସମ୍ପନ୍ନ ମହାବିଦ୍ୟାଳୟର ସୁରକ୍ଷା ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଧରଣୀଧର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକରୁ ଏକ ରାଲିରେ ଶତାଧିକ ଛାତ୍ରୀଛାତ୍ର ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ରାସ୍ତାରେ ଧାରଣାରେ ବସିଥିଲେ। ସରକାର ତୁମେ ଆମ ଦାବି ମାନି ନିଅ, ଧରଣୀଧର ବିଶ୍ୱବିଦ୍ୟାଳୟକୁ ପୂର୍ବରୁ ଚାଲିଥିବା ମହାବିଦ୍ୟାଳୟ ପରିସରରୁ ଅଲଗା କରି ପୁରୁଣା ସ୍ଥିତି ବିଜାୟ ରଖିବା ଆଦି ସ୍ଲୋଗାନ ଦେଇ ବସିଥିଲେ। ଏହି ଅବସରରେ ଜିଲାପାଳ ବିଶାଲ ସିଂଙ୍କ ଜରିଆରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।

# ମଦ ଦୋକାନ ସ୍ଥାନାନ୍ତର କରି ଖୋଲିବା ଉଦ୍ୟମକୁ ବିରୋଧ

ଢେଙ୍କିକୋଟ, (ସବ୍ୟୁ): : କେନ୍ଦୁଝର ଜିଲା ପାଟଣା ବ୍ଲକ ଅନ୍ତର୍ଗତ ଧନୁର୍ଜୟପୁର ଜଙ୍ଗଲ ଅଞ୍ଚଳରେ ରେଙ୍ଗାଳବେଡ଼ା ସରକାରୀ ମଦ ଦୋକାନ ସ୍ଥାନାନ୍ତର କରି ଖୋଲିବା ଉଦ୍ୟମକୁ ବୁଧବାର ଶତାଧିକ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ଘଟଣାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେବା ପରେ ତୁରୁମୁଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା।ଧନୁର୍ଜୟପୁର ଜଙ୍ଗଲ ଭିତରେ କଣ୍ଟେନର ରଖି ମଦ ଦୋକାନ ଖୋଲାଯାଉଥିବା ଖବର ପାଇ ଧନୁର୍ଜୟପୁର, ବାଉଁଶୁଳି, ବାରଡାଙ୍ଗୁଆ, ଗୋଡ଼ିପୋଖରୀ ସମେତ ବିଭିନ୍ନ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିଥିଲେ। ଜଙ୍ଗଲ ଅଞ୍ଚଳରେ ମଦ ଦୋକାନ ଖୋଲିଲେ ସାମାଜିକ ପରିବେଶ ନଷ୍ଟ ହେବା ସହ ମହିଳା ଓ ଯୁବପିଢ଼ିଙ୍କ ଉପରେ ଏହାର କୁପ୍ରଭାବ ପଡ଼ିବ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅସନ୍ତୋଷ

# ଅତିଥି ଅଧ୍ୟାପକ ଚୟନରେ ଅନିୟମିତତା ଅଭିଯୋଗ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅତିଥି ଅଧ୍ୟାପକ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବାର ଅଭିଯୋଗ ହୋଇଛି। ଅବସରପ୍ରାପ୍ତ ଅଧ୍ୟାପକ ଡ. ସମୀର କୁମାର ସାହୁଙ୍କ ଅଭିଯୋଗ ଅନୁସାରେ ତାଙ୍କ ସହିତ ଅନ୍ୟ ଦୁଇଜଣ ଅବସରପ୍ରାପ୍ତ ଅଧ୍ୟାପକ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିବାର ଜଣାପଡିଛି। ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ସରକାରୀ କଲେଜରେ ଅତିଥି ଅଧ୍ୟାପକ ନିଯୁକ୍ତି ପାଇଁ ପ୍ରଚଳିତ ନିର୍ଦ୍ଦେଶାନାମା ଅନୁସାରେ ଚୟନ ପ୍ରକ୍ରିୟା ଜୁଲାଇ ୮ ଏବଂ ୯ ତାରିଖରେ କରାଯାଇଥିଲା। ନିୟମ ଅନୁସାରେ ସରକାରୀ କଲେଜ କିମ୍ବା ସରକାରୀ ଅନୁଦାନପ୍ରାପ୍ତ କଲେଜର ଅବସରପ୍ରାପ୍ତ ଅଧ୍ୟାପକ ହୋଇଥିବେ ଏବଂ ପିଏଚଡି, ନେଟ ଆଦି ଯୋଗ୍ୟତା ସହିତ ୧୦ବର୍ଷର ଅଭିଜ୍ଞତା ଥିବାର ନିୟମ ରହିଥିଲା। ସେମାନଙ୍କ ମଧ୍ୟରେ ପିଏଚଡି, ନେଟ ଥିବା ଏବଂ ଯେ କୌଣସି ସରକାରୀ କଲେଜରେ ୩ ବର୍ଷର ଅଭିଜ୍ଞତା ଥିବା ଅଗ୍ରାଧିକାର ଦିଆଯାଇଥିବାର ଅଭିଯୋଗ ହୋଇଛି । ଡ.ସମୀର କୁମାର ସାହୁ ଦର୍ଶନ ଶାସ୍ତ୍ର ପାଇଁ ଆବେଦନ କରିଥିବା ବେଳେ ତାଙ୍କର ପିଏଚଡି, ନେଟ, ଏମଫିଲ ଡିଗ୍ରୀରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ସହିତ ୩୫ବର୍ଷର ଅଭିଜ୍ଞତା ରହିଛି। ସେ ଦିର୍ଘଦିନ ଧରି ସରକାରୀ ଅନୁଦାନ ପ୍ରାପ୍ତ ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଭାବରେ ମଧ କାର୍ଯ୍ୟ ସମ୍ପନ୍ନ କରିଛନ୍ତି । କିନ୍ତୁ ତାଙ୍କୁ ପ୍ରକ୍ରିୟାରୁ ବାଦ ଦିଆଯାଇଥିବାର ସେ ଲିଖିତ ଭାବରେ ଅଭିଯୋଗ କରିଛନ୍ତି । ଏପରିକି ବିଭିନ୍ନ ବିଭାଗ ପାଇଁ ଚୟନରେ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପାଠ ପଢାଇଥିବା ପ୍ରାର୍ଥିଙ୍କୁ ରଖାଯାଇଛି। ଘଟଣାକୁ ନେଇ ଅତିରିକ୍ତ ଜିଲ୍ଲାପାଳ ପତ୍ର ସଂଖ୍ୟା ୧୫୬୦/ ୦୪.୦୮.୨୦୨୬ରେ ଅଭିଯୋଗରତଦନ୍ତ କରି ରିପୋର୍ଟପ୍ରଦାନ କରିବାକୁ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାକୁ ନେଇ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବରାଳ କହିଛନ୍ତି, ଅତିଥି ଅଧ୍ୟାପକ ଚୟନରେ କୌଣସି ଅନିୟମିତତା ହୋଇନାହିଁ।

# ମହିଳାଙ୍କ ବେକରୁ ସୁନାଚେନ ଲୁଟ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅଧୀନର ଜନୈକା ମହିଳା ନାତିକୁ ସ୍କୁଲ ଅଟୋ ରେ ଛାଡି ଫେରିବା ବେଳକୁ ବାଇକରେ ଆସି ବେକରୁ ଲୁଟିନେଲେ ସୁନାଚେନ । ବୈଶିଙ୍ଗା ବଜାର ନିକଟସ୍ଥ ପଦ୍ମପୁରରେ ଥିବା ସର୍ଗତଃ ଦିବାକର ପରିଡ଼ାଙ୍କ ସ୍ତ୍ରୀ ସରସତୀ ପରିଡ଼ା (୬୯) ବୁଧବାର ସକାଳ ସମୟରେ ନିଜ ନାତିକୁ ସ୍କୁଲ ଅଟୋରେ ଛାଡ଼ିବା ପାଇଁ ଆସିଥିଲେ । ନାତିକୁ ଛାଡ଼ି ଘରକୁ ଚାଲି ଚାଲି ଫେରୁଥିବା ସମୟରେ ଗୋଟିଏ ବାଇକରେ ଦୁଇଜଣ ଦୁର୍ବୃତ୍ତ ବାଇକରେ ଆସି ଜେଜେମାଙ୍କୁ ଜଣେ ସାରଙ୍କ ଘର କେଉଁଠି ବୋଲି ପଚାରିଥିଲେ । ଏତିକି ସମୟରେ ଶ୍ରୀମତୀ ସରସ୍ୱତୀ ପରିଡ଼ା ଟିକେ ଅନ୍ୟମନସ୍କ ହୋଇ ଘରର ଠିକଣା କହୁଥିବା ବେଳେ ପଛରେ ବସିଥିବା ଯୁବକଟି ତାଙ୍କ ବେକରୁ ୧୨ ଗ୍ରାମ ୫୦୦ ମିଲିଗ୍ରାମ ଓଜନର ଏକ ସୁନା ହାରଟିକୁ ଛିଣ୍ଡାଇ ନେଇ ବାଇକ ଯୋଗେ ଦ୍ରୁତ ଗତିରେ ବୈଶିଙ୍ଗା ବଜାର ଅଭିମୂଖେ ପଳାଇ ଯାଇଥିଲେ । ଖବର ପାଇ ପୁଅ ବୈଶିଙ୍ଗା ଥାନାରେ ପହଞ୍ଚି ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ଥାନାରେ ୩୮/୨୬ର ମାମଲା ରୁଜୁ କରାଯାଇ ବଜାରରେ ଲାଗିଥିବା ବିଭିନ୍ନ ସିସିଟିଭି ଫୁଟେଜକୁ ଯାଞ୍ଚ କରିବା ସହ ତଦନ୍ତ ଜାରି ରଖିଛି ବୈଶିଙ୍ଗା ପୁଲିସ ।

# ରିଂ ରୋଡ଼ର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କଲେ ପଞ୍ଚାୟତିରାଜ ମନ୍ତ୍ରୀ

କେନ୍ଦୁଝର (ଜିପ୍ର): ଆନନ୍ଦପୁର ନିର୍ବାଚନମଣ୍ଡଳୀର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ତଥା ଆନନ୍ଦପୁର ରିଂ ରୋଡ଼କୁ ଆଜି ଓଡ଼ିଶା ସରକାରଙ୍କ ପଞ୍ଚାୟତରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବିନ୍ଦ୍ର କୁମାର ନାୟକ ପରିଦର୍ଶନ କରି କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିଛନ୍ତି। ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ରିଂ ରୋଡ଼ର ବର୍ତ୍ତମାନ ସ୍ଥିତି, ମରାମତି କାର୍ଯ୍ୟ ଏବଂ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ସେ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଏହି ପରିଦର୍ଶନ ସମୟରେ ଭାଜପା କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ଆଲୋକ ସେଠୀଙ୍କ ସମେତ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ । ସେହିପରି ଶତାଧିକ ଭାଜପା କାର୍ଯ୍ୟକର୍ତ୍ତା ମଧ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ପରିଦର୍ଶନ ଅବସରରେ କ୍ଷତିଗ୍ରସ୍ତ ରିଂ ରୋଡ଼ର ଶୀଘ୍ର ମରାମତି ସହ ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ ପାଇଁ ସ୍ଥାନୀୟ ଲୋକମାନେ ଦାବି ଜଣାଇଥିଲେ ।

# ବନ୍ୟା କ୍ଷୟକ୍ଷତି ଆକଳନ, ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା

କେନ୍ଦୁଝର (ଜିପ୍ର): କେନ୍ଦୁଝର, ୫ ଅଗଷ୍ଟ: ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ବୁଧବାର ଦିନ କେନ୍ଦୁଝର ସର୍କିଟ ହାଉସଠାରେ ବନ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତି ଓ ପୁନଃରୁଦ୍ଧାର ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ ସାମ୍ପ୍ରତିକ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ ଏବଂ ବିଭିନ୍ନ ବିଭାଗ ଦ୍ୱାରା କରାଯାଉଥିବା ପୁନରୁଦ୍ଧାର ଓ ରିଲିଫ କାର୍ଯ୍ୟର ସମୀକ୍ଷା କରାଯାଇଛି। ଏହି ବୈଠକରେ ପାଟଣା ବିଧାୟକଅଖିଳ ଚନ୍ଦ୍ର ନାଏକ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ 1 ଧନରାଜ ଏଚ ଅଧକ୍ଷା ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝର ଶ୍ରୀମତୀ ମମିତା ନାଏକ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବିଭାଗୱାରୀ ଆକଳନ ଅନୁଯାୟୀ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାଘାଟ, ପୋଲ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଭିତ୍ତିଭୂମି, କୃଷି ଜନିତ କ୍ଷୟକ୍ଷତି ଏବଂ ଜଙ୍ଗଲ ଅଞ୍ଚଳର ସମୀକ୍ଷା କରାଯାଇଥିଲା। ପ୍ରଭାବିତ ଅଞ୍ଚଳରେ ରାସ୍ତା ସଂଯୋଗୀକରଣର ପୁନରୁଦ୍ଧାର, ଜଳ ଯୋଗାଣ ବ୍ୟବସ୍ଥାର ମରାମତି, ଜରୁରୀକାଳୀନ ମୁକାବିଲା ଦଳ ମୁତୟନ, ରିଲିଫ ବଣ୍ଟନ ଏବଂ ଅନ୍ୟାନ୍ୟ ପ୍ରଶମନ ମୂଳକ ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ଅଧିକାରୀମାନେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।ମନ୍ତ୍ରୀ ସମସ୍ତ ବିଭାଗର ପୁନରୁଦ୍ଧାର କାର୍ଯ୍ୟକୁ ପ୍ରଶଂସା କରିବା ସହ, ଜରୁରୀକାଳୀନ ସେବାଗୁଡ଼ିକର ଅବ୍ୟାହତ ଯୋଗାଣ ନିଶ୍ଚିତ କରିବାକୁ, ନିବିଡ଼ ସମନ୍ୱୟ ରକ୍ଷା କରିବାକୁ ଏବଂ ଆଗାମୀ ଯେକୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଅସହାୟ ମହିଳାଙ୍କୁ ମାରୁତି ସେନାର ସହାୟତା ପ୍ରଦାନ

ଓଡାପଡା, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗ ପଞ୍ଚାୟତ ଅଧୀନ କମଳାଙ୍ଗ ଗ୍ରାମର କାଳିଆ ଡଇଳା ହରିଜନ ସାହିର ଅସହାୟ ଗରିବ ବିଧବା ମହିଳାଙ୍କୁ ମାରୁତି ସେନା ତରଫରୁ ସହାୟତାପ୍ରଦାନ କରାଯାଇଛି। ବୀଣା ନାଏକ ନାମକ ମହିଳାଙ୍କ ସ୍ୱାମୀଙ୍କର ପରଲୋକ ପରେ ଦୁଇ ଜଣ ନାବାଳକଙ୍କୁ ନେଇ ଦୁଃଖରେ କାଳତିପାତ କରୁଛନ୍ତି। ସରକାରଙ୍କ ଠାରୁ ମାତ୍ର ୫ କିଲୋ ଚାଉଳ ମିଳୁଛି। ଦୁଇ ପୁଅଙ୍କ ନାମ ରେସନ କାର୍ଡରେ ଯୋଡା ଯାଇପାରୁ ନଥିବାରୁ ସେମାନଙ୍କ ଚାଉଳ ମିଳୁନାହିଁ। ଏହି ଖବର



ମାରୁତିସେନାର କର୍ମକର୍ତ୍ତା ମାନେ ପାଇ କମଳାଙ୍ଗ ଗ୍ରାମକୁ ଯାଇ ବୀଣାଙ୍କୁ ୧୦ କେଜି ଚାଉଳ ଦେବା ସହିତ ପ୍ରତ୍ୟେକ ମାସରେ ମାରୁତି ସେନା ପକ୍ଷରୁ ୧୦ କିଲୋ ଚାଉଳ ଯୋଗାଇ ଦେବାକୁ ସଭାପତି ବିକାଶ ଚନ୍ଦ୍ର ବେହେରା ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କମଳାଙ୍ଗ ପଞ୍ଚାୟତ ସରପଞ୍ଚ ଜିତେନ୍ଦ୍ର କୁମାର ବେହେରା, ନିରଞ୍ଜନ ସାହୁ, ବାପୁନ୍ ପରିଡା ପାର୍ଥସାରଥି ପାତ୍ର ଉପସ୍ଥିତ ଥିଲେ।

# ଶାନ୍ତିପୂର୍ଣ୍ଣ ଗଣଧାରଣା ଦେବ ରେଲ୍ ୟୁଜର୍ସ କମିଟି

ତାଳଚେର, (ସବ୍ୟୁ) : ଆସନ୍ତା ସେପ୍ଟେମ୍ବର ୭ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ରେଲ୍ ୟୁଜର୍ସ କମିଟି ପକ୍ଷରୁ ତାଳଚେର ରେଳ ଷ୍ଟେସନ୍ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବ ବୋଲି ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ ଦଫା ଦାବିପତ୍ର ତାଳଚେର ଏଆରଏମ୍‌ଙ୍କ ଜରିଆରେ ପ୍ରଦାନ କରାଯାଇଛି । ତାଳଚେର ରେଳ ଷ୍ଟେସନକୁ ସମସ୍ତ ଯାତ୍ରୀବାହୀ ଟ୍ରେନ୍ ଆସିବା, ତାଳଚେରରୁ ଅନୁଗୋଳ ପର୍ଯ୍ୟନ୍ତ ୱାଇ ସଂଯୋଗୀକରଣ ଲୁପ୍ ଲାଇନ୍ କାର୍ଯ୍ୟ ଶୀଘ୍ର ଶେଷ କରିବା, ହାଣ୍ଡିଧୂଆ ଛକ, ବନ୍ତୋଳଛକ, ହାଟତୋଟା ରୋଡ୍, ଥର୍ମାଲ୍, ବାଙ୍କଧରା ଛକ ଓ ସାଉଥ୍ ବଲଣ୍ଡା ପ୍ରଭୃତି ସ୍ଥାନ ମାନଙ୍କରେ ଥିବା ରେଲୱେ କ୍ରସିଂ ଗୁଡିକରେ ଓଭରବ୍ରିଜ୍ ନିର୍ମାଣ କରିବା, ପୁରୀରୁ ତାଳଚେରକୁ ଆସୁଥିବା ମେମୁ ପାସେଞ୍ଜର ଟ୍ରେନ୍ କୁ କଣିହାଁ ପର୍ଯ୍ୟନ୍ତ ସଂପ୍ରସାରଣ କରିବା, ପୁରୀରୁ ଅନୁଗୋଳକୁ ଫେରୁଥିବା ମେମୁ ପାସେଞ୍ଜର ଟ୍ରେନ୍ ତାଳଚେର ଷ୍ଟେସନରେ ପହଂଚିବାର ନିର୍ଦ୍ଧାରିତ ସମୟ ୮.୨୪ ମିନିଟ୍ ଥିବାବେଳେ ପ୍ରତ୍ୟେକ ଦିନ ଏହା ରାତ୍ରୀ ୧୧ ଘଟିକା ପହଂଚୁଛି ଏହା ନିର୍ଦ୍ଧାରିତ ସମୟରେ ପହଂଚିବା, ତାଳଚେର ଷ୍ଟେସନ୍ ଦେଇ ଯାଉଥିବା ସମସ୍ତ ଟ୍ରେନ୍ ଓ ଷ୍ଟେସନ୍‌ର ପାନୀୟ ଜଳ, ସଫା ସୁତରା ଏବଂ ଯାତ୍ରୀଙ୍କ ସୁରକ୍ଷା ବନ୍ଦୋବସ୍ତ କରିବା, ତାଳଚେରକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସମସ୍ତ କୋଇଲା ବୋଝେଇ ଟ୍ରେନ୍ ରେ ପାଲ ବାନ୍ଧିବା ପ୍ରଭୃତି ୭ ଦଫା ଦାବୀପତ୍ର ପ୍ରଦାନ କରିଅଛି । ୧୯୨୭ ମସିହାରେ ସ୍ଥାପିତ ଓଡିଶାର ସବୁଠାରୁ ପୁରୁଣା ଷ୍ଟେସନ୍ ଓ ଏହା



ପ୍ରତ୍ୟେକ ଦିନ କୋଇଲା ପରିବହନ ବାବଦ ରେଳବିଭାଗକୁ ଦୈନିକ ୪୦ କୋଟିରୁ ଅଧିକ ଟଙ୍କା ଭଡା ବାବଦ ଲାଭ ଦେଉଥିବା ବେଳେ ସମସ୍ତ ଯାତ୍ରୀବାହୀ ଟ୍ରେନ୍ ଗୁଡିକ ତାଳଚେର ରୋଡ୍ ଦେଇ ଚଳପ୍ରଚଳ କରୁଥିବା ବେଳେ ଅଂଚଳବାସୀଙ୍କ ଯାତାୟତ ପାଇଁ ଏହି ଷ୍ଟେସନ୍ କୁ କୌଣସି ଯାତ୍ରୀବାହୀ ଟ୍ରେନ୍ ନଆସିବା ଏହା ତାଳଚେରବାସୀଙ୍କ ପ୍ରତି ରେଳ ବିଭାଗର ବୈମାତୃକ ମନୋଭାବ । ଏହା ବିରୋଧରେ ପୂର୍ବରୁ ତାଳଚେରବାସୀ ବାରମ୍ବାର ଆନ୍ଦୋଳନ କରିଥିଲେ ମଧ ସରକାର ତାଳଚେରବାସୀଙ୍କ ଯାତାୟତ ପାଇଁ ରେଳ ସୁବିଧା ନକରିବା ବଡ ଦୁଃଖ ଓ ପରିତାପର ବିଷୟ । ଏହି ଅନ୍ୟାୟ ବିରୋଧରେ ଆଗାମୀ ସେପ୍ଟେମ୍ବର ୭ ତାରିଖ ଠାରୁ ଗଣଧାରଣା ଦିଆଯିବା ପାଇଁ ନିଷ୍ପତି ନିଆଯାଇଛି । ଆଜିର ଏହି ଦାବୀପତ୍ର ପ୍ରଦାନ ବେଳେ ସଭାପତି ବିଜୟ ପ୍ରଧାନ, ସଂପାଦକ ଅଭୟ ପାଣି, କେଶବ ଭୂତିଆ, ଚିତରଂଜନ ଗଡନାୟକ, ଜିନେସ୍ ସାହୁ, ମନୋଜ ସାହୁ, ଗଗନ ଦାସ, ପ୍ରଫୁଲ ନାଏକ, ସୁଲେଖ ସେଠୀ, ବିଜୟ ମିଶ୍ର, ସବିତା ସିଂ, ଶୋଭାଗିନୀ ଦେବୀ, ବିନୋଦ ଲାଲ୍, ସୁକାନ୍ତ ଦାସ, ନଖିଆ ସାହୁ, ସୁରଥ ରଥ, ସନ୍ତୋଷ ମହାପାତ୍ର, ପ୍ରଦୀପ ମହାରଣା, ଭାଗିରଥୀ ସାହୁ ପ୍ରଭାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହାର ନକଲ ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ମଧ୍ୟ ପ୍ରେରଣ କରାଯାଇଛି

## ଟାଟା ଷ୍ଟିଲ କର୍ମଚାରୀଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ପରିବାର ଲୋକଙ୍କ ଆନ୍ଦୋଳନ

ଢେଙ୍କାନାଳ/ଓଡାପଡା, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ସ୍ଥିତ ଟାଟାଷ୍ଟିଲ ମେରାମଣ୍ଡଳି କାରଖାନାର ଜଣେ ଶ୍ରମିକ ମୃତ ବରଣ କରିଥିବାର ଜଣାପଡିଛି। ଶ୍ରମିକଙ୍କ ମୃତ୍ୟୁପରେ କ୍ଷତିପୂରଣ ଦାବିରେ ପରିବାର ଲୋକେ ଟାଟାଷ୍ଟିଲ କାରଖାନା ଗେଟ୍ ସମ୍ମୁଖରେ ଆନ୍ଦୋଳନ କରିଥିବା ଦେଖିବାକୁ ମିଳିଛି। ଟାଟାଷ୍ଟିଲ ମେରାମଣ୍ଡଳି କାରଖାନାର ଲଜିଷ୍ଟିକ୍ସ ବିଭାଗରେ କାର୍ଯ୍ୟରତ ଜଣେ ଶ୍ରମିକ ଗତ ୨୯ ତାରିଖ ଦିବା ୧୨ ଘଟିକା ସମୟରେ ତଳେ ପଡିଯାଇ ଗୁରୁତର ଆହତ ହୋଇ ଥିଲେ । ତାଙ୍କୁ ପ୍ରଥମେ କାରଖାନା ଡାକ୍ତରଖାନାରେ ଚିକିତ୍ସିତ କରିବା ପରେ ଅଧିକ ଚିକିତ୍ସା ନିମନ୍ତେ କଟକ ସ୍ଥିତ ଅଶ୍ୱିନୀ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଚିକିତ୍ସିତ ହେଉଥିବା ବେଳେ ଆଜି ସକାଳ ଘ ୬ ,୨୦ ମି ସମୟରେ ମୃତ୍ୟୁବରଣ କରିଥିବା ଟାଟାଷ୍ଟିଲ ମେରାମଣ୍ଡଳି କାରଖାନା ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି । ଶ୍ରୀ ନାଏକଙ୍କର କୌଣସି ଦୁର୍ଘଟଣାରେ ଆହାତ ହୋଇନଥିବା ବେଳେ ବ୍ରେନ୍ ଷ୍ଟ୍ରୋକ ଯୋଗୁଁ ଶ୍ରମିକଙ୍କର ମୃତ ବରଣ ହୋଇଥିବା କାରଖାନା ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରମିକଙ୍କ ନାମ ବିଷ୍ଣୁଦେବ ନାଏକ ଏବଂ ତାଙ୍କ ଘର ବଅଁରପାଳ ଥାନା ଅନ୍ତର୍ଗତ ତାଳବାହାଳ ଗ୍ରାମର ବୋଲି ଜଣାପଡିଛି। ମୃତ ବ୍ୟକ୍ତିଙ୍କ ପରିବାର ଲୋକେ କ୍ଷତିପୂରଣ ଦାବିରେ ଆଜି ଟାଟାଷ୍ଟିଲ ମେରାମଣ୍ଡଳି କାରଖାନା ମୂଖ୍ୟ ଗେଟ୍ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଏ ସମ୍ପର୍କରେ କାରଖାନା ପକ୍ଷରୁ ସୂଚନା ଦିଆଯାଇଛି କି ଶ୍ରୀ ନାଏକଙ୍କ ପରଲୋକରେ ଟାଟାଷ୍ଟିଲ ଗଭିର ଶୋକ ପ୍ରକାଶ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । କାରଖାନାର ନିୟମ ଅନୁସାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲିକାରଖାନା ତରଫରୁ ସୂଚନା ଦିଆଯାଇଛି।

24001/371/2627

# ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
## ଘୋଷଣା

**No. 1354 / 2026 Date : 30.03.2026**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, **ମୌଜା-ଦୁଲାଗୁଡ଼ା, ଥାନା-ବୋରିଗୁମ୍ମା, ତହସିଲ-ବୋରିଗୁମ୍ମା, ଜିଲ୍ଲା-କୋରାପୁଟ**ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର–ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୭୦୯ ତା.୦୪.୦୯.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ପ୍ରଶମନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା–୨୪୨୭ ତା. ୧୯.୦୧.୨୦୨୬ ରିଖ ଅନୁଯାୟୀ ୩୧.୦୩.୨୦୨୬ ବର୍ଦ୍ଧିତ କରାଯାଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉ ଅଛି ଯେ, **ମୌଜା-ଦୁଲାଗୁଡ଼ା, ଥାନା-ବୋରିଗୁମ୍ମା, ତହସିଲ-ବୋରିଗୁମ୍ମା, ଜିଲ୍ଲା-କୋରାପୁଟ**ର ଜୟପୁର–ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.koraput.odisha.gov.in** ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି ।

### ତଫସିଲ - 'କ'
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

**ଜିଲ୍ଲା : କୋରାପୁଟ** — **ତହସିଲ - ବୋରିଗୁମ୍ମା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଦୁଲାଗୁଡ଼ା | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ କରାଗଲା | | | | ୧୭.୪୭୬ ଏକର | ଏଥି ସହ ସଂଲଗ୍ନ କରାଗଲା |

### ତଫସିଲ - ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

**ଜିଲ୍ଲା : କୋରାପୁଟ** — **ତହସିଲ - ବୋରିଗୁମ୍ମା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା/- ଜିଲ୍ଲାପାଳ, କୋରାପୁଟ**

### ଭୂମି ଅନୁସୂଚୀ

**ମୌଜା-ଦୁଲାଗୁଡା, ଥାନା- ବୋରିଗୁମ୍ମା, ତହସିଲ : ବୋରିଗୁମ୍ମା, ଜିଲ୍ଲା-କୋରାପୁଟ**

**ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ**

| କ୍ରମିକ ସଂଖ୍ୟା | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା (ଏକରରେ) | ଅଧିଗ୍ରହଣ ହବାକୁ ଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୩୦୩ | ୧୪୫ | ଜଙ୍ଗଲ-୨ | ୦.୬୮ | ୦.୧୭୦ | ଡମ୍ବରୁ ହରିଜନ, ପି : ମାନସିଂ ହରିଚନ୍ଦ ଜା–ଡମ୍ବ, ବା: ନିଜଗାଁ |
| ୨ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୦୧୬ | ୧୪୫/୧୦୪୨ | ଜଙ୍ଗଲ-୨ | ୦.୩୦ | ୦.୩୦୦ | ନିଳକଣ୍ଠ ହରିଜନ, ପି: ପୂର୍ଣ୍ଣ ହରିଜନ, ଜା: ଡମ୍ବ, ବା: ପର୍ସଲା |
| ୩ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୮ | ୧୪୬ | ଘରବାରି | ୫.୫୫ | ୩.୫୦ | ଶ୍ରୀମତୀ ଶକୁନ୍ତଳା ଦେବୀ, ସ୍ୱା: ନୃସିଂହ ପ୍ରସାଦ ନନ୍ଦ ବା: ବୋରିଗୁମ୍ମା |
| ୪ | ଦୁଲାଗୁଡା | ଗ୍ରାମାଞ୍ଚଳ | ୬୫ | ୧୪୯ | ଜଙ୍ଗଲ-୨ | ୦.୦୧ | ୦.୦୧୦ | ମାନସିଂହ ଡମ୍ବ, ପି: ନାରଦ ଡମ୍ବ, ଜା: ଡମ୍ବ, ବା: ନିଜଗାଁ |
| ୫ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୩୦୬ | ୧୪୯/୧ | ଜଙ୍ଗଲ-୨ | ୦.୧୩ | ୦.୦୮୦ | ଘାସିନି ହରିଜନ, ପି: ଲଳିତ ହରିଜନ, ଜା: ଡମ୍ବ, ବା: ନିଜଗାଁ |
| ୬ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୩୦୨ | ୧୪୯/୫୦୮ | ଜଙ୍ଗଲ-୨ | ୦.୧୪ | ୦.୦୮୦ | ଧନମଣି ହରିଜନ, ପି: ଧନପତି ହରିଜନ, ଧନପତି ହରିଜନ ପି: ମାନସିଂ ଡମ୍ବ, ଜା–ଡମ୍ବ, ବା: ନିଜଗାଁ |
| ୭ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୫୨୦ | ୧୪୯/୫୦୯ | ଜଙ୍ଗଲ-୨ | ୦.୧୩ | ୦.୦୭୦ | ନବିନ ଚନ୍ଦ୍ର ହରିଜନ, ପି: ସଦନ ହରିଜନ, ଜା: ଡମ୍ବ, ବା: ଗୁମୁଡା |
| ୮ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୯୬୫ | ୧୪୯/୫୧୧ | ଜଙ୍ଗଲ-୨ | ୦.୦୯ | ୦.୦୯୦ | ଇଶ୍ୱରି ମଣ୍ଡଳ, ସ୍ୱା: ତୁଳାରାମ ତନ୍ତି, ଜା: ଚଣ୍ଡାଳ, ବା:ଭନସୁଲି |
| ୯ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୫୦୨ | ୧୪୯/୫୧୩ | ଘରବାରି | ୦.୧୨ | ୦.୫୯ | ମହେଶ୍ୱର ତନ୍ତୀ, ପି: କେଶବ ତନ୍ତୀ, ଜା: ଚଣ୍ଡାଳ, ବା:ରଣସପୁର |
| ୧୦ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୫୦୧ | ୧୪୯/୫୧୩/୭୦୪ | ଘରବାରି | ୦.୧୨ | ୦.୦୦୬ | ଗିତାଞ୍ଜଳି କନ୍ଧପାଳ, ସ୍ୱା: ପ୍ରେମଲାଲ ଲାଲଟେଲ ଜା: ଡମ୍ବ, ବା: ହାଟଗୁଡା |
| ୧୧ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୫୦୧ | ୧୪୯/୫୧୩/ ୭୦୪/୧୧୯୦ | ଘରବାରି | ୦.୦୮ | ୦.୦୪ | ଗିତାଞ୍ଜଳି କନ୍ଧପାଳ, ସ୍ୱା: ପ୍ରେମଲାଲ ଲାଲଟେଲ ଜା: ଡମ୍ବ, ବା: ହାଟଗୁଡା |
| ୧୨ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୬୫୮ | ୧୪୯/୫୧୩/୮୫୩ | ଘରବାରି | ୦.୦୮ | ୦.୦୮ | ରାମ ପ୍ରସାଦ ମଣ୍ଡଳ, ପି: ନିଳକଣ୍ଠ ମଣ୍ଡଳ, ଜା: ଚଣ୍ଡାଳ, ବା: ରଣସପୁର |
| ୧୩ | ଦୁଲାଗୁଡା | ଗ୍ରାମାଞ୍ଚଳ | ୫୮ | ୧୬୩ | ଧାନ-୩ | ୪.୮୧ | ୦.୩୨୩ | ବୁଦୁ ଗଣ୍ଡା, ପି: ମହାଦେବ ଗଣ୍ଡା, ଜା: ଡମ୍ବ, ବା: ନିଜଗାଁ |
| ୧୪ | ଦୁଲାଗୁଡା | ଗ୍ରାମାଞ୍ଚଳ | ୫୮ | ୧୬୫ | ଡଙ୍ଗର-୧ | ୦.୮୬ | ୦.୧୦୭ | ବୁଦୁ ଗଣ୍ଡା, ପି: ମହାଦେବ ଗଣ୍ଡା, ଜା: ଡମ୍ବ, ବା: ନିଜଗାଁ |
| ୧୫ | ଦୁଲାଗୁଡା | ଗ୍ରାମାଞ୍ଚଳ | ୫୮ | ୧୬୬ | ଡଙ୍ଗର-୨ | ୦.୨୪ | ୦.୨୩୪ | ବୁଦୁ ଗଣ୍ଡା, ପି: ମହାଦେବ ଗଣ୍ଡା, ଜା: ଡମ୍ବ, ବା: ନିଜଗାଁ |
| ୧୬ | ଦୁଲାଗୁଡା | ଗ୍ରାମାଞ୍ଚଳ | ୧୯ | ୧୬୭ | ଡଙ୍ଗର-୨ | ୨.୪୮ | ୦.୬୨୫ | ଦୁଃଖି ଜାନୀ, ସ୍ୱା–ଭଗବାନ ଜାନୀ, ରଘୁ ଜାନୀ, ଦଇମତି ଜାନୀ, ବିମଳା ଜାନୀ, ଡମୁଣୀ ଜାନୀ, ପି: ଭଗବାନ ଜାନୀ, ନିଳେନ୍ଦ୍ରୀ ଜାନୀ, ସନାଲ ଜାନୀ, ଲଳିତା ଜାନୀ, ବଳରାମ ଜାନୀ, ପି: ପଦଲାମ ଜାନୀ କମଲୁ ଜାନୀ, ପଦଲାମ ଜାନୀ, ପି: ମାନସିଂହ ଜାନୀ, ଲକ୍ଷ୍ମଣ ଜାନୀ, ପି: ଚୈତନ ଜାନୀ, ଜା: ପରଜା, ବା: ଖ୍ୱାଲଗୁଡା |
| ୧୭ | ଦୁଲାଗୁଡା | ଗ୍ରାମାଞ୍ଚଳ | ୩୨ | ୧୬୮ | ଡଙ୍ଗର-୨ | ୨.୨୬ | ୦.୦୬୫ | ମାଣିକ ମୁଦୁଲି, ରାମ ଜାନୀ, ଚନ୍ଦ୍ରମା ଜାନୀ, ପି: ଭଗବାନ ଜାନୀ, ପାର୍ବତୀ ଜାନୀ, ସ୍ୱା: ଭଗବାନ ଜାନୀ, ଜା: ପରଜା, ବା: ଖ୍ୱାଲଗୁଡା, ଡମ୍ବରୁ ଜାନୀ, ପି: ଧନ ଜାନି, ନିଳକଣ୍ଠ ଜାନି, ପି: ମୁକୁନ୍ଦ ଜାନି, ଜା: ପରଜା, ବା: ନିଜଗାଁ |
| ୧୮ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୩୮ | ୨୨୫/୧ | ଡଙ୍ଗର-୨ | ୧.୧୦ | ୦.୫୨୨ | ବ୍ରହ୍ମାନାଥ ପାତ୍ର, ପି: ନିଳକଣ୍ଠ ପାତ୍ର, ଜା: ବ୍ରାହ୍ମଣ, ବା: ଦୁଲାଗୁଡା |
| ୧୯ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୨୧୬ | ୨୨୫/୨ | ଘରବାରି | ୦.୯୭ | ୦.୧୭୧ | ଭି. ରମେଶ ପି: ଭି. ଶଙ୍କର ରାଇ, ଜା: ଭଣ୍ଡାରି, ବା: ବୋରିଗୁମ୍ମା |
| ୨୦ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୫୭୫ | ୨୨୭ | ଡଙ୍ଗର୨ | ୦.୩୩ | ୦.୦୦୩ | ଜୟନ୍ତ କୁମାର ମହାରଣା, ପି: ବିଶ୍ୱନାଥ ମହାରଣା, ଜା: ଚିତ୍ରକାର, ବା: ବୋରିଗୁମ୍ମା |
| ୨୧ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୮୫୨ | ୨୨୮/୧୦୧୩ | ଡଙ୍ଗର-୨ | ୦.୦୪ | ୦.୦୨୧ | ଏ କମଳା ଦେବି, ସ୍ୱା: ଏ କ୍ରିଷ୍ଣା ପ୍ରସାଦ ଜା: ବୈଶ୍ୟ, ବା: ଜୟପୁର |
| ୨୨ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨//୧୧୦୦୦୦୧୧ | ୨୨୮/୧୦୨୯ | ଡଙ୍ଗର-୨ | ୦.୦୨ | ୦.୦୨୦ | ହରପ୍ରିୟା ସାହୁ, ସ୍ୱା: ପଦ୍ମନାଭ ସାହୁ, ଜା: ତେଲି, ବା: ନବରଙ୍ଗପୁର |
| ୨୩ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୦୦୩ | ୨୨୮/୧୦୩୦ | ଘରବାରି | ୦.୦୪ | ୦.୦୪ | ଦୁର୍ଗା ପ୍ରସାଦ ତ୍ରିପାଠି, ପି: ସିମାଞ୍ଚଳ ତ୍ରିପାଠି, ଜା: ବ୍ରାହ୍ମଣ, ବା: ନବରଙ୍ଗପୁର |
| ୨୪ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨//୧୦୦୩ | ୨୨୮/୧୦୩୧ | ଘରବାରି | ୦.୦୪ | ୦.୦୪ | ଅମ୍ବିକା ପ୍ରସାଦ ତ୍ରିପାଠି, ପି: ସୀମାଞ୍ଚଳ ତ୍ରିପାଠି, ଜା: ବ୍ରାହ୍ମଣ, ବା: ନବରଙ୍ଗପୁର |
| ୨୫ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୦୦୭ | ୨୨୮/୧୦୩୪ | ଡଙ୍ଗର-୨ | ୦.୦୨ | ୦.୦୨୦ | ଏସ୍. ଭାସ୍କର ରାଓ, ପି: ଏସ୍ ଶଙ୍କରମ୍, ଜା: ବୈଶ୍ୟ, ବା: ବୋରିଗୁମ୍ମା |
| ୨୬ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨//୧୧୦୦୦୭ | ୨୨୮/୧୦୨୫ | ଡଙ୍ଗର-୨ | ୦.୦୨ | ୦.୦୨୦ | ଏସ୍. ଭାସ୍କର ରାଓ, ପି: ଏସ୍ ଶଙ୍କରମ୍, ଜା: ବୈଶ୍ୟ, ବା: ବୋରିଗୁମ୍ମା |
| ୨୭ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୮୮୬ | ୨୨୮/୧୦୩୯ | ଘରବାରି | ୦.୦୪ | ୦.୦୪ | ବାଲାଜି ଖାଡଙ୍ଗା, ପି: ଅନନ୍ତ ଘାଡଙ୍ଗା, ଜା: ବ୍ରାହ୍ମଣ, ବା: ବୋରିଗୁମ୍ମା |
| ୨୮ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୦୧୪ | ୨୨୮/୧୦୪୦ | ଡଙ୍ଗର-୨ | ୦.୦୨ | ୦.୦୨୦ | ହରେକୃଷ୍ଣ ସାହୁ, ପି: ଜିମୁତବାହାନ ସାହୁ, ଜା: ତେଲି, ବା: ଅଞ୍ଚଳଗୁମ୍ମା |
| ୨୯ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୮୯୮ | ୨୨୮/୧୦୪୫ | ଡଙ୍ଗର-୨ | ୦.୪ | ୦.୦୪୦ | ପଦ୍ମିନି ନାୟକ, ସ୍ୱା: ବିଦ୍ୟାଧର ନାୟକ, ଜା: ଗଉଡ, ବା: ନିଜଗାଁ |
| ୩୦ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୯୧୨ | ୨୨୮/୧୦୫୮ | ଡଙ୍ଗର-୨ | .୦୪ | ୦.୦୪୦ | ନରସିଂହ ବହେରା, ପି: ଶ୍ରୀନିବାସ ବେହେରା, ଜା: କରଣ, ବା: ନବରଙ୍ଗପୁର |
| ୩୧ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୦୩୭ | ୨୨୮/୧୦୬୧ | ଡଙ୍ଗର-୨ | ୦.୦୨ | ୦.୦୨୦ | ପାର୍ବତି ଦାଶ, ସ୍ୱା: ପ୍ରସାଦ କୁମାର ଦାଶ, ଜା: ବ୍ରାହ୍ମଣ, ବା:ଜୟପୁର |
| ୩୨ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୯୧୮ | ୨୨୮/୧୦୬୩ | ଡଙ୍ଗର-୨ | ୦.୦୨ | ୦.୦୨୦ | ଏସ୍. ଲାବଣ୍ୟ କୁମାର ପି: ଏସ୍ ଗୋପାଳ କ୍ରିଷ୍ଣା ରାଓ ଜା: ବୈଶ୍ୟ, ବା: ଜୟପୁର |
| ୩୩ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୯୧୯ | ୨୨୮/୧୦୬୪ | ଡଙ୍ଗର-୨ | ୦.୦୨ | ୦.୦୨୦ | ଭି. ଗୌରୀଶଙ୍କର ପି: ଭି. ହରିନାଥ ବାବା ଜା: ବୈଶ୍ୟ, ବା: ଜୟପୁର |
| ୩୪ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୧/୧୦୪୨ | ୨୨୮/୧୦୬୬ | ଡଙ୍ଗର-୨ | ୦.୦୨ | ୦.୦୧୨ | ଚିନ୍ମୟ ପଟ୍ଟନାୟକ, ପି: ବି. ଏମ୍.ଆର.ପଟ୍ଟନାୟକ, ବା: କରଣ, ବା: ଗୁଣପୁର |
| ୩୫ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୦୪୬ | ୨୨୮/୧୦୭୦ | ଡଙ୍ଗର-୨ | ୦.୦୨ | ୦.୦୨୦ | ପବିତ୍ର ମଲ୍ଲିକ, ପି: ନିଳମଣି ମଲ୍ଲିକ, ଜା: ଖଣ୍ଡାୟତ, ବା: ଭୂପତି ସାହି, ଜୟପୁର |
| ୩୬ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୦୪୭ | ୨୨୮/୧୦୭୧ | ଡଙ୍ଗର-୨ | ୦.୦୨ | ୦.୦୧୮ | ମହମ୍ମଦ ଅଜମଲ ବେଗ, ସ୍ୱା: ମହମ୍ମଦ ଅନୱାର ବେଗ, ଜା: ମୁସଲିମ୍, ବା: ଜୟପୁର |
| ୩୭ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୦୭୨ | ୨୨୮/୧୦୭୨ | ଡଙ୍ଗର-୨ | ୦.୦୪ | ୦.୦୪୦ | ପି: ହରି ପି: ପି. ସୁଦର୍ଶନ ରାଓ, ଜା: ବୈଶ୍ୟ, ବା: ପାଲଲୁ ସାହି, ବୋରିଗୁମ୍ମା |
| ୩୮ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୦୪୯ | ୨୨୮/୧୦୭୩ | ଡଙ୍ଗର-୨ | ୦.୦୨ | ୦.୦୨୦ | ଦିଲିପ କୁମାର ଚୌଧୁରୀ, ପି: ଅର୍ଜୁନ ଚୌଧୁରୀ, ଜା: ବ୍ରାହ୍ମଣ, ବା: ଡାବାଙ୍ଗା |
| ୩୯ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୦୬୭ | ୨୨୮/୧୦୮୮ | ଡଙ୍ଗର-୨ | ୦.୦୨ | ୦.୦୨୦ | କୃଷ୍ଣ ମହାକୁଡ, ପି: ଗୁରୁବାରିଆ ମହାକୁଡ, ଜା: ଗଉଡ, ବା: କଲ୍ୟାଣଗୁଡା |
| ୪୦ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୯୮୦ | ୨୨୮/୧୧୧୩ | ଡଙ୍ଗର-୨ | ୦.୦୪ | ୦.୦୪୦ | ତାପସ କୁମାର ହୋତା, ପି: ଗଣେଶ୍ୱର ହୋତା, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୪୧ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୯୮୧ | ୨୨୮/୧୧୧୫ | ଡଙ୍ଗର-୨ | ୦.୦୩ | ୦.୦୩୦ | ମାନସ କୁମାର ହୋତା, ପି: ଗଣେଶ୍ୱର ହୋତା, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୪୨ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୯୯୫ | ୨୨୮/୧୧୨୪ | ଡଙ୍ଗର-୨ | ୦.୦୨ | ୦.୦୨୦ | ସୁନିତା କୁମାରୀ ଦାଶ, ସ୍ୱା: ପ୍ରସନ କୁମାର ଦାଶ, ଜା: ବ୍ରାହ୍ମଣ, ବା: ବେରିଗୁମ୍ମା |
| ୪୩ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୯୯୬ | ୨୨୮/୧୧୨୫ | ଡଙ୍ଗର-୨ | ୦.୦୩ | ୦.୦୩୦ | ସରସ୍ୱତୀ ପରିଡା, ସ୍ୱା: ସତ୍ୟସେନ ଦାଶ, ଜା: ବ୍ରାହ୍ମଣ, ବା: ବୋଡିଗାଁ |
| ୪୪ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୧୨୬ | ୨୨୮/୧୧୨୯ | ଡଙ୍ଗର-୨ | ୦.୦୬ | ୦.୦୬୦ | ପ୍ରତିମା ପାଣିଗ୍ରାହି, ସ୍ୱା: କୈଳାସ ପାଣିଗ୍ରାହି, ଜା: ବ୍ରାହ୍ମଣ, ବା: ନୂଆ ସାହି, ଜୟପୁର |
| ୪୫ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୧୨୭ | ୨୨୮/୧୧୩୦ | ଡଙ୍ଗର-୨ | ୦.୦୨ | ୦.୦୨୦ | ୱାଇ. ସତିଶ ପି: ୱାଇ ଆପ୍ପଲସ୍ୱାମୀ ରାଓ, ଜା: ଏଲାମା, ବା: ଜୟପୁର |
| ୪୬ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୧୩୯ | ୨୨୮/୧୧୪୧ | ଡଙ୍ଗର-୨ | ୦.୦୨ | ୦.୦୧୧ | ଭି. ରବି କୁମାର, ପି: ଭି. ରାମାଣାୟା, ଜା: ବୈଶ୍ୟ, ବା: ଜୟପୁର |
| ୪୭ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୧୬୬ | ୨୨୮/୧୧୬୪ | ଡଙ୍ଗର-୨ | ୦.୦୨ | ୦.୦୨୦ | କେ. ରାଜେଶ୍ୱରି, ସ୍ୱା: କେ. ପ୍ରସନ କୁମାର, ଜା: ବୈଶ୍ୟ, ବା: ବୋରିଗୁମ୍ମା |
| ୪୮ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୬୮୨ | ୨୨୮/୮୭୨ | ଡଙ୍ଗର-୨ | ୦.୦୨ | ୦.୦୨୦ | ରଜତ ହୋତା, ପି: ଗଣେଶ୍ୱର ହୋତା, ଜା: ବ୍ରାହ୍ମଣ, ବା: ଜୟପୁର |
| ୪୯ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୬୮୨ | ୨୨୮/୮୭୩ | ଡଙ୍ଗର-୨ | ୦.୦୨ | ୦.୦୨୦ | ରଜତ ହୋତା, ପି: ଗଣେଶ୍ୱର ହୋତା, ଜା: ବ୍ରାହ୍ମଣ, ବା: ଜୟପୁର |
| ୫୦ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୭୩୬ | ୨୨୮/୯୧୯ | ଡଙ୍ଗର-୨ | ୦.୦୧୫ | ୦.୦୧୫ | ସୁଧିର ପାଣିଗ୍ରାହି, ପି: କାଶିନାଥ ପାଣିଗ୍ରାହି, ଜା: ବ୍ରାହ୍ମଣ, ବା: ରତାଳି |
| ୫୧ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୭୩୭ | ୨୨୮/୯୨୧ | ଡଙ୍ଗର-୨ | ୦.୦୨ | ୦.୦୨୦ | ହୃଷିକେଶ ପାଣିଗ୍ରାହି, ପି: ରଘୁନାଥ ପାଣିଗ୍ରାହି, ଜା: ବ୍ରାହ୍ମଣ, ବା: ଜୟପୁର |
| ୫୨ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୭୬୮ | ୨୨୮/୯୪୮ | ଡଙ୍ଗର-୨ | ୦.୦୨ | ୦.୦୨୦ | ବାଲାଜି ବିଶୋଇ, ପି: ବାସୁଦେବ ବିଶୋଇ, ଜା: ଖଣ୍ଡାୟତ, ବା: ବିଜରାପାଲି, ପ୍ରତାପ ମହାନ୍ତି, ପି: ସୀମାଞ୍ଚଳ ମହାନ୍ତି, ଜା: ବ୍ରାହ୍ମଣ, ବା: ଧବରିଗୁଡା |
| ୫୩ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୭୮୧ | ୨୨୮/୯୫୫ | ଡଙ୍ଗର-୨ | ୦.୦୨ | ୦.୦୨୦ | ରିନା ମଣ୍ଡଳ, ସ୍ୱା: ସନ୍ତୋଷ କୁମାର ଜା: ଖଣ୍ଡାୟତ, ବା: ଚଲାଣଗୁଡା |
| ୫୪ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୭୮୨ | ୨୨୮/୯୫୬ | ଡଙ୍ଗର-୨ | ୦.୦୨ | ୦.୦୨୦ | ଜ୍ୟୋସ୍ନା ମଣ୍ଡଳ, ସ୍ୱା: ଅରବିନ୍ଦ କୁମାର ମଣ୍ଡଳ, ଜା: ଖଣ୍ଡାୟତ, ବା: ବ୍ରହ୍ମପୁର |
| ୫୫ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୮୧୪ | ୨୨୮/୯୭୮ | ଘରବାରି | ୦.୦୨ | ୦.୦୨ | ବନ୍ଦନା ଚୌଧୁରୀ, ସ୍ୱା: ସୁଜିତ କୁମାର ସୁଆର, ଜା: ବ୍ରାହ୍ମଣ, ବା: ପୂଜାରୀପୁଟ |
| ୫୬ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୯୮୩ | ୨୨୯ | ଡଙ୍ଗର-୨ | ୦.୧୦ | ୦.୦୧୩ | ଏ. ପାଣ୍ଡୁରାଙ୍ଗା, ପି: ଏ ଭେଙ୍କେଟ୍ ରାଓ, ଜା: ବୈଶ୍ୟ, ବା: ଜୟପୁର |
| ୫୭ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୯୯୮ | ୨୨୯/୮୩୬ | ଘରବାରି | ୦.୨୫ | ୦.୦୦୩ | ପଦ୍ମଲୋଚନ ରାଉତ, ପି: ପୀତବାସ ରାଉତ, ଜା: ଖଣ୍ଡାୟତ, ବା: ବୋରିଗୁମ୍ମା |
| ୫୮ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୯୯୭ | ୨୨୯/୮୩୬/୧୧୨୬ | ଘରବାରି | ୦.୨୫ | ୦.୦୦୪ | ଜୟଶ୍ରୀ ପରିଡା, ସ୍ୱା: ପଦ୍ମଲୋଚନ ରାଉତ, ଜା: ଖଣ୍ଡାୟତ, ବା: ସନ୍ତୋଷୀ ନଗର, ବୋରିଗୁମ୍ମା |
| ୫୯ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୦୭୧ | ୨୩୦ | ଘରବାରି | ୦.୧୬ | ୦.୧୫୬ | ସୃତିରାମ ସତନାମି, ପି: ଗୋବର୍ଦ୍ଧନ ସତନାମି, ଜା: ଚମାର, ବା: ବୋରିଗୁମ୍ମା |
| ୬୦ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୦୬୩ | ୨୩୦/୭୧୭/ ୧୦୮୪ | ଡଙ୍ଗର-୨ | ୦.୦୨ | ୦.୦୦୬ | ମନୋଜ କୁମାର ପାତ୍ର, ପି: ରଘୁନାଥ ପାତ୍ର ଜା–ଖଣ୍ଡାୟତ, ବା–ପୁଜାରିପୁଟ |
| ୬୧ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୩୮ | ୨୩୧ | ଡଙ୍ଗର-୨ | ୦.୬୩ | ୦.୬୩୦ | ବ୍ରହ୍ମାନାଥ ପାତ୍ର, ପି: ନିଳକଣ୍ଠ ପାତ୍ର ଜା–ବ୍ରାହ୍ମଣ, ବା–ଦୁଲାଗୁଡା |
| ୬୨ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୫୪୪ | ୨୩୨ | ଡଙ୍ଗର-୨ | ୨.୦୯୧ | ୦.୪୨୮ | ପ୍ରଫୁଲ୍ଲ କୁମାର ଦଳେଇ, ପି: ତ୍ରିପତି ଦଳେଇ ଜା–ଖଣ୍ଡାୟତ, ବା–ନିଜଗାଁ |
| ୬୩ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୦୪୦ | ୨୩୨/୧୦୬୪ | ଘରବାରି | ୦.୦୨ | ୦.୦୧୪ | ସାନ୍ତନୁ ନାୟକ, ପି: ସମର ନାୟକ ଜା– ରଣା, ବା–ବୋରିଗୁମ୍ମା |
| ୬୪ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୫୧୪ | ୨୩୫ | ଡଙ୍ଗର-୨ | ୦.୩୮ | ୦.୨୫୩ | ପି. ବାସୁଦେବ ରାଓ, ପି. ପି ଆନନ୍ଦ ରାଓ ଜା– ବୈଶ୍ୟ, ବା: ଦାସିରି ସାହି, ବୋରିଗୁମ୍ମା |
| ୬୫ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୫୩ | ୨୩୬ | ଡଙ୍ଗର-୨ | ୨.୬୨ | ୦.୫୯୪ | ଅନାଦି ଚରଣ ପାଣିଗ୍ରାହି, ପି: ବାଲାଜି ପ୍ରସାଦ ପାଣିଗ୍ରାହି, ଜା–ବ୍ରାହ୍ମଣ, ବା: ବୋରିଗୁମ୍ମା |
| ୬୬ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୫୪ | ୨୩୭ | ଡଙ୍ଗର-୨ | ୪.୩୯ | ୦.୩୩୮ | ଶଶିଦେବି ମହାରଣା, ସ୍ୱା–ନରସିଂହ ମହାରଣା, ଜା– ବଢ଼େଇ, ବା: ବୋରିଗୁମ୍ମା |
| ୬୭ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୫୫ | ୨୩୮ | ଡଙ୍ଗର-୨ | ୨.୮୮ | ୦.୦୧୯ | ଅନାଦି ଚରଣ ପାଣିଗ୍ରାହି, ପି:ବାଲାଜି ପାଣିଗ୍ରାହି, ଜା– ବ୍ରାହ୍ମଣ, ବା: ଭୈରବମାର୍ଗ ବୋରିଗୁମ୍ମା |
| ୬୮ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୧୦୧୭ | ୨୩୯ | ଡଙ୍ଗର-୨ | ୦.୬୨ | ୦.୫୦୬ | ନିଳକଣ୍ଠ ହରିଜନ, ପି: ପୂର୍ଣ୍ଣ ହରିଜନ ଜା– ଡମ୍ବ, ବା: ପର୍ଶଲା |
| ୬୯ | ଦୁଲାଗୁଡା | ଗ୍ରାମାଞ୍ଚଳ | ୨୯ | ୨୪୦ | ଡଙ୍ଗର-୨ | ୧.୯୮ | ୦.୮୩୪ | ମାଧବ ଯାନୀ, କୁଞ୍ଜ ଯାନୀ, ପି: ସୁନାଧର ଯାନୀ, ପୂର୍ଣ୍ଣ ଯାନୀ, ପି: ରଘୁନାଥ ଯାନୀ, ଯମୁନା ଯାନୀ ପି: ସୁନାଧର ଯାନୀ, ଜା: ପରଜା, ବା: ନିଜଗାଁ |
| ୭୦ | ଦୁଲାଗୁଡା | ଗ୍ରାମାଞ୍ଚଳ | ୯୨/୮୫ | ୨୪୧ | ଡଙ୍ଗର-୨ | ୦.୯୬ | ୦.୮୪୭ | ମଦନ ଗଣ୍ଡା, ବନସିଙ୍ଗ ଗଣ୍ଡା, ତଇଦ ଗଣ୍ଡା, ବନୁ ଗଣ୍ଡା ଓ ବିନୋଦ ଗଣ୍ଡା, ପି: ରତନ ଗଣ୍ଡା, ଜା–ଡମ୍ବ, ବା: ନିଜଗାଁ |
| ୭୧ | ଦୁଲାଗୁଡା | ଗ୍ରାମାଞ୍ଚଳ | ୭୯ | ୨୪୨ | ଡଙ୍ଗର-୨ | ୩.୨୬ | ୨.୧୬୦ | କମଳା ପୂଜାରୀ, ସ୍ୱା–ପଦଲାମ ପୂଜାରୀ, ଲକ୍ଷ୍ମୀ ପୂଜାରୀ ସ୍ୱା–ପୂର୍ଣ୍ଣଚନ୍ଦ୍ର ପୂଜାରୀ, ହରିଶ୍ଚନ୍ଦ୍ର ପୂଜାରୀ, ଯମୁନା ପୂଜାରୀ, ଜୟନ୍ତୀ ପୂଜାରୀ, ସୁବର୍ଣ୍ଣ ପୂଜାରୀ, ପି: ପୁର୍ଣ୍ଣଚନ୍ଦ୍ର ପୂଜାରୀ, ଚନ୍ଦ୍ରମଣି ପୂଜାରୀ, ପି: ପଦଲାମ ପୂଜାରୀ, ଜା: ଭତର, ବା: ଦୁଲାଗୁଡା |
| ୭୨ | ଦୁଲାଗୁଡା | ଗ୍ରାମାଞ୍ଚଳ | ୨୯ | ୨୪୩ | ଡଙ୍ଗର-୨ | ୧.୬୨ | ୦.୧୨୯ | ମାଧବ ଯାନୀ, କୁଞ୍ଜ ଯାନୀ, ପି: ସୁନାଧର ଯାନୀ, ପୂର୍ଣ୍ଣ ଯାନୀ, ପି: ରଘୁନାଥ ଯାନୀ, ଯମୁନା ଯାନୀ, ପି: ସୁନାଧର ଯାନୀ, ଜା: ପରଜା, ବା: ନିଜଗାଁ |
| ୭୩ | ଦୁଲାଗୁଡା | ଗ୍ରାମାଞ୍ଚଳ | ୨୦ | ୨୪୫ | ଡଙ୍ଗର-୩ | ୦.୮୬ | ୦.୭୯୬ | ଦୁଃଖୀ ଜାନୀ, ସ୍ୱା: ଭଗବାନ ଜାନୀ, ରଘୁ ଜାନୀ, ଦଳମତି ଯାନୀ, ବିମଳା ଜାନୀ, ଡମୁଣୀ ଜାନୀ, ପି: ଭଗବାନ ଜାନୀ, ନିଳେନ୍ଦ୍ରୀ ଜାନୀ, ସନାଇ ଜାନୀ, ଲଳିତା ଜାନୀ, ବଳରାମ ଜାନୀ, ପି: ପଦଲାମ ଜାନୀ, କମଲୁ ଜାନୀ, ପଦଲାମ ଜାନୀ, ପି: ମାନସିଂହ ଜାନୀ, ଲକ୍ଷ୍ମଣ ଜାନୀ, ପି: ଚୈତନ ଜାନୀ, ଜା: ପରଜା, ବା: ଖ୍ୱାଲଗୁଡା |
| ୭୪ | ଦୁଲାଗୁଡା | ଗ୍ରାମାଞ୍ଚଳ | ୭୦ | ୨୪୬ | ଡଙ୍ଗର-୨ | ୧.୪୧ | ୦.୩୬୦ | ଚନ୍ଦ୍ର ଜାନୀ, କମଳା ଜାନୀ, ପି: ଲକ୍ଷ୍ମଣ ଜାନୀ, ଗୁରୁବାରି ଜାନୀ, ସ୍ୱା: ମୁକୁନ୍ଦ ଜାନୀ, ନୀଳକଣ୍ଠ ଜାନୀ, ପି: ମୁକୁନ୍ଦ ଜାନୀ, ଜା–ପରଜା, ବା: ଖ୍ୱାଲଗୁଡା, ଜଗବନ୍ଧୁ ଜାନୀ, ପି: ମୁକୁନ୍ଦ ଜାନୀ, ଜା: ପରଜା, ବା: ଖ୍ୱାଲଗୁଡା, ଅଜୟ ଜାନୀ, ବିଜୟ ଜାନୀ, ପି: ହରି ଜାନୀ, ଜା: ପରଜା, ବା: ଖ୍ୱାଲଗୁଡା |
| ୭୫ | ଦୁଲାଗୁଡା | ଗ୍ରାମାଞ୍ଚଳ | ୩୨ | ୨୫୬ | ଡଙ୍ଗର-୩ | ୨.୬୩ | ୧.୯୨ | ମାଣିକ ମୁଦୁଲି, ରାମ ଜାନୀ, ଚନ୍ଦ୍ରମା ଜାନୀ, ପି: ଭଗବାନ ଜାନୀ, ପାର୍ବତୀ ଜାନୀ, ସ୍ୱା: ଭଗବାନ ଜାନୀ, ଜା: ପରଜା, ବା–ଖ୍ୱାଲିଗୁଡା ଡମ୍ବରୁ ଜାନି, ପି: ଧନ ଜାନୀ, ନିଳକଣ୍ଠ ଜାନି, ପି: ମୁକୁନ୍ଦ ଜାନି, ଜା: ପରଜା, ବା: ନିଜଗାଁ |
| | | | | | | ମୋଟ | ୧୭.୪୭୬ | |

ବିଶେଷ ଦ୍ରଷ୍ଟବ୍ୟ : କ୍ଷେତ୍ର ଯାଞ୍ଚ ଅନୁଯାୟୀ ରକବା ଏ. ୦.୮୧୫ ଜମି ଅଧିଗ୍ରହଣ ଅନ୍ତର୍ଭୁକ୍ତ ହେଉ ନାହିଁ ।

OIPR : 24001/24212/3/26-27/0003

# ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ



ବାଲେଶ୍ୱର,(ସବ୍ୟୁ): ଓଡ଼ିଶାର ଉପ–ମୁଖଯମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ବୁଧବାର ଦିନ ବାଲେଶ୍ୱର ଜିଲ୍ଲାର ବନ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି କ୍ଷତିଗ୍ରସ୍ତ ଲୋକଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ସେ ଦହପଡା ଗ୍ରାମ ପଞ୍ଚାୟତ, ଛନୁଆ ଗ୍ରାମ ପଞ୍ଚାୟତ, କୁରୁଡ଼ିହା ଗ୍ରାମ ପଞ୍ଚାୟତ ଏବଂ ବାହାବଳପୁର ଗ୍ରାମ ପଞ୍ଚାୟତ ପରିଦର୍ଶନ କରି ବନ୍ୟା। ସ୍ଥିତି, ଜନଜୀବନ ଓ ସରକାରଙ୍କ ପକ୍ଷରୁ କରାଯାଉଥିବା ଉଦ୍ଧାର, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ସମୟରେ ବାଲେଶ୍ୱର ସାଂସଦଙ୍କ ସମେତ ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ଏବଂ ସଦର ବିଧାୟକ ମଧ୍ୟ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ । ଉପମୁଖ୍ୟମନ୍ତ୍ରୀ ବନ୍ୟା ପ୍ରଭାବିତ ପରିବାରମାନଙ୍କ ଘରକୁ ଯାଇ ସେମାନଙ୍କ ସମସ୍ୟା ଶୁଣିଥିଲେ। ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ଘର, ଚାଷଜମି, ରାସ୍ତାଘାଟ, ପାନୀୟ ଜଳ ବ୍ୟବସ୍ଥା ଓ ଅନ୍ୟାନ୍ୟ ଭିତ୍ତିଭୂମିର ସ୍ଥିତି ପରଖିଥିଲେ। ପରବର୍ତ୍ତୀ ସମୟରେ ବାଲେଶ୍ୱର କଲେକ୍ଟରେଟ୍ ସ୍ଥିତ ସମ୍ମିଳନୀ କକ୍ଷରେ ଉପମୁଖଯମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବାଲେଶ୍ୱର ଜିଲ୍ଲାର ବନ୍ୟା ସ୍ଥିତି, ଉଦ୍ଧାର କାର୍ଯ୍ୟ, ରିଲିଫ୍ ବଣ୍ଟନ, କ୍ଷୟକ୍ଷତିର ଆକଳନ, ଭିତ୍ତିଭୂମିର ପୁନରୁଦ୍ଧାର ଏବଂ ସାଧାରଣ ଜନଜୀବନକୁ ସ୍ୱାଭାବିକ କରିବା ଦିଗରେ ଗ୍ରହଣ କରାଯାଇଥିବା ପଦକ୍ଷେପର ବିସ୍ତୃତ ସମୀକ୍ଷା କରାଯାଇଥିଲା। ବୈଠକରେ ଉପସ୍ଥିତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କଠାରୁ ଉପମୁଖ୍ୟମନ୍ତ୍ରୀ ବିଭିନ୍ନ ଅଞ୍ଚଳର ବନ୍ୟା ସ୍ଥିତି, କ୍ଷୟକ୍ଷତିର ପରିମାଣ, ଉଦ୍ଧାର କାର୍ଯ୍ୟର ଅଗ୍ରଗତି, ରିଲିଫ୍ ବଣ୍ଟନ ଓ ପୁନରୁଦ୍ଧାର କାର୍ଯ୍ୟର ବିସ୍ତୃତ ସୂଚନା ସଂଗ୍ରହ କରିଥିଲେ। ସେ ପ୍ରତ୍ୟେକ ବ୍ଲକର ସ୍ଥିତି ସମ୍ପର୍କରେ ପୃଥକ ଭାବେ ସମୀକ୍ଷା କରି କେଉଁଠି କୌଣସି ସମସ୍ୟା ରହିଛି ତାହାର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।କ୍ଷତିଗ୍ରସ୍ତ ରାସ୍ତା, ପୋଲ, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ୍ ସଂଯୋଗ, ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ସରକାରୀ ଭିତ୍ତିଭୂମିର ମରାମତି କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପନ୍ନ କରିବାକୁ ସେ ଅଧିକାରୀମାନଙ୍କୁ କହିଥିଲେ। ସେହିପରି କ୍ଷତିଗ୍ରସ୍ତ ପରିବାରମାନଙ୍କର ତାଲିକା ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପ୍ରସ୍ତୁତ କରି ଶୀଘ୍ର କ୍ଷତିପୂରଣ ଓ ସରକାରୀ ସହାୟତା ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।ବୈଠକରେ ସ୍ୱାସ୍ଥ୍ୟ ବିଭାଗକୁ ବନ୍ୟା ପରବର୍ତ୍ତୀ ସମ୍ଭାବ୍ୟ ସଂକ୍ରାମକ ରୋଗ ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଆବଶ୍ୟକ ଔଷଧ ମହଜୁଦ ରଖିବା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଏବଂ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ କୁହାଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ସମୟରେ କରାଯାଇଥିବା ଉଦ୍ଧାର କାର୍ଯ୍ୟ, ସୁରକ୍ଷିତ ସ୍ଥାନକୁ ଲୋକଙ୍କ ସ୍ଥାନାନ୍ତରଣ, ରିଲିଫ୍ ବଣ୍ଟନ, ଆଶ୍ରୟ କେନ୍ଦ୍ର ପରିଚାଳନା, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ବ୍ୟବସ୍ଥା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା।ବୈଠକ ଶେଷରେ ଉପମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନ, ଉଦ୍ଧାରକାରୀ ଦଳ, ସ୍ୱେଚ୍ଛାସେବୀ ସଂଗଠନ ଓ ବନ୍ୟା ସମୟରେ ନିୟୋଜିତ ସମସ୍ତ କର୍ମଚାରୀଙ୍କ କାର୍ଯ୍ୟର ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ସରକାର ପରିସ୍ଥିତି ଉପରେ ନିରନ୍ତର ନଜର ରଖିଛନ୍ତି ଏବଂ ଆବଶ୍ୟକ ହେଲେ ଅଧିକ ସହାୟତା ଓ ସମ୍ବଳ ଯୋଗାଇ ଦିଆଯିବ।

## କୃଷି ଅଫିସ ଆଗରେ ବିଷ ବୋତଲ ଧରି ଚାଷୀ ଦେଲେ ଧାରଣା

ବାସୁଦେବପୁର,(ସବ୍ୟୁ): :ବାସୁଦେବପୁର ବ୍ଲକର ଦୀର୍ଘ ଚାରି ମାସ ଧରି ସୂର୍ଯ୍ୟମୁଖୀ ମଞ୍ଜିର ଅଭାବୀ ବିକ୍ରୀ ସମ୍ମୁଖୀନ ହେଉଥିବା ଋଣଗ୍ରସ୍ତ ସୂର୍ଯ୍ୟମୁଖୀ ଚାଷୀ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଫାଟକ ଆଗରେ ବିଷ କାଚ ବୋତଲ ଧରି ଧାରଣା ଦେଇଛନ୍ତି। ଏହିଅବସରରେ ଚାଷୀ ବିମ୍ବାଧର ମହାଳିକ ନାମକ ଅନ୍ୟ ଜଣେ ଚାଷୀ ଧାରଣାରେ ଥିବାବେଳେ ହଠାତ ପାରାଲିସିସ୍‌ରେ ରୋଗରେ ଆକ୍ରାନ୍ତ ହେବାରୁ ଚିକିତ୍ସା ପାଇଁ ପୋଲିସ ଗାଡିରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଲଘୁଚାପଜନିତ ବର୍ଷାର ତାଣ୍ଡବରେ ବନ୍ୟା ଭାଙ୍ଗି ଦେଇଛି ଚାଷୀର ମେରୁଦଣ୍ଡ। ଜଳ ଘେରରେ ହନ୍ତସନ୍ତ ହେଉଛନ୍ତି ହଜାର ହଜାର ଚାଷୀ। ଅନ୍ୟ ପକ୍ଷରେ ସୂର୍ଯ୍ୟମୁଖୀ ମଞ୍ଜିର ଅଭାବୀ ବିକ୍ରୀ ଋଣଗ୍ରସ୍ତ କରିଛି ଚାଷୀମାନଙ୍କୁ। ଚାଷୀମାନେ ମାସ ମାସ ଧରି ସୂର୍ଯ୍ୟମୁଖୀ ମଞ୍ଜିର ଅଭାବୀ ବିକ୍ରୀ ସମ୍ମୁଖୀନ ହେଉଛନ୍ତି। ବ୍ଲକ କୃଷି ଅଧିକାରୀଙ୍କ ଠାରୁ ଆରମ୍ଭ କରି କୃଷିମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଛନ୍ତି। ଲୋକଙ୍କ ସରକାର ଚାଷୀଙ୍କ ଅଭିଯୋଗକୁ କର୍ଣ୍ଣପାତ କରୁନାହାନ୍ତି। ଓଡିଶା ମାର୍କଫେଡ଼ ଚାଷୀଙ୍କ ଠାରୁ କିଣିବାର ନିୟମ ରହିଛି। ଆଉ କିଛି ଦିନ ପରେ ସୂର୍ଯ୍ୟମୁଖୀ କ୍ରୟ କରିବା ଅବଧି ଶେଷ ହେବାକୁ ଯାଉଛି। ଚାଷୀଙ୍କ ପାଖରେ ଥିବା ବସ୍ତା ବସ୍ତା ମଞ୍ଜି ନଷ୍ଟ ହେବା ଲକ୍ଷ ଲକ୍ଷ ଟଙ୍କା ଋଣ କରି ଚାଷ କରିଥିବା ଚାଷୀ ଶେଷରେ ମଞ୍ଜିକ୍ରୟ ପାଇଁ ଧାରଣା ଦେଇଛନ୍ତି। ସରକାର ଯଦି ଅଭାବୀ ସୂର୍ଯ୍ୟମୁଖୀ ମଞ୍ଜି ବିକ୍ରି କରିବାକୁ କାଳକ୍ଷେପଣ ନୀତି ଅବଲମ୍ବନ କରନ୍ତି ଚାଷୀମାନଙ୍କୁ ବିଷ ଖାଇ ଆତ୍ମହତ୍ୟା। କରିବେ ବୋଲି ଧମକ ଦେଇଛନ୍ତି।

## ଶିକ୍ଷକ ନିଯୁକ୍ତି ଦାବିରେ ଡ଼ିଇଓ କାର୍ଯ୍ୟାଳୟରେ ଅଭିଭାବକଙ୍କ ଧାରଣା

ବାଲେଶ୍ୱର,(ସବ୍ୟୁ): ଶିକ୍ଷକ ନିଯୁକ୍ତି ଦାବି କରି ୨୨ନମ୍ବର ୱାର୍ଡ କାଉନସିଲର ଦେବାଶିଷ ସିଂଙ୍କ ନେତୃତ୍ୱରେ ସ୍କୁଲ ପରିଚାଳନା କମିଟିର ସଦସ୍ୟ ଓ ସଦସ୍ୟା ଓ ଅଭିଭାବକ ଏବଂ ଛାତ୍ରୀମାନେ ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ ନାୟକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏ ସମ୍ପର୍କରେ ବାରମ୍ବାର ସଦର ବିଧାୟକ ଓ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ସରକାର ଓ ପ୍ରଶାସନିକ ଅଧିକାରୀ କୌଣସି ଆଖି ଦୃଶିଆ ପଦକ୍ଷେପ ନେଇ ନାହାନ୍ତି ତେଣୁ ବାଧ ହୋଇ ଧାରଣା ଦିଆ ଯାଇଛି ବୋଲି କାଉନସିଲର କହିଛନ୍ତି। ମ୍ୟୁନିସିପାଲ ସ୍କୁଲର ନବମ ଶ୍ରେଣୀ ରେ ୧୧୦ଜଣ ଛାତ୍ର ଛାତ୍ରୀ ଥିବା ବେଳେ କୌଣସି ସେକ୍ସନ ନାହିଁ। ଅପର ପକ୍ଷରେ ଜିଲ୍ଲା ସ୍କୁଲର ୯ମ ଶ୍ରେଣୀରେ ୧୬୨ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଚାରୋଟି ସେକ୍ସନ ରହିଛି। ଦଶମ ଶ୍ରେଣୀରେ ମ୍ୟୁନିସ୍‌ପାଲ ହାଇସ୍କୁଲରେ ୯୦ ଜଣ ଏବଂ ଜିଲ୍ଲା ସ୍କୁଲ ରେ୧୭୫ ଜଣ ଛାତ୍ର ଛାତ୍ରୀଙ୍କ ପାଇଁ ଚାରୋଟି ସେକ୍ସନ ରହିଛି। ମ୍ୟୁନିସି ପାଲ ସ୍କୁଲ ରେ ବିଜ୍ଞାନ ଓ ଗଣିତ ପଢ଼ାଇବାପାଇଁ ଦୁଇ ଜଣ ଶିକ୍ଷକ ଥିବାବେଳେ ଜିଲ୍ଲା ସ୍କୁଲରେ ୯ ଜଣ ନିଯୁକ୍ତି ପାଇଛନ୍ତି। ସେହିପରି ଆର୍ଟ୍ସ ବିଭାଗ ପାଇଁ ପ୍ରଥମ ସ୍କୁଲ ରେ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେଇ ତାଙ୍କୁ ଡ଼ିଇଓ ଅନ୍ୟ କାମରେ ନିୟୋଜିତ କରିଥିବାରୁ ବାସ୍ତବ କ୍ଷେତ୍ର ରେ କେହି ପାଠ ପଢାଇବାକୁ କେହି ନାହାନ୍ତି। ତେବେ ଜିଲ୍ଲା ସ୍କୁଲ ରେ ଆର୍ଟ୍ସ ବିଭାଗ ପାଇଁ ଦଶ ଜଣ ଶିକ୍ଷକ ଅଛନ୍ତି। ଜିଲ୍ଲା ସ୍କୁଲରେ ୩୫ ଜଣ ଶିକ୍ଷକଙ୍କ ପାଇଁ ଗୋଟିଏ ସେକ୍ସନ ଥିବା ବେଳେ ମ୍ୟୁନିସିପାଲ ସ୍କୁଲ ରେ ଗୋଟିଏ ଶ୍ରେଣୀରେ ୯୦ ରୁ ୧୧୦ ଜଣ ଛାତ୍ର ଛାତ୍ରୀ ଭିଡି ଭିଡି ବସିବାକୁ ବାଧ ହେଉଛନ୍ତି। ଫଳରେ ପଛ ବେଞ୍ଚରେ ବସୁଥିବା ଛାତ୍ରଛାତ୍ରୀମାନେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କଣ ପଢ଼ାଉଛନ୍ତି ତାହା ବୁଝି ନ ପାରି ଅଭିଭାବକଙ୍କୁ ଜଣାଉଛନ୍ତି।ଫଳରେ ଛାତ୍ର ଛାତ୍ରୀ ଗୋଟିଏ ବେଞ୍ଚରେ ଲଗାଲାଗି ହୋଇ ବସିବାକୁ ବାଧ ହେଉଛନ୍ତି। ଏହି କୋମଳମତି ବାଳକ ବାଳିକା। / ଛାତ୍ରଛାତ୍ରୀମାନେ ଏବେ ପ୍ରାକ ଜୀବନ ମଧ୍ୟରେ ଗତି କରୁ ଥିବାରୁ ପାଦ ଖସି ଯିବାର ଆଶଙ୍କା ରହିଛିବୋଲି ବିଦ୍ୟାଳୟ ପରିଚାଳନା କମିଟିର ଜଣେ ସଦସ୍ୟା କହିଛନ୍ତି। ଯଦି ତୁରନ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସମସ୍ୟାର ସ୍ଥାୟୀ ସମାଧାନ ନ କରନ୍ତି ତେବେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାରକୁ ଯେଉଁଠି ରାସ୍ତାରେ ପାଇବୁ ସେଇଠି କାର ସମ୍ମୁଖରେ ଧାରଣା ଦେବେ ବୋଲି କାଉନସିଲର କହିଛନ୍ତି। ତେବେ ଡ଼ିଇଓ ବସନ୍ତ ନାୟକ ଧାରଣାକାରୀଙ୍କ ନିକଟରେ ପହଞ୍ଚି ଦୁଇ ଦିନ ମଧ୍ୟରେ ଆର୍ଟ୍ସ ଶ୍ରେଣୀ ପାଇଁ ଜଣେ ଶିକ୍ଷକ ଓ ପରେ ଆଉ ଦୁଇ ଜଣ ଗଣିତ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ବନ୍ୟା ବିପନ୍ନଙ୍କୁ ସମାଜସେବୀଙ୍କ ସହାୟତା



ଭଦ୍ରକ,(ସବ୍ୟୁ): ଚଳିତ ବନ୍ୟାରେ ।ଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ବିଶେଷ ଭାବେ ହୋଇଛି କ୍ଷତିଗ୍ରସ୍ତ। ଦୀର୍ଘ ୬ଦିନରୁ ଉର୍ଦ୍ଧ୍ୱ ସମୟ ଧରି ଜଳବନ୍ଦୀ ହୋଇ ରହିଛନ୍ତି ଅନେକ ଲୋକେ। ଲୋକମାନଙ୍କର ଏହି ଅସୁବିଧା ସମୟରେ ଲୋକଙ୍କ ପାଖରେ ପହଁଚିଛନ୍ତି ସମାଜସେବୀ ସତ୍ୟାନନ୍ଦ ରାଉତ । ଚାନ୍ଦବାଲି ବ୍ଲକର ବିଭିନ୍ନ ପଞ୍ଚାୟତରେ ପହଂଚି ବନ୍ୟା ଘେରରେ ଥିବା ଲୋକଙ୍କ ଭଲ ମନ୍ଦ ପଚାରି ବୁଝିଛନ୍ତି। ନିଜ ସମର୍ଥକଙ୍କ ସହ ସମ୍ପୂର୍ଣ୍ଣ ବାହ୍ୟ ଜଗତରୁ ବିଚ୍ଛିନ୍ନ ଗାଁ ଗୁଡିକରେ ପହଂଚି ଅଟା,ଚୂଡ଼ା,ଚିନି,ବିସ୍କୁଟ,ପାନୀୟ ଜଳ ଇତ୍ୟାଦି ବଣ୍ଟନ କରିଛନ୍ତି। ନଷ୍ଟ ହୋଇଥିବା ଫସଲର ସମ୍ପୂର୍ଣ୍ଣ କ୍ଷତି ପୂରଣ ଦେବା ସହ ପୁଣି ଚାଷୀମାନେ କିଭଳି ଚାଷ କାର୍ଯ୍ୟ ଆରମ୍ଭ କରି ପାରିବେ ସେ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବୀ କରିଛନ୍ତି ସତ୍ୟାନନ୍ଦ ରାଉତ। ଦୀର୍ଘ ଦିନ ଧରି ଲୋକମାନେ ଜଳ ବନ୍ଦୀ ହୋଇ ରହିଥିବା ବେଳେ ଅନେକ ଲୋକଙ୍କ ପାଖରେ ପ୍ରଶାସନ ପହଂଚିପାରି ନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି ଶ୍ରୀରାଉତ। ଏଭଳି ବନ୍ୟା ବିପ୍ୱାତ ସମୟରେ ପାଣିରେ ପଶି ଲୋକଙ୍କ ନିକଟରେ ସହାୟତା ପ୍ରଦାନ କରୁଥିବାରୁ ସତ୍ୟାନନ୍ଦଙ୍କୁ ପ୍ରଶଂସା କରିଛନ୍ତି ବନ୍ୟା। ବିପନ୍ନ।

## ସମ୍ପାଦକୀୟ

# 'ବନ୍ଦେ ମାତରମ୍' ବା 'ବନ୍ଦେ ଉତ୍କଳ ଜନନୀ'କୁ ନେଇ ବିବାଦ ନହେଉ

ଆମର ରାଷ୍ଟ୍ରୀୟ ଗାନ 'ବନ୍ଦେ ମାତରମ୍' ବା ପ୍ରାଦେଶିକ ଗାନ 'ବନ୍ଦେ ଉତ୍କଳ ଜନନୀ'କୁ ନେଇ ଆଉ ବିବାଦ ନ ଉପୁଜୁ । ରାଷ୍ଟ୍ର ବା ରାଜ୍ୟ ପ୍ରତି ଆମର ସମ୍ମାନ ଓ ଭକ୍ତି ରହିବା ଆବଶ୍ୟକ । ଆମର ଛାତ୍ରଛାତ୍ରୀମାନେ ଏ ଦେଶର ବା ପ୍ରଦେଶର ଭବିଷ୍ୟତ । ଏହି ଦେଶ ବା ପ୍ରଦେଶର ସାର୍ବଭୌମତ୍ୱକୁ ରକ୍ଷା କରିବା ଦିଗରେ ସେମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ସେମାନଙ୍କୁ ଉଚିତ ମାର୍ଗରେ ଦିଗ୍‌ଦର୍ଶନ ଦେବା ଆମର କର୍ତ୍ତବ୍ୟ । ଗତ କାଲି ଗୋଟିଏ ଇଂରାଜୀ ଦୈନିକ ଓ ଆଉ ଗୋଟିଏ ଓଡ଼ିଆ ଦୈନିକ ସମ୍ବାଦପତ୍ରରେ ଦୁଇଟି ଭିନ୍ନ ଭିନ୍ନ ଖବର ପ୍ରକାଶିତ ହୋଇଛି, 'ବନ୍ଦେ ମାତରମ୍' ଓ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଦୁଇଟିକୁ ନେଇ । ସେ ବିଷୟରେ ସମ୍ୟକ ସୂଚନା ଦେବା ଏ ଲେଖାର ଉଦ୍ଦେଶ୍ୟ ।

ଇଂରାଜୀ ସମ୍ବାଦପତ୍ର 'ଟାଇମସ୍ ଅଫ୍ ଇଣ୍ଡିଆ'ର ସପ୍ତମ ପୃଷ୍ଠାରେ ପ୍ରକାଶ ପାଇଛି, ଯାହାର ଶିରୋନାମା ହେଉଛି – What's wrong with Vande Mataram in madrasas ? Heaven will not fall: HC (ଅର୍ଥାତ୍ ମଦ୍ରାସାରେ ବନ୍ଦେ ମାତରମ୍ ବୋଲାଗଲେ ଭୁଲ କେଉଁଠି ? ଆକାଶ ଖସି ପଡ଼ିବ ନାହିଁ– ହାଇକୋର୍ଟ) ଗତ ତା ୪/୮/୨୦୨୬ ରିଖରେ ଏ ସଂକ୍ରାନ୍ତୀୟ ଏକ ଜନସ୍ୱାର୍ଥ ମାମଲାର ଶୁଣାଣୀ ସମୟରେ କଲକାତା ହାଇକୋର୍ଟର କାର୍ଯ୍ୟନିର୍ବାହୀ ମୁଖ୍ୟ ବିଚାରପତି, ତପବ୍ରତ ଚକ୍ରବର୍ତ୍ତୀ ଏପରି ମନ୍ତବ୍ୟ ପ୍ରଦାନ କରିଛନ୍ତି । ଏତିକିରୁ କାର୍ଯ୍ୟନିର୍ବାହୀ ମୁଖ୍ୟ ବିଚାରପତି ଶ୍ରୀ ଚକ୍ରବର୍ତ୍ତୀଙ୍କ ମନ୍ତବ୍ୟ ସମସ୍ତଙ୍କ ପାଇଁ ବୋଧଗମ୍ୟ ହେବ ବୋଲି ମନେ ହୁଏ । ଏହି ଜନସ୍ୱାର୍ଥ ମାମଲାଟି କଲକାତା ହାଇକୋର୍ଟରେ ଦାୟର କରିଥିଲେ ଜଣେ ବରିଷ୍ଠ ଆଇନଜୀବୀ ବିକାଶ ରଞ୍ଜନ ଭଟ୍ଟାଚାର୍ଯ୍ୟ, ସିଏ ଅଦାଲତରେ ଆବେଦନ କରିଥିଲେ ଯେ ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କଦ୍ୱାରା ଲିଖିତ 'ବନ୍ଦେ ମାତରମ୍'ର ଛଅଟି ଯାକ ପଦକୁ ବାଧ୍ୟତାମୂଳକ କରାଯିବାକୁ କେନ୍ଦ୍ର ସରକାର କାହିଁକି ବିଜ୍ଞପ୍ତି ଜାରି କରିଛନ୍ତି ?

**ଦ୍ୱିତୀୟରେ 'ସମ୍ବାଦ'ର ତୃତୀୟ ପୃଷ୍ଠାରେ ୫ ଅଗଷ୍ଟ ୨୦୨୬ରେ 'ପ୍ରଥମ ଶ୍ରେଣୀ ବହିରେ ଏକ ତିନି ସ୍ତମ୍ଭ ବିଶିଷ୍ଟ ଖବର ପ୍ରଥମ ଶ୍ରେଣୀ ବହିରେ ଗୁରୁଚଣ୍ଡାଳ ତ୍ରୁଟି'ବୋଲି ପ୍ରକାଶ ପାଇଛି । ସେଥିରେ 'ବନ୍ଦେ ଉତ୍କଳ ଜନନୀ'ରେ ବି ଭୁଲ ବୋଲି ଉଲ୍ଲେଖ କରାଯାଇଛି । ସେଥିରେ ଦର୍ଶାଯାଇଛି, 'ବଡ଼ କଥା ହେଉଛି ବହି ଆରମ୍ଭରୁ ବା ସୂଚୀପତ୍ର ପୂର୍ବରୁ 'ବନ୍ଦେ ଉତ୍କଳ ଜନନୀ' ଓ 'ଆମ ଜାତୀୟ ସଙ୍ଗୀତ' ଲେଖା ହୋଇଛି । ବନ୍ଦେ ଉତ୍କଳ ଜନନୀରେ 'ଘନ ଘନ ବନଭୂମି'କୁ 'ଘନ ବନଭୂମି' ବୋଲି ଲେଖା ହୋଇଥିବାବେଳେ ଜାତୀୟ ସଙ୍ଗୀତରେ 'ଉତ୍କଳ'କୁ 'ଉତ୍ଲ' ବୋଲି ଲେଖା ଯାଇଛି ।'**

ଅଦ୍‌ଭୁତ ଏ ମାମଲା । ବରିଷ୍ଠ ଆଇନଜୀବୀଙ୍କର ଅଦଭୁତ ଏ ପ୍ରଶ୍ନ । ସ୍ୱାଧୀନତାର ଅଣାଅଶୀ ବର୍ଷ ପରେ ଆମେ ଯେତେବେଳେ ଅଶୀ ବର୍ଷରେ ଉପନୀତ ହେବାକୁ ଯାଉଛୁଁ, ସେତେବେଳେ ଏପରି ପ୍ରଶ୍ନ ଆମ ସମସ୍ତଙ୍କୁ ବିଚଳିତ କରିଛି ।

ଦ୍ୱିତୀୟରେ 'ସମ୍ବାଦ'ର ତୃତୀୟ ପୃଷ୍ଠାରେ ୫ ଅଗଷ୍ଟ ୨୦୨୬ରେ 'ପ୍ରଥମ ଶ୍ରେଣୀ ବହିରେ ଏକ ତିନି ସ୍ତମ୍ଭ ବିଶିଷ୍ଟ ଖବର ପ୍ରଥମ ଶ୍ରେଣୀ ବହିରେ ଗୁରୁଚଣ୍ଡାଳ ତ୍ରୁଟି'ବୋଲି ପ୍ରକାଶ ପାଇଛି । ସେଥିରେ 'ବନ୍ଦେ ଉତ୍କଳ ଜନନୀ'ରେ ବି ଭୁଲ ବୋଲି ଉଲ୍ଲେଖ କରାଯାଇଛି । ସେଥିରେ ଦର୍ଶାଯାଇଛି, 'ବଡ଼ କଥା ହେଉଛି ବହି ଆରମ୍ଭରୁ ବା ସୂଚୀପତ୍ର ପୂର୍ବରୁ 'ବନ୍ଦେ ଉତ୍କଳ ଜନନୀ' ଓ 'ଆମ ଜାତୀୟ ସଙ୍ଗୀତ' ଲେଖା ହୋଇଛି । ବନ୍ଦେ ଉତ୍କଳ ଜନନୀରେ 'ଘନ ଘନ ବନଭୂମି'କୁ 'ଘନ ବନଭୂମି' ବୋଲି ଲେଖା ହୋଇଥିବାବେଳେ ଜାତୀୟ ସଙ୍ଗୀତରେ 'ଉତ୍କଳ'କୁ 'ଉତ୍ଲ' ବୋଲି ଲେଖା ଯାଇଛି ।'

ମାତ୍ର, ଦୁଃଖର କଥା କାନ୍ତକବିଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ'ରେ 'ଘନ ବନଭୂମି' ହିଁ ଠିକ୍ । 'ଘନ ଘନ ବନଭୂମି' ଠିକ୍ ନୁହେଁ । ଅତୀତରେ ସେହି ସମ୍ବାଦପତ୍ରର ଜଣେ ଲେଖକ ସପ୍ରମାଣ ଏହା ଦର୍ଶାଇଥିଲେ । ରାଜ୍ୟ ସରକାରଙ୍କ ମୁଖପତ୍ର 'ଉତ୍କଳ ପ୍ରସଙ୍ଗ'ରେ ମଧ୍ୟ ସପ୍ରମାଣ ଏ ଲେଖକ 'ଘନ ବନଭୂମି' ବୋଲି ପ୍ରତିପାଦିତ କରିଥିଲା । ଏହା ପରେ 'ବନ୍ଦେ ଉତ୍କଳ ଜନନୀ'କୁ ସମ୍ବାଦଦାତାମାନେ ଅଯଥାରେ ଆଉ ବିବାଦୀୟ ନ କରନ୍ତୁ । ଏତିକି ଅନୁରୋଧ ।

**କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।**

**ମହାତ୍ମା ଗାନ୍ଧି**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଅନ୍ତ୍ୟୋଦୟର ସଫଳ ରୂପାୟନ: 'ସହଯୋଗ'



**ଡ. କୃଷ୍ଣଚନ୍ଦ୍ର ମହାପାତ୍ର**
**ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସରକାରୀ ଉଦ୍ୟୋଗ ବିଭାଗ, ଓଡ଼ିଶା ସରକାର**

କୌଣସି ଯୋଗ୍ୟ ପରିବାର ଯେପରି ବଞ୍ଚିତ ନ ହୁଅନ୍ତି ତାହା ସୁନିଶ୍ଚିତ କରିବାଠାରୁ ଆରମ୍ଭ କରି ସହରାଞ୍ଚଳର ଗରିବ ସମୁଦାୟର ଜୀବନଧାରଣ, ବିକାଶ ଓ ସମୃଦ୍ଧିର ପୁନଃ ପରିକଳ୍ପନା ପର୍ଯ୍ୟନ୍ତ–'ସହଯୋଗ' ଓଡ଼ିଶାର ଅନ୍ୟତମ ରୂପାନ୍ତରଣକାରୀ ସହରୀ ସମାବେଶୀ ପଦକ୍ଷେପ ଭାବେ ଉଭା ହୋଇଛି । ସମାଜର ଶେଷ ନାଗରିକଙ୍କ ନିକଟରେ ପ୍ରଶାସନ ପହଞ୍ଚିଲେ ତାହା କିପରି ପ୍ରକୃତରେ ଫଳପ୍ରଦ ହୋଇପାରେ, ଏହା ତାହାର ଏକ ଜ୍ୱଳନ୍ତ ଉଦାହରଣ । ଏହି ଅଭିଯାନ ପଣ୍ଡିତ ଦୀନଦୟାଳ ଉପାଧ୍ୟାୟଙ୍କ କାଳଜୟୀ ଦର୍ଶନରୁ ପ୍ରେରଣା ଲାଭ କରିଛି, ଯାହାଙ୍କର 'ଏକାତ୍ମ ମାନବବାଦ' ଦର୍ଶନ 'ଅନ୍ତ୍ୟୋଦୟ'–ଅର୍ଥାତ୍ ଶେଷ ଧାଡ଼ିରେ ଠିଆ ହୋଇଥିବା ବ୍ୟକ୍ତିର ବିକାଶ–ପରିକଳ୍ପନାକୁ ସଦାସର୍ବଦା ଏକ ସାରଗର୍ଭକ ରୂପ ଦେଇଥିଲା । ସେ ବିଶ୍ୱାସ କରୁଥିଲେ ଯେ ଶୀର୍ଷରେ ଥିବା ଲୋକଙ୍କ ସମୃଦ୍ଧି ପ୍ରଶାସନର ପ୍ରକୃତ ମାପକାଠି ନୁହେଁ, ବରଂ ଶେଷ ଧାଡ଼ିର ଶେଷ ସୀମାରେ ଛିଡ଼ା ହୋଇଥିବା ବ୍ୟକ୍ତିକୁ ମିଳୁଥିବା ସମ୍ମାନ, ସୁରକ୍ଷା ଓ ସୁଯୋଗ ହିଁ ଏହାର ପ୍ରକୃତ ମାପକାଠି । ଏହି ଦର୍ଶନ ଆମର ସମାବେଶୀ ବିକାଶର ଦୂରଦୃଷ୍ଟିକୁ ନିରନ୍ତର ମାର୍ଗଦର୍ଶନ କରିଆସୁଛି, ଯେଉଁଥିରେ ପ୍ରତ୍ୟେକ ନାଗରିକ ପ୍ରଗତିର ଯାତ୍ରାରେ ସାମିଲ ହେବା ପାଇଁ ସଶକ୍ତ ହୋଇ ପାରିଛନ୍ତି ।

ଏହି ଦୂରଦୃଷ୍ଟି କଟକର ଜୋବ୍ରା ସ୍ଥିତ ଏକ ନିରୋଳା ଗଳିରେ ସାକାର ହୋଇଉଠେ । ଯେଉଁଠାରେ ୪୪ ବର୍ଷୀୟା ଭିନ୍ନକ୍ଷମ ଆଶାଲତା ଦାସ ବଞ୍ଚିବା ପାଇଁ ସଂଗ୍ରାମ କରୁଥିବାବେଳେ ତାଙ୍କର ବୃଦ୍ଧା ମା' ଜଣେ ଦିନ ମଜୁରିଆ ସଫେଇ କର୍ମଚାରୀ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ । ସରକାରୀ ସହାୟତା ପାଇଁ ସମ୍ପୂର୍ଣ୍ଣ ଯୋଗ୍ୟ ହୋଇଥିଲେ ବି ଆଶାଲତା ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ଥିଲେ । ଜଣେ 'ସହଯୋଗ' ସ୍ୱେଚ୍ଛାସେବୀ (ଫାସିଲିଟେଟର) ତାଙ୍କ ଘରକୁ ଯାଇ ଆବଶ୍ୟକୀୟ କାଗଜପତ୍ର କରାଇ ତାଙ୍କୁ 'ମଧୁବାବୁ ପେନସନ ଯୋଜନା' ସହ ଯୋଡ଼ିଥିଲେ । ଆଜି ସେହି ପେନସନ କେବଳ ଆର୍ଥିକ ସହାୟତା ଯୋଗାଉ ନାହିଁ, ବରଂ ତାଙ୍କୁ ଏକ ନୂତନ ସୁରକ୍ଷା ଓ ଆତ୍ମସମ୍ମାନର ମର୍ଯ୍ୟାଦା ଦେଇଛି । ଏହି କାହାଣୀ ସାରା ସହରାଞ୍ଚଳ ଓଡ଼ିଶାର ହଜାର ହଜାର ବିଧବା, ବୃଦ୍ଧ ନାଗରିକ, ଭିନ୍ନକ୍ଷମ ଓ ପ୍ରବାସୀ ପରିବାର ପାଇଁ ପ୍ରେରଣାର ଉତ୍ସ ହୋଇପଡ଼ିଛି, ଯେଉଁମାନେ ଯୋଗ୍ୟତା ଥାଇ ବି ଦୀର୍ଘଦିନ ଧରି ସରକାରୀ ଯୋଜନାରୁ ବଞ୍ଚିତ ହୋଇ ରହିଛନ୍ତି । ଏହା ସ୍ପଷ୍ଟ ଯେ, ପ୍ରଶାସନ ତାହାର ଲକ୍ଷ୍ୟ ସେତେବେଳେ ହାସଲ କରେ, ଯେତେବେଳେ ପ୍ରାପ୍ୟ/ଯୋଗ୍ୟତା ସହଜରେ ଅଧିକାରରେ ପରିଣତ ହୁଏ ଏବଂ ଅଧିକାର ସୁଯୋଗର ରୂପ ନିଏ ।

ଗତ ଏକ ଦଶନ୍ଧି ମଧ୍ୟରେ ଓଡ଼ିଶାରେ ଦ୍ରୁତ ସହରୀକରଣ ଦେଖିବାକୁ ମିଳିଛି, ଯେଉଁଥିରେ ଆମ ସହରଗୁଡ଼ିକ ବିକାଶ, ନବୋନ୍ମେଷ ଓ ଉଦ୍ୟୋଗର ସମୃଦ୍ଧ କେନ୍ଦ୍ର ଭାବେ ଉଭା ହୋଇଛନ୍ତି । ତଥାପି, ସହରାଞ୍ଚଳର ଅନେକ ଅସହାୟ ପରିବାର କିଛି ଅଦୃଶ୍ୟ ପ୍ରତିବନ୍ଧକ ପଛରେ ବାନ୍ଧିହୋଇ ରହିଥିଲେ । ସମସ୍ୟା କେବେ ବି କଲ୍ୟାଣକାରୀ ଯୋଜନାର ଅଭାବ ନ ଥିଲା । ଭାରତ ସରକାର ଏବଂ ଓଡ଼ିଶା ସରକାର ଉଭୟ ଏକ ବ୍ୟାପକ ସାମାଜିକ ସୁରକ୍ଷା ଢାଞ୍ଚା ନିର୍ମାଣ କରିଛନ୍ତି । ପ୍ରକୃତ ପ୍ରତିବନ୍ଧକ ରହିଥିଲା ବିଖଣ୍ଡିତ ସେବା ଯୋଗାଣ, ଜଟିଳ ପ୍ରକ୍ରିୟା, ସଚେତନତାର ଅଭାବ, କାଗଜପତ୍ରର ଅଭାବ ଏବଂ ଉପଯୁକ୍ତ ସମନ୍ୱୟର ଅଭାବ ପାଇଁ ଏହି ଅସହାୟ ପରିବାରଗୁଡ଼ିକୁ ସରକାରୀ ବ୍ୟବସ୍ଥା ବୁଝିବା ଓ ସାହାଯ୍ୟ କରିବା ପାଇଁ କୌଣସି ସମର୍ପିତ ବ୍ୟବସ୍ଥା ନଥିଲା ।

ଏହି ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନକୁ ପୂରଣ କରିବା ପାଇଁ 'ସହଯୋଗ'ର କଳ୍ପନା କରାଯାଇଥିଲା ଯାହା ସହଯୋଗିତା, ଭାଗୀଦାରୀ ଏବଂ ସାମୂହିକ ସମର୍ଥନକୁ ସୂଚିତ କରେ । ଏହା କେବଳ ଏକ ସରକାରୀ ଯୋଜନା ନୁହେଁ, ବରଂ ନାଗରିକ–କେନ୍ଦ୍ରିକ ଶାସନ ପ୍ରଣାଳୀରେ ଏକ ନୂତନ ଦିଗ୍‌ଦର୍ଶନ । ଓଡ଼ିଶାର ବସ୍ତି ରୂପାନ୍ତରଣ ଅଭିଯାନ ସମୟରେ ବର୍ଷ ବର୍ଷର ସମୁଦାୟ ସହଭାଗିତାରୁ ଆର୍ବିଭୂତ ହୋଇଥିବା 'ସହଯୋଗ' ଏକ ସରଳ କିନ୍ତୁ ଗଭୀର ବାସ୍ତବତାକୁ ସ୍ୱୀକାର କରେ । ତଦନୁସାରେ, ଏହି କାର୍ଯ୍ୟକ୍ରମ ଏକ ମୌଳିକ ପ୍ରଶ୍ନକୁ ନେଇ ଜନସେବା ଯୋଗାଣକୁ ନୂତନ ମୋଡ଼ ଦେଇଛି । ଏହି ପରିବାରର ଆବଶ୍ୟକତା କ'ଣ, ଏବଂ ସରକାରୀ ବ୍ୟବସ୍ଥା କିପରି ସୁନିଶ୍ଚିତ କରିପାରିବ ଯେ ସେମାନଙ୍କର ପ୍ରତ୍ୟେକ ଯୋଗ୍ୟ ପ୍ରାପ୍ୟ ସେମାନଙ୍କ ପାଖରେ ପହଞ୍ଚିପାରିବ ?

'ସହଯୋଗ'ର ଏକ ମୁଖ୍ୟ ଶକ୍ତି ହେଉଛି ଏହାର ସହଯୋଗାତ୍ମକ ବ୍ୟବସ୍ଥା (ଇକୋସିଷ୍ଟମ୍) । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ କୌଶଳଗତ ନେତୃତ୍ୱ ଏବଂ ନୀତିଗତ ଦିଗ୍‌ଦର୍ଶନ ପ୍ରଦାନ କରୁଥିବା ବେଳେ, ପୌରସଂସ୍ଥା (Urban Local Bodies) ଗୁଡ଼ିକ ତୃଣମୂଳ ସ୍ତରରେ କାର୍ଯ୍ୟାନ୍ୱୟନକୁ ଆଗେଇ ନେଉଛନ୍ତି । ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏବଂ ଟାଟା ଟ୍ରଷ୍ଟସ୍ ସେମାନଙ୍କର ବ୍ୟାପକ ସମୁଦାୟ ସଂଗଠନ ଓ କ୍ଷେତ୍ରୀୟ ବିଶେଷଜ୍ଞତା ପ୍ରଦାନ କରୁଛନ୍ତି । ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (OCAC) ଏହାର ଡିଜିଟାଲ୍ ଭିତ୍ତିଭୂମିକୁ ସଶକ୍ତ କରୁଛି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ, ୱାର୍ଡ ସ୍ୱେଚ୍ଛାସେବୀ ଓ ଲୋକପ୍ରତିନିଧିମାନେ ଶେଷ ସୀମା ପର୍ଯ୍ୟନ୍ତ ସେବା ପହଞ୍ଚାଇବା ବ୍ୟବସ୍ଥାକୁ ସୁଦୃଢ଼ କରୁଛନ୍ତି । ଏହି ସହଯୋଗାତ୍ମକ ଢାଞ୍ଚା 'ଅଙ୍କୁର' (ANKUR) ପ୍ଲାଟଫର୍ମ ମାଧ୍ୟମରେ ଅଧିକ ସୁଦୃଢ଼ ହୋଇଛି, ଯାହା ନବୋନ୍ମେଷ, ସମନ୍ୱୟ ଏବଂ ସାମୂହିକ ସମସ୍ୟା ସମାଧାନ ପାଇଁ ନାଗରିକ ସଂଗଠନ, ଅନୁଷ୍ଠାନ ଏବଂ ସହରୀ ବିଶେଷଜ୍ଞମାନଙ୍କୁ ଗୋଟିଏ ମଞ୍ଚକୁ ଆଣିଥାଏ ।

**'ସହଯୋଗ'ର ମୂଳପିଣ୍ଡ ହେଉଛି ସରକାରୀ ଲୋକହିତକର ଯୋଜନାରେ ଜନସାଧାରଣଙ୍କୁ ଶତ ପ୍ରତିଶତ ସାମିଲ କରିବା । ସୂଚାରୁରୂପେ ଗୃହ ସର୍ବେକ୍ଷଣ ମାଧ୍ୟମରେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଥିବା ସମସ୍ୟା ଓ ଅସହାୟତାକୁ ଚିହ୍ନଟ କରାଯାଏ । ସେହିପରି ତାଲିମପ୍ରାପ୍ତ ଆଗୁଆ ସୁବିଧାଦାତାମାନେ ସମସ୍ତ ପୌରସଂସ୍ଥାରେ ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର କରି ଯୋଜନାର ଯୋଗ୍ୟତା ତୁରନ୍ତ ଆକଳନ କରିବା । ପୃଥକ୍ ପୃଥକ୍ ଭାବେ ସୁବିଧା ପ୍ରଦାନ କରିବା ଏହି ପଦକ୍ଷେପ ବ୍ୟକ୍ତିଗତ ପରିବାରଗୁଡ଼ିକୁ କେନ୍ଦ୍ର କରି ଏକାଧିକ କଲ୍ୟାଣକାରୀ ଯୋଜନାର ସମନ୍ୱୟ କରିଥାଏ । ଏହା ବିଖଣ୍ଡିତ ସେବା ଯୋଗାଣକୁ ଏକ ସମନ୍ୱିତ, ନାଗରିକ–କେନ୍ଦ୍ରିକ ମଡେଲରେ ପରିଣତ କରେ ଏବଂ ସ୍ଥାୟୀ ସାମାଜିକ ଓ ଆର୍ଥିକ ପ୍ରଭାବ ସୃଷ୍ଟି କରେ ।**


'ସହଯୋଗ'ର ମୂଳପିଣ୍ଡ ହେଉଛି ସରକାରୀ ଲୋକହିତକର ଯୋଜନାରେ ଜନସାଧାରଣଙ୍କୁ ଶତ ପ୍ରତିଶତ ସାମିଲ କରିବା । ସୂଚାରୁରୂପେ ଗୃହ ସର୍ବେକ୍ଷଣ ମାଧ୍ୟମରେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଥିବା ସମସ୍ୟା ଓ ଅସହାୟତାକୁ ଚିହ୍ନଟ କରାଯାଏ । ସେହିପରି ତାଲିମପ୍ରାପ୍ତ ଆଗୁଆ ସୁବିଧାଦାତାମାନେ ସମସ୍ତ ପୌରସଂସ୍ଥାରେ ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର କରି ଯୋଜନାର ଯୋଗ୍ୟତା ତୁରନ୍ତ ଆକଳନ କରିବା । ପୃଥକ୍ ପୃଥକ୍ ଭାବେ ସୁବିଧା ପ୍ରଦାନ କରିବା ଏହି ପଦକ୍ଷେପ ବ୍ୟକ୍ତିଗତ ପରିବାରଗୁଡ଼ିକୁ କେନ୍ଦ୍ର କରି ଏକାଧିକ କଲ୍ୟାଣକାରୀ ଯୋଜନାର ସମନ୍ୱୟ କରିଥାଏ । ଏହା ବିଖଣ୍ଡିତ ସେବା ଯୋଗାଣକୁ ଏକ ସମନ୍ୱିତ, ନାଗରିକ–କେନ୍ଦ୍ରିକ ମଡେଲରେ ପରିଣତ କରେ ଏବଂ ସ୍ଥାୟୀ ସାମାଜିକ ଓ ଆର୍ଥିକ ପ୍ରଭାବ ସୃଷ୍ଟି କରେ ।

କେବଳ ସାମାଜିକ ସୁରକ୍ଷା ଦୀର୍ଘକାଳୀନ ସାମାଜିକ ଅଗ୍ରଗତିର ଗ୍ୟାରେଣ୍ଟି ଦେଇପାରିବ ନାହିଁ ବୋଲି ହୃଦବୋଧ କରି, ଓଡ଼ିଶା 'ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ୍' (CMSCM) ଅଧୀନରେ 'ସହଯୋଗ ପ୍ଲସ୍' ମାଧ୍ୟମରେ ଏହି ଅଭିଯାନକୁ ଆହୁରି ବ୍ୟାପକ କରାଯାଇଛି । ଏହି ପରବର୍ତ୍ତୀ ପର୍ଯ୍ୟାୟ ପ୍ରାପ୍ୟ ଯୋଗାଣ ସହିତ ବାସ ସ୍ଥାନର ଉନ୍ନତିକୁ ଯୋଡ଼ିଥାଏ, ଯାହା ଯୋଗ୍ୟ ପରିବାରଗୁଡ଼ିକୁ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା–ସହରୀ' (PMAY-U) ଏବଂ ରାଜ୍ୟର 'PMAY-(U) ବନ୍ଧୁ' ଯୋଜନା ଅଧୀନରେ ଗୃହ ନିର୍ମାଣ ସୁଯୋଗ ସହ ଯୋଡ଼ିଥାଏ । ସୁରକ୍ଷିତ ଆବାସ, ଉନ୍ନତ ଭିତ୍ତିଭୂମି ଏବଂ ଆବଶ୍ୟକୀୟ ପୌରସେବା ପ୍ରାପ୍ତି ମିଶି ସ୍ୱାଭିମାନ, ସହନଶୀଳତା ଏବଂ ନିରନ୍ତର ଆର୍ଥିକ ପ୍ରଗତିର ଭିତ୍ତିଭୂମି ସୃଷ୍ଟି କରେ ।

ଏହି ସମନ୍ୱିତ ଆଭିମୁଖ୍ୟର ପ୍ରଭାବ ଉଭୟ ମାନଦଣ୍ଡ ଏବଂ ଉଲ୍ଲେଖନୀୟ । ୬ ଲକ୍ଷ ୬୦ ହଜାରରୁ ଅଧିକ ସହରାଞ୍ଚଳ ପରିବାର, ଯେଉଁଥିରେ ୨୦ ଲକ୍ଷ ୭୪ ହଜାର ବ୍ୟକ୍ତି ଅନ୍ତର୍ଭୁକ୍ତ, ସେମାନଙ୍କୁ ସହରୀ ସାମାଜିକ ସୁରକ୍ଷା ବ୍ୟବସ୍ଥା ଭିତରକୁ ଅଣାଯାଇଛି । ୩ ଲକ୍ଷ ୨୫ ହଜାରରୁ ଅଧିକ ଆବେଦନକୁ ସହଜ କରାଯାଇଛି, ଯାହା ଫଳରେ ୨ ଲକ୍ଷ ୫୨ ହଜାରରୁ ଅଧିକ ସଫଳ ଯୋଜନା ସଂଯୋଗ ସମ୍ଭବ ହୋଇପାରିଛି । ସାରା ରାଜ୍ୟରେ କାର୍ଯ୍ୟରତ ୧୦,୦୦୦ରୁ ଅଧିକ ଆଗ ଧାଡ଼ିର ସେବାଦାତାଙ୍କ ନେଟୱର୍କ ଦ୍ୱାରା ଅସହାୟ ନାଗରିକଙ୍କ ପାଇଁ ନିକଟତର ୧୦,୦୦୦ କୋଟି ଟଙ୍କାର ସରକାରୀ ସୁବିଧା ଉପଲବ୍ଧ କରାଯାଇପାରିଛି । ତଥାପି 'ସହଯୋଗ'ର ପ୍ରକୃତ ସଫଳତା କେବଳ ପରିସଂଖ୍ୟାନ ଦ୍ୱାରା ସୀମିତ ରହିପାରିବ ନାହିଁ । ଏହା ଜଣେ ବୃଦ୍ଧ ନାଗରିକଙ୍କ ବହୁପ୍ରତୀକ୍ଷିତ ପେନସନ ପାଇବାରେ, ଜଣେ ଭିନ୍ନକ୍ଷମ ବ୍ୟକ୍ତି ଆବଶ୍ୟକ ସହାୟତା ପାଇବାରେ, ଏକ ଅସହାୟ ପରିବାର ସ୍ଥାୟୀ ଘରଟିଏ ପାଇବାରେ ଏବଂ ଗୋଟିଏ ଶିଶୁ ବଡ଼ ଆଶା ଓ ସୁଯୋଗ ସହ ବଡ଼ ହେବାରେ ପ୍ରତିଫଳିତ ହୁଏ ।

ଓଡ଼ିଶା ଯେତେବେଳେ 'ବିକଶିତ ଭାରତ ୨୦୪୭'ର ଜାତୀୟ ଆକାଂକ୍ଷାରେ ଯୋଗଦାନ ଦେବା ସହ 'ବିକଶିତ ଓଡ଼ିଶା ୨୦୩୬'ର ଦୂରଦୃଷ୍ଟି ଆଡ଼କୁ ଆତ୍ମବିଶ୍ୱାସର ସହ ଆଗେଇ ଚାଲିଛି, 'ସହଯୋଗ' ଅନ୍ତ୍ୟୋଦୟର ଆଦର୍ଶର ଏକ ଜୀବନ୍ତ ପ୍ରତୀକ ଭାବରେ ଛିଡ଼ା ହୋଇଛି । ଏହା ପୁନଃପ୍ରତିପାଦିତ କରେ ଯେ, ବିକାଶ ସେତେବେଳେ ଅର୍ଥପୂର୍ଣ୍ଣ ହୁଏ ଯେତେବେଳେ ଏହା ସମାବେଶୀ, ସମ୍ବେଦନଶୀଳ ଏବଂ ସମସ୍ତଙ୍କ ପାଇଁ ସହଜ ଲଭ୍ୟ ହୋଇଥାଏ । ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଦୂରଦୃଷ୍ଟି ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି କେବଳ ତାଙ୍କ ଦର୍ଶନକୁ ମନେ ରଖିବାରେ ନାହିଁ, ବରଂ ତାହାକୁ କାର୍ଯ୍ୟରେ ପରିଣତ କରିବାରେ ରହିଛି–ଯାହା ସୁନିଶ୍ଚିତ କରେ ଯେ ଶେଷ ନାଗରିକ ବିକାଶର ଲାଭ ପାଇବାରେ ଶେଷ ବ୍ୟକ୍ତି ନୁହଁନ୍ତି ବରଂ ଏହାର ରୂପାନ୍ତରଣକାରୀ ସୁଫଳ ଅନୁଭବ କରିବାରେ ପ୍ରଥମ ବ୍ୟକ୍ତି ହୁଅନ୍ତୁ ।

# ପ୍ରାର୍ଥନା



**ଦିଲୀପ ରାଜ ବେହେରା**

ପ୍ରାର୍ଥନା ହେଉଛି ଜାଗତିକ ଚେତନାରେ ନିଜକୁ ସମର୍ପଣ କରିବା । ବ୍ରହ୍ମମୟ ସାଗରରେ ନିଜକୁ ଆତ୍ମବିସର୍ଜନ କରିବା । ଭାବ ଜଗତରେ ତଲ୍ଲୀନ ହୋଇ ହଜିଯିବା । ଐଶ୍ୱରିକ ବିଭୂତିରେ ତନ୍ମୟ ହେବା । ଚେତନାର ଉଚ୍ଚତମ ସର୍ବୋଚ୍ଚ ସୋପାନକୁ ଆରୋହଣ କରିବା ।

ପ୍ରାର୍ଥନା ହେଉଛି ଅନ୍ଧାର ମଧ୍ୟରୁ ଆଲୋକର ଅନ୍ୱେଷଣ ପାଇଁ ନିଜ ଯାତ୍ରା ପଥକୁ ସୁଗମ କରିବା । ନଶ୍ୱର କ୍ଷଣଭଙ୍ଗୁର ସଂସାରରୁ ଚିରଶାଶ୍ୱତ ଜଗତକୁ ଅତିକ୍ରମଣ କରିବା । ଶୂନ୍ୟତା ଭିତରକୁ ଲମ୍ଫ ଦେବା । ଆତ୍ମିକ ଉତ୍ସାହ, ବିରାଟକୁ ଜାଣିବା ପାଇଁ ପ୍ରେରଣା । ଈଶ୍ୱରଙ୍କୁ ନିଜ ଅଧିକାର ମାଗିବା, ଅଳି କରିବା, ନିଜ ସ୍ୱାର୍ଥ ସିଦ୍ଧି କରିବା ।

ପ୍ରାର୍ଥନା ହେଉଛି ଈଶ୍ୱରଙ୍କୁ ନିଜ ମଧ୍ୟରେ ଦେଖିବା । ଭିଡ଼ ବଜାରରେ ପାଟି କରିବା ନୁହେଁ । ସାମୁହିକ ଅଧିକାର ନୁହେଁ । ପ୍ରାର୍ଥନା, ଦୁର୍ଗମ ପଥରେ ଏକା ଚାଲିବା ପାଇଁ ସାମର୍ଥ୍ୟ ସଂଗ୍ରହ କରିବା । ମନ୍ତ୍ର ନୁହେଁ, ମନ୍ତ୍ର ଏକ ମାଧ୍ୟମ ମାତ୍ର । ପ୍ରାର୍ଥନା ଶାଶ୍ୱତ ପ୍ରେମର ନିଦର୍ଶନ ଓ ମହାଭାବର ପ୍ରଦର୍ଶନ । ହୃଦୟର ଗଭୀରତମ କୃତଜ୍ଞତା ପ୍ରକାଶ ।

ପ୍ରାର୍ଥନା ହେଉଛି ଦୃଢ ଆସ୍ଥା ଏବଂ କଠୋର ସଂକଳ୍ପ । ବିଶ୍ୱାସ ନୁହେଁ, ଆସ୍ଥା ନୁହେଁ, ଧର୍ମ ଓ ଧାରଣା ନୁହେଁ । ଦେବା ନେବାର ବ୍ୟବସାୟ ନୁହେଁ ।

ପ୍ରାର୍ଥନା ହେଉଛି ଜାଗତିକ ଅସ୍ତିତ୍ୱକୁ ଖୋଜିବା, ତାହାକୁ ସ୍ୱୀକାର କରିବା । ବିଶ୍ୱାସ ପୂର୍ବ ଅନୁଭୂତିରୁ ଆସେ । ଏହା ଅନ୍ୱେଷଣ ନୁହେଁ, ଏହା ପରା ଅନୁଭୂତି । ବିଶ୍ୱାସ ସସୀମ, ବିଶ୍ୱାସ ଏକ ଅସ୍ଥା, ଚିନ୍ତାଧାରା । ଅହଙ୍କାର ଏହାର ପୋଷାକ, ମାୟା ବା ଏହାର ଅବୟବ । ପ୍ରାର୍ଥନା ପାଇଁ ପାଣ୍ଡିତ୍ୟ, ଜ୍ଞାନ ସାଧୁତା, ବୁଦ୍ଧିର ଆବଶ୍ୟକତା ନାହିଁ ।

ଜାଗତିକ ଚେତନରେ ରହିଥିବା ପୂର୍ଣ୍ଣତା, ସେହି ଶୂନ୍ୟ ସ୍ଥାନକୁ ପୂରଣ କରି ନେବ । ଶୂନ୍ୟତାରେ ପୂର୍ଣ୍ଣତା ବିଲୀନ ହୋଇଯିବ । ପରମାତ୍ମା ବ୍ୟକ୍ତି ନୁହଁନ୍ତି, ତାଙ୍କ ରୂପ, ରଙ୍ଗ ନାହିଁ । ବ୍ରହ୍ମ ଚେତନା କୌଣସି ସ୍ୱରୂପ ନୁହେଁ, ତାହା ଏକ ଅନୁଭବ ।

ପ୍ରାର୍ଥନା ନିଜକୁ ବିସ୍ତାର କରିବା, ସାମ୍ପ୍ରସାରଣ କରିବା, ପିଣ୍ଡକୁ ବ୍ରାହ୍ମଣ୍ଡରେ ବିଲୀନ କରିବା । ପ୍ରାର୍ଥନା ହେଉଛି ଈଶ୍ୱରଙ୍କ ସାନ୍ନିଧ୍ୟ ପାଇଁ ସ୍ୱାଗତ ପ୍ରସ୍ତୁତି, ପ୍ରାର୍ଥନା କୃତଜ୍ଞତାବୋଧ । ପ୍ରାର୍ଥନା କୌଣସି ଛଳନା, ଦେଖାଇ ହେବା ପଣିଆ, ଔପଚାରିକତା ନୁହେଁ । ପ୍ରାର୍ଥନା ହୃଦୟରେ ଉଠିବା ପ୍ରେମ ଭାବତରଙ୍ଗ, ସମର୍ପଣର ଊର୍ମିମାଳା, ଆବେଗର ଅଶ୍ରୁସିକ୍ତ ଭାବୋଚ୍ଛ୍ୱାସ ।

ପ୍ରାର୍ଥନା ଅନ୍ତରଙ୍ଗଭାବର ନିଃସର୍ତ୍ତ ଆଲିଙ୍ଗନ । ଦ୍ରଷ୍ଟା ଓ ଦୃଶ୍ୟବୋଧକୁ ଏକାକାର କରିବା ପ୍ରାର୍ଥନା । ପ୍ରାର୍ଥନା ହୃଦୟର ବିସ୍ତାର କରେ, ବ୍ୟକ୍ତିତ୍ୱକୁ ରୂପାନ୍ତରିତ କରେ । ପ୍ରାର୍ଥନା ସଘନ ହେଲେ ପରମାତ୍ମାଙ୍କ ସ୍ୱରୂପରେ ନିଜେ ପ୍ରକଟ ହୁଏ । ଅନ୍ୟଠୁ ପ୍ରାର୍ଥନା ଶିଖିବା ମୂଲ୍ୟହୀନ । ପ୍ରାର୍ଥନା ନାଚିବା, ଗାଇବା ମଧ୍ୟ ହୋଇପାରେ । ବାସ୍ତବରେ ଏହା ପ୍ରାର୍ଥନାର ସହଜ ସ୍ୱଭାବ ଓ ଅଭିବ୍ୟକ୍ତି ହୋଇଥାଏ ।

ପ୍ରାର୍ଥନା ହୃଦୟର ଭାଷା, ଭାଷା ନୁହେଁ ଭାବ । ନିଃଶବ୍ଦ ଭାବ । ଭାବ ସାଗରରେ ଉଠୁଥିବା ଉତ୍ତାଳ ଲହରୀ, ପ୍ରାର୍ଥନା । ପ୍ରାର୍ଥନା ଗଣିତର ଯୋଗ, ବିଯୋଗ ସୂତ୍ର ନୁହେଁ, ଏହା କାବ୍ୟର କଳ କଳ ମଧୁର ଧାରା । ପ୍ରାର୍ଥନା ଛନ୍ଦମୟ, ଘୋଷା ବିଦ୍ୟା ନୁହେଁ । କଣ୍ଠସ୍ଥ ପଣକିଆ, ମୁଖସ୍ଥ ଭଜନ ରେକର୍ଡ ନୁହଁ । ପ୍ରାର୍ଥନା ହୃଦୟର ଅନ୍ତରଧାରା, ପ୍ରକୃତି ସହିତ ମିଶିବା, ଏକ ହେବ ଅନ୍ତରଙ୍ଗ ପ୍ରତ୍ୟୟ ।

ବାସ୍ତବରେ ମଣିଷ ନିମିତ୍ତ ମାତ୍ର, ପରମାତ୍ମା ହିଁ ଅନ୍ତର ମନରେ ପ୍ରାର୍ଥନାର ସ୍ୱର ଗାନ କରନ୍ତି । ପ୍ରାର୍ଥନା ପୂଜା ଅର୍ଚ୍ଚନା । ପ୍ରତିମା ରୂପରେ ହୃଦୟରେ ସ୍ଥାନ ଦେବା । ମନ୍ଦିରରେ ହେଉଥିବା ପୂଜା, ଆରାଧନା, ନୈବେଦ୍ୟ ପ୍ରାର୍ଥନା । ନିଜ ମଧ୍ୟରେ ଶୂନ୍ୟତା ସୃଜନ କରିବା ପାଇଁ ପ୍ରାର୍ଥନା ଅଭିପ୍ରେତ । ପ୍ରାର୍ଥନା ଅନନ୍ତ ଓ ଅସୀମକୁ ସାଂକେତିକ ସ୍ଥୂଳ ଭାବରେ ପ୍ରକାଶ କରିବା ହିଁ ବିଧି ।

ପ୍ରାର୍ଥନା ପରମାତ୍ମାଠୁଁ ମଧ୍ୟ ବଡ଼, ଯେହେତୁ ପ୍ରାର୍ଥନା ବିନା ଈଶ୍ୱରଙ୍କୁ ଜାଣିବା ସମ୍ଭବ ନୁହେଁ, ପ୍ରାର୍ଥନା ପ୍ରେମର ଅଭିବ୍ୟକ୍ତି । ପ୍ରାର୍ଥନା ଈଶ୍ୱରଙ୍କୁ ଧନ୍ୟବାଦ ଜ୍ଞାପନ କରିବା । ପ୍ରାର୍ଥନା ଈଶ୍ୱରଙ୍କୁ ହୃଦୟରେ ଆତିଥ୍ୟ ପାଇଁ ପ୍ରସ୍ତୁତି ପର୍ବ ଓ ସଂସ୍କୃତିର ପରିଭାଷା ।

ପ୍ରାର୍ଥନା ଅନ୍ତର ମନରୁ ଆସୁଥିବା ଆବେଗ । ପ୍ରାର୍ଥନା ଗଭୀର ଚେତନାର ମହକ, ଭଗ୍ନ ହୃଦୟର ଆତୁରତା, ଅନ୍ତର ବ୍ୟଥାର କୋହ, ନିର୍ଦ୍ଦୋଷ ପ୍ରାଣର ସରଳ ଅଭିବ୍ୟକ୍ତି । ପ୍ରାର୍ଥନାର ଶେଷ ଅଭିବ୍ୟକ୍ତି ସମାଧି ଅବସ୍ଥା ।

**ଖଣ୍ଡଗିରି ଏନ୍‌କ୍ଲେଭ, ଭୁବନେଶ୍ୱର**
**ମୋ–୭୭୩୫୩୪୮୬୬୦**

## ସମ୍ପାଦକଙ୍କୁ ପତ୍ର

# ବନ୍ୟା ବିପନ୍ନଙ୍କୁ ଶୀଘ୍ର ସହାୟତା ଲୋଡା

ମହାଶୟ,

ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଉପକୂଳବର୍ତ୍ତୀ ରାଜ୍ୟ ଓଡିଶାର ଚିର ସହଚର । ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଚଳିତ ବର୍ଷ ରାଜ୍ୟର ଅଧିକାଂଶ ଜିଲ୍ଲା ବନ୍ୟାଦ୍ୱାରା ପ୍ରଭାବିତ ହୋଇଛି । ଯେତେବେଳେ ରାଜ୍ୟରେ ଯେଉଁ ସରକାର ଥାଆନ୍ତି, ପ୍ରାକୃତିକ ବିପର୍ଯ୍ୟୟ ପୂର୍ବରୁ ଦୃଢ଼ ସ୍ୱରରେ ଚିରାଚରିତ ଢଙ୍ଗରେ କହନ୍ତି ଯେକୌଣସି ବିପର୍ଯ୍ୟୟକୁ ସାମ୍ନା କରିବାକୁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଥାଆନ୍ତି ।

ପ୍ରଯ୍ୟାପ୍ତ ପରିମାଣର ରିଲିଫ ସାମଗ୍ରୀ ମହଜୁଦ ଅଛି । ଜିରୋ କାଜୁ ଆଲିଟି ଆମର ଲକ୍ଷ୍ୟ ଇତ୍ୟାଦି ଯାହା ଶୁଣିବାକୁ ଭଲ ଲାଗେ । ବାସ୍ତବ କ୍ଷେତ୍ରରେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳେ । ଏ ବର୍ଷର ବନ୍ୟାର ଦୁଃଖଦ ଚିତ୍ର ଯାହା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଛି, ତାହା ଅବର୍ଣ୍ଣନୀୟ ।

କେଉଁଠି ବାସହରା ଲୋକେ ନଦୀ ବନ୍ଧରେ ଖୋଲା ଆକାଶ ତଳେ ବିନା ଖାଦ୍ୟ ଓ ପାନୀୟରେ କୌଣସି ମତେ ବଞ୍ଚିଛନ୍ତି । ଅନେକ ଜାଗାରେ ଲୋକେ ଜଳବନ୍ଦୀ । ଘାଇ ହୋଇଥିବା ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ । ମଣିଷ ଯେତେବେଳେ ବିପନ୍ନ, ଗୃହ ପାଳିତ ପଶୁପକ୍ଷୀଙ୍କ କଥା କଣ କହିବା ?

ବନ୍ୟା ଦୁର୍ଗତଙ୍କ ନିକଟରେ ଏପର୍ଯ୍ୟନ୍ତ ରିଲିଫ ସାମଗ୍ରୀ ପହଞ୍ଚି ନାହିଁ ବୋଲି ଗଣମାଧ୍ୟମରେ ପ୍ରକାଶ ପାଉଛି । ଯଦିବି କେଉଁଠି ରିଲିଫ ପହଞ୍ଚିଛି ତାହା ସମୁଦ୍ରକୁ ଶଙ୍ଖେ ଭଳି ।

ଯାଜପୁର ଜିଲ୍ଲାରେ ବନ୍ୟାଞ୍ଚଳ ପରିଦର୍ଶନରେ ଜୈନକ ମନ୍ତ୍ରୀ ସ୍ୱୀକାର କରି କହିଛନ୍ତି ଯେ ରିଲିଫ ପ୍ରଯ୍ୟାପ୍ତ ପରିମାଣର ପହଞ୍ଚି ନାହିଁ । ସେ ବନ୍ୟାଞ୍ଚଳ ପରିଦର୍ଶନ କରି ଗଲାପରେ ସହାୟତା ଯୋଗାଇ ଦେବେ ।

କେତେକ ସ୍ଥାନରେ ନେତା ବା ଜିଲ୍ଲା ପ୍ରଶାସନ କେହିବି ଏପର୍ଯ୍ୟନ୍ତ ପହଞ୍ଚି ନାହାନ୍ତି ବୋଲି ଜାଣିବାକୁ ମଲୁଛି । ସମ୍ବାଦ ସଂଗ୍ରହ କରୁଥିବା ସାମ୍ବାଦିକ ବନ୍ୟା ଦୁର୍ଗତଙ୍କ ଦୁର୍ଦ୍ଦଶା ଦେଖି କାନ୍ଦି ପକାଉଛନ୍ତି ।

ବନ୍ୟା ପ୍ରଭାବିତ ଅଞ୍ଚଳରେ ତୁରନ୍ତ ରିଲିଫ ସାମଗ୍ରୀ ଯୋଗାଇ ଦିଆଯାଉ । ପୁଣି ଗୋଟିଏ ଲଘୁଚାପ କିଛି ଦିନ ପରେ ଆସୁଛି ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଦେଇଛନ୍ତି । ତେଣୁ ସରକାର ଲୋକଙ୍କ ଦୁର୍ଦ୍ଦଶା ଦୂର କରିବାକୁ ସମୁଚିତ ପଦକ୍ଷେପ ଗ୍ରହଣ କରନ୍ତୁ ।

**ଶ୍ରୀକାନ୍ତ ନାୟକ**
**ପ୍ରାଧ୍ୟାପକ**
**ଖରସ୍ରୋତା ମହାବିଦ୍ୟାଳୟ**
**ସିଂହପୁର, ଯାଜପୁର**

**ପାଠକମାନେ ନିଜ ନିଜର ସୁଚିନ୍ତିତ ମତାମତ, ଏହି ପୃଷ୍ଠାରେ ଦିଆଯାଇଥିବା ଇ-ମେଲରେ ପଠାଇ ପାରିବେ । ଏହି ସ୍ତମ୍ଭରେ ସ୍ଥାନିତ ହେଉଥିବା ସମସ୍ତ ମତାମତ, ତଥ୍ୟ ଆଦି ପାଠକମାନଙ୍କର ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବଳ...

ହୋଇ ପଥର ଫୋପାଡ଼େ ତେବେ ଏହା ପଛରେ ଥିବା କାରଣକୁ ପ୍ରଥମେ ବୁଝିବାକୁ ପଡ଼ିବ । ଲୋକମାନଙ୍କ ସମସ୍ୟା ଶୁଣିବା ସବୁଠୁ ବଡ଼ ମାଧ୍ୟମ । ଏପରି ପରିସ୍ଥିତିର ମୁକାବିଲା କିପରି କରାଯିବ ତାହା ଆଇନ୍‌ଶୃଙ୍ଖଳା ସଂସ୍ଥାଗୁଡ଼ିକର ବିଚାର, ବୁଦ୍ଧି ଉପରେ ଛାଡ଼ିଦେବା ଉଚିତ୍ । ଏହାସହ ଆବେଦନରେପୋଲିସ ଓ ସୁରକ୍ଷାକର୍ମୀଙ୍କ ପ୍ରତି ଅପଶବ୍ଦ ବ୍ୟବହାର କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ଦ୍ୱାରା ସାମାଜିକ ସେବା କରାଇବା ଲାଗି ଦାବି କରାଯାଇଛି । ତେବେ କୋର୍ଟ କହିଛନ୍ତି ଯେ ପରିସ୍ଥିତିର ଗମ୍ଭୀରତାକୁ ପ୍ରଥମେ ବୁଝିବା ଦରକାର । ଯେଉଁଭଳି ଢ଼ଙ୍ଗରେ ପ୍ରତିବାଦକାରୀଙ୍କ ସହ ବ୍ୟବହାର କରାଗଲା ଏବଂ ସବୁକିଛି ଆଇନ୍‌ଶୃଙ୍ଖଳା ଦାୟିତ୍ୱରେ ଥିବା ସଂସ୍ଥା ଉପରେ ଛାଡ଼ି ଦିଆଗଲା ସେଥିଲାଗି ପରିସ୍ଥିତି ଭିନ୍ନ ରହିଲା । ଏଭଳି ସ୍ଥିତିରେ ଅଭିଜ୍ଞ ଓ ବିଶେଷଜ୍ଞମାନଙ୍କୁ ଏହାର ମୁକାବିଲା ପାଇଁ ଛଡାଯିବା ଦରକାର । ଜୁଲାଇ ୨୦ରେ ଦିଲ୍ଲୀରେ ଯେଉଁ ପ୍ରତିବାଦ ହୋଇଥିଲା ସେହି ସମ୍ପର୍କରେ ଏହି ରାୟ ଆସିଛି । ନିଟ୍ ପରୀକ୍ଷାପତ୍ର ଲିକ୍ ବିରୋଧରେ ସିଜେପି ପକ୍ଷରୁ ବିରାଟ ଆନ୍ଦୋଳନ କରାଯାଇଥିଲା ।

## ବନ୍ୟା...

ଅଞ୍ଚଳରୁ ଶହ ଶହ ଟନ ପରିବା ଆସେ ।

କେବଳ ଭଦ୍ରକ ନୁହେଁ ଦୋଳସାହି ବୋଇତାଳୁ ବାଲେଶ୍ୱର, କେନ୍ଦୁଝର, ଯାଜପୁର ଏପରିକି କଟକ ଓ ଭୁବନେଶ୍ୱରକୁ ଯୋଗାଣ କରାଯାଏ । ଦୋଳସାହି ବୋଇତାଳୁର ଏକ ସ୍ୱତନ୍ତ୍ର ପରିଚୟ ରହିଥିବା ବେଳେ ଏବେ ଏହି ଅଞ୍ଚଳର ପରିବା ଚାଷ କ୍ଷେତରେ ବନ୍ୟା ଜଳ ଲହ ମାରୁଛି । ସାଳନ୍ଦୀର ବନ୍ୟା ଜଳ ଓ ଲଗାଣ ବର୍ଷା ଜଳ ପରିବା କ୍ଷେତରେ ପଶି ସବୁ ପାଣି ପରିବା ଗଛ କୁ ନଷ୍ଟ କରି ଦେଇଥିବା ବେଳେ ଏବେ ପରିବା କ୍ଷେତ ସବୁ ଜଳ ଭଣ୍ଡାରର ଭ୍ରମ ସୃଷ୍ଟି କରୁଛି । ପରିବା କ୍ଷେତରେ ଲହଡ଼ି ଖେଳୁଛି ସାଳନ୍ଦୀର ବନ୍ୟା ଜଳ । ଶହ ଶହ ଏକର ପରିବା ଚାଷ ଉଜୁଡ଼ି ଯାଇଛି । ଏହି ଅଞ୍ଚଳର ଲୋକେ ପରିବା ଚାଷ କରି ନିଜର ଜୀବିକା ନିର୍ବାହ କରନ୍ତି । ଏବେ ସେମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । କଣ କରିବେ । କେମିତି ଚଳିବେ । ପରିବାର ପ୍ରତିପୋଷଣ କରିବା ଏମାନଙ୍କ ପାଇଁ ଏବେ କଷ୍ଟକର ହୋଇପଡ଼ିଛି । ଦୋଳସାହି ଗାଜିପୁରର ସଫଳ ପରିବା ଚାଷୀ ଗଣେଶ ଖାମୁରାଇ । ତାଙ୍କର ଚାଷ ସଂପୂର୍ଣ୍ଣ ଉଜୁଡି ଯାଇଥିବା ବେଳେ ସେ କିପରି ଚଳିବେ ଭାବୁଛନ୍ତି । ତାଙ୍କ ପରିବା କ୍ଷେତରେ ଯୁଆଡ଼େ ଦେଖିବେ ଖାଲି ଜଳ ଆଉ ଜଳ । ଗଣେଶଙ୍କ ପରି ସଫଳ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି ଚଳିତ ବନ୍ୟା ।ସେହିପରି ଏହି ଅଞ୍ଚଳରେ ନୁଆନନ୍ଦ ଗ୍ରାମର ପରିବା ଚାଷୀ କୈଳାଶ ଚନ୍ଦ୍ର ପତିଙ୍କର ସାଳନ୍ଦୀର ବନ୍ୟା କଦଳୀ ବାଡି ଉଜୁଡି ଯାଇଛି । ଲାଉ ଚାଷ ପାଇଁ ସେ ଏହି ଅଞ୍ଚଳରେ ପ୍ରସିଦ୍ଧ ଲାଭ କରିଥିଲେ । କେବଳ ତିହିଡି ବ୍ଲକ ନେହେ ବନ୍ତ ବ୍ଲକର ଗଣିଯାଙ୍ଗ, ଛୁଆଳସିଂହ, ଗୋପାଳପୁର, ପଳସା, ଲମଙ୍ଗା, ବୋଡ଼କ, ଓଡ଼ଙ୍ଗ, କଦବରାଙ୍ଗ, ଭର୍ଣ୍ଣ ପୁର, ପାଟନା, ଗୋଲାସହି, ତୁମ୍ବାପଦି, ବିଂଝା, ନାଖିବିଲି, କଂଟିଗଡିଆ ଆଦି ଗ୍ରାମରେ ଦେଶୀ ପନିପରିବା କ୍ଷେତ ସବୁ ଲଗାଣ ବର୍ଷାରେ ଉଜୁଡି ଯାଇଛି । ରେବ ଓ କପାଳୀ ନଦୀର ବନ୍ୟା ଜଳରେ ବନ୍ତ ବ୍ଲକର ବ୍ୟାପକ ପନିପରିବା କ୍ଷେତ ଉଜୁଡି ଯାଇଛି ।

ଗତ ୧୦ ଦିନ ଧରି ଲଗାଣ ବର୍ଷା ଯୋଗୁ ଏହି ଅଞ୍ଚଳରେ ଚାଷୀଙ୍କର ସବୁ ପରିବା ଚାଷ ଜମିରେ ପାଣି ପଶି ନଷ୍ଟ ହୋଇଯାଇଛି । ଏହି ଅଞ୍ଚଳର ଚାଷୀ ଜୟନ୍ତ ଗିରି କହନ୍ତି, ଯାହା ସବୁ ଚାଷ କରିଥିଲୁ ସବୁ କ୍ଷେତ୍ରରେ ବର୍ଷା ଜଳ ଲହଡି ଖେଳୁଛି । ବାଇଗଣ , ଜହ୍ନି, କାକୁଡି, ଭେଣ୍ଡି, ଲଙ୍କା ଚାଷ ମୋର ସବୁ ଉଜୁଡି ଯାଇଛି । ଏବର୍ଷ ଆଉ ଚାଷ କରିବା ସମ୍ଭବ ନୁହେଁ ବୋଲି ପରିବା ଚାଷୀ ହେମନ୍ତ ଗିରି କହିଛନ୍ତି । ସେହିପରି ଭଦ୍ରକ ବ୍ଲକର କଉପୁର, ଜଲଙ୍ଗା, ଓଲଂଗ, ଗଞ୍ଜେଇବାଡ଼ି, ଅର୍ଣପାଳ ଆଦି ଅଞ୍ଚଳରେ ଚାଷୀଙ୍କର ପାରିବ ଚଡ ଉଜୁଡି ଯାଇଥିବା ବେକେ ଭଦ୍ରକ ମାର୍କେଟ ଆଉ ଏହିସବୁ ଅଞ୍ଚଳର ଦେଶୀ ପନିପରିବା ଦେଖିବାକୁ ମିଳୁ ନାହିଁ । ଜିଲ୍ଲାରେ ପ୍ରାୟ ୪ ଶହ ହେକଟର ଚାଷ ଜମି ବନ୍ୟାରେ ନଷ୍ଟ ହୋଉଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଥିବା ବେକେ ଜିଲ୍ଲାରେ ପ୍ରାୟ ହଜାରେ ପରିବା ଚାଷୀଙ୍କ କ୍ଷେତ ଉଜୁଡି ଯାଇଛି ।

## ୭ ଛାତ୍ର...

ଆସିବା ମାତ୍ରେ ୱେଲଫେୟାର ଏକ୍ସଟେନ୍ସନ ଅଫିସରଙ୍କୁ ଘଟଣାସ୍ଥଳକୁ ପଠାଇ ପ୍ରାଥମିକ ତଦନ୍ତ କରାଯାଇଥିଲା । ପରେ ପୋଲିସକୁ ଅବଗତ କରାଯିବା ସହ ଘଟଣାରେ ସମ୍ପୃକ୍ତ ସମସ୍ତ ଛାତ୍ରଙ୍କ ବିରୋଧରେ ଏଫଆଇଆର୍ ରୁଜୁ କରାଯାଇଛି । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ମୁଖ୍ୟ ଅଭିଯୁକ୍ତ ସମେତ ଅନ୍ୟ ୬ ଜଣ ଛାତ୍ର ବିଭିନ୍ନ ପ୍ରକାର ବିଶୃଙ୍ଖଳାରେ ସହଯୋଗ କରିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ସେହି ସମୟରେ ଭିଡିଓ ରେକର୍ଡ କରୁଥିବା ବେଳେ ଅନ୍ୟମାନେ ପୀଡ଼ିତ ଛାତ୍ରମାନଙ୍କୁ ଭୟଭୀତ କରିବା ଓ ମାଡ଼ମାରିରେ ସହଯୋଗ କରିଥିବା ଅଭିଯୋଗ ରହିଛି । ଏହାଛଡ଼ା ସେମାନେ ପୂର୍ବରୁ ମଧ୍ୟ ହୋଷ୍ଟେଲ୍ରେ ବିଶୃଙ୍ଖଳା ସୃଷ୍ଟି କରୁଥିବା କାଉନ୍ସେଲିଂ ସମୟରେ ଅନ୍ୟ ଛାତ୍ରମାନେ ପ୍ରକାଶ କରିଥିଲେ । ଘଟଣାକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ସେମାନେ ସ୍କୁଲକୁ ପହଞ୍ଚି ଅଭିଯୁକ୍ତ ଛାତ୍ରମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷ ମଞ୍ଜୁଳା ମିଣିଆକା, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଚାନ୍ଦିଲି ଥାନା ଅଧିକାରୀ ଉତ୍ତର କୁମାର ସାହୁ, ଆଦିବାସୀ ବିଜେପି ନେତା ଶିବଶଙ୍କର ଉଲ୍ଲାକା ଓ ଅଭିଭାବକମାନଙ୍କ ଉପସ୍ଥିତିରେ ଆଲୋଚନା ପରେ କଠୋର ପଦକ୍ଷେପ ଗ୍ରହଣ କରାଯାଇଥିଲା । ଜିଲ୍ଲା ମଙ୍ଗଳ ଅଧିକାରୀ କହିଛନ୍ତି ଘଟଣା ପରେ ସେ ନିଜେ ହଷ୍ଟେଲକୁ ସ୍ଥିତିର ସମୀକ୍ଷା କରିବା ସହ ସମସ୍ତ ଛାତ୍ରଙ୍କ କାଉନାସେଲିଂ କରିଥିଲେ । ପୀଡ଼ିତ ଛାତ୍ରମାନେ ବର୍ତ୍ତମାନ ସୁରକ୍ଷିତ ଥିବା ବେଳେ ଭବିଷ୍ୟତରେ ଏଭଳି ଘଟଣା ରୋକିବା ପାଇଁ ଛାତ୍ରାବାସରେ ସ୍ଥାୟୀ ପୁରୁଷ ୱାର୍ଡନ୍ କିମ୍ବା ନାଇଟ ୱାଚର୍ ନିଯୁକ୍ତି ପାଇଁ ପୁଣିଥରେ ବିଭାଗ ନିକଟରେ ପ୍ରସ୍ତାବ ରଖାଯାଇଛି । ଉଲ୍ଲେଖଯୋଗ୍ୟ, କ୍ରିକେଟ ଖେଳକୁ କେନ୍ଦ୍ର କରି ରେଗିଂ ଘଟଣାରେ ଦଶମ ଶ୍ରେଣୀର ଜଣେ ଛାତ୍ର ନବମ ଶ୍ରେଣୀର ୨୭ ଜଣ ଛାତ୍ରଙ୍କୁ ନଡ଼ିଆ ଗଛର ବାହୁଙ୍ଗା ଓ କାଠ ଫାଳିଆରେ ଅମାନୁଷିକ ଭାବେ ପିଟୁଥିବା ଭିଡିଓ ଭାଇରାଲ ହୋଇଥିଲା । ଏହା ପରେ ଜିଲ୍ଲା ପ୍ରଶାସନ ଓ ମଙ୍ଗଳ ବିଭାଗ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

## ଘରୁ...

ମଦ କାଉଁଣ୍ଟରକୁ ବିଭିନ୍ନ ପ୍ରଲୋଭନ ଦେଖାଇ ଡାକିଥିଲେ। ଉକ୍ତ ଦୁଇଜଣ ଯୁବକ ତାଙ୍କ ପୁଅର ସାଙ୍ଗ ହୋଇଥିବା ବେଳେ ଅମର ତାଙ୍କ କଥାରେ ପ୍ରଭାବିତ ହୋଇ ତାଙ୍କ ସାଥିରେ ଯାଇଥିଲା ଓ ସେଠାରେ ମଦ୍ୟପାନ କରି ନିଶାଶକ୍ତ ଅବସ୍ଥାରେ ଉଭୟ ସାଙ୍ଗ ଅମରଙ୍କୁ ଆକ୍ରମଣ କରିଥିଲେ। କିଛି ସମୟରେ ପରେ ସେ ଖବର ପାଇଥିଲେ ଯେ ତାଙ୍କ ପୁଅ ଅସୁସ୍ଥ ହୋଇ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସେଠାରେ ପରିବାର ପହଂଚିବାରୁ ଡାକ୍ତର ତାଙ୍କ ପୁଅର ଅବସ୍ଥା ଅଧିକ ଗୁରୁତର ଥିବାରୁ ତାଙ୍କୁ ତୁରନ୍ତ ଉନ୍ନତ ଚିକିତ୍ସା ନିମନ୍ତେ କଟକ ମେଡ଼ିକାଲ୍‌କୁ ନେବା ପାଇଁ କହିଥିଲେ। ପରେ ପରିବାର ଲୋକ ଅମରଙ୍କୁ କଟକ ମେଡ଼ିକାଲ୍ ନେଇଥିଲେ ମଧ୍ୟ ସେଠାରେ ଗୁରୁତର ଥିବା ଅମରଙ୍କୁ ଆସିୟୁରେ ଭର୍ତିକରିବା ପାଇଁ ପରାମର୍ଶ ଦେଇଥିଲେ। ଫଳରେ ପରିବାର ଲୋକତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସପିଟାଲ୍‌ରେ ଚିକିତ୍ସା ପାଇଁ ଭର୍ତି କରିଥିଲେ। ହେଲେ ସେଠରେ ଚିକିତ୍ସାଧୀନ ଅବସ୍ଥାରେ ଅମରଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଉଷାରାଣୀଙ୍କ ଅଭିଯୋଗ ଅନୁଯାୟୀ ଡେରାବିଶ ଥାନାରେ ୧୧୯/୨୬ରେ ଏକ ମାମଲା ରୁଜୁ କରାଯିବା ସହିତ ଅମରଙ୍କ ଦୁଇ ସାଙ୍ଗଙ୍କୁ ଥାନାକୁ ଆଣି ପୋଲିସ୍ ପଚରା ଉଚୁରା କରିବା ସହିତ ଘଟଣାରେ ତଦନ୍ତ ଜାରି ରଖିଛି।

## ସରକାର...

୨୯୮ ଟି ଭୋଟ୍ ପଡ଼ିଥିବାବେଳେ ୨୩୦ଟି ଭୋଟ୍ ଏହା ବିରୋଧରେ ପଡ଼ିଥିଲା । ଫଳରେ ୫୪ଟି ଭୋଟ୍‌ରେ ଏହା ପାରିତ ହୋଇପାରିନଥିଲା । ଏବେ ସରକାର ଏହି ବିଲ୍‌କୁ ପାରିତ କରିବା ପାଇଁ ଆବଶ୍ୟକୀୟ ସଂଖ୍ୟା ଯୋଗାଡ଼ କରିବାରେ ଲାଗିଛନ୍ତି । ତୃଣମୂଳ କଂଗ୍ରେସ ଓ ଉଦ୍ଧବ ଠାକରେଙ୍କ ଶିବସେନାରେ ବିଭାଜନ କରିଛନ୍ତି । ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ନିକଟତର ରାଜ୍ୟସଭାରେ ଅଛନ୍ତି । ତେବେ ମୌସୁମୀ ଅଧିବେଶନ ଏବ ବସ୍ତୁତଃ ଅଚଳ ହୋଇପଡ଼ିଛି । ସିଜେପି ଆନ୍ଦୋଳନ ସମୟରେ ପୋଲିସ କାର୍ଯ୍ୟାନୁଷ୍ଠାନ ଓ ଅଯୋଧ୍ୟା ରାମ ମନ୍ଦିର ଦାନ ଅର୍ଥ ଚୋରୀ ଘଟଣାରେ ବିରୋଧୀ ଦଳଗୁଡ଼ିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଉପସ୍ଥିତିରେ ଆଲୋଚନା କରବାକୁ ଚାହିଁବା ସହ ତାଙ୍କ ବିବୃତି ଦାବି କରୁଛନ୍ତି । ସୂତ୍ରରୁ ଜଣାପଡୁଛି ଯେ ସରକାରଙ୍କ ପକ୍ଷରୁ ଏବେ ବିରୋଧୀଙ୍କ ସହ ବିଶ୍ୱାସ ବଢ଼ାଇବା ଲାଗି ପଦକ୍ଷେପ ନିଆଯାଉଛି । ଗତ ୧୦ ଦିନ ମଧ୍ୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜ୍‌ଜୁ ଦ୍ୱିତୀୟଥର ଲାଗି ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ ଭେଟିଛନ୍ତି । ରାହୁଲ ଗାନ୍ଧିଙ୍କୁ ଭେଟିବା ପରେ ରିଜ୍‌ଜୁ ମଧ୍ୟ ସଂସଦରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିଛନ୍ତି । କିରଣ ରିଜ୍‌ଜୁ ମଧ୍ୟ ଅନ୍ୟ ବିରୋଧୀ ଦଳ ଯଥା ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କୁ ସାକ୍ଷାତ କରି ଅଚଳାବସ୍ଥା ଦୂର ପାଇଁ ଆଲୋଚନା କରିଛନ୍ତି । ଜୁଲାଇ ୨୦ରୁ ଆରମ୍ଭ ହୋଇଥିବା ମୌସୁମୀ ଅଧିବେଶନରେ ଲୋକସଭା ମାତ୍ର ଘଣ୍ଟାଏ ଲାଗି ଚାଲିଛି । ଏହି ଘଣ୍ଟାକ ମଧ୍ୟରେ ବିନା ଆଲୋଚନାରେ ୫ ବିଲ୍ ପାରିତ ହୋଇଛି । ଗୃହ ମଧ୍ୟରେ ଓ ସଂସଦ ପରିସରରେ ବିରୋଧୀ ସଦସ୍ୟମାନେ ସ୍ଲୋଗାନବାଜି କରୁଛନ୍ତି । ବାଚସ୍ପତି ଓମ୍ ବିର୍ଲା କହିଛନ୍ତି ଯେ ଏଭଳି ସ୍ଲୋଗାନବାଜି ଗଣତନ୍ତ୍ର ଲାଗି ଭଲନୁହେଁ । ପ୍ଲାକାର୍ଡ ପ୍ରଦର୍ଶନ ଓ ସ୍ଲୋଗାନବାଜି ଗୃହର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଛି । ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ତାଲିକାଭୁକ୍ତ ହୋଇଛି । ମାତ୍ର ଏହା ଆଲୋଚନା ହୋଇପାରୁନାହିଁ ।

## ୧୧ ଅଭିଯୁକ୍ତଙ୍କ...

ବିରୋଧରେ ଚାର୍ଜସିଟ୍ ହୋଇଛି ସେମାନେ ହେଲେ ଯୁଧିଷ୍ଠିର ଜେନା, ରଞ୍ଜିତ ପାତ୍ର, ରଞ୍ଜିତ ରଣା, ପଞ୍ଚାନନ ବଡଜେନା, ବିନୋଦ କୁମାର ବେହେରା, ପ୍ରଦୀପ ଚନ୍ଦ୍ର ମଙ୍ଗରାଜ, ଅଶୋକ କୁମାର ଜେନା, ବିଭୂତି ଭୂଷଣ ପରିଡା, ସୁବାସ ଭୋଇ, ସ୍କାଏଲାବ ପତି ଓ ବିସ୍ମୟ ମହାନ୍ତି । ଯେଉଁ ଅଭିଯୁକ୍ତମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହୋଇନାହିଁ, ସେମାନେ ହେଲେ ସନ୍ତୋଷ ପତି, ସୁରଜ ଓଝା, ସଂଗ୍ରାମ ଭୋଇ, ପ୍ରମୋଦ ଜେନା, ବଣ୍ଟି ଜେନା, ସୁରଜିତ ଜେନା, ଅଭିଷେକ କର, ସଦାନନ୍ଦ ଖୁଣ୍ଟିଆ ଓ ବିକ୍ରମ କେଶରୀ ଦାସ । କ୍ରାଇମ୍‌ବ୍ରାଞ୍ଚ କହିବାନୁଯାୟୀ ତଦନ୍ତ ଜାରି ରହିଛି, ଚାର୍ଜସିଟ୍ ଦାଖଲ ହୋଇନଥିବା ୯ ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ମିଳିଲେ ଚାର୍ଜସିଟ୍ ଦାଖଲ ହେବ । ଯେଉଁ ଅଭିଯୁକ୍ତମାନଙ୍କ ବିରୋଧରେ ପ୍ରମାଣ ମିଳୁନାହିଁ ବୋଲି କ୍ରାଇମ୍‌ବ୍ରାଞ୍ଚ କହିଛି ସେମାନେ ଘଟଣାରେ ସମ୍ପୃକ୍ତ ନଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ ।

## ଭାରତ...

ସହ ମଧ୍ୟ ଦୁଃଖ ପ୍ରକାଶ କରାଯାଇଛି । ସରକାରଙ୍କ ପକ୍ଷରୁ ଚେତାବନି ଦିଆଯାଇଥିଲା ଯେ ଯଦି ମେଟା କ୍ଷମାପ୍ରାର୍ଥନା ନ କରେ ତେବେ ସେଫ୍ ହାର୍ବର ସୁରକ୍ଷାକୁ ବନ୍ଦ କରିଦିଆଯିବ । ସଂସଦୀୟ କମିଟି ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଫେସ୍‌ବୁକ୍ ପୋଷ୍ଟ ହଟାଇବା ନେଇ ୩ ଦିନ ମଧ୍ୟରେ ମେଟା କର୍ତ୍ତୃପକ୍ଷ କ୍ଷମା ମାଗିବାକୁ କୁହାଯାଇଥିଲା ।


**BRAHMAPUR MUNICIPAL CORPORATION**

No. 13166 Date: 05.08.26

13001/1435/2627

**REQUEST FOR PROPOSAL**

Sealed RFP are invited to be reached from reputed Event Management Companies for organising the "Event for LSG Day Celebration 2026" at Brahmapur". The detailed terms & conditions are available at our office website www.berhampur.gov.in. The last date of receipt of tenders in this office by 20 08.26 05:00 PM and will be opened on 21-08-26 at 11:00 AM in the office of undersigned.

The Authority reserves the right to accept or reject any RFP without assigning any reason thereof.

Sd/- Commissioner, Brahmapur Municipal Corporation

OIPR : 13001/13035/1/26-27/0019



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEBAGADA.**

25001/877/2627 E-mail Id eerw_deogarh@yahoo.co.in

E-Procurement Notice

BID. IDENTIFICATION NO. SERWDGH-Online- 12 of 2026-27

1. No. of Building Works :- 01 (No)
2. Estimated Cost :- Approx. Rs.79.17 lakhs.
3. Mode of submission of tender :-Tender shall be submitted online in www.tendersodisha.gov.in
4. Availability of tender for online bidding :-14.08.2026, 10.00 A.M to 25.08.2026 up to 5.00 P.M
5. Date and time of opening of tender:-28.08.2026, 11.00 A.M
6. Other details can be seen from the website www.tendersodisha.gov.in
7. Corrigendum / Addendum if any shall only be published in the above website.

Sd/- Superintending Engineer R.W. Division, Debagada

OIPR : 25001/25087/1/26-27/0012



**OFFICE OF THE BASUDEVPUR MUNICIPALITY, BHADRAK.**

13001/1425/2627 No. 739 (w) Date : 04.08.26

E-Procurement Notice

BID Identification No. BM_TCN_06_2026-27

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt, website i.e. https://tendersodisha.gov.in/nicgep/app.

1. Name of the Work : Civil Const works as mentioned in DTCN
2. No. of works : 05 nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 06-08-2026(3pm) to 12-08-2026
6. Last date and time for receipt : 12-08-2026 up to 5.00 pm
7. Bids received online shall be opened on : 13-08-2026 from 11 am onwards
8. Name and address of the Officer Inviting Bid : Executive Officer, Basudevpur Municipality

Sd/- Executive Officer Basudevpur Municipality

OIPR : 13001/13135/1/26-27/0005



**ODISHA HYDRO POWER CORPORATION LTD.**
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
At: P.O.: BARINIPUT: DIST. KORAPUT-764006
PHONE: (06854) 242001: FAX: - (06854) 242038
E-mail: sgmel.ukhep@gmail.com

4001/241/2627

TENDER CALL NOTICE NO: UKHEP: 17/2026-27 Dated:31.07.2026

Sealed Tenders are invited in SINGLE COVER BID which includes Technical Documents & Price Bid both in one sealed envelope from the "C or D" class contractors registered from Govt of Odisha/ MSME registered from Govt of India for the following work to Upper Kolab Hydro Electric Project, Bariniput.

| Sl. No. | Name of the Work | Cost of Tender Paper in Rs. Non-refundable | EMD in Rs. (Refundable) |
|---|---|---|---|
| 1 | Fabrication and Fixing of 02 (Two) Nos of 304 Grade Double Leaf Stainless Steel Gate at Erectors' Hostel, UKHEP, Bariniput. | 2360/- inclusive of GST@18% | 2,300/- |

The sale of Tender Paper will be from :- From 10:00 Hrs of 07/08/2026 to 11:00 Hrs of 24/08/2026
The last date & time of receipt of tender :- Up to 12:00 Hrs. of 25/08/2026
The date and time of opening of tender :- At 12:30 Hrs. of 25/08/2026
For details of tender documents, Terms & Conditions please visit our website.www.ohpc.co.in

Sd/- Unit Head, Upper Kolab HEP, OHPC Limited, Bariniput

OIPR : 4001/4002/1/26-27/0018



**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO III**
**BHUBANESWAR**
bbsrrandb03@yahoo.com

34001/588/2627

60Estg. No - 5692 Date- 30.07.2026

Government of Odisha "e"-Procurement Notice No (12) of 2026-27

Bid Identification No. : C.C. (R&B) 03

| | | |
|---|---|---|
| 1 | Name of the Work | Compound wall Works |
| 2 | Total No of works | 1 No. work |
| 3 | Estimated Cost | Rs. 67,79,575.00 |
| 4 | Class of Contractor | "B" CLASS Contractor, |
| 5 | Period of Completion | 2 (Two) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | From 06/08/2026 at 10.30 A.M. to 13/08/2026 at 5.30 P.M. |
| 8 | Last Date & Time for Receipt of bids in the Portal | 13/08/2026, upto 5.30 P.M. |
| 9 | Name & Address of the Officer inviting Bid | Er. Narendra Kumar Ghadai, Superintending Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal https://tendersorissa.gov.in
N.B: Subsequent corrigendum / addendum if required shall be available in the website as indicated above

Sd/- Superintending Engineer BBSR (R&B) Division No.III, BBSR

OIPR : 34001/34089/1/26-27/0002



**AFFIDAVIT**

By virtue of an affidavit sworn before the Notary Public, Angul, dated 04.08.2026, I, **Pravati Sahu**, wife of Dhruba Charana Sahu, permanent resident of At: Gobara, PO: Gobara, PS: Vikrampur, Dist.: Angul, PIN-759103, Odisha, declare that I have changed my name from Binodini Sahu to Pravati Sahu. Henceforth, I shall be known as **Pravati Sahu** for all purposes.

Pravati Sahu



**NALCO**
National Aluminium Company Limited
(A Government of India Enterprise)

Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

**RECRUITMENT OF MEDICAL PROFESSIONALS**

National Aluminium Company Limited (NALCO), a Leading Navratna PSU is looking for committed, empathetic and compassionate medical professionals as per the details mentioned below, for its production units / offices in different locations:

| Name of the Post / Grade | No. of Post | Scale of Pay | Upper age limit as on 17/08/2026 | Required Post qualification experience |
|---|---|---|---|---|
| Medical Officer /E02 grade | 02 | 70000-3%-200000/- | 35 Years | 04 Years |
| Specialist /E02 grade (Orthopedic:01, Radiology:01) | 02 | | | Nil |
| Specialist/E03 grade (Ophthalmology:01, Radiology:01) | 02 | 80000-3%-220000/- | 38 Years | 03 Years |

The interested candidates may visit the Career Section of the Company's website www.nalcoindia.com for further details.

Advt. No. 10260301, Date: 20/07/2026

Chief General Manager (HR)-R&P



**GOVRNMENT OF ODISHA : DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**DRAINAGE DIVISION, KENDRAPARA**

E-PROCUREMENT NOTICE NO. DDKPD - 02 of 2026-27

32001/648/2627 e-mail- eeddkendrapara@gmail.com Phone No. 9439181343

| | | | |
|---|---|---|---|
| 1. | Total Number of Package | : | 08 Nos. Individual package |
| 2. | Nature of work | : | Decongestion and Desilting of drains and Construction of FLB & Inlet. |
| 3. | Tender Amount | : | From Rs. 57.42 Lakhs to Rs. 83.35 Lakhs |
| 4. | Period of completion | : | 06 (Six) Calendar months |

5. Other details as follows :

| Procurement Officer | Bid Identification No. | Availability of Tender On-line | | Date & time of opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| Superintending Engineer, Drainage Division, Kendrapara | DDKPD-02 of 2026-27 | 10.08.2026 at 10.00 Hrs. | 19.08.2026 Up to 17.30 Hrs. | 20.08.2026 at 11.00 AM | 01.09.2026 at 11.00 AM |

Further details can be seen from the Govt. website www.tendersorissa.gov.in.

Sd/- Superintending Engineer Drainage Division, Kendrapara

OIPR : 32001/32356/1/26-27/0002



**ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିଆଳିଆ, ଖୋର୍ଦ୍ଧା**
**ODISHA ADARSHA VIDYALAYA, SIALIA, KHORDHA**
At- Sialia, Po- Daleiput, Block- Khordha, District- Khordha, Odisha, Pin-752056
Under the Dept. Of School & Mass Education, Govt, of Odisha
CBSE Affiliation no-1520369, School Code-17426,Udise-21170907102
Email Id-khordha@oav.edu.in

27001/123/2627

Letter no.- 425/Sia/2026 Date- 05.08.2026

**ADVERTISEMENT**

Applications are invited from the deserving candidates for engagement of different supporting staff in Boy's Hostel of Odisha Adarsha Vidyalaya, Khordha in Khordha district as per the vacancies mentioned below.

| Sl No. | Name of the Post | Qualification | Age | Remuneration | Vacancies to be filled up for Boy's Hostel |
|---|---|---|---|---|---|
| 1 | Warden | B.A/B.Sc. only | 30-60 Yrs | Rs. 21,175/- | 1 |
| 2 | Chowkidar-cum-Sweeper | HSC | 21-32 Yrs | Rs.7500/- | 1 |
| 3 | Head Cook | | 30-40 Yrs | Rs. 9000/- | 1 |
| 4 | Assistant Cook | | 21-32 Yrs | Rs.6750/- | 2 |

Application form and detailed guidelines can be downloaded from the district website (www.khordha.odisha.gov.in). Interested candidates fulfilling the eligibility criteria may apply by registered Post only (DONT SUBMIT THE APPLICATION FORM BY HAND IN THE VIDYALAYA OR BY e-MAIL) to Odisha Adarsha Vidyalaya, Khordha, At- Sialiapatna, PO- Daleiput, PS- Khordha Sadar, Dist- Khordha, Pin-752056 by date: 21.08.2026. The incomplete application forms and forms received after due date shall be summarily rejected. The authority will not be responsible for any postal delay. Further the authorities reserve the right to cancel any or all the application without any reason thereof.

By Oder of Collector-cum-Chairman, OAVs
Sd/ Principal
Odisha Adarsha Vidyalaya Sialia, Khordha

OIPR : 27001/27102/1/26-27/0001



**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. **TPWODL/RP/O/SER/2500001257 - AMC (2 years) for Civil Works at TPWODL.**
2. **TPWODL/SD/O/SER/2500001259 - Rate Contract for ENFORCEMENT RELATED ACTIVITIES ACROSS TPWODL**

Interested bidders are to submit Tender Participation Fee and Authorization Letter through email on or before **15th August 2026, 18:00Hrs**, respectively, after which link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com**. All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- Chief-TS, Contracts & Stores



କାନାରା ବ୍ୟାଙ୍କ Canara Bank

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ, ଶ୍ରୀଜୀ କମ୍ପ୍ଲେକ୍ସ ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯, କଟକ ଟାଉନ ୟୁନିଟ୍ ନଂ.-୧୭, ମାଲ୍ଗୁଆ ବଜାର, କଟକ-୭୫୩୦୦୧

**ମିଆଦ ପୂରଣ/ଏନ୍‌ପିଏ ହୋଇଥିବା ସ୍ୱର୍ଣ୍ଣ ଋଣ ସମ୍ବନ୍ଧୀୟ ବିଜ୍ଞପ୍ତି ( ପ୍ରଥମ ବିଜ୍ଞପ୍ତି ପ୍ରକାଶନ)**

ଏତଦ୍‌ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା(ମାନ)ଙ୍କୁ ଅବଗତ କରାଇ ଦିଆଯାଉଅଛି ଯେ, ଏକାଧିକ ନୋଟିସ୍ ଦିଆଯିବା ସତ୍ତ୍ୱେ ସେମାନେ ନିଜର ଋଣଖାତାରେ ଥିବା ବକେୟା ଦେୟ ପରିଶୋଧ କରିବାରେ ବିଫଳ ହୋଇଛନ୍ତି । ତେଣୁ ସେମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ସେମାନେ ସମସ୍ତ ବକେୟା ତଥା ଅନ୍ୟାନ୍ୟ ଦେୟ ପରିଶୋଧ କରନ୍ତୁ ଏବଂ ବନ୍ଧକ ରଖାଯାଇଥିବା ସ୍ୱର୍ଣ୍ଣ ଅଳଙ୍କାରକୁ ତା୦୫.୦୯.୨୦୨୬ରିଖ କିମ୍ବା ତା'ପୂର୍ବରୁ ମୁକୁଳାଇ ନିଅନ୍ତୁ, ଅନ୍ୟଥା ବ୍ୟାଙ୍କର ପ୍ରକ୍ରିୟା ଅନୁଯାୟୀ ବିନା କୌଣସି ପରବର୍ତ୍ତୀ ନୋଟିସ୍‌ରେ ଉକ୍ତ ବନ୍ଧକ ସ୍ୱର୍ଣ୍ଣ ଅଳଙ୍କାରକୁ ବ୍ୟାଙ୍କ ନିଜର ସମ୍ପୂର୍ଣ୍ଣ ବିଶେଷାଧିକାର ବଳରେ ଋଣଗ୍ରହୀତାଙ୍କ ଖର୍ଚ୍ଚରେ ସର୍ବସାଧାରଣ ନିଲାମରେ ବିକ୍ରୟ କରିଦେବ ।

| କ୍ର. ନଂ. | ଋଣ ତାରିଖ | ଋଣ ନମ୍ବର | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ବକେୟା ଦେୟ (ଟଙ୍କାରେ) |
|---|---|---|---|---|
| | | | **ଖୁଣ୍ଟକଟା ଶାଖା** | |
| ୧. | [illegible] | [illegible] | ମନୋଜ କୁମାର ସିଂହ ସାମନ୍ତ, ପିତା: ରୁଦ୍ର ନାରାୟଣ ସିଂହ ସାମନ୍ତ, ସା: ତିଗିରିଆ, କଟକ, ପିନ୍-୭୫୪୦୩୦ | [illegible] |
| | | | **ଅଣ୍ଡରା ଶାଖା** | |
| ୧. | [illegible] | [illegible] | ଶ୍ରୀଧର ସେଠୀ, ପିତା: କପିଳ ସେଠୀ, ସା/ ପୋ: ଅମୃତମଣୋହି, ଭାୟା: ବାଟିପଡା, କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୧୮ | ଟ.୧୧,୯୪୮.୦୦ |
| | | | **ବାରଙ୍ଗ ଶାଖା** | |
| ୧. | [illegible] | [illegible] | ସସ୍ମିତା ମଲିକ, ମାର୍ଫତ: ମନୟ କୁମାର ମଲ୍ଲିକ, ଦାଳାପାଟଣା, ବାରଙ୍ଗ, ଓଡ଼ିଶା, ପିନ୍-୭୫୪୦୦୫ | [illegible] |
| ୨. | [illegible] | [illegible] | | [illegible] |
| ୩. | [illegible] | [illegible] | ବୁଲୁ ବେହେରା, ପିତା: କ୍ଷେତ୍ରବାସୀ ବେହେରା, ସା: ଆମବରେଇ, ପୋ: ଗଣ୍ଡରପୁର, ଥାନା: ବାରଙ୍ଗ, କଟକ, ଓଡ଼ିଶା-୭୫୪୦୦୫ | [illegible] |
| ୪. | [illegible] | [illegible] | | ଟ.୧୯,୨୨୮.୦୦ |

ସ୍ଥାନ: କଟକ, ତାରିଖ: ୦୫.୦୮.୨୦୨୬ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୭୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

13001/1421/2627

ପତ୍ର ସଂଖ୍ୟା ୧୬୯ **ବିଜ୍ଞାପନ** ତା : ୨୮.୭.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସାଲେପୁର ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ ପ୍ରକଳ୍ପରେ ଦୋକାନ ଗୃହ ନଂ–ଡି–୧ (D-1) କୁ ଶ୍ରୀ ନୀଳମଣି ପାଢୀ, ପିଃ ସ୍ୱର୍ଗତ ଚନ୍ଦ୍ରମଣି ପାଢୀ, ଗ୍ରା–କେଉଙ୍ଗ, ପୋ–ପିକୋଳ, ଥା–ସାଲେପୁର, ଜି– କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ନୀଳମଣି ପାଢୀ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଦୀପ୍ତିରେଖା ପାଢୀ, ସ୍ୱା–ଶ୍ରୀ କେଶବ ଚନ୍ଦ୍ର ପତି, ପି– ଶ୍ରୀ ନୀଳମଣି ପାଢୀ, ଗ୍ରା–ମରଦା ଗୋପିନାଥପୁର, ପୋ–ଗୋପିନାଥପୁର, ନେମାଳୋ, ଥା–ନେମାଳୋ, ଜି–କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଦୋକାନ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/26-27/0184



**ODISHA JOINT ENTRANCE EXAMINATION-2026 (OJEE - 2026)**

No : OJEE/387 Date: 05.08.2026

**NOTICE FOR NEET UG 2026 QUALIFIED STATE CANDIDATES**

**Congratulation to all NEET 2026] (UG) qualified candidates of the State.**

**44001/50/2627** : Admission to MBBS/BDS State Quota seats of different Government and Hi-Tech/ Dreams Medical (Private) Colleges of the State will be done for the session 2026-27 on the basis of NEET 2026 (UG) merit list following rules and regulation of the State Govt.

The online registration and counselling process for state merit list preparation **starts from 06.08.2026**, for other detail schedule, Instructions/Guideline please visit OJEE website. Candidates are advised to keep in touch with website **www.ojee.nic.in** / **www.odishajee.com** and OJEE Android/IoS App for latest information.

Sd/- Chairman, OJEE

OIPR : 44001/44026/1/26-27/0001



## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୭୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୬୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୭୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୭୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

### ଆଇଇଇଏମ୍‌ଏ ପକ୍ଷରୁ

# ଇ୩ : ଏନର୍ଜାଇଜ୍ ଏମ୍‌ପାୱାର୍ ଇଷ୍ଟର ୫ମ ସଂସ୍କରଣ

ଭୁବନେଶ୍ୱର : ଇଣ୍ଡିଆନ୍ ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ମାନୁଫାକଚର୍ସ ଆସୋସିଏସନ୍ (ଆଇଇଇଏମଏ) ପକ୍ଷରୁ ଆଜି ଓଡ଼ିଶାର ଭୁବନେଶ୍ୱରସ୍ଥିତ ମେ'ଫେୟାର କନଭେନସନରେ ପାୱାର ଏବଂ ବୈଦ୍ୟୁତିକ ସରଞ୍ଜାମ ଶିଳ୍ପ ପାଇଁ ପୂର୍ବାଞ୍ଚଳର ପ୍ରମୁଖ ପ୍ରଦର୍ଶନୀ 'ଇ୩: ଏନର୍ଜାଇଜ୍. ଏମପାୱାର୍ ଇଷ୍ଟ'ର ୫ମ ସଂସ୍କରଣ ଆୟୋଜନ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ନୀତି ନିର୍ଦ୍ଧାରକ, ୟୁଟିଲିଟି, ଉତ୍ପାଦକ, ପ୍ରଯୁକ୍ତିବିଦ୍ୟା ଯୋଗାଣକାରୀ ଏବଂ ଆର୍ଥିକ ସଂସ୍ଥାଗୁଡ଼ିକୁ ଏକାଠି କରିଛି ଯାହାଦ୍ୱାରା ଓଡ଼ିଶା ଏବଂ ପୂର୍ବ ଭାରତର ପାୱାର ସେକ୍ଟର ଇକୋସିଷ୍ଟମରେ ପୁଞ୍ଜିନିବେଶ ସୁଯୋଗ, ଆଞ୍ଚଳିକ କ୍ୟାପେକ୍ସ ଆଉଟଲୁକ୍, ଚାହିଦା ଏବଂ ଏସଏମଇର ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇପାରିବ । ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ




କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, "ଓଡ଼ିଶା ଦଶନ୍ଧି ଧରି ଚାଲିଆସୁଥିବା ପାରମ୍ପରିକ ବିଦ୍ୟୁତ୍ ଉତ୍ପାଦନରୁ ରାଜ୍ୟ ନିଜକୁ ପରିବର୍ତ୍ତନ କରି କ୍ଲିନ୍ ପାୱାର, ଗ୍ରୀନ୍ ଫୁଏଲ ଏବଂ କମ୍ କାର୍ବନଯୁକ୍ତ ଶିଳ୍ପ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ପରିଣତ ହେବାକୁ ଲକ୍ଷ୍ୟ ରଖିଛି । ଏହାର ଦୃଢ଼ ଶିଳ୍ପ ଭିତ୍ତିଭୂମି, ଜଳସମ୍ପଦ, ୫୭୫ କିଲୋମିଟର ଉପକୂଳବର୍ତ୍ତୀ ଅଂଚଳ, ବନ୍ଦର, ଖଣିଜ ମୂଲ୍ୟ ଶୃଙ୍ଖଳା ଏବଂ ଦକ୍ଷ କର୍ମଚାରୀଙ୍କୁ ବ୍ୟବହାର କରି, ରାଜ୍ୟ ଏହାର ଅକ୍ଷୟ ଶକ୍ତି ନୀତି ଅଧୀନରେ ୨୦୩୦ ସୁଦ୍ଧା ସୌର, ପବନ, ଜଳବିଦ୍ୟୁତ୍, ସଂରକ୍ଷଣ ଏବଂ ବିତରିତ ଶକ୍ତିକୁ ମିଶାଇ ୧୦ ଗିଗାୱାଟରୁ ଅଧିକ ଅକ୍ଷୟ ଶକ୍ତି କ୍ଷମତା ହାସଲ କରିବାକୁ ଲକ୍ଷ୍ୟ ରଖିଛି ।" ସମ୍ମାନିତ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଛନ୍ତି, "ଆମେ ସ୍ୱତନ୍ତ୍ର ବୈଦ୍ୟୁତିକ ସରଞ୍ଜାମ ଉତ୍ପାଦନ କ୍ଲଷ୍ଟର, ଉନ୍ନତ ପରୀକ୍ଷଣ ପରୀକ୍ଷାଗାର, ଏକ୍ସଲେନ୍ସ ସେଂଟର, ଏକ ଦୃଢ଼ ଏମଏସଏମଇ ଯୋଗାଣକାରୀ ଇକୋସିଷ୍ଟମ ଏବଂ ଶିଳ୍ପ-ଶିକ୍ଷାନୁଷ୍ଠାନ ସହଯୋଗିତା ବିକଶିତ କରିବାକୁ ପ୍ରତିଶ୍ରୁତିବଦ୍ଧ । ଆଇଇଇଏମଏର ସଭାପତି ବିକ୍ରମ ଗାଣ୍ଡୋତ୍ରା କହିଛନ୍ତି, "ଗତ ସପ୍ତାହରେ ପ୍ରକାଶିତ ଆଇଆଇପି ତଥ୍ୟ ଅନୁଯାୟୀ ଏହା ୨୩ ମାସର ସର୍ବୋଚ୍ଚ ସ୍ତର ୭.୩% ରେ ପହଂଚିଛି, ଯେଉଁଥିରେ ସୁଇଚ୍ ଗିଅ,ର୍ ସର୍କିଟ୍ ବ୍ରେକ,ର୍ ୟୁପିଏସ୍ ସିଷ୍ଟମ୍ ଏବଂ ମିଟର ପ୍ୟାନେଲ୍ ଦ୍ୱାରା ପରିଚାଳିତ ବୈଦ୍ୟୁତିକ ସରଞ୍ଜାମ ଉତ୍ପାଦନ ୩୪% ବୃଦ୍ଧି ପାଇଛି ।

# ରାଜ୍ୟରେ ଜନସ୍ୱାସ୍ଥ୍ୟ ସେବାର ସୁଦୃଢ଼ୀକରଣ ପାଇଁ ତ୍ରିପାକ୍ଷିକ ବୁଝାମଣା

ଭୁବନେଶ୍ୱର,(ସବ୍ୟୁ): ସାରା ରାଜ୍ୟରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏବଂ କୈବଲ୍ୟ ଏଜୁକେସନ୍ ଫାଉଣ୍ଡେସନ୍ ମଧ୍ୟରେ ଏକ ତ୍ରିପାକ୍ଷିକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି । ଖାରବେଳ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆଇଏଏସ୍ ଅବସ୍ଥି ଏସ୍. ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ସଚିବ ଆଇଏଏସ୍ ଡା. ବୃନ୍ଦା ଡି., ଜାତୀୟ ସ୍ୱାସ୍ଥ୍ୟ ମିଶନ୍ (ଓଡ଼ିଶା)ର ମିଶନ ନିର୍ଦ୍ଦେଶକଙ୍କ ସମେତ ଅନ୍ୟ ବରିଷ୍ଠ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ରବୀନ୍ଦ୍ରନାଥ ମିଶ୍ର, ଟାଟା ଷ୍ଟିଲ୍ ଫାଉଣ୍ଡେସନର ଜନସ୍ୱାସ୍ଥ୍ୟ ମୁଖ୍ୟ ଡା. ଅନୁଜ ଭଟ୍ଟନାଗର ଏବଂ କୈବଲ୍ୟ ଏଜୁକେସନ୍ ଫାଉଣ୍ଡେସନର କୋର୍ ଟିମ୍ ସଦସ୍ୟ ଡା. ସୁନିଲ ବାବୁ ପ୍ରମୁଖ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ ।ଏହି ୩ ବର୍ଷିଆ ସହଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ରାଜ୍ୟରେ ଜନସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଷ୍ଟ୍ରାଟେଜିକ ଓ ଟେକ୍ନୋ-



ମ୍ୟାନେଜରିଆଲ ସହାୟତା ପ୍ରଦାନ କରିବା ।ଏହା ବିଶେଷ ଭାବରେ ପ୍ରଜନନ, ନବଜାତ, ମାତୃ, ଶିଶୁ, କିଶୋରୀ ସ୍ୱାସ୍ଥ୍ୟ ଓ ପୋଷଣ ଏବଂ ଯକ୍ଷ୍ମା ଓ ମ୍ୟାଲେରିଆ ନିୟନ୍ତ୍ରଣ କ୍ଷେତ୍ରରେ ଉନ୍ନତି ଆଣିବା ଉପରେ କାର୍ଯ୍ୟ କରିବ । ଏହି ପ୍ରକଳ୍ପ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବ୍ୟବସ୍ଥା ସହିତ ମିଶି ସଂସ୍ଥାଗତ ଦକ୍ଷତା ବୃଦ୍ଧି କରିବା ସହ ସ୍ୱାସ୍ଥ୍ୟ ସେବା ଯୋଗାଣ, ହେଲ୍‌ଥ ଗଭର୍ନାନ୍ସ, ସ୍ୱାସ୍ଥ୍ୟ ମାନବ ସମ୍ବଳ, ସପ୍ଲାଇ ଚେନ୍ ମ୍ୟାନେଜମେଣ୍ଟ ଏବଂ ସ୍ୱାସ୍ଥ୍ୟ ଆର୍ଥିକ ପରିଚାଳନାରେ ତଥ୍ୟ-ଆଧାରିତ ନିଷ୍ପତ୍ତି ଗ୍ରହଣକୁ ପ୍ରୋତ୍ସାହିତ କରିବ । ଏହି ସହଯୋଗିତା ଅଧୀନରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଓଡ଼ିଶାର ୧୬ଟି ଜିଲ୍ଲାରେ କୌଶଳଗତ ଓ ବୈଷୟିକ ସହାୟତା ଯୋଗାଇଦେବ ଏବଂ କୈବଲ୍ୟ ଏଜୁକେସନ୍ ଫାଉଣ୍ଡେସନ୍ ଅବଶିଷ୍ଟ ୧୪ଟି ଜିଲ୍ଲାରେ କାର୍ଯ୍ୟ କରିବ । ଏହି ପ୍ରକଳ୍ପ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରାଥମିକତା ଏବଂ ପର୍ଯ୍ୟାୟକ୍ରମିକ କାର୍ଯ୍ୟକାରୀ ଯୋଜନା ଅନୁଯାୟୀ ସମ୍ପାଦିତ ହେବ । ଟାଟା ଷ୍ଟିଲ୍ ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ସୌରଭ ରୟ କହିଛନ୍ତି, ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହିତ ଏହି ସହଯୋଗିତା, ସାମାଜିକ ଆହ୍ୱାନଗୁଡ଼ିକର ସମାଧାନ ଏବଂ ରାଜ୍ୟସାରା ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାର ଆମର ମିଳିତ ସଂକଳ୍ପକୁ ଆଗକୁ ନେଉଛି । ଏହି ଭାଗିଦାରୀ ମାଧ୍ୟମରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ସୁବିଧା, ବିଶେଷ କରି ଅବହେଳିତ ଓ ଦୁର୍ବଳ ବର୍ଗର ଲୋକଙ୍କ ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସହ ଏକ ସୁସ୍ଥ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରିବାରେ ଆମେ ଯୋଗଦାନ ଦେବାକୁ ଆଶା ରଖିଛୁ ।

## ଅଧ୍ୟାପକଙ୍କୁ ସଦର ବିଧାୟକଙ୍କ ଦୁର୍ବ୍ୟବହାରକୁ ରେଭେନ୍ସା ବିକାଶ ଅଭିଯାନର ନିନ୍ଦା

କଟକ, (ସବ୍ୟୁ) : ରେଭେନ୍ସା ଶିକ୍ଷାର ଆଦର୍ଶସ୍ଥଳୀ । ଏହା ରାଜନେତା କି ଅସାମାଜିକ ବ୍ୟକ୍ତିଙ୍କ ପ୍ରମୋଦ ଉଦ୍ୟାନ ନୁହଁ । ନିକଟରେ କଟକ ସଦର ବିଧାୟକ ନିଜର ଅନୁଗାମୀଙ୍କୁ ନେଇ ଅଧ୍ୟାପକ ତଥା ଛାତ୍ରବାସର ମୁଖ୍ୟ ତତ୍ତ୍ୱାବଧାରକଙ୍କୁ ଯେପରି ବ୍ୟବହାର କରିଲେ ତାହା ନିନ୍ଦାଜନକ ବୋଲି ରେଭେନ୍ସା ବିକାଶ ଅଭିଯାନ ପକ୍ଷରୁ କୁହାଯାଇଛି ।

ଏଥିସହ ସେ ତୁରନ୍ତ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରନ୍ତୁ ବୋଲି ସଙ୍ଗଠନ ପକ୍ଷରୁ ସଭାପତି ଚିତ୍ତରଂଜନ ମହାନ୍ତି ଓ ସଂପାଦକ ସିଦ୍ଧାର୍ଥ ରଥ ଦାବି କରିଛନ୍ତି । ବିଧାୟକ ତୁରନ୍ତ କ୍ଷମା ଭିକ୍ଷା ନ କଲେ ସଂଗଠନ ରାସ୍ତାକୁ ଓହ୍ଲାଇବ ବୋଲି ଘୋଷଣା କରାଯାଇଛି ।

### ଭାରତୀୟ ନୌସେନାରେ ନୂତନ ରୂପେ ସାମିଲ

# ଆଇଏନ୍‌ଏସ୍ ମାଲଭାନକୁ ଦୃଢ଼ତା ପ୍ରଦାନ କରୁଛି ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଇସ୍ପାତ

ଭୁବନେଶ୍ୱର, (ସବ୍ୟୁ) : ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ଆଇଏନ୍‌ଏସ୍ ମାଲଭାନ ନିର୍ମାଣ ପାଇଁ ଆବଶ୍ୟକ ସ୍ୱତନ୍ତ୍ର ଇସ୍ପାତର ଶତ ପ୍ରତିଶତ ଯୋଗାଇ ଦିଆଯାଇଛି । ଏହା ଭାରତୀୟ ନୌସେନାର ଆଧୁନିକ ତଥା ସ୍ୱଦେଶୀ ନିର୍ମିତ ଆଣ୍ଟି-ସବମେରିନ୍ ୱାରଫେୟାର ଶ୍ୟାଲୋ ୱାଟରକ୍ରାଫ୍ଟ (ଏଏସଡବ୍ଲ୍ୟୁ-ଏସଡବ୍ଲ୍ୟୁସି), ଯାହାକୁ ୨୨ ଜୁଲାଇ ୨୦୨୬ରେ କର୍ଣ୍ଣାଟକର କରୱାରରେ କାର୍ଯ୍ୟକ୍ଷମ କରାଯାଇଥିଲା । ହାଜିରାଠାରେ ଥିବା ଏଏମ୍/ଏନ୍‌ଏସ୍ ଇଣ୍ଡିଆର ସମନ୍ୱିତ ଇସ୍ପାତ ନିର୍ମାଣ ୟୁନିଟ୍ ରେ ପ୍ରସ୍ତୁତ, ଏହି ଜାହାଜରେ ବ୍ୟବହୃତ ସ୍ୱତନ୍ତ୍ର ଇସ୍ପାତ ଦେଶର ବର୍ଦ୍ଧିତ ପ୍ରତିରକ୍ଷା ଉତ୍ପାଦନ ବାତାବରଣ ଏବଂ ସାମୁଦ୍ରିକ ସୁରକ୍ଷାକୁ ସହାୟତା କରିବାରେ ଉନ୍ନତ ଭାରତୀୟ ଇସ୍ପାତ ନିର୍ମାଣର ଭୂମିକାକୁ ପ୍ରଦର୍ଶିତ କରୁଛି । ଏହି ପ୍ରମୁଖ ସଫଳତା, ଯୋଜନାବଦ୍ଧ ଭାବରେ ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟକ୍ରମ ପାଇଁ ଜରୁରୀ ସାମଗ୍ରୀ ଯୋଗାଣ କରି ଭାରତର ଆତ୍ମନିର୍ଭରଶୀଳତା ଯାତ୍ରାରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଅବଦାନକୁ ଆହୁରି ସୁଦୃଢ଼ କରୁଛି । ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ)ର ନିର୍ଦ୍ଦେଶକ ତଥା ବିକ୍ରୟ ଏବଂ ବିପଣନ ବିଭାଗର ଉପ-ସଭାପତି ରଞ୍ଜନ ଧର କହିଛନ୍ତି: "ଆଇଏନ୍‌ଏସ୍ ମାଲଭାନର ନିୟୋଜନ ଏହା ପ୍ରଦର୍ଶିତ କରୁଛି ଯେ, ଭାରତରେ ଉନ୍ନତ ଉତ୍ପାଦନ ଦେଶର ପ୍ରତିରକ୍ଷା ପ୍ରସ୍ତୁତିକୁ କିପରି ସହାୟତା କରୁଛି । ସ୍ୱତନ୍ତ୍ର ନୌସେନା-ଗ୍ରେଡ୍ ଇସ୍ପାତ ଉତ୍ପାଦନ ପାଇଁ କଠୋର ଗୁଣବତ୍ତା ମାନଦଣ୍ଡ, ଆଧୁନିକ ଧାତୁ ବିଶେଷଜ୍ଞତା ଏବଂ ଆମର ଗ୍ରାହକମାନଙ୍କ ସହିତ ଘନିଷ୍ଠ ସହଯୋଗ ଆବଶ୍ୟକ । ଆମେ ଗର୍ବିତ ଯେ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଇସ୍ପାତ ଭାରତୀୟ ନୌସେନା ଜାହାଜର ପରବର୍ତ୍ତୀ ପିଢ଼ିରେ ଯୋଗଦାନ ଦେବା ସହିତ ଘରୋଇ ପ୍ରତିରକ୍ଷା ଉତ୍ପାଦନକୁ ସୁଦୃଢ଼ କରିବା ପାଇଁ ଭାରତର ଆକାଂକ୍ଷାକୁ ମଧ୍ୟ ସହାୟତା କରୁଛି । କୋଚିନ୍ ସିପୟାର୍ଡ ଲିମିଟେଡ୍ ଦ୍ୱାରା ନିର୍ମିତ, ଆଇଏନ୍‌ଏସ୍ ମାଲଭାନ୍ ଆଠଟି ମାହେ-କ୍ଲାସ୍ ଏଏସଡବ୍ଲ୍ୟୁ-ଏସଡବ୍ଲ୍ୟୁସି ମଧ୍ୟରୁ ଦ୍ୱିତୀୟ ଏବଂ ଭାରତୀୟ ନୌସେନାରେ ସାମିଲ ହୋଇଥିବା ଏହି ଶ୍ରେଣୀର ଦ୍ୱିତୀୟ ଜାହାଜ । ୮୦ ପ୍ରତିଶତରୁ ଅଧିକ ସ୍ୱଦେଶୀ ଉପାଦାନରେ ନିର୍ମିତ, ଏହି କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ଏବଂ ବିକଶିତ ଭାରତ ପଦକ୍ଷେପକୁ ସହାୟତା କରିବା ସହିତ ନୌସେନା ଡିଜାଇନ୍, ଇଞ୍ଜିନିୟରିଂ, ପ୍ରଣାଳୀର ସମନ୍ୱୟ ଏବଂ ପ୍ରତିରକ୍ଷା ଜାହାଜ ନିର୍ମାଣରେ ଦେଶର ବର୍ଦ୍ଧିତ କ୍ଷମତାକୁ ପ୍ରଦର୍ଶିତ କରୁଛି । ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଭାରତୀୟ ନୌସେନା ପାଇଁ ନିର୍ମିତ ଆଠଟି ଏଏସଡବ୍ଲ୍ୟୁ-ଏସଡବ୍ଲ୍ୟୁସି ଜାହାଜ ପାଇଁ ଆବଶ୍ୟକ ସମସ୍ତ ସ୍ୱତନ୍ତ୍ର ଇସ୍ପାତ ଯୋଗାଇ ଦେଉଛି । ଏହି କାର୍ଯ୍ୟକ୍ରମ ବ୍ୟତୀତ, କମ୍ପାନୀ ଆଇଏନ୍‌ଏସ୍ ବିଶାଖାପଟନମ୍ ଏବଂ ଆଇଏନ୍‌ଏସ୍ ସୁରତ ଭଳି ପ୍ରମୁଖ ନୌସେନା ଜାହାଜ ପାଇଁ ସ୍ୱତନ୍ତ୍ର ଇସ୍ପାତ ଯୋଗାଇ ଦେଇଛି । ଚେନାବ ରେଳ ସେତୁ, ଅଞ୍ଜୀ ଖାଡ ରେଳ ସେତୁ, ବୋଗିବିଲ୍ ସେତୁ ଏବଂ ଭାରତରେ ନିର୍ମିତ ନିଉଟ୍ରିନୋ ଅବଜରଭେଟୋରୀ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଭିତ୍ତିଭୂମି ପ୍ରକଳ୍ପରେ କମ୍ପାନୀ ସହଯୋଗ କରିଛି । ଏହି ପ୍ରକଳ୍ପଗୁଡ଼ିକ ସମ୍ମିଳିତ ହୋଇ ଜାତୀୟ ନିରାପତ୍ତାକୁ ଦୃଢ଼ତା ପ୍ରଦାନ କରିବା, ଆତ୍ମନିର୍ଭରଶୀଳତାକୁ ସହାୟତା କରିବା ଏବଂ ଯୋଜନାବଦ୍ଧ ଭିତ୍ତିଭୂମି ବିକାଶକୁ ସକ୍ଷମ କରିବାରେ ଭାରତୀୟ ଆଧୁନିକ ଇସ୍ପାତ ନିର୍ମାଣର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଦର୍ଶିତ କରୁଛି । ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ବିଷୟରେ ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ହେଉଛି ବିଶ୍ୱର ଦୁଇଟି ପ୍ରମୁଖ ଇସ୍ପାତ ଉତ୍ପାଦନ ସଂସ୍ଥା, ଆର୍ସେଲରମିତ୍ତଲ ଏବଂ ନିପ୍ପନ୍ ଷ୍ଟିଲ ମଧ୍ୟରେ ଏକ ମିଳିତ ଉଦ୍ୟୋଗ । ଭାରତରେ ଏକ ଅଗ୍ରଣୀ ସମନ୍ୱିତ ଫ୍ଲାଟ କାର୍ବନ ଇସ୍ପାତ ଉତ୍ପାଦକ, କମ୍ପାନୀର ଅତ୍ୟାଧୁନିକ ଡାଉନଷ୍ଟ୍ରିମ୍ ସୁବିଧା ସହିତ ବାର୍ଷିକ ୯ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତା ଅଛି । ମୂଲ୍ୟଯୁକ୍ତ ଇସ୍ପାତ ସମେତ ସମ୍ପୂର୍ଣ୍ଣ ବିବିଧ ଫ୍ଲାଟ ଇସ୍ପାତ ଉତ୍ପାଦ ଉତ୍ପାଦନ କରିବା ସହ ଏହାର ୨୦ ନିୟୁତ ଟନ୍ ପେଲେଟ୍ ଉତ୍ପାଦନ କ୍ଷମତା ରହିଛି । ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ ଦେଶର ଏକମାତ୍ର ସମନ୍ୱିତ ଇସ୍ପାତ କମ୍ପାନୀ ଭାବେ ଇସ୍ପାତ ମନ୍ତ୍ରଣାଳୟରୁ ସବୁଜ ଇସ୍ପାତ ପ୍ରମାଣପତ୍ର ହାସଲ କରିଛି ।

### ଶିଳ୍ପ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ମିଳିତ ଗବେଷଣା ପାଇଁ

# ସୋଆ ଓ କେବିସି ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ

ଭୁବନେଶ୍ୱର, (ସବ୍ୟୁ) : ଶିଳ୍ପ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଗବେଷଣା, ବିକାଶ ଓ ସଂପ୍ରସାରଣ କାର୍ଯ୍ୟକ୍ରମକୁ ମିଳିତ ଭାବେ ଆଗେଇ ନେବା ଉଦ୍ଦେଶ୍ୟରେ ଶିକ୍ଷା ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଏବଂ କୋଲକାତାସ୍ଥିତ କୃଷିବନ୍ଧୁ କ୍ରପ୍ ସାଇନ୍ସ ପ୍ରାଇଭେଟ୍ ଲିମିଟେଡ୍ (କେବିସି) ମଧ୍ୟରେ ମଙ୍ଗଳବାର ଏକ ବୁଝାମଣା ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣା ଅନୁଯାୟୀ ସୋଆର ସେଣ୍ଟର ଫର୍ ଇଣ୍ଡଷ୍ଟ୍ରିଆଲ ବାୟୋଟେକ୍ନୋଲୋଜି ରିସର୍ଚ୍ଚ (ସିଆଇବିଆର୍) ଏବଂ କେବିସି ମଧ୍ୟରେ ଗବେଷଣା ଓ ଉତ୍ପାଦ ବିକାଶ କ୍ଷେତ୍ରରେ ଏକ ଦୀର୍ଘମିଆଦୀ




ସହଯୋଗୀ ସଂପର୍କ ସ୍ଥାପନ କରାଯିବ । ସିଆଇବିଆର ପକ୍ଷରୁ ଜୈବ ସାର ସମେତ ବିଭିନ୍ନ ଜୈବ କୃଷି ଉତ୍ପାଦ ପ୍ରସ୍ତୁତ କରାଯାଉଛି । ଚୁକ୍ତି ଅନୁଯାୟୀ, କେବିସି ବିପଣନ ଓ ଗବେଷଣା ସହଯୋଗୀ ଭାବେ କାର୍ଯ୍ୟ କରିବ । ଏହା ଉତ୍ପାଦର ପ୍ରଚାର, ସଚେତନତା ସୃଷ୍ଟି, କୃଷକଙ୍କ ନିକଟରେ ପହଂଚିବା, କ୍ଷେତ୍ର ପ୍ରଦର୍ଶନୀ, ବିପଣନ ଏବଂ ବିତରଣ କାର୍ଯ୍ୟକ୍ରମକୁ ପରସ୍ପର ସହମତି ଭିତିରେ ପରିଚାଳନା କରିବ । ଏହି ବୁଝାମଣାପତ୍ର ଅନୁସାରେ ଉଭୟ ସଂସ୍ଥା ମିଳିତ ଭାବେ ବଜାର ବିସ୍ତାର, କୃଷକଙ୍କ ଦ୍ୱାରା ଜୈବ ପ୍ରଯୁକ୍ତିର ଅଧିକ ବ୍ୟବହାରକୁ ପ୍ରୋତ୍ସାହନ ଏବଂ କ୍ଷେତ୍ରସ୍ତରୀୟ ପରୀକ୍ଷଣ ମାଧ୍ୟମରେ ଉତ୍ପାଦର କାର୍ଯ୍ୟଦକ୍ଷତା ସଂପର୍କିତ ବୈଜ୍ଞାନିକ ଓ ବାଣିଜ୍ୟିକ ତଥ୍ୟ ସଂଗ୍ରହ କରିବେ । ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ କେବିସିର ନିର୍ଦ୍ଦେଶକ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଶୈବାଲ ମିତ୍ର ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ ।

# ଶ୍ରୀ ଶକ୍ତି ବହୁମୁଖୀ ମହିଳା ସମବାୟ ସମିତିର ସାଧାରଣ ପରିଷଦ ବୈଠକ

ଭୁବନେଶ୍ୱର,(ସବ୍ୟୁ): ମହିଳା ଉଦ୍ୟୋଗୀଙ୍କ ସଶକ୍ତିକରଣ ଦିଗରେ ନିରନ୍ତର କାର୍ଯ୍ୟରତ ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ଲିମିଟେଡର ସିଏସ୍‌ଆର୍ ଶାଖା ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ସମ୍ବଲପୁର ଜିଲ୍ଲା ଥେଲକୋଲୋଇସ୍ଥିତ କଲ୍ୟାଣମଣ୍ଡପରେ ଶ୍ରୀ ଶକ୍ତି ବହୁମୁଖୀ ମହିଳା ସମବାୟ ସମିତି ଲିମିଟେଡର ତୃତୀୟ ବାର୍ଷିକ ସାଧାରଣ ପରିଷଦ ବୈଠକ ଆୟୋଜିତ ହୋଇଛି । ଏଥିରେ ରେଙ୍ଗାଲି ବ୍ଲକର ପାଞ୍ଚଟି ପଞ୍ଚାୟତର ୧୧୦ ଜଣ ମହିଳା ସଦସ୍ୟା ଯୋଗଦେଇ ସମିତିର ବାର୍ଷିକ ପ୍ରଗତି ସମୀକ୍ଷା ସହ ଭବିଷ୍ୟତ ରଣନୀତି ଉପରେ ଆଲୋଚନା କରିଥିଲେ । ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ଓ ଆକ୍ସେସ୍ ଡେଭଲପମେଣ୍ଟ ସର୍ଭିସେସର ସହଯୋଗରେ ପରିଚାଳିତ ଏହି




ସମବାୟ ସମିତି ଗ୍ରାମୀଣ ମହିଳା ଉଦ୍ୟୋଗୀମାନଙ୍କୁ ଉଦ୍ୟୋଗ ବିକାଶ, ଦକ୍ଷତା ବୃଦ୍ଧି ଏବଂ ବଜାର ସଂଯୋଗ ମାଧ୍ୟମରେ ସ୍ୱାବଲମ୍ବୀ କରିବା ଦିଗରେ କାର୍ଯ୍ୟ କରୁଛି । ବୈଠକରେ ସମବାୟର ବାର୍ଷିକ କାର୍ଯ୍ୟଦକ୍ଷତା ସମୀକ୍ଷା ସହ ସୁଶାସନ ଓ ଆର୍ଥିକ ଶୃଙ୍ଖଳାକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନର ସିଏସଆର୍ ମୁଖ୍ୟ (ସମ୍ବଲପୁର ଓ ଝାରସୁଗୁଡ଼ା) ବିଶାଳ ରାଜ, ଆକ୍ସେସ୍ ଡେଭଲପମେଣ୍ଟ ସର୍ଭିସେସର ଉପସଭାପତି ଶୁଭେନ୍ଦୁ ରାଉତ, ଅବସରପ୍ରାପ୍ତ ଡିଆରସିଏସ୍ ସୁଶୀଲ ମିଶ୍ର, ସମବାୟ ସମିତିର ପ୍ରଶାସିକା ସରିତା ସେଠୀ, ସମବାୟ ବ୍ୟାଙ୍କ ରେଙ୍ଗାଲି ଶାଖା ପରିଚାଳକ ତାଳନ ଦାଶଙ୍କ ସମେତ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍, ଆକ୍ସେସ୍ ଡେଭଲପମେଣ୍ଟ ସର୍ଭିସେସ୍ ଓ ସମବାୟର ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ସମବାୟ ସମିତିର ବାର୍ଷିକ ରିପୋର୍ଟ ଏବଂ ସମିତିର ଯାତ୍ରା ଓ ସଫଳତାକୁ ନେଇ ପ୍ରସ୍ତୁତ କଫି ଟେବୁଲ୍ ବୁକ୍ ଉନ୍ମୋଚିତ ହୋଇଥିଲା ।

### ରାଜ୍ୟରେ ଘରୋଇ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ସ୍ଥାପନ ପ୍ରସ୍ତାବ ପ୍ରସଙ୍ଗ


# ପ୍ଲାଣ୍ଟ ସ୍ଥାପନ ହେଲେ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ବିପଦ : ବିଜେଡି

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ଏକ ଘରୋଇ କମ୍ପାନୀ ପକ୍ଷରୁ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ସ୍ଥାପନ ନିମନ୍ତେ ପ୍ରସ୍ତାବ ହୋଇଛି । କମ୍ପାନୀ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଭେଟି ଆଲୋଚନା କରାଯାଇଛି । ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ସ୍ଥାପନ ନିମନ୍ତେ ଯୋଜନା ଥିବାବେଳେ ନ୍ୟୁକ୍ଲିୟର ଏନର୍ଜିକୁ ଘରୋଇକରଣ କରିବାକୁ ବିଜେପି ସରକାର ଯୋଜନା କରିଛନ୍ତି । ଏହାକୁ ବିରୋଧ କରି ରାଜ୍ୟ ସରକାରଙ୍କୁ ଘେରିଛି ବିଜେଡି । ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ଼ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ, ଓଡ଼ିଶାରେ ନ୍ୟୁକ୍ଲିୟର ପ୍ଲାଣ୍ଟ ସ୍ଥାପନ ହେବା ଦ୍ୱାରା ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା କ୍ଷେତ୍ରରେ ବିପଦ ସୃଷ୍ଟି ହେବ । ସରକାର ଘରୋଇ କମ୍ପାନୀ ମୋହରେ ପଡ଼ି ରାଜ୍ୟବାସୀଙ୍କ ସୁରକ୍ଷାକୁ ନେଇ ଆଖି ବୁଜିଦେଇଛନ୍ତି । ଉକ୍ତ ଘରୋଇ କମ୍ପାନୀ ଓଡ଼ିଶାରେ ପ୍ରାୟ ୩୦୦୦ ମେଗାୱାଟ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ସ୍ଥାପନ କରିବା ନେଇ ପ୍ରସ୍ତାବ ରହିଛି । ନ୍ୟୁକ୍ଲିୟର କିମ୍ବା ଏଟୋମିକ୍ ଏନର୍ଜି କଥା ଉଠିଲେ ମନରେ ଭୟ ସୃଷ୍ଟି ହୁଏ । ଡ଼ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ, ନ୍ୟୁକ୍ଲିୟର ଏନର୍ଜି ବିପଦପୂର୍ଣ୍ଣ ହୋଇଥିବାରୁ ଲୋକଙ୍କ ଜୀବନ ଯିବାର ଯଥେଷ୍ଟ ସମ୍ଭାବନା ରହିଛି । ଅନ୍ୟ ଦେଶମାନଙ୍କରେ ନ୍ୟୁକ୍ଲିୟର ଏନର୍ଜିକୁ ସରକାର ନିଜ ମାଲିକାନାରେ ରଖିଥାନ୍ତି, କୌଣସି ଘରୋଇ ସଂସ୍ଥାକୁ ମାଲିକାନା ପ୍ରଦାନ କରନ୍ତି ନାହିଁ । କିନ୍ତୁ ବିଜେପି ସରକାରରେ ତାହାର ବିଚ୍ୟୁତି ଘଟି ନ୍ୟୁକ୍ଲିୟର ଏନର୍ଜିକୁ ଘରୋଇ କମ୍ପାନୀର ମାଲିକାନାକୁ ହସ୍ତାନ୍ତର କରାଯାଉଛି । ବିଜେପି ସରକାର ନିଜ ସ୍ୱାର୍ଥ ପାଇଁ ଓଡ଼ିଶାବାସୀଙ୍କ ଜୀବନ ପ୍ରତି ତିଳେ ମାତ୍ର ଭ୍ରୂକ୍ଷେପ କରୁନାହିଁ । ଓଡ଼ିଶାରେ ନ୍ୟୁକ୍ଲିୟର ଏନର୍ଜି ପ୍ଲାଣ୍ଟ ସ୍ଥାପନ କରିବା ଓ ତାହାକୁ ଘରୋଇକରଣ କାହିଁକି କରାଯାଉଛି, ତାହାର ଉତ୍ତର ମନ୍ତ୍ରୀ ରଖନ୍ତୁ । ନ୍ୟୁକ୍ଲିୟର ଏନର୍ଜି ପ୍ଲାଣ୍ଟ ସ୍ଥାପନା କରି ଓଡ଼ିଶାବାସୀଙ୍କୁ ମୃତ୍ୟୁମୁଖରେ ପକାଇବାରୁ କ୍ଷାନ୍ତ ରୁହନ୍ତୁ ରାଜ୍ୟ ବିଜେପି ସରକାର । ନଚେତ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି ।

### ସଂକଳ୍ପ ବରିଷ୍ଠ ନାଗରିକ ଅନୁଷ୍ଠାନର ବାର୍ଷିକ ସାଧାରଣ ସଭା

# 'ଶ୍ରୀଜଗନ୍ନାଥ ସୌରଭ ସମ୍ଭାର ନ୍ୟୁଜ୍ ବ୍ରୋଚର ଲୋକାର୍ପିତ

ଭୁବନେଶ୍ୱର, (ସବ୍ୟୁ) : ସ୍ଥାନୀୟ ଆଙ୍ଗନ ହଲ ନମ୍ବର-୧ ଠାରେ 'ସଂକଳ୍ପ ବରିଷ୍ଠ ନାଗରିକ ଅନୁଷ୍ଠାନ'ର ବାର୍ଷିକ ସାଧାରଣ ସଭା ଓ ବିଶେଷ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନର ମାସିକ ନିୟୁଜ ବ୍ରୋଚର 'ଶ୍ରୀଜଗନ୍ନାଥ ସୌରଭ ସମ୍ଭାର ଲୋକାର୍ପିତ ହୋଇଛି । ଅନୁଷ୍ଠାନର ସଭାପତି ନିଧି ସେନାପତିଙ୍କ ପୌରୋହିତ୍ୟରେ ସମ୍ପାଦକ ଓ




କୋଷାଧ୍ୟକ୍ଷଙ୍କ ଉପସ୍ଥିତି ଏବଂ ଦିଲ୍ଲୀପ ସାହୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା । ଏଥିରେ ଅବସରପ୍ରାପ୍ତ ଶିକ୍ଷାବିତ୍ ନିରଞ୍ଜନ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜିର ସମାଜରେ ପ୍ରତ୍ୟେକ ଦିନ ଘଟୁଥିବା ବାସ୍ତବ ଘଟଣାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ସେସବୁର ସଫଳ ସମ୍ମୁଖୀନ ହେବା ପାଇଁ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ସମ୍ମାନୀୟ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ଼. ନାରାୟଣ ମହାପାତ୍ର ଯୋଗଦେଇ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ଆସୁଥିବା ଆହ୍ୱାନର ମୁକାବିଲା ପାଇଁ ନିଜକୁ ସମର୍ଥ କରିବାକୁ ଆହ୍ୱାନ ଦେଇଥିଲେ ।

# ଚିତ୍ରଶିଳ୍ପୀ ପ୍ରବୀର କୁମାର ଦଳାଇଙ୍କ ପିଏଚ୍‌ଡି ଲାଭ

ଭୁବନେଶ୍ୱର, (ସବ୍ୟୁ) : ଚିତ୍ରଶିଳ୍ପୀ ପ୍ରବୀର କୁମାର ଦଳାଇ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ପି. ଏଚ୍. ଡି. ଲାଭ କରିଛନ୍ତି । କଳା ଐତିହାସିକ ଡକ୍ଟର ଅଲେଖ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ତାଙ୍କର ସନ୍ଦର୍ଭ "Khallikote Art School :An Epoch of New Art Trend



and Growth of Art Education in Odisha" ବିଶ୍ୱ ଭାରତୀ, ଶାନ୍ତିନିକେତନର ପ୍ରଫେସର ଆନନ୍ଦ ଚନ୍ଦ୍ର ସାହୁ, ସରକାରୀ ଚାରୁକଳା ମହାବିଦ୍ୟାଳୟର ପ୍ରଫେସର ମନୋଜ ସରକାରଙ୍କ ଦ୍ୱାରା ପରୀକ୍ଷିତ ଓ ପ୍ରଶଂସିତ ହୋଇଛି । ବାଲେଶ୍ୱର ଜିଲ୍ଲା ସିଂଲା ଗ୍ରାମ ନିବାସୀ ଶ୍ରୀମତୀ ମାଳତୀଲତା ଓ ସରୋଜ କାନ୍ତ ଦଳାଇଙ୍କ ପୁତ୍ର ପ୍ରବୀର କୁମାର ଦଳାଇ ତାଙ୍କର ଏହି ସଫଳତା ପାଇଁ ତାଙ୍କ ସନ୍ଦର୍ଭର ମାର୍ଗଦର୍ଶକ ଡକ୍ଟର ସାହୁ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ସହକର୍ମୀ, ଖଲ୍ଲିକୋଟ ଚାରୁକଳା ମହାବିଦ୍ୟାଳୟ କର୍ମକର୍ତ୍ତା ତଥା ନିଜ ପରବାର ବର୍ଗ ଓ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ଶ୍ରୀ ଦଳାଇ ଏବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ ।

# ନୟନତାରା କାପ୍ରି ଲୋନ୍ସର ବ୍ରାଣ୍ଡ ଆମ୍ବାସଡର

ଭୁବନେଶ୍ୱର, (ସବ୍ୟୁ) : 'କାପ୍ରି ଲୋନସ' ବ୍ରାଣ୍ଡ ନାମ ଅଧୀନରେ ପରିଚାଳିତ ହେଉଥିବା ଏକ ଅଗ୍ରଣୀ ବହୁବିଧ ଅଣ-ବ୍ୟାଙ୍କିଂ ଆର୍ଥିକ କମ୍ପାନି (ଏନବିଏଫସି) କାପ୍ରି ଗ୍ଲୋବାଲ କ୍ୟାପିଟାଲ ଲିମିଟେଡ (ସିଜିସିଏଲ) ପକ୍ଷରୁ ଦକ୍ଷିଣ ଭାରତରେ କମ୍ପାନିର ସମ୍ପ୍ରସାରଣକୁ ସୁଦୃଢ଼ କରିବା ପାଇଁ ଅଭିନେତ୍ରୀ ତଥା ଉଦ୍ୟୋଗୀ ନୟନତାରାଙ୍କୁ ବ୍ରାଣ୍ଡ ଆମ୍ବାସଡର ଭାବେ ଘୋଷଣା କରାଯାଇଛି । କମ୍ପାନି ସହ ପୂର୍ବରୁ ଯୋଡ଼ି ହୋଇରହିଥିବା ଅଭିନେତା ପଙ୍କଜ ତ୍ରିପାଠୀଙ୍କ ସହ ନୟନତାରା ଯୋଗଦେଇଛନ୍ତି । ସାରା ଦେଶର ଗ୍ରାହକମାନଙ୍କ ସହ ଏକ ଦୃଢ଼ ତଥା ପ୍ରାସଙ୍ଗିକ ସମ୍ପର୍କ ଗଠନ କରିବା ପାଇଁ କାପ୍ରି ଲୋନ୍ସର ରହିଥିବା ପ୍ରତିବଦ୍ଧତାକୁ ଏହି ସହଯୋଗିତା ଆହୁରି ସୁଦୃଢ଼ କରିଛି । ମିଳିତ ଭାବେ ଏହି ଦୁଇ ବ୍ରାଣ୍ଡ ଆମ୍ବାସାଡର ସାରା ଭାରତରେ ବିବିଧ ବର୍ଗର ଗ୍ରାହକମାନଙ୍କ ସହିତ ଗଭୀର ସମ୍ପର୍କ ତୋଳିବା ପାଇଁ କମ୍ପାନିର ଲକ୍ଷ୍ୟକୁ ଉପସ୍ଥାପନ କରିବେ । ଏହି ଘୋଷଣା ଉପରେ ମତ ଦେଇ କାପ୍ରି ଗ୍ଲୋବାଲ କ୍ୟାପିଟାଲ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ରାଜେଶ ଶର୍ମା କହିଛନ୍ତି ଯେ, 'କାପ୍ରି ଲୋନସରେ ଆମର ସର୍ବଦା ବିଶ୍ୱାସ ରହିଛି ଯେ ପ୍ରତିଟି ଆର୍ଥିକ ଯାତ୍ରା ବିଶ୍ୱାସର ସହ ଆରମ୍ଭ ହୋଇଥାଏ । ଆମେ ସାରା ଦେଶରେ ବଢ଼ୁଥିବା ବେଳେ ଆମ ଧ୍ୟାନ କେବଳ ଉପସ୍ଥିତି ସମ୍ପ୍ରସାରଣ କରିବା ଉପରେ ନୁହେଁ, ବରଂ ଲୋକମାନଙ୍କ ସହ ଅର୍ଥପୂର୍ଣ୍ଣ ସମ୍ପର୍କ ଗଢ଼ିବା ଓ ସେମାନଙ୍କ ଅଭିଳାଷର ଏକ ବିଶ୍ୱସନୀୟ ସହଯୋଗୀ ହେବା ଉପରେ ରହିଛି ।

## କର ପରାମର୍ଶଦାତା ନରେନ୍ଦ୍ର କୁମାର ଦାଶ ସମ୍ମାନିତ



ଏଆଇବିସିଏଫ୍ ପକ୍ଷରୁ ଆୟୋଜିତ ରୋଲ ଅଫ ରେସପନ୍ସିବଲ୍ ବିଜନେସ୍ ଫର ଇନ୍‌କ୍ଲୁସିଭ୍ ଭାର ଶୀର୍ଷକ ଜାତୀୟ ସମ୍ମିଳନୀରେ ବିଶିଷ୍ଟ ଆଇନଜୀବୀ ଓ କର ପରାମର୍ଶଦାତା ନରେନ୍ଦ୍ର କୁମାର ଦାଶଙ୍କୁ ତାଙ୍କ କାର୍ଯ୍ୟକ୍ଷେତ୍ରର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଛି । ୪ ଅଗଷ୍ଟ ୨୦୨୬ ନୂଆଦିଲ୍ଲୀର ଏକ ହୋଟେଲରେ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଦେଶର ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିତ୍ୱମାନେ ଏଥିରେ ଯୋଗଦେବା ସହ ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ ସେବା ଓ ଅବଦାନ ରଖିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା । ନରେନ୍ଦ୍ର କୁମାର ଦାଶଙ୍କୁ ଏହି ଜାତୀୟ ସମ୍ମାନ ପାଇଁ ଆମନ୍ତ୍ରଣ ମିଳିଥିବାରୁ ବିଭିନ୍ନ ମହଲରେ ଖୁସିର ଲହରୀ ଦେଖାଦେଇଛି । ତାଙ୍କୁ ସମ୍ମାନିତ କରିଥିଲ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ।

# ଆସନ୍ତା ଆର୍ଥିକ ବର୍ଷରୁ ପ୍ଲାଷ୍ଟିକ୍ ନୋଟ୍

**ମୁମ୍ବାଇ:** ଆସନ୍ତା ଆର୍ଥିକ ବର୍ଷ ୧। ୨୦୨୭-୨୮ଠାରୁ ଦେଶରେ ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ ଆରମ୍ଭ କରିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ ଯୋଜନା ଅନୁସାରେ ପରୀକ୍ଷଣ ସଫଳ ରହିଲେ ଆସନ୍ତା ଆର୍ଥିକ ବର୍ଷରୁ ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ କରାଯିବ। ରିଜର୍ଭ ବ୍ୟାଙ୍କ ୧୦ ଟଙ୍କିଆ ଓ ୨୦ ଟଙ୍କିଆ ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ କରିବାକୁ ଯୋଜନା ରଖିଛି। ସରକାରଙ୍କଠାରୁ ଅନୁମୋଦନ ହାସଲ କରିବା ପରେ ଏହି ନୋଟର ପରୀକ୍ଷଣ ଆରମ୍ଭ କରାଯାଇଛି।ଏକ ଦଶନ୍ଧି ପୂର୍ବରୁ ପ୍ଲାଷ୍ଟିକ୍ ନୋଟ୍ ଆଣିବାକୁ ଉଦ୍ୟମ କରାଯାଇଥିଲା। କିନ୍ତୁ ପ୍ରଯୁକ୍ତି ଅଭାବ ଥିବାରୁ ତାହା ସମ୍ଭବ ହୋଇନଥିଲା। ଏବେ ପୁଣି ଥରେ ସେହି ଯୋଜନା ଉପରେ କାମ ଚାଲିଛି। ଶ୍ରୀ ମାଲହୋତ୍ରା କହିଛନ୍ତି ଯେ ବର୍ତ୍ତମାନ ପ୍ରଚଳନରେ ଥିବା କାଗଜରେ ପ୍ରସ୍ତୁତ ନୋଟ୍ ତୁଳନାରେ ପ୍ଲାଷ୍ଟିକ୍ ବା ପଲିମର୍ ନୋଟ୍ ଦୀର୍ଘସ୍ଥାୟୀ। ସେଥିପାଇଁ



ବାରମ୍ବାର ବଦଳାଇବାକୁ ପଡୁଥିବା ଛୋଟ୍ ନୋଟ୍ରୁ ଏହାର ପ୍ରଚଳନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ବଡ଼ ନୋଟ୍ ତୁଳନାରେ ଛୋଟ ନୋଟ୍ଗୁଡ଼ିକ ଶୀଘ୍ର ଖରାପ ହୋଇଯାଏ। କାରଣ ତାହା ବାରମ୍ବାର ଜଣଙ୍କଠାରୁ ଅନ୍ୟ ଜଣଙ୍କ ପାଖକୁ ଯାଇଥାଏ। ପ୍ଲାଷ୍ଟିକ୍ ନୋଟ୍ ଏଭଳି ମାମଲାରେ ଅଧିକ ଦିନ ଚାଲିବ। ଫଳରେ ସେହି ନୋଟ୍ଗୁଡ଼ିକୁ ଆଉ ବାରମ୍ବାର ଛପାଇବା କିମ୍ବା ବଦଳାଇବାକୁ ପଡ଼ିବ ନାହିଁ।ଏକ ସର୍ବେକ୍ଷଣକୁ ଆଧାର କରି ରିଜର୍ଭ ବ୍ୟାଙ୍କ ଜଣାଇଛି ଯେ ପ୍ଲାଷ୍ଟିକ୍ ନୋଟ୍ ଛପାଇବାର ମୂଲ୍ୟ କାଗଜ ନୋଟ୍ ତୁଳନାରେ ଅଧିକ। କିନ୍ତୁ ଯେହେତୁ ଏହାକୁ ବାରମ୍ବାର ବଦଳଇବା, ପରିବହନ କରିବା କିମ୍ବା ଛପାଇବାକୁ ପଡ଼ିବ ନାହିଁ, ତେଣୁ ସମୟକ୍ରମେ ନୋଟ୍ ଛପାରେ ହେଉଥିବା ଖର୍ଚ୍ଚ କମିଯିବ। ବର୍ତ୍ତମା ଅଷ୍ଟ୍ରେଲିଆ, ବ୍ରିଟେନ, କାନାଡା, ନ୍ୟୁଜିଲ୍ୟାଣ୍ଡ, ସିଙ୍ଗାପୁର, ମାଲେସିଆ, ଥାଇଲ୍ୟାଣ୍ଡ ଓ ଭିଏତନାମରେ ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନରେ ରହିଛି। ପ୍ରଥମ ଦେଶ ଭାବେ ୧୯୮୮ରେ ଅଷ୍ଟ୍ରେଲିଆରେ ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ ହୋଇଥିଲା।

## ସୁଧ ଅପରିବର୍ତ୍ତିତ ରଖିଲା ରିଜର୍ଭ ବ୍ୟାଙ୍କ

**ମୁମ୍ବାଇ:** ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଅନିଶ୍ଚିତତା ଲାଗି ରହିଥିଲେ ମଧ୍ୟ ଭାରତୀୟ ରିଜର୍ଭ ବ୍ୟାଙ୍କ ଦେଶର ଅଭିବୃଦ୍ଧିକୁ ନେଇ ବେଶ୍ ଆଶାବାଦୀ ରହିଛି। ଅନିଶ୍ଚିତିତ ଦୃଶ୍ୟପଟ୍ଟକୁ ନଜରରେ ରଖି ଏହା ରେପୋ ହାରକୁ ୫.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ଫଳରେ ଘର, ଗାଡ଼ି ଓ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ଋଣ ନେଇଥିବା ଗ୍ରାହକଙ୍କ ମାସିକ କିସ୍ତିରେ କୌଣସି ପରିବର୍ତ୍ତନ ହେବ ନାହିଁ। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଗଠିତ ମୁଦ୍ରାନୀତି କମିଟି ତିନି ଦିନ ବୈଶ୍ୱିକ ଓ ଘରୋଇ ସ୍ଥିତିର ମାନସମନ୍ଥନ କରିବା ପରେ ସୁଧ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଏଥି ସହିତ ରିଜର୍ଭ ବ୍ୟାଙ୍କ ଏକ ଖୁସି ଖବର ମଧ୍ୟ ଦେଇଛି। ଦେଶର ଅଭିବୃଦ୍ଧି ହାର ୬.୭ ପ୍ରତିଶତକୁ ବୃଦ୍ଧି ପାଇବ ଓ ମୁଦ୍ରାସ୍ଫୀତି ହାର ୫ ପ୍ରତିଶତକୁ ଖସିବ ବୋଲି ଏହା ପୂର୍ବାନୁମାନ କରିଛି। ଗତ ଜୁନ୍ରେ ଏହା କରିଥିବା ପୂର୍ବାନୁମାନକୁ ବଦଳାଇଛି। ସେତେବେଳେ ରିଜର୍ଭ ବ୍ୟାଙ୍କ କହିଥିଲା ଯେ ଅଭିବୃଦ୍ଧି ହାର ୬.୬ ପ୍ରତିଶତ ଓ ମୁଦ୍ରାସ୍ଫୀତି ହାର ୫.୧ ପ୍ରତିଶତ ରହିବ।

# ହମାସକୁ ଚେତାବନୀ ଦେଇ ସର୍ତ୍ତ ରଖିଲା ଇସ୍ରାଏଲ




**ଜେରୁସାଲେମ:** ଗାଜାରେ ଶାନ୍ତି ଫେରାଇ ଆଣିବା ପାଇଁ ପ୍ରୟାସ ଜାରି ରହିଛି। ଆମେରିକା ମଧ୍ୟ ଶାନ୍ତି ଚୁକ୍ତିନାମା ମଧ୍ୟସ୍ଥତାରେ ସାମିଲ ଅଛି। ଏହି ସମୟରେ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି ଯେ, ହମାସ ସମ୍ପୂର୍ଣ୍ଣ ଭାବରେ ଅସ୍ତ୍ରଶସ୍ତ୍ର ସମର୍ପଣ ନ କରିବା ପର୍ଯ୍ୟନ୍ତ ଇସ୍ରାଏଲ ଗାଜାରେ ନିଜର ବର୍ତ୍ତମାନର ସ୍ଥିତିରୁ ପଛକୁ ହଟିବ ନାହିଁ। ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଘୋଷଣା କରାଯାଇଥିବା ସାମ୍ପ୍ରତିକ ଶାନ୍ତି ଚୁକ୍ତିନାମା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।ନେତାନ୍ୟାହୁଙ୍କ ହମାସ ଅସ୍ତ୍ରଶସ୍ତ୍ର ସମର୍ପଣ ମନ୍ତବ୍ୟ ଚୁକ୍ତିନାମାରେ ସଙ୍କଟ ସୃଷ୍ଟି କରିଛି। ଚୁକ୍ତିନାମାକୁ ଅଞ୍ଚଳରେ ସଂଘର୍ଷର ଅନ୍ତ ଘଟାଇବା ଦିଗରେ ଏକ ପ୍ରମୁଖ ସଫଳତା ଭାବରେ ଦେଖାଯାଉଥିଲା। ଏହାକୁ ଟ୍ରମ୍ପ ପ୍ରଶାସନ ସହିତ ନେତାନ୍ୟାହୁଙ୍କ ଥିବା ମତଭେଦ ଭାବରେ ମଧ୍ୟ ଦେଖାଯାଉଛି। ଚୁକ୍ତିନାମାରେ ହମାସକୁ ଅସ୍ତ୍ର ସମର୍ପଣ କରିବା ପ୍ରକ୍ରିୟା ଆରମ୍ଭ କରିବାକୁ, ଇସ୍ରାଏଲର ଆକ୍ରମଣ ବନ୍ଦ କରିବାକୁ ଏବଂ ବର୍ତ୍ତମାନର ଅଧିକୃତ ଗାଜର ପ୍ରାୟ ୬୦% ଅଞ୍ଚଳରୁ ପଛକୁ ହଟିବାକୁ କୁହାଯାଇଛି।ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଏକ ଭିଡିଓରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ କହିଛନ୍ତି, ଟ୍ରମ୍ପ ପ୍ରଶାସନ ଆମକୁ ଏକ ଡ୍ରାଫ୍ଟ ପଠାଇଛନ୍ତି। କିନ୍ତୁ ଆମେ ଏଥିରେ ସହମତ ନୁହଁ। ଏହା ଆମର ଡ୍ରାଫ୍ଟ ନୁହେଁ। ଆମେ ଆମର ମତାମତ ପଠାଇଛୁ, ଏବଂ ଆମର ଆଭିମୁଖ୍ୟ ସ୍ପଷ୍ଟ କରିଛୁ।ଅସ୍ତ୍ରବିରତି ବାରମ୍ବାର ଅନିଶ୍ଚିତତା ମଧ୍ୟରେ ରହି ଆସିଛି। ଇସ୍ରାଏଲ ଜିଦ୍ ଧରିଛି ଯେ ଚୁକ୍ତି ହମାସ ଅସ୍ତ୍ରଶସ୍ତ୍ର ସମର୍ପଣ କରିବ କି ନାହିଁ ଏବଂ କେବେ କରିବ ତାହା ଉପରେ ନିର୍ଭର କରେ। ଯେତେବେଳେ ହମାସ ଜିଦ୍ ଧରିଛି ଯେ ଇସ୍ରାଏଲ ପ୍ରଥମେ ଆକ୍ରମଣ ବନ୍ଦ କରି ଅଞ୍ଚଳରୁ ପଛକୁ ହଟିବା ଆରମ୍ଭ କରିବା ଉଚିତ୍। ଉଭୟ ପକ୍ଷ ପରସ୍ପର ଉପରେ ଅସ୍ତ୍ରବିରତିର ସର୍ତ୍ତାବଳୀ ଉଲ୍ଲଂଘନ କରୁଥିବା ଅଭିଯୋଗ କରୁଛନ୍ତି।

# ଦୁବାଇରେ ସିରିଜ୍ ବିସ୍ଫୋରଣ

**ଆବୁଧାବି:** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ର ଜେବେଲ୍ ଅଲିରେ ବୁଧବାର ରାତିରେ ୨୦ ମିନିଟ୍ ମଧ୍ୟରେ ଜେବେଲ୍ ଅଲି ଶିଳ୍ପାଞ୍ଚଳରେ ସାତଥର ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣ ପରେ, ଆକାଶରେ କଳା ଧୂଆଁ ଘୋଟି ଯାଇଥିଲା। ଏମିରାତ ଅଧିକାରୀ ଏବଂ ଇରାନୀ ସମାଚାର ଏଜେନ୍ସି ମେହରଙ୍କ ଅନୁଯାୟୀ, ବିସ୍ଫୋରଣ ଶକ୍ତିଶାଳୀ ଥିଲା।ଜେବେଲ୍ ଅଲି ନିକଟସ୍ଥ ଅଲ୍ ଫୁରଜାନ୍ ଅଞ୍ଚଳର ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ ସେମାନେ ରାତିରେ ଏକ ସିରିଜ୍ ବିସ୍ଫୋରଣ ଶବ୍ଦ ଶୁଣିଥିଲେ। ଆଶ୍ୱସ୍ତିର କଥା ହେଉଛି, ପ୍ରାଥମିକ ସୂଚନା ଅନୁଯାୟୀ, ଏହି ଘଟଣାରେ କାହାର ମୃତ୍ୟୁ କିମ୍ବା ଆହତ ହେବାର କୌଣସି ରିପୋର୍ଟ ମିଳିନାହିଁ।ଦୁବାଇ ପୁଲିସ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ଏହି ଘଟଣା ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ରିପୋର୍ଟ ଅନୁଯାୟୀ, ବିସ୍ଫୋରଣର ଭିଡିଓ ତିଆରି କରି ସୋସିଆଲ ମିଡିଆରେ ସେୟାର କରିଥିବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ସ୍ଥାନୀୟ କର୍ତ୍ତୃପକ୍ଷ ଜନସାଧାରଣଙ୍କୁ ପ୍ରମାଣିତ ହୋଇନଥିବା ସୂଚନା ସେୟାର ନକରିବାକୁ ଏବଂ କେବଳ ସରକାରୀ ବିବୃତି ଉପରେ ନିର୍ଭର କରିବାକୁ ନିବେଦନ କରିଛନ୍ତି।ବିସ୍ଫୋରଣର ପ୍ରକୃତ କାରଣ ଜଣାପଡ଼ିନାହିଁ। ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ଉତ୍ତେଜନା ଯୋଗୁଁ ୟେମେନ ୟୁଏଇ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଥିବା ଇରାକୀ ଗଣମାଧ୍ୟମ ଦାବି କରିଥିବା ବେଳେ, ଏମିରାତ ଅଧିକାରୀମାନେ ଏହାକୁ ନିଶ୍ଚିତ କରିନାହାନ୍ତି।ଏହି ସମୟରେ, ନାସାର ଥର୍ମାଲ୍ ଇମେଜିଂ ଚିତ୍ର ସୂଚାଇ ଦେଉଛି ଯେ ବନ୍ଦର ନିକଟସ୍ଥ ଏକ ଗୋଦାମରେ ଅଗ୍ନିକାଣ୍ଡ ଘଟିଛି। ଏହି ଗୋଦାମ ମୁଖ୍ୟତଃ ଇନ୍ଧନ ସଂରକ୍ଷଣ ପାଇଁ ବ୍ୟବହୃତ ହେଉଥିଲା। ଅଧିକାରୀମାନେ ତଦନ୍ତ କରୁଛନ୍ତି ଯେ ଏହା ଏକ ଶିଳ୍ପ ଦୁର୍ଘଟଣା ନା ଏହା ପଛରେ ଏକ ବଡ଼ ଷଡ଼ଯନ୍ତ୍ର ରହିଛି।ଜେବେଲ ଅଲି ଦୁବାଇର ବିଶ୍ୱର ସର୍ବବୃହତ ମାନବ ନିର୍ମିତ ବନ୍ଦର ତଥା ଏକ ବିଶାଳ ମୁକ୍ତ ବାଣିଜ୍ୟ କ୍ଷେତ୍ର। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଯୋଗୁଁ ୟୁଏଇ ପୂର୍ବରୁ ହାଇ ଆଲର୍ଟରେ ଅଛି । କାରଣ ଏହି ଅଞ୍ଚଳ ପ୍ରାୟତଃ ଭୂରାଜନୈତିକ ସଂଘର୍ଷର କେନ୍ଦ୍ରବିନ୍ଦୁ ହୋଇଆସିଛି।

# ଧାରା-୩୭୦,୩୫ (କ) ଉଚ୍ଛେଦର ୭ ବର୍ଷ ପୂର୍ତ୍ତି

**ନୂଆଦିଲ୍ଲୀ:** ୨୦୧୯ ମସିହାର ଅଗଷ୍ଟ ୫ ତାରିଖରେ, ଦେଶର ସଂସଦ ଏକ ପ୍ରମୁଖ ଏବଂ ଐତିହାସିକ ନିଷ୍ପତ୍ତି ନେଇ ଧାରା ୩୭୦କୁ ଉଚ୍ଛେଦ କରିଥିଲେ। ଏହା ଜମ୍ମୁ ଏବଂ କାଶ୍ମୀରର ସ୍ୱତନ୍ତ୍ର ମାନ୍ୟତାକୁ ସମାପ୍ତ କରିଥିଲା। ଏହି ପଦକ୍ଷେପକୁ ସାତ ବର୍ଷ ପୁରିଛି। କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ପରେ, ରାଜ୍ୟରେ ବିକାଶର ଏକ ଲହରୀ ଖେଳିଯାଇଛି। ଜମ୍ମୁ ଏବଂ କାଶ୍ମୀରରେ ବିକାଶର ଏକ ନୂତନ କାହାଣୀ ଲେଖୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ନିର୍ଣ୍ଣାୟକ ପଦକ୍ଷେପର ମହତ୍ତ୍ୱ ବିଷୟରେ ଅବତରଣା କରିଛନ୍ତି। ସେ କହିଛନ୍ତି ଯେ, ଗତ ୭ ବର୍ଷ ମଧ୍ୟରେ ଜମ୍ମୁ-କାଶ୍ମୀର ଏବଂ ଲଦାଖର ଲୋକମାନେ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଦେଖିଛନ୍ତି। ଭିତ୍ତିଭୂମି କ୍ଷେତ୍ରର ଉଲ୍ଲେଖନୀୟ ବିସ୍ତାର ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଉଦ୍ୟୋଗ ବିକାଶ ଏବଂ କ୍ରୀଡାକ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି ହୋଇଛି। ଅନେକ ଦଶନ୍ଧି ଧରି ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ଥିବା ମହିଳା ଓ ସମାଜର ଅନ୍ୟ ସଦସ୍ୟମାନେ ଏବେ ଭାରତୀୟ ସମ୍ବିଧାନର ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ମଧ୍ୟମରେ ସଶକ୍ତ ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସରେ ପୋଷ୍ଟ କରିଛନ୍ତି।



ବିଶ୍ୱବିଦ୍ୟାଳୟ ଏବଂ ହସ୍ପିଟାଲରୁ ଆରମ୍ଭ କରି ଆଧୁନିକ ଭିତ୍ତିଭୂମିର ଏକ ବିଶାଳ ନେଟୱାର୍କ ପର୍ଯ୍ୟନ୍ତ, କାଶ୍ମୀର ମାତ୍ର କିଛି ବର୍ଷ ମଧ୍ୟରେ ଉଦିତ ହୋଇଛି। ସାମ୍ପ୍ରତିକ ସରକାରୀ ତଥ୍ୟ ଦର୍ଶାଉଛି ଯେ ଜାମ୍ମୁ ଓ କାଶ୍ମୀରରେ ଗତ ସାତ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସ୍ଥାନୀୟ ପ୍ରଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହୋଇଛି। ଏହି ସମୟରେ, ନିୟନ୍ତ୍ରଣ ରେଖା (ଏଲଓସି)ର ଅନ୍ୟ ପାର୍ଶ୍ୱରେ, ପାକ୍ ଅଧିକୃତ କାଶ୍ମୀର (ପିଓକେ) ହିଂସାର ସମ୍ମୁଖୀନ ହେଉଛି। ସେଠାକାର ଲୋକମାନେ ମୌଳିକ ସୁବିଧା ପାଇଁ ସରକାରଙ୍କ ବିରୋଧରେ ପ୍ରତିବାଦ କରୁଛନ୍ତି। ସେଠାରେ ବନ୍ଧୁକ ଗର୍ଜନ କରୁଛି।କେନ୍ଦ୍ର ସରକାରଙ୍କ ଅନୁଯାୟୀ, ଜମ୍ମୁ ଏବଂ କାଶ୍ମୀରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଛି। ଏଠାରେ ଦୁଇଟି ଏମ୍ସ ପ୍ରତିଷ୍ଠିତ ହୋଇଛି, ଗୋଟିଏ କାଶ୍ମୀରରେ ଏବଂ ଅନ୍ୟଟି ଜମ୍ମୁରେ।

କେନ୍ଦ୍ର ସରକାର ଜମ୍ମୁ ଏବଂ କାଶ୍ମୀରକୁ ମଧ୍ୟ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିଛନ୍ତି। ଏହି ଯୋଜନା ଅଧୀନରେ, ଯୋଗ୍ୟ ବ୍ୟକ୍ତିମାନେ ୫ ଲକ୍ଷ ପର୍ଯ୍ୟନ୍ତ ମାଗଣା ଚିକିତ୍ସା ପାଇପାରୁଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ପ୍ରତିବର୍ଷ ଏଠାରେ ୧,୧୦୦ ରୁ ଅଧିକ ଛାତ୍ରଛାତ୍ରୀ ମେଡିକାଲ୍ କଲେଜରେ ପ୍ରବେଶ କରୁଛନ୍ତି।କିଛି ରିପୋର୍ଟ ସୂଚିତ କରୁଛି ଯେ ଗତ ଦୁଇ ମାସ ଧରି ପିଓକେରେ ଚାଲିଥିବା ହିଂସାରେ ୯୦ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏହା ଆଶ୍ଚର୍ଯ୍ୟଜନକ ଯେ, ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ସରକାରଙ୍କ ମନ୍ତ୍ରୀମାନେ ମୌଳିକ ସୁବିଧା ଦାବି କରୁଥିବା ଲୋକଙ୍କୁ ଶତ୍ରୁ ପରି ବ୍ୟବହାର କରୁଛନ୍ତି। ସ୍ଥାନୀୟ ଲୋକ ଏବଂ ସ୍ୱାଧୀନ ପର୍ଯ୍ୟବେକ୍ଷକମାନଙ୍କ ଅନୁସାରେ ପିଓକେରେ ସ୍ୱାସ୍ଥ୍ୟ ସେବା ଅତ୍ୟନ୍ତ ଖରାପ ସ୍ଥିତିରେ ରହିଛି। ପ୍ରଶାସନିକ ବ୍ୟବସ୍ଥା ଲୋକଙ୍କ ଆବଶ୍ୟକତା ପୂରଣ କରିବାରେ ଅସମର୍ଥ। ଲୋକମାନେ ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି ଏବଂ ପ୍ରଶାସନିକ ବ୍ୟବସ୍ଥା ସହିତ ଜଡିତ ସମସ୍ୟା ବିରୋଧରେ ପ୍ରତିବାଦ କରୁଛନ୍ତି।ଧାରା ୩୭୦ ପ୍ରତ୍ୟାହାର ପରେ ଜମ୍ମୁ ଏବଂ କାଶ୍ମୀର ଶିକ୍ଷା କ୍ଷେତ୍ରରେ ଐତିହାସିକ ପ୍ରଗତି ଦେଖୁଥିବା ବେଳେ, ପିଓକେରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ସଂଖ୍ୟା ସୀମିତ ବୋଲି ଜଣାପଡିଛି।

# ଦକ୍ଷିଣ ଉପକୂଳରେ ୬.୩ ତୀବ୍ରତାଯୁକ୍ତ ଭୂମିକମ୍ପ

**ମାନିଲା:** ଦକ୍ଷିଣ ଫିଲିପାଇନ୍ସର ଉପକୂଳରେ ବୁଧବାର ଏକ ଶକ୍ତିଶାଳୀ ୬.୩ ତୀବ୍ରତାଯୁକ୍ତ ଭୂମିକମ୍ପ ଅନୁଭୂତ ହୋଇଛି ବୋଲି ଯୁକ୍ତରାଷ୍ଟ୍ର ଭୂତତ୍ତ୍ୱ ସର୍ବେକ୍ଷଣ କହିଛି। ଯାହା ଫଳରେ ସାରାଙ୍ଗାନି ଭୂତତ୍ତ୍ୱ ସର୍ବେକ୍ଷଣ କହିଛି। ବର୍ତ୍ତମାନ ପର୍ଯ୍ୟନ୍ତ, ଉପକୂଳ ଅଞ୍ଚଳ ପାଇଁ କୌଣସି ସୁନାମି ଚେତାବନୀ ଜାରି କରାଯାଇ ନାହିଁ। ସରକାରୀ ଆର୍ଥିକ ଅନୁଦାନ ପାଇବା ପାଇଁ ସାରାଙ୍ଗାନି



ଦ୍ୱୀପର କେନ୍ଦ୍ରସ୍ଥଳ ନିକଟବର୍ତ୍ତୀ ନିର୍ମାଣଗୁଡ଼ିକରୁ ବାସିନ୍ଦାମାନେ ଆତଙ୍କିତ ହୋଇ ଘର ବାହାରକୁ ପଳାଇ ଆସିଥିବାର ଦେଖିବାକୁ ମିଳିଥିଲା। ଯୁକ୍ତରାଷ୍ଟ୍ର ଭୂତତ୍ତ୍ୱ ସର୍ବେକ୍ଷଣ କହିଛି। ମୃତାହତ କିମ୍ବା କ୍ଷୟକ୍ଷତିର କୌଣସି ରିପୋର୍ଟ ମିଳିନାହିଁ।ସ୍ଥାନୀୟ ସମୟ ମଧ୍ୟାହ୍ନ ୧୨.୧୪ ରେ ଭୂମିକମ୍ପ ହୋଇଥିଲା ଏବଂ ଏହାର କେନ୍ଦ୍ରସ୍ଥଳ ସାରାଙ୍ଗାନି ଦ୍ୱୀପରୁ ପ୍ରାୟ ୩୨ କିଲୋମିଟର ଦକ୍ଷିଣ-ପଶ୍ଚିମରେ ଭୂପୃଷ୍ଠର ୧୦ କିଲୋମିଟର ଗଭୀରତାରେ ଅବସ୍ଥିତ ଥିଲା ବୋଲି ଯୁକ୍ତରାଷ୍ଟ୍ର ଦ୍ୱୀପର ଏକ ସ୍ଥାନୀୟ କୋର୍ଟରେ ଭିଡ଼ ଜମା ହୋଇଥିବା ବେଳେ ଭୂମିକମ୍ପ ହୋଇଥିଲା। ଫଳରେ ଉପସ୍ଥିତ ଲୋକେ ଆତଙ୍କିତ ହୋଇ ପଡ଼ିଥିଲେ।ସ୍ଥାନୀୟ ବିପର୍ଯ୍ୟୟ ଅଧିକାରୀ ସାଉରୋଙ୍କ ଅନୁଯାୟୀ, ଆର୍ଥିକ ସହାୟତା ବଣ୍ଟନ ସମୟରେ ଭୂମି ଜୋରରେ ଥରିବାକୁ ଲାଗିଲା, ଯାହା ଫଳରେ ସମବେତ ବାସିନ୍ଦା ଖୋଲା ସ୍ଥାନକୁ ଧାଇଁ ପଳାଇ ଆସିଥିଲେ।ଚଳିତ ବର୍ଷ ଜୁନ୍ ୮ ତାରିଖରେ ପଡ଼ୋଶୀ ଦ୍ୱୀପ ମିଣ୍ଡାନାଓ ୭.୮ ତୀବ୍ରତାଯୁକ୍ତ ଏକ ବିନାଶକାରୀ ଭୂମିକମ୍ପରେ ଧ୍ୱଂସ ହୋଇଯାଇଥିଲା।

# ତାମିଲନାଡୁର ମହିଳାଙ୍କୁ ମିଳିବ ୮ ଗ୍ରାମର ସୁନା ମୁଦ୍ରା



**ଚେନ୍ନାଇ:** ତାମିଲନାଡୁ ସରକାର ୨୦୨୬-୨୭ ବଜେଟରେ ମହିଳାମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଉପହାର ଦେଇଛନ୍ତି। ସରକାର ମହିଳାଙ୍କ ପାଇଁ ୮ ଗ୍ରାମର ସୁନା ମୁଦ୍ରା ଏବଂ ରେଶମ ଶାଢ଼ି ଯୋଜନାରେ ୮୧୨ କୋଟି ଟଙ୍କାର ପ୍ରସ୍ତାବ ଆଗତ କରିଛନ୍ତି। ଏହାକୁ ଝିଅ ବିବାହ ସମୟରେ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ତାଙ୍କ ନିର୍ବାଚନ ଇସ୍ତାହାରରେ ମହିଳାମାନଙ୍କୁ ଉପହାର ଦେବାକୁ ଘୋଷଣା କରିଥିଲେ। ଏବେ ବଜେଟରେ ଏନେଇ ଘୋଷଣା କରାଯାଇଛି। ବୁଧବାର ତାମିଲନାଡୁ ଅର୍ଥମନ୍ତ୍ରୀ ଏନ. ମେରୀ ୱିଲସନ୍ ବିଧାନସଭାରେ ଟିଭିକେ ସରକାରଙ୍କ ପ୍ରଥମ ବଜେଟ୍ ଉପସ୍ଥାପନ କରିଛନ୍ତି। ସେ କହିଛନ୍ତି, ରାଜ୍ୟକୁ ଆର୍ଥିକ ସଙ୍କଟରୁ ଉଦ୍ଧାର କରିବା ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ଟେଣ୍ଡରରେ କିଛି ଦଳ ଏବଂ ବ୍ୟକ୍ତିବିଶେଷ ପାଇଥିବା 'କଟ' ବା କମିସନକୁ ବନ୍ଦ କରିଥିବାରୁ ୱିଲସନ୍ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି। ୱିଲସନ କହିଛନ୍ତି ଯେ ପ୍ରଥମ ଥର ହଜ୍ ଯାତ୍ରୀଙ୍କ ପାଇଁ ସବସିଡି ୨୫ ହଜାର ଟଙ୍କାରୁ ୩୫ ହଜାର ଟଙ୍କାକୁ ବୃଦ୍ଧି କରାଯିବ। ସେ ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନଇଇଟି) ରଦ୍ଦ କରିବାକୁ ଦାବି କରିବା ସହ କେନ୍ଦ୍ର ସରକାରଙ୍କୁ ଦ୍ୱାଦଶ ଶ୍ରେଣୀ ମାର୍କ ଉପରେ ଆଧାରିତ ପୁରୁଣା ପ୍ରବେଶ ବ୍ୟବସ୍ଥାକୁ ପୁନଃସ୍ଥାପିତ କରିବାକୁ ଅନୁରୋଧ କରିଛନ୍ତି।ଅର୍ଥମନ୍ତ୍ରୀ କହିଛନ୍ତି, ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ଏବଂ ତାମିଲନାଡୁକୁ ଅନ୍ତର୍ଜାତୀୟ କ୍ରୀଡାରେ ସର୍ବୋଚ୍ଚ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟକୁ ଦୃଷ୍ଟିରେ ରଖି ସାରା ରାଜ୍ୟରେ ୧୦ଟି ଅଲିମ୍ପିକ୍ ଉତ୍କର୍ଷ କେନ୍ଦ୍ର ନିର୍ମାଣ ପାଇଁ ୫.୫୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି।

## ପାଇରେସୀ ବିରୋଧରେ ସରକାରଙ୍କ ନିର୍ଣ୍ଣାୟକ ପଦକ୍ଷେପ

## ୧,୨୬୩ ୱେବସାଇଟ୍ ସହ ୭,୩୯୩ଟି ୟୁଆରଏଲ୍ ନିଷ୍କ୍ରିୟ

**ନୂଆଦିଲ୍ଲୀ:** ଚଳଚ୍ଚିତ୍ରଗୁଡ଼ିକର ଅନଧିକୃତ ପ୍ରସାରଣ ଓ ଅନଲାଇନ୍ ପାଇରେସିକୁ ରୋକିବା ପାଇଁ ସରକାର ଆଇନଗତ ଏବଂ ସଂସ୍ଥାଗତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିଛନ୍ତି। ଟେଲିଗ୍ରାମ୍ ଭଳି ମାଧ୍ୟମ ଜରିଆରେ ବିନା ଅନୁମତିରେ ଚଳଚ୍ଚିତ୍ର ପ୍ରସାରିତ ହେଉଥିବାରୁ, ଏହାକୁ ରୋକିବା ପାଇଁ ୧୯୫୨ର 'ସିନେମାଟୋଗ୍ରାଫ୍ ଆକ୍ଟ'ରେ ସଂଶୋଧନ କରାଯାଇ 'ସିନେମାଟୋଗ୍ରାଫ୍ (ସଂଶୋଧନ) ଆକ୍ଟ, ୨୦୨୩' ଅଣାଯାଇଛି। ଏହି ନୂତନ ଆଇନରେ ଅନଧିକୃତ ସୁଟିଂ ଏବଂ ପ୍ରଦର୍ଶନକୁ ବେଆଇନ ଘୋଷଣା କରାଯିବା ସହ ନୂତନ ଭାବେ ଯୋଡ଼ାଯାଇଥିବା ଧାରା ୭(୧ବି)(୨) ବଳରେ ସରକାରଙ୍କୁ ସୂଚନା ପ୍ରଯୁକ୍ତି ଆଇନ, ୨୦୦୦ର ଧାରା ୭୯(୩) ଅଧୀନରେ ପାଇରେଟେଡ୍ ବିଷୟବସ୍ତୁ ପ୍ରସାରଣ କରୁଥିବା ମାଧ୍ୟମଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ପ୍ରଦାନ କରାଯାଇଛି। ଆଇଟି ଆଇନ, ୨୦୦୦ର ଧାରା ୭୯(୩) (ବି) ଅନୁଯାୟୀ, ବେଆଇନ ବିଷୟବସ୍ତୁ ହଟାଇବା କିମ୍ବା ସେଗୁଡ଼ିକୁ ଅଚଳ କରିବା ପାଇଁ ସରକାର ଇଣ୍ଟରମିଡିଆରିଗୁଡ଼ିକୁ ନୋଟିସ୍ ଜାରି କରିପାରିବେ।

## ଗଡ଼କରୀଙ୍କ ବିରୋଧରେ ଥିବା ଆପତ୍ତିଜନକ ପୋଷ୍ଟ ହଟାଇବାକୁ ନିର୍ଦ୍ଦେଶ

**ମୁମ୍ବାଇ:** କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କ ବିରୋଧରେ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିବା ଅଶ୍ଳୀଳ, ଗାଳିଗୁଲଜ ଓ ମାନହାନିକର ପୋଷ୍ଟଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ ବମ୍ବେ ହାଇକୋର୍ଟ ବୁଧବାର କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଆରିଫ୍ ଡକ୍ଟରଙ୍କ ଏକକ ଖଣ୍ଡପୀଠ ଗଡ଼କରୀଙ୍କୁ ଅନ୍ତରୀଣ ଆଶ୍ୱସ୍ତି ଦେଇ ମେଟା, ଏକ୍ସ ଓ ଗୁଗୁଲ୍ କୁ ଏହିପରି ସମସ୍ତ ଆପତ୍ତିଜନକ ପୋଷ୍ଟ ତୁରନ୍ତ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।ଅଦାଲତ ଏହି ପୋଷ୍ଟଗୁଡ଼ିକୁ "ଅତ୍ୟନ୍ତ ଅଶ୍ଳୀଳ, ଗାଳିଗୁଲଜପୂର୍ଣ୍ଣ ବୋଲି ଦର୍ଶାଇବା ସହ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି। ଜଣେ ବ୍ୟକ୍ତି କୋର୍ଟଙ୍କ ଦ୍ୱାରସ୍ଥ ହେବା ପୂର୍ବରୁ ଏପରି ଆପତ୍ତିଜନକ ପୋଷ୍ଟଗୁଡ଼ିକୁ ସ୍ୱତଃପ୍ରବୃତ୍ତ ଭାବେ ହଟାଇବା ପାଇଁ କୌଣସି ସ୍ୱୟଂଚାଳିତ ବ୍ୟବସ୍ଥା ଅଛି କି ନାହିଁ ବୋଲି ହାଇକୋର୍ଟ ପଚାରିଛନ୍ତି। ଯଦି କେହି ଏପରି ଭୁଲ୍ ଏବଂ ଅଶ୍ଳୀଳ ପୋଷ୍ଟ ଅପଲୋଡ୍ କରୁଛନ୍ତି, ତେବେ ଉନ୍ନତ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ତାହା ସଙ୍ଗେ ସଙ୍ଗେ ଚିହ୍ନଟ ହୋଇ ଡିଲିଟ୍ ହେବା ଆବଶ୍ୟକ ବୋଲି ବିଚାରପତି ଗୁରୁତ୍ୱାରୋପ କରିଛନ୍ତି।

# ସାମରିକ ସେବାରେ ଡେନମାର୍କ ରାଜ କୁମାରୀ

## ନେବେନି ଦରମା, ଯୋଗାଇବେ ସେବା

**କୋପେନହେଗେନ୍:** ଇତିହାସ ପୃଷ୍ଠାରେ ନିଜ ନାଁକୁ ଲିପିବଦ୍ଧ କରିଛନ୍ତି ଡେନମାର୍କର ରାଜ କୁମାରୀ ଇସାବେଲା। ସେ ଡେନମାର୍କ ରାଜ ପରିବାରର ପ୍ରଥମ ମହିଳା ସଦସ୍ୟ ଭାବେ ପୂର୍ଣ୍ଣକାଳୀନ ସାମରିକ ସେବାରେ ଯୋଗ ଦେଇଛନ୍ତି। ସାଧାରଣ ଲୋକଙ୍କ ଭଳି ସେ ଦେଶର ସାମରିକ ସେବାରେ ଚାକିରି ଆରମ୍ଭ କରିଛନ୍ତି।ରାଜ କୁମାରୀଙ୍କ ୧୧ ମାସିଆ ସାମରିକ ସେବା ମଧ୍ୟ ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି। ଦେଶରେ ମହିଳାଙ୍କ ପାଇଁ ବାଧ୍ୟତାମୂଳକ ସେନା ସେବା ଆରମ୍ଭ ହେବା ପରେ ସକ୍ରିୟ ସାମରିକ ପ୍ରଶିକ୍ଷଣ ନେଉଥିବା ରାଜ ପରିବାରର ପ୍ରଥମ ମହିଳା ସଦସ୍ୟ ହୋଇଛନ୍ତି ଇସାବେଲା।ରାଜା ଫ୍ରେଡେରିକ ଓ ରାଣୀ ମ୍ୟାରୀଙ୍କ ବଡ଼ ଝିଅ ହେଉଛନ୍ତି ଇସାବେଲା ୧୯ ବର୍ଷୀୟ ରାଜ କୁମାରୀ ଇସାବେଲା ଅଗଷ୍ଟ ୩ ତାରିଖରେ ସ୍ଲାଗେଲସେ ସ୍ଥିତ ଆଣ୍ଟଭୋର୍ସକୋଭ ବାରାକରେ ଥିବା ଗାର୍ଡ ହୁସାର ରେଜିମେଣ୍ଟରେ ଯୋଗ ଦେଇଛନ୍ତି। ନିକଟରେ ହାଇସ୍କୁଲ ଶିକ୍ଷା ଶେଷ କରିଥିବା ଇସାବେଲା ନିଜର ଗ୍ରୀଷ୍ମ ଛୁଟି ପରେ ସିଧାସଳଖ ସାମରିକ ପ୍ରଶିକ୍ଷଣ ପାଇଁ ପହଞ୍ଚି ଯାଇଛନ୍ତି। ପ୍ରଥମ ଦିନ ସେ କୌଣସି ରାଜକୀୟ ଆଡ଼ମ୍ବର ବିନା ଏକ କଳା ଏସୟୁଭି ଗାଡ଼ି ଚଳାଇ ନିଜେ ବାରାକରେ ପହଞ୍ଚିଥିଲେ। ସାଧାରଣ ପୋଷାକ ପିନ୍ଧିଥିବା ଇସାବେଲାଙ୍କ କାନ୍ଧରେ ଥିଲା ଗୋଟିଏ ବଡ଼ ବ୍ୟାକପ୍ୟାକ୍ ଓ ହାତରେ ଥିଲା ଛୋଟ ପର୍ସ। ପ୍ରବେଶ ପୂର୍ବରୁ ସେ ଗାର୍ଡଙ୍କୁ ନିଜ ପରିଚୟ ପତ୍ର ଦେଖାଇଥିଲେ। ଉପସ୍ଥିତ ସାମ୍ବାଦିକମାନଙ୍କୁ ହସି ହସି ଅଭିବାଦନ ଜଣାଇ ଭିତରକୁ ଯାଇଥିଲେ। ଇସାବେଲା ନିଜ ବଡ଼ ଭାଇ କ୍ରାଉନ୍ ପ୍ରିନ୍ସ ଖ୍ରୀଷ୍ଟିଆନଙ୍କ ପଥକୁ ଅନୁସରଣ କରିଛନ୍ତି। ଖ୍ରୀଷ୍ଟିଆନ ମଧ୍ୟ ଏହି ବାରାକରେ ସାମରିକ ପ୍ରଶିକ୍ଷଣ ଶେଷ କରି ବର୍ତ୍ତମାନ ସେକେଣ୍ଡ ଲେଫ୍ଟନାଣ୍ଟ ଭାବେ ପ୍ରଶିକ୍ଷଣ ନେଉଛନ୍ତି।ଡେନମାର୍କର ରାଜ ପରିବାର ସଦସ୍ୟ ପାରମ୍ପରିକ ଭାବେ ସଶସ୍ତ୍ର ବଳରେ ସେବା କରନ୍ତି। କିନ୍ତୁ ଇସାବେଲା ଦେଶର ବିସ୍ତାରିତ କାର୍ଯ୍ୟକ୍ରମ ଜରିଆରେ ସକ୍ରିୟ ସୈନ୍ୟ ସେବାରେ ଭର୍ତ୍ତି ହେବାରେ ରାଜ ପରିବାରର ପ୍ରଥମ ମହିଳା।



ଅନ୍ୟ ମାନଙ୍କ ଭଳି ରାଜ କୁମାରୀ ଇସାବେଲା ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବେତନ କିମ୍ବା ଦୈନିକ ଭତ୍ତା ଗ୍ରହଣ କରିବେ ନାହିଁ। ଏନେଇ ଡେନମାର୍କ ରାଜ ପରିବାର ପକ୍ଷରୁ କୁହାଯାଇଛି ଯେ ଇସାବେଲା ନିଜ ଇଚ୍ଛାରେ ଏହି ଆର୍ଥିକ ସୁବିଧା ଗ୍ରହଣ କରିବାକୁ ମନା କରିଛନ୍ତି। ସାମରିକ ସେବା ସମୟରେ ତାଙ୍କର ସମସ୍ତ ଖର୍ଚ୍ଚ ତାଙ୍କ ପିତା ମାତା ବହନ କରିବେ।ଡେନମାର୍କରେ ବାଧ୍ୟତାମୂଳକ ସାମରିକ ସେବାରେ ଯୋଗ ଦେଉଥିବା ଯୁବକ ଯୁବତୀମାନେ ସାଧାରଣତଃ ପ୍ରତିମାସରେ ଦରମା ସହ ନିଜର ୧୧ ମାସର ସେବାରେ କରମୁକ୍ତ ଦୈନିକ ଭତ୍ତା ପାଇଥାନ୍ତି। ୟୁରୋପର ବଦଳୁଥିବା ସୁରକ୍ଷା ପରିସ୍ଥିତି, ୟୁକ୍ରେନ ଯୁଦ୍ଧ ଓ ଆର୍କଟିକ୍ ଅଞ୍ଚଳରେ ବଢ଼ୁଥିବା ତିକ୍ତତାକୁ ଦୃଷ୍ଟିରେ ରଖି ଡେନମାର୍କ ନିଜର ସାମରିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରୁଛି। ୨୦୨୪ରେ ଦେଶରେ ମହିଳାଙ୍କ ପାଇଁ ବାଧ୍ୟତାମୂଳକ ସାମରିକ ସେବା ଆରମ୍ଭ କରାଯାଇଥିଲା। ସେହିପରି ସେବା ଅବଧିକୁ ୪ ମାସରୁ ବଢ଼ାଇ ୧୧ ମାସ କରାଯାଇଛି।ଚଳିତ ସପ୍ତାହରେ ପ୍ରାୟ ୧୬ ଶହ ଯୁବକ ଯୁବତୀ ଏହି ନୂଆ ପ୍ରଶିକ୍ଷଣ ବ୍ୟାଚ୍ରେ ଯୋଗ ଦେଇଛନ୍ତି। ଚଳିତ ମାସ ଶେଷ ଆଡ଼କୁ ନିଯୁକ୍ତି ପାଇଥିବା ଯୁବକଯୁବତୀଙ୍କୁ ପ୍ରଥମ ଥର ପାଇଁ ଗ୍ରୀନଲ୍ୟାଣ୍ଡକୁ ମଧ୍ୟ ଅପରେସନାଲ୍ ଡ୍ୟୁଟି ପାଇଁ ପଠାଯିବ।

ଚେସ୍ ଅଲିମ୍ପିଆଡ୍

# ବାପାଙ୍କ ତ୍ୟାଗ ବଦଳାଇ ଦେଲା ସବିତାଙ୍କ ଭାଗ୍ୟ

ନୂଆଦିଲ୍ଲୀ,୫।୮ (ଏଜେନ୍ସି): ୨୦୨୬ ଚେସ୍ ଓଲମ୍ପିଆଡ୍ ଆରମ୍ଭ ହେବା ପୂର୍ବରୁ ଭାରତୀୟ କ୍ରୀଡ଼ା ଜଗତରେ ଏବେ ଗୋଟିଏ କାହାଣୀ ସବୁଠାରୁ ବେଶି ଚର୍ଚ୍ଚାର ବିଷୟ ପାଲଟିଛି । ତାହା ହେଉଛି ତାମିଲନାଡୁର ଯୁବ ଚେସ୍ ତାରକା ସବିତା ଶ୍ରୀ (ସବିତା ଶ୍ରୀ ଭାସ୍କର)ଙ୍କ ସଫଳତାର କାହାଣୀ । ନିଜର ଆପ୍ରାଣ ଉଦ୍ୟମ ଓ ପରିବାରର ତ୍ୟାଗ ବଳରେ ସେ ଭାରତୀୟ ମହିଳା ଚେସ୍ ଦଳରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି ।

## ସଫଳତା ପଛରେ ବାପାଙ୍କ ବଡ଼ ତ୍ୟାଗ:

ସବିତାଙ୍କୁ ଜଣେ ବୃତ୍ତିଗତ ଚେସ୍ ଖେଳାଳି ଭାବେ ଗଢ଼ିତୋଳିବା ପାଇଁ ତାଙ୍କ ପରିବାରକୁ ଅନେକ ଆର୍ଥିକ ସଂଘର୍ଷ ଦେଇ ଗତି କରିବାକୁ ପଡ଼ିଥିଲା । ତାଙ୍କ ବାପା ସିଙ୍ଗାପୁରରେ ନିଜର ସୁରକ୍ଷିତ ଚାକିରି ଛାଡ଼ି ଭାରତ ଫେରିଆସିଥିଲେ, ଯେପରି ସେ ସବିତାଙ୍କୁ ଚେସ୍‌ରେ ସମ୍ପୂର୍ଣ୍ଣ ସମୟ ଓ ସହଯୋଗ ଦେଇପାରିବେ । ଏପରିକି ସବିତାଙ୍କ କୋଚିଂ, ପ୍ରତିଯୋଗିତା ଫି ଏବଂ ଗସ୍ତ ଖର୍ଚ୍ଚ ବହନ କରିବା ପାଇଁ ପରିବାର ଗହଣା ବନ୍ଧକ ରଖିବାକୁ ମଧ୍ୟ ପଛାଇ ନଥିଲେ ।





## ସୀନିୟର ଖେଳାଳିଙ୍କ ସହ ବୋର୍ଡ ସେୟାର କରିବେ ସବିତା:

ବର୍ଷ ବର୍ଷର ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ନିଜର କ୍ରୀଡ଼ା ନୈପୁଣ୍ୟ ଦେଖାଇବା ପରେ, ସବିତା ଏବେ ହରିକା ଦ୍ରୋଣାବଳୀଙ୍କ ଭଳି ଅଭିଜ୍ଞ ଭାରତୀୟ ସୀନିୟର ତାରକାଙ୍କ ସହ ଚେସ୍ ଓଲମ୍ପିଆଡ୍‌ରେ ଭାରତର ପ୍ରତିନିଧିତ୍ୱ କରିବେ ।

## କାହିଁକି ଚର୍ଚ୍ଚାରେ ସବିତାଙ୍କ କାହାଣୀ? :

କେବଳ ଟୁର୍ଣ୍ଣାମେଣ୍ଟ ଫଳାଫଳ ନୁହେଁ, ବରଂ ଜଣେ ଆଥଲେଟ୍‌ଙ୍କ ସଫଳତା ପଛରେ ଥିବା ବ୍ୟକ୍ତିଗତ ତ୍ୟାଗ ଏବଂ ଆର୍ଥିକ ଅସୁବିଧା ସତ୍ତ୍ୱେ ପରିବାରର ବିଶ୍ୱାସ ଓ ସମର୍ଥନକୁ ଏହି କାହାଣୀ ଦର୍ଶାଉଛି । ଏହା ସମଗ୍ର ଦେଶର ଯୁବ ଖେଳାଳିମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛି । ୨୦୨୬ ଚେସ ଅଲିମ୍ପିଆଡ ପାଇଁ ଭାରତୀୟ ମହିଳା ଚେସ ଦଳରେ ସବିତା ସ୍ଥାନ ପାଇବା ତାଙ୍କ ପାଇଁ ସବୁଠି ଖୁସି ଆଣି ଦେଇଛି । ତାଙ୍କ ତୁଳନାରେ ବେସି ଖୁସି ହୋଇଛନ୍ତି ସବିତାଙ୍କ ବାପା । ସବିତାଙ୍କ ଏହି ସଂଘର୍ଷ ଦେଶର ହଜାର ହଜାର ଯୁବ ଚେସ ଖେଳାଳିଙ୍କୁ ଉତ୍ସାହିତ କରିଛି ।

# କୋରିଆ ଓପନ ଦ୍ୱିତୀୟ ରାଉଣ୍ଡରେ ତନ୍ୱୀ

ନୂଆଦିଲ୍ଲୀ,୫।୮ (ଏଜେନ୍ସି):କୋରିଆ ଓପନରେ ଭାରତର ୧୭ ବର୍ଷୀୟ ବ୍ୟାଡ଼ମିଣ୍ଟନ ଖେଳାଳି ତନୱି ଶର୍ମା ଚମତ୍କାର ପ୍ରଦର୍ଶନ ଦେଖାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ତୃତୀୟ ମାନ୍ୟତା ପ୍ରାପ୍ତ ତନୱି ୨୧-୧୬, ୨୧-୧୫ ଗେମରେ ଚୀନର ୟିଆନ ଆନ କ୍ୱିଙ୍କୁ ପରାସ୍ତ କରିଥିଲେ । ପରବର୍ତ୍ତୀ ରାଉଣ୍ଡରେ ତନ୍ୱୀ ନିଜ ଦେଶର ଶ୍ରୀୟାଂଶିଙ୍କୁ ଭେଟିବେ । ଶ୍ରୀୟାଂଶି ୨୧-୧୫, ୨୧-୧୪ ଗେମରେ ଚାଇନିଜ ତାଇପେଇର ପାଇ ୟୁ ପୋ'ଙ୍କୁ ପରାସ୍ତ କରିଥିଲେ । ପୁରୁଷ ଡବଲ୍ସରେ ପୃଥ୍ୱୀ କ୍ରିଷ୍ଣ ମୂର୍ତ୍ତି ଓ କ୍ରିଷ୍ଣ ପ୍ରସାଦ ୨୧-୧୬, ୨୧-୧୮ ଗେମରେ ଚତୁର୍ଥ ମାନ୍ୟତାପ୍ରାପ୍ତ ଥାଇଲାଣ୍ଡର ଓରାପୋଲ ଥୋଙ୍ଗ ସାଙ୍ଗା ଓ ଚାଲୋ ମିଁଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ।



ବିଶ୍ୱ ବ୍ୟାଡ଼ମିଣ୍ଟନ ଚାମ୍ପିଅନସିପ

# ସିନ୍ଧୁଙ୍କୁ ନବମ ସିଡ ମାନ୍ୟତା



ନୂଆଦିଲ୍ଲୀ,୫।୮ (ଏଜେନ୍ସି): ନୂଆଦିଲ୍ଲୀର ଇନ୍ଦରା ଗାନ୍ଧୀ ଷ୍ଟାଡିୟମରେ ଚଳିତ ମାସ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ବିଶ୍ୱ ବ୍ୟାଡ଼ମିଣ୍ଟନ ଚାମ୍ପିଅନସିପ୍ ଆୟୋଜିତ ହେବ । ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ପାଇଁ ବିଶ୍ୱ ବ୍ୟାଡ଼ମିଣ୍ଟନ ସଂଘ ପକ୍ଷରୁ ଖେଳାଳିଙ୍କ ସିଡଲି ତାଲିକା ଘୋଷଣା ହୋଇଛି । ଦୁଇଥର ଅଲିମ୍ପିଅନ୍ସ ପଦକ ବିଜେତା ବିଜେତା ପିଭି ସିନ୍ଧୁ ମହିଳା ସିଙ୍ଗଲ୍ସରେ ନବମ ସିଡ ମାନ୍ୟତା ପାଇଥିବା ବେଳେ ପୁରୁଷ ଡବଲ୍ସ ଯୋଡି ସାତ୍ତ୍ୱିକ ଓ ଚିରାଗ ସେଟୀଙ୍କୁ ପଞ୍ଚମ ସିଡ ମାନ୍ୟତା ମିଳିଛି । ଭାରତ ଚାମ୍ପିଅନସିପର ସମସ୍ତ ୫ଟି ବର୍ଗରେ ଦୁଇଟି ଲେଖାଏଁ ଏଣ୍ଟ୍ରି ହାସଲ କରିଛି । ୪ଟି ବର୍ଗରେ ଭାରତୀୟ ଖେଳାଳିଙ୍କ ସିଡ୍ସଲ ପାଇଛି । ପୂର୍ବତନ ବିଶ୍ୱ ଚାମ୍ପିନସିପ ବ୍ରୋଞ୍ଜ ପଦକ । ବିଜେତା ଲକ୍ଷ୍ୟ ସେନଙ୍କୁ ୧୪ତମ ସିଡ, ମିକ୍ସଡ ଡବଲ୍ସ ଯୋଡି ଧ୍ରୁବ କପିଲା ଓ ତନିସା କ୍ରାଷ୍ଟୋଙ୍କ ଯୋଡିକୁ ୧୫ତମ ସିଡ ମିଳିଛି । ଜାପାନ ଓପନ ଜିତି ସିନ୍ଧୁ ଇତିହାସ ରଚିଥିଲେ । ପ୍ରଥମ ଭାରତୀୟ ଭାବେ ଏହି ଟାଇଟଲ ହାସଲ କରିଥିଲେ । ସାତ୍ତ୍ୱିକ-ଚିରାଗ ୨୦୨୨ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଅଟନ୍ତି । ପୁରୁଷ ସିଙ୍ଗଲ୍ସ ଚୀନର ବିଶ୍ୱ ଚାମ୍ପିଅନ ସିୟୁକି ତଥା ମହିଳା ସିଙ୍ଗଲ୍ସରେ ଦକ୍ଷିଣ କୋରିଆର ଏନ ସେ ୟଙ୍ଗ ଟପ ସିଡ ମାନ୍ୟତା ପାଇଛନ୍ତି । ଏହି ଚାମ୍ପିଅନସିପ ପାଇଁ ବୁଧବାର ଦିଲ୍ଲୀରେ ଅଫିସିଆଲ ଡ୍ର' ଘୋଷଣା ହୋଇଛି ।

ରାଜ୍ୟଗୋଷ୍ଠୀ କ୍ରୀଡା

# ଗୁଜରାଟରେ ପହଞ୍ଚିଲା ପତାକା



ଅହମ୍ମଦାବାଦ,୫।୮ (ଏଜେନ୍ସି): ସ୍କଟଲାଣ୍ଡର ଗ୍ଲାସଗୋରେ ସଫଳତାର ସହ ରାଜ୍ୟଗୋଷ୍ଠୀ କ୍ରୀଡା ଶେଷ ହୋଇଛି । ଉଦଯାପନୀ ସମାରୋହରେ ଭାରତକୁ ହସ୍ତାନ୍ତର କରାଯାଇଥିବା ସମ୍ମାନଜନକ ପତାକା ବୁଧବାର ଗୁଜରାଟରେ ପହଞ୍ଚିଛି । ଏଥିସହ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ପାଇଁ ଅହମ୍ମଦାବାଦରେ ଆନୁଷ୍ଠାନିକ ଭାବେ ପ୍ରସ୍ତୁତି ଆରମ୍ଭ ହୋଇଛି । ଗାନ୍ଧିନଗର ଠାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଗୁଜରାଟର ଉପମୁଖ୍ୟମନ୍ତ୍ରୀ ହର୍ସ ସାଙ୍ଗଭି ରାଜ୍ୟଗୋଷ୍ଠୀ କ୍ରୀଡା ପତାକାଙ୍କୁ ମୁଖ୍ୟମନ୍ତ୍ରୀ ଭୂପେନ୍ଦର ପଟେଲଙ୍କୁ ହସ୍ତାନ୍ତର କରିଥିଲେ । ଏହି ବିଶେଷ କାର୍ଯ୍ୟକ୍ରମରେ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତର ପ୍ରତିନିଧିତ୍ୱ କରିଥିବା । ଗୁଜରାଟର ତାରକା ପାରା ଆଥଲେଟ ରାକେଶ ଭଟ୍ଟ, ରୋହିତ ମଜଗୁଲ ଏବଂ ପ୍ରସିଦ୍ଧ ପାରା ଟେବୁଲ ଟେନିସ୍ ଖେଳାଳି ସୋନାଲେ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଐତିହାସିକ ପତାକା ଆଗାମୀ ୨୦୩୦ ସଂସ୍କରଣ ପର୍ଯ୍ୟନ୍ତ ଗୁଜରାଟରେ ସୁରକ୍ଷିତ ରହିବ । ଗୁଜରାଟ ସରକାରଙ୍କ କହିବା ଅନୁଯାୟୀ ସରକାର ଦେଶର କ୍ରୀଡାବିତଙ୍କ ପାଇଁ ଏକ ବଡ଼ ପ୍ରେରଣାର ପ୍ରତୀତ ପାଲଟିବ । ଶେଷଥର ପାଇଁ ଭାରତରେ ୨୦୧୦ରେ ରାଜ୍ୟଗୋଷ୍ଠୀ କ୍ରୀଡା ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଭାରତ ରେକର୍ଡ ସଂଖ୍ୟକ ଶତାଧିକ ପଦକ ଜିତିଥିଲା ।

# ବିସିସିଆଇ ସମୀକ୍ଷା ବୈଠକ ସ୍ଥଗିତ

ନୂଆଦିଲ୍ଲୀ,୫।୮ (ଏଜେନ୍ସି): ଇଂଲଣ୍ଡ ଏବଂ ଆୟର୍ଲାଣ୍ଡ ଗସ୍ତରେ ଭାରତୀୟ ଦଳର ପ୍ରଦର୍ଶନ ଉପରେ ହେବାକୁଥିବା ବିସିସିଆଇର ସମୀକ୍ଷା ବୈଠକକୁ ଆପାତତଃ ସ୍ଥଗିତ ରଖାଯାଇଛି । ସୂଚନା ଅନୁଯାୟୀ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି । ପ୍ରଥମ ସପ୍ତାହରେ ବିସିସିଆଇର ବୈଠକ ହେବାର ଥିଲା । କିନ୍ତୁ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଆଗାମୀ କିଛି ଦିନ ପରେ ଅନୁଷ୍ଠିତ ହେବ । ଯେଉଁଥିରେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଆଭାସୀରେ ଯୋଗଦେବେ । ଟି-୨୦ ବିଶ୍ୱକପ ଭାରତୀୟ ଦଳ ନିକଟରେ ବିଦେଶଗସ୍ତ ଅତ୍ୟନ୍ତ ନିରାଶଜନକ ରହିଛି । ମୋଟ ୧୦ଟି ମ୍ୟାଚରୁ ମାତ୍ର ଦୁଇଟିରେ ବିଜୟୀ ହୋଇଛି । ଶେୟାସ ଆୟରଙ୍କ ଅଧିନାୟକତ୍ୱରେ ଭାରତୀୟ ଆୟର୍ଲାଣ୍ଡ ବିପକ୍ଷରେ କ୍ଲିନସୁଇପ ହୋଇଥିଲା ।

ପରେ ଇଂଲଣ୍ଡ ବିପକ୍ଷ ଟି-୨୦ ଶୃଙ୍ଖଳାରେ ମଧ୍ୟ ଭାରତ ୪-୦ରେ ପରାଜିତ ହୋଇଥିଲା । ଶୁଭମନ ଗିଲଙ୍କ ଅଧିନାୟକତ୍ୱରେ ଭାରତ ଦିନିକିଆ ଶୃଙ୍ଖଳରେ ମଧ୍ୟ ୨-୧ରେ ହାରିଥିଲା । ବିଦେଶ ପିଚରେ ଭାରତୀୟ ବ୍ୟାଟରଙ୍କ ପ୍ରଦର୍ଶନକୁ ନେଇ କ୍ରିକେଟ ବିଶେଷଜ୍ଞ ସମାଲୋଚନା କରିଛନ୍ତି । ଆଇପିଏଲ ୨୦୨୬ ଓ ଘରୋଇ ପିଚରେ ଅଭ୍ୟାସ ହେତୁ ଓ ବ୍ୟାଟରମାନେ ପ୍ରତିକୂଳ ପରିସ୍ଥିତିରେ ନିଜର ଖାପ ଖୁଆଇ ପାରୁନଥିବା କୁହାଯାଇଛି । କୋଚ ଗୌତମ ଗମ୍ଭୀର କହିଛନ୍ତି ଖେଳାଳିଙ୍କୁ ପିଚ ନୁହେଁ ବରଂ ପବନର ଦିଗ ଏବଂ ପଡିଆର ଆକାର ଭଳି ବିଷୟ ଗୁଡିକୁ ବୁଝିବାର ଆବଶ୍ୟକତା ରହିଛି । ଏହି ସମୀକ୍ଷା ବୈଠକରେ ଖେଳାଳିମାନେ ବାରମ୍ବାର ଆହତ ହେଉଥିବା ପ୍ରସଙ୍ଗ ମଧ୍ୟ ସ୍ଥାନ ପାଇବ । ନିକଟରେ ବୁମରା ଶ୍ରୀଲଙ୍କା ଟେଷ୍ଟ ଗସ୍ତରୁ ବାଦ ପଡିଥିବା ବେଳେ ସାଇ ସୁଦର୍ଶନ, ହର୍ସିତ ରାଣା, ୱାଶିଂଟନ ସୁନ୍ଦର ଏବଂ ନୀତିଶ ରେଡ୍ଡୀ ମଧ୍ୟ ଚିକିତ୍ସାଧିନ ଅଛନ୍ତି । ବାରମ୍ବାର ଆହତ ହେଉଥିବାରୁ ଦଳର ଫିଜିଓ କମଲେଶ ଜୟଙ୍କ କାର୍ଯ୍ୟଶୈଳୀକୁ ନେଇ ଅଧିନାୟକ ଗିଲ ଏବଂ କୋଚ ଅସନ୍ତୋଷ ପ୍ରକାଶ କରିଛନ୍ତି ।

# ଇଣ୍ଡୋ-ନେପାଳ ପିଟ୍ଟୁ ଚାମ୍ପିଅନସିପ୍‌ରେ ସ୍ୱାଧୀନ ସାମଲଙ୍କୁ ସ୍ୱର୍ଣ୍ଣ ପଦକ




ଭୁବନେଶ୍ୱର,୫।୮ (ସବ୍ୟୁ): 'ଇଣ୍ଡୋ-ନେପାଳ ପିଟ୍ଟୁ ଚାମ୍ପିଅନସିପ୍ ୨୦୨୬-୨୭'ରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲର ଛାତ୍ର ସ୍ୱାଧୀନ ସାମଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସ୍ୱାଧୀନଙ୍କର କଠିନ ପରିଶ୍ରମ, ଦୃଢ ନିଷ୍ଠା ଓ ଖେଳ ପ୍ରତି ଥିବା ଆନ୍ତରିକତା ଆଜି ବିଦ୍ୟାଳୟ ତଥା ସମଗ୍ର ରାଜ୍ୟ ପାଇଁ ଗୌରବ ଆଣିଦେଇଛି । ଏହି ପ୍ରତିଯୋଗିତା ଗତ ଜୁଲାଇ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ନେପାଳର ପୋଖରାଠାରେ ଆୟୋଜିତ ହୋଇଛି । ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ସୂର୍ଯ୍ୟପ୍ରକାଶ ପତି, ସଭାପତି ଶକ୍ତି ପ୍ରକାଶ ପତି, ପ୍ରିନ୍ସିପାଲ ଜି. ରାମ କିଶୋର, ଭାଇସ ପ୍ରିନ୍ସିପାଲ ମହେଶ କୁମାର ମିଶ୍ର, ଉପ ସଭାପତି ଦେବାଶ୍ରୀ ମହାପାତ୍ର, ସୁଭାଷ ପରିଡ଼ା, ନୀଳକଣ୍ଠ ସାମଲ, ସେକ୍ରେଟାରୀ ସତୀଶ ଶର୍ମା ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ (ଶ୍ରୀମତୀ କଳ୍ପନା ସାହୁ, ଶ୍ରୀମତୀ ମିନତୀ କୁମାରୀ ରଥ, ଶ୍ରୀମତୀ ସ୍ୱାତୀ ମିଶ୍ର, ଶ୍ରୀମତୀ ଅନୁପମା ହୋତା, ମଧୁସୂଦନ ତ୍ରିପାଠୀ, ଦୀପଙ୍କର ନାୟକ, ବିକାଶ ବାରିକ, ଚନ୍ଦନ ଓଝା, ଅର୍ଚ୍ଚିଷ୍ମାନ ପଟ୍ଟନାୟକ, କୁମାରୀ ଜ୍ୟୋତି କୃଷ୍ଣା ମହାପାତ୍ର, କୁମାରୀ ବିଷ୍ଣୁପ୍ରିୟା ଦାସ) ସ୍ୱାଧୀନଙ୍କୁ ବିପୁଳ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ଟାଉନ କ୍ଲବକୁ ହରାଇଲା ଇଲେଭେନ ଗନ

ଫାଓ ଲିଗ



ଭୁବନେଶ୍ୱର,୫।୮ (ସବ୍ୟୁ): ଏମଜିଏମ ଫାଓ ଲିଗର ୬୩ତମ ମ୍ୟାଚରେ ଇଲେଭେନ ଗନ କ୍ଲବ ବାଜି ମାରିଛି । ଏହି ମ୍ୟାଚରେ ଇଲେଭେନ ଗନ କ୍ଲବ ୩-୨ ଗୋଲରେ ଟାଉନ କ୍ଲବକୁ ପରାଜିତ କରିଥିଲା । ମ୍ୟାଚଟି ଅତ୍ୟନ୍ତ ଚିତାକର୍ଷକ ଥିଲା । ବିଜୟ ଦଳ ପକ୍ଷରୁ ମନୋଜ କୁମାର ମାଝୀ ଓ ଅଭୟ ମୁର୍ମୁ ଗୋଲ ସ୍କୋର କରିଥିଲେ । ଟାଉନ କ୍ଲବର ଅନିଲ ସ୍ୱାଇଁ ଓ ଅନୁଭବ ବସ୍ତି ଦୁଇଟି ଗୋଲ ଦେଇଥିଲେ । ଏହି ଜମାଣିଆ ବିଜୟ ସହ ଇଲେଭେନ ଗନ ନିଜର ପଏଣ୍ଟରେ ସୁଧାର ଆଣିଛି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଛୋଟଛୋଟି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

# ପ୍ରୀତିଙ୍କ ସହ ଡେଟିଂ ମାନିଲେ ବ୍ରେଟ ଲି

ମୁମ୍ବାଇ,୫।୮ (ଏଜେନ୍ସି): ଅଷ୍ଟ୍ରେଲିଆ କ୍ରିକେଟ ଦଳର ପୂର୍ବତନ ଦ୍ରୁତ ବୋଲର ବ୍ରେଟ୍ ଲି ଅନେକ ସମୟରେ ଚର୍ଚ୍ଚାରେ ରହିଥାନ୍ତି । ଗୋଟିଏ ସମୟରେ ସେ ବଲିଉଡରେ ନିଜର ଭାଗ୍ୟ ପରୀକ୍ଷା କରିଥିଲେ । ସେହି ସମୟରେ ବଲିଉଡ ଅଭିନେତ୍ରୀ ପ୍ରୀତି ଜିଣ୍ଟାଙ୍କ ସହ ପ୍ରେମ ସମ୍ପର୍କକୁ ନେଇ ଜୋରଦାର ଚର୍ଚ୍ଚା ହେଉଥିଲା । ଦୀର୍ଘ ୧୬ ବର୍ଷ ପରେ ବ୍ରେଟ ଲି ଏହି ଗୁଜବ ଉପରେ ମୁହଁ ଖୋଲିଛନ୍ତି । ପ୍ରୀତିଙ୍କ ସହ ତାଙ୍କର କୌଣସି ରୋମାଣ୍ଟିଂ ସମ୍ପର୍କ ନଥିଲା । ସେମାନେ କେବଳ ଭଲ ବନ୍ଧୁ ବୋଲି ବ୍ରେଟ୍ ଲି କହିଛନ୍ତି । କୌଣସି ବଲିଉଡ ଅଭିନେତ୍ରୀଙ୍କୁ ଡେଟ ନକରିବା ହିଁ ସବୁଠାରୁ ବଡ଼ ସତ । ପ୍ରୀତି ଏବଂ ମୋ ମଧ୍ୟରେ ନୀବିଡ ବନ୍ଧୁତ୍ୱ ଥିଲା । ଆଜି ବି ଆମେ ଭଲ ବନ୍ଧୁ । ସେହି ସମୟରେ ପ୍ରୀତି ପଞ୍ଜାବ କିଙ୍ଗ୍ସ ଦଳର ସହ ମାଲିକାଣୀ ଥିଲେ । ଗୁଜବ ସମ୍ପର୍କରେ ସେ କହିଛନ୍ତି ଏ ସବୁ ଖବର ତାଙ୍କୁ କେବେ ବି ବିଚଳିତ କରିନଥିଲା । କାରଣ ସେ ସତ ଜାଣିଥିଲେ । ୨୦୦୮ରୁ ୨୦୧୧ ମଧ୍ୟରେ ପ୍ରୀତି ଏବଂ ବ୍ରେଟ୍ ଲିଙ୍କ ପ୍ରେମ ସମ୍ପର୍କକୁ ନେଇ ଖୁବ ଚର୍ଚ୍ଚା ହୋଇଥିଲା । ବ୍ରେଟ୍ ଲି ଆଇପିଏଲରେ ପଞ୍ଜାବକିଙ୍ଗ୍ସ ପକ୍ଷରୁ ଖେଳୁଥିଲେ । ମୁମ୍ବାଇର ଏକ ରେଷ୍ଟୁରାଣ୍ଟରେ ଦୁହିଁଙ୍କୁ ଏକାଠି ଦେଖିବା ପରେ ଏହି ଆଲୋଚନା ଆହୁରି ଜୋର ଧରିଥିଲା । ୨୦୧୦ରେ ପ୍ରୀତି ସୋସିଆଲ ମିଡ଼ିଆ ମାଧ୍ୟମରେ ଏହି ଖବରକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଥିଲେ । ୨୦୦୬ରେ ଏଲିଜା ବେଥ କେମ୍ପଙ୍କୁ ବ୍ରେଟ୍ ଲି ବିବାହ କରିଥିଲେ । କିନ୍ତୁ ୨୦୦୯ରେ ବିବାହ ବିଚ୍ଛେଦ ହୋଇଥିଲା । ୨୦୧୪ରେ ସେ ଲାନା ଏଣ୍ଡରସନଙ୍କୁ ବିବାହ କରିଥିଲେ । ପ୍ରୀତି ୨୦୧୬ରେ ଲସ ଏଞ୍ଜେଲ୍ସର ଜିମ ଗୁଡଇନଫଙ୍କୁ ବିବାହ କରିଥିଲେ । ୨୦୨୧ରେ ସରଗେସି ମାଧ୍ୟମରେ ଜିଆଁଳା ସନ୍ତାନର ପିତାମାତା ହୋଇଥିଲେ ।

# ରୋହିତଙ୍କ ଭବିଷ୍ୟତକୁ ନେଇ ମତଭେଦ



ନୂଆଦିଲ୍ଲୀ,୫।୮ (ଏଜେନ୍ସି): ଭାରତୀୟ କ୍ରିକେଟରେ ଗତ କିଛି ମାସ ହେବ ପରାଜୟ ଏବଂ ବିବାଦ ଲାଗି ରହିଛି । ଆୟର୍ଲାଣ୍ଡ ଓ ଇଂଲଣ୍ଡଗସ୍ତରେ ଟିମ୍ ଇଣ୍ଡିଆର ପରାଜୟ ପରେ ଦଳର ପ୍ରଦର୍ଶନକୁ ନେଇ ପ୍ରଶ୍ନ ଉଠିଥିଲା । କେବଳ ମ୍ୟାଚ ହାରିବା ନୁହେଁ, କିଛି ବରିଷ୍ଠ ଖେଳାଳିଙ୍କ ଭବିଷ୍ୟତକୁ ବିବାଦ ସୃଷ୍ଟି ହୋଇଥିଲା । ଅଜିତ ଅଗରକରଙ୍କ ନେତୃତ୍ୱାଧିନ ଚୟନ କମିଟି ଏବଂ ଟିମ୍ ମ୍ୟାନେଜମେଣ୍ଟ ରୋହିତଙ୍କୁ ସ୍ପଷ୍ଟ ଜଣାଇଥିଲେ ଯେ, ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ପରେ ଟିମରେ ତାଙ୍କ ଜାଗା ରହିବ ନାହିଁ । ଟିମ୍ ମ୍ୟାନେଜମେଣ୍ଟର ମତ ଥିଲା ଯେ, ରୋହିତଙ୍କୁ ସାମିଲ କରି ଦଳ ୨୦୨୭ ଦିନିକିଆ ବିଶ୍ୱକପ ଜିତି ପାରିବ ନାହିଁ । ଏନେଇ ଜଣେ ଚୟନକର୍ତ୍ତା ବିସିସିଆଇର ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଇଥିଲେ । କାର୍ଡିଫରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ରୋହିତ ଫେଲ ମାରିବା ପରେ ଲର୍ଡ୍ସ ମ୍ୟାଚ ତାଙ୍କ ପାଇଁ ଶେଷ ଦିନିକିଆ ହୋଇପାରେ ବୋଲି ଚର୍ଚ୍ଚା ହୋଇଥିଲା । ବିବାଦ ବଢୁଥିବା ଦେଖି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ସ୍ପଷ୍ଟ କରଣ ଦେଇଥିଲେ ଯେ, ରୋହିତ ଭାରତ ପାଇଁ ଖେଳ ଜାରି ରଖିବେ । ଏହାପରେ ରୋହିତ ଲର୍ଡ୍ସରେ ୧୩୮ ରନର ଦମଦାର ଶତକ ହାସଲ କରି ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ । ବିସିସିଆଇ ଓ ଚୟନ କମିଟିର ମତଭେଦ ତଥା ବିସିସିଆଇର ଏହି ଆକସ୍ମିକ ସ୍ପଷ୍ଟିକରଣ ଯୋଗୁଁ ଚୟନ କମିଟି ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଚୟନ କମିଟି ନିରାଶ ଏବଂ ପ୍ରତାରିତ ମନେ କରୁଛି । ସୋସିଆଲ ମିଡିଆର ଚାପରେ ଆସି ବିସିସିଆଇ ନିଜର ନିଷ୍ପତ୍ତି ବଦଳାଇଥିଲା । ଯାହା ଫଳରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ପଦବୀ ଏବେ ସଂସୟରେ ପଡ଼ିଯାଇଛି । ଅଗରକରଙ୍କ ସ୍ଥାନରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ମୁଖ୍ୟ ଭିଭିଏସ ଲକ୍ଷ୍ମଣଙ୍କୁ ନୂଆ ମୁଖ୍ୟ ଚୟନକର୍ତ୍ତା ଭାବେ ନିଯୁକ୍ତି ଦିଆଯାଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି